

## ଆଜି ଚୀନ୍ ଯିବେ ଡୋଭାଲ
ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 153 ଭାଗ ୩୪ | ସଂଖ୍ୟା ୧୫୩ | Monday 24 August 2026 | Page 8 Rs. 5.00 | ● ଭୁବନେଶ୍ୱର ସୋମବାର, ୨୪ ଅଗଷ୍ଟ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


ଅମୃତ ଅନ୍ନରେ ଅଷ୍ଟମୀଙ୍କ ସଫଳତା

## ଜଗା ପାଖରେ ଲାଗି ହେବ ଜୈବିକ ଚାଉଳ

### ଭଞ୍ଜ ମାଟିରୁ ଯିବ ଗୋବିନ୍ଦ ଭୋଗ, କଳାଜିରା ଚାଉଳ

ଭୁବନେଶ୍ୱର, ୨୩।୮(ସଂଚାର ବ୍ୟୁରୋ): ଜୈବିକ ଚାଷ ଆଜିର ସମୟରେ ଆମ ପାଇଁ ବଡ଼ ଆହ୍ୱାନ। ରାଜ୍ୟ ସରକାରଙ୍କ ଅମୃତ ଅନ୍ନ ଯୋଜନା ମାଧ୍ୟମରେ ଚାଷୀଙ୍କ ଜୈବ ଉତ୍ପାଦ ମହାପ୍ରସାଦରେ ସାମିଲ କରାଯିବା ଏକ ସଫଳ ପ୍ରୟାସ। ଏହି ଉପକ୍ରମରେ ମୟୂରଭଞ୍ଜ ଜିଲ୍ଲା ଶ୍ୟାମାଖୁଣ୍ଟା ବ୍ଲକ୍‌ର ଜଣେ ସଫଳ ମହିଳା ଚାଷୀ ଅଷ୍ଟମୀଙ୍କ ପାଇଁ 'ଅମୃତ ଅନ୍ନ' କେବଳ ଏକ କୃଷି ପ୍ରକଳ୍ପ ନୁହେଁ, ବରଂ ଏହା ତାଙ୍କ ଚାଷୀ ଜୀବନରେ ଏକ ନୂଆ ଅଧ୍ୟାୟର ଆରମ୍ଭ। ପାରମ୍ପରିକ ଧାନ ଗୋବିନ୍ଦ ଭୋଗ, କଳାଜିରା ଚାଷ କରିବାର ସୁଯୋଗ ପାଇ ସେ ଆଜି ଗର୍ବିତ। ଗୋବିନ୍ଦ ଭୋଗ ଧାନର ସୁଗନ୍ଧ, ସ୍ୱାଦ ଓ ଧାର୍ମିକ




ମହତ୍ତ୍ୱ ଏହାକୁ ଅନ୍ୟାନ୍ୟ ଧାନ କିସମଠାରୁ ସ୍ୱତନ୍ତ୍ର ପରିଚୟ ଦେଇଥାଏ। ବିଶେଷକରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ୍ପରା ସହ ଏହି ପ୍ରକାରର ସୁଗନ୍ଧିତ ଧାନକୁ ଏହି ଅମୃତ ଅନ୍ନ ଯୋଜନା ମାଧ୍ୟମରେ ସାମିଲ କରାଯାଉଛି। ଜିଲ୍ଲା କୃଷି ବିଭାଗ ମୟୂରଭଞ୍ଜ ସହାୟତାରେ ଏହି ପ୍ରକଳ୍ପ ରୂପାୟନ କରୁଛି ନିଜି ଅର୍ଗାନିକସ। ଏହାର ସହଯୋଗ ଓ କୃଷକମାନଙ୍କୁ ସ୍ଥାନୀୟ ଓ ପାରମ୍ପରିକ ଧାନ କିସମ ପ୍ରତି ଉତ୍ସାହିତ କରିବାର ପ୍ରୟାସ ହିଁ ଅଷ୍ଟମୀଙ୍କୁ ଗୋବିନ୍ଦ ଭୋଗ ଧାନ ଚାଷ ଦିଗରେ ଆଗେଇ ନେଇଥିଲା। ଚାଷ ସମୟରେ ଉନ୍ନତ ଫସଲ ପରିଚାଳନା, ମାଟିର ସ୍ୱାସ୍ଥ୍ୟ ରକ୍ଷା, ପ୍ରାକୃତିକ କୃଷି ପଦ୍ଧତି ଓ ସଠିକ୍ ସମୟରେ ଫସଲର ଯତ୍ନ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆଜି ଅଷ୍ଟମୀଙ୍କ ଜମିରେ ଗୋବିନ୍ଦ ଭୋଗ ଧାନ ଲାଗିଛି। ମନ ତାଙ୍କର ଅସୁମାରୀ ଆଶା ଓ ଆକାଂକ୍ଷାରେ ଭରିଯାଇଛି। ନିଜ ଜମିରେ ମହାପ୍ରଭୁଙ୍କୁ ସ୍ମରଣ କରି ଅଷ୍ଟମୀ ଭଜନ ଗାଉଛନ୍ତି।

ଆଜି ଅଷ୍ଟମୀ ଙ୍କ ଆତ୍ମ ବିଶ୍ୱାସ ଦ୍ୱିଗୁଣିତ ହୋଇଛି। ଗୋବିନ୍ଦ ଭୋଗର ବିଶେଷତା କେବଳ ଏହାର ସୁଗନ୍ଧ ଓ ସ୍ୱାଦରେ ସୀମିତ ନୁହେଁ। ଏହା ଓଡ଼ିଶାର କୃଷି ଓ ଖାଦ୍ୟ ସଂସ୍କୃତିର ଏକ ଅମୂଲ୍ୟ ଅଂଶ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୋଗ ପରମ୍ପରା ସହ ଜଡ଼ିତ ଧାନ ଓ ଚାଉଳର ଚାହିଦାକୁ ଦୃଷ୍ଟିରେ ରଖି ଏଭଳି ସ୍ଥାନୀୟ କିସମର ସଂରକ୍ଷଣ ଅତ୍ୟନ୍ତ ଜରୁରୀ। ଆଜି ଅଷ୍ଟମୀଙ୍କ ସଫଳତା ଶ୍ୟାମାଖୁଣ୍ଟାର ଅନ୍ୟ ଚାଷୀମାନଙ୍କ ପାଇଁ ମଧ୍ୟ ଏକ ପ୍ରେରଣା। 'ଅମୃତ ଅନ୍ନ' ଭଳି ପଦକ୍ଷେପ ମାଧ୍ୟମରେ ସ୍ଥାନୀୟ ବିହନ, ପାରମ୍ପରିକ ଧାନ ଓ ପ୍ରାକୃତିକ କୃଷିକୁ ପୁଣିଥରେ ଚାଷୀଙ୍କ ଜମିକୁ ଫେରାଇ ଆଣିବାର ପ୍ରୟାସ ଏକ ସୁସ୍ଥ ଓ ସମୃଦ୍ଧ କୃଷି ଭବିଷ୍ୟତର ଆଶା ଦେଉଛି। ଅଷ୍ଟମୀଙ୍କ କାହାଣୀ ପ୍ରମାଣ କରେ ଯେ ଆମ ମାଟିର ପାରମ୍ପରିକ ଧାନ କିସମକୁ ସୁରକ୍ଷା ଦେଇ ଆଧୁନିକ ବଜାର ସହ ଯୋଡ଼ିପାରିଲେ ଚାଷୀ, ପରିବେଶ ଓ ଆମ ସାଂସ୍କୃତିକ ଐତିହ୍ୟ ମଧ୍ୟ ଲାଭବାନ ହୋଇପାରିବ। ଏମିତି ଜଣେ ଜଣେ ଅଷ୍ଟମୀ ଆଗାମୀ ପିଢ଼ି ପାଇଁ ପ୍ରେରଣା।

କଲେଜ ପ୍ରଫେସରଙ୍କ କାରସାଦି

## ଏଣ୍ଡୋସ୍କୋପି କ୍ୟାମେରାରେ ପ୍ରଶ୍ନପତ୍ର ଲିକ୍, ୬ ଗିରଫ



ଅଭିଯୋଗର ୩୬ ଘଣ୍ଟା ଭିତରେ ବନ୍ଧାହେଲେ

ରାଇପୁର,୨୩।୮: ଅଭିଯୋଗ ହେବାର ୩୬ ଘଣ୍ଟା ମଧ୍ୟରେ ଛତିଶଗଡ଼ ଇନ୍ଦିରା ଗାନ୍ଧି କୃଷି ବିଶ୍ୱବିଦ୍ୟାଳୟ (ଆଇଜିକେଭି) ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ରାଇପୁର ପୁଲିସ କଲେଜ ପ୍ରଫେସର ଓ ୫ ଜଣ ଛାତ୍ରଙ୍କ ସମେତ ମୋଟ୍ ୬ ଜଣଙ୍କୁ ଗିରଫ କରିଛି। ବିଏସସି ଦ୍ୱିତୀୟ ବର୍ଷର କୀଟତତ୍ତ୍ୱ (ଏନଟମୋଲୋଜି) ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗ ହୋଇଥିଲା। ତେଲିବନ୍ଧା ପୁଲିସ ଷ୍ଟେସନର ଏକ ୧୦୦ ଜଣିଆ ଟିମ୍ ସାଇବର ସେଲ୍‌ର ବୈଷୟିକ ସହାୟତାରେ ଡିଜିଟାଲ୍ ଟ୍ରେଲ୍ ଟ୍ରାକ୍ କରି ସନ୍ଦିଗ୍ଧମାନଙ୍କୁ ଗିରଫ କରିଥିବା ପୁଲିସ କହିଛି। ଦୁର୍ଗର ଭାରତୀ ଏଗ୍ରିକଲଚର କଲେଜର ପ୍ରଫେସର ପୃଷ୍ଠା-୬

## ବୁଡ଼ିଲା 'ଏମ୍‌ଭି ଓସେନ ୱିନର୍', ଏବେବି ୨୨ ନିଖୋଜ

- ୨୦ରେ ପାରାଦୀପରୁ ଯାତ୍ରାରମ୍ଭ କରିଥିଲା
- ଉଦ୍ଧାର କାର୍ଯ୍ୟରେ କୋଷ୍ଟଗାର୍ଡ ଓ ନୌସେନା ନିୟୋଜିତ
- ଚିନ୍ତା ପ୍ରକଟ କଲେ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ




ପାରାଦୀପ,୨୩।୮(ସଂଚାର ବ୍ୟୁରୋ): ପାରାଦୀପ ବନ୍ଦରରୁ ଲୁହାପଥର ବୋଝେଇ କରି ଚୀନ୍ ଅଭିମୁଖେ ଯାଉଥିବା ପାନାମା ପତାକାଧାରୀ ମାଲବାହୀ ଜାହାଜ 'ଏମ୍‌ଭି ଓସେନ ୱିନର' ବଙ୍ଗୋପସାଗରରେ ବୁଡ଼ିଯାଇଛି। ଗତ ୨୦ ତାରିଖ ରାତି ସାଢ଼େ ୧୦ଟା ସମୟରେ ପାରାଦୀପ ବନ୍ଦର ଛାଡ଼ିଥିବା ଏହି ୭୦ ହଜାର ମେଟ୍ରିକ୍ ଟନ୍ ଲୁହାପଥର ବୋଝେଇ ଜାହାଜଟି ସିଙ୍ଗାପୁର ଦେଇ ଚୀନ୍ ଅଭିମୁଖେ ଯାଉଥିବା ସମୟରେ ଗତକାଲି ହଠାତ୍ ଏହା ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ପରେ ଟ୍ରାକିଂ ସିଷ୍ଟମ୍‌ରୁ ମଧ୍ୟ ଜାହାଜର ଗତିବିଧି ନଜରକୁ ଆସି ନ ଥିଲା। ପାରାଦୀପ ଉପକୂଳଠାରୁ ପ୍ରାୟ ୨୩୦ରୁ ୨୪୦ ନଟିକାଲ୍ ମାଇଲ୍ ଦୂରରେ ଏହି ଜାହାଜଟି ବୁଡ଼ିଯାଇଥିବା ଜଣାପଡ଼ିଛି। ଉକ୍ତ ଜାହାଜରେ ମୋଟ ୨୪ ଜଣ କ୍ରିଉ ସଦସ୍ୟ ଥିଲେ। ସେମାନଙ୍କ ମଧ୍ୟରେ ୨୦ ଜଣ ଚୀନ୍‌ର ହୋଇଥିବା ବେଳେ ୩ ଜଣ ମିଆଁମାର ଓ ଜଣେ ବାଂଲାଦେଶର ନାଗରିକ। ଜାହାଜଟି ବୁଡ଼ିଯିବା ପରେ ଦୁଇ ଜଣ କ୍ରିଉ ସଦସ୍ୟଙ୍କୁ ଗତକାଲି ରାତି ୮ଟା ସମୟରେ ଲାଇଫ୍ ରାଫ୍ଟରୁ ଏମ୍‌ଟି ଆଇସୋପୋସ୍ ଜାହାଜ ଉଦ୍ଧାର କରିଥିବା ବେଳେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଅନ୍ୟ ୨୨ ଜଣଙ୍କ ସନ୍ଧାନ ମିଳିପାରିନାହିଁ।

ସମୁଦ୍ର ମଝିରେ ଜାହାଜ ସହ ଯୋଗାଯୋଗ ବିଚ୍ଛିନ୍ନ ହେବା ଓ ପରେ ଜାହାଜ ବୁଡ଼ିଯିବା ପଛରେ ପ୍ରତିକୂଳ ସାମୁଦ୍ରିକ ପରିସ୍ଥିତି, ଯାନ୍ତ୍ରିକ ତ୍ରୁଟି କିମ୍ବା ଅନ୍ୟ କୌଣସି କାରଣ ରହିଛି କି ନାହିଁ, ସେନେଇ ଏପର୍ଯ୍ୟନ୍ତ ସ୍ପଷ୍ଟ ତଥ୍ୟ ମିଳିନାହିଁ। ତେଣୁ ଜାହାଜ ବୁଡ଼ିବାର ପ୍ରକୃତ କାରଣ ତଦନ୍ତ ପରେ ହିଁ ସ୍ପଷ୍ଟ ହୋଇପାରିବ। ଘଟଣା ପରେ ଭାରତୀୟ କୋଷ୍ଟଗାର୍ଡ ଓ ନୌସେନା ପକ୍ଷରୁ ବ୍ୟାପକ ତଲାସୀ କରାଯବା ସହ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ନିଖୋଜ ୨୨ କ୍ରିଉ ସଦସ୍ୟଙ୍କୁ ଖୋଜିବା ପାଇଁ ସମୁଦ୍ରରେ କୋଷ୍ଟଗାର୍ଡର ଆଇସିଜିଏସ୍ ବରାଡ ଓ ଆଇସିଜିଏସ୍ ଅନମୋଲ୍ ତୁରନ୍ତ ନିୟୋଜିତ ହୋଇଥିବା ବେଳେ ଆଇସିଜିଏସ୍ ବିଜିତ୍ ଶ୍ରୀ ବିଜୟ ପୁରମ୍‌ଠାରୁ ଅଭିଯାନ ଆରମ୍ଭ କରିଛି। ଏଥିସହ ସ୍ଥାନୀୟ ଅଞ୍ଚଳରେ ସକ୍ରିୟ ଥିବା ଜାହାଜଗୁଡ଼ିକ ମଧ୍ୟ ନିଖୋଜ କ୍ରିଉ ସଦସ୍ୟମାନଙ୍କୁ ଠାବ କରିବା ସକାଶେ ଆଲର୍ଟରେ ଅଛନ୍ତି। ବୁଡ଼ିଯାଇଥିବା ଜାହାଜଟି ୧୯୯୮ରେ ନିର୍ମାଣ ହୋଇଥିବା ବେଳେ ଏହାର ଦୈର୍ଘ୍ୟ ୨୦୦ ମିଟର ଓ ପ୍ରସ୍ଥ ୩୨ ମିଟର ରହିଛି। ଏହାଛଡ଼ା ଏହି ଜାହାଜର ପରିବହନ କ୍ଷମତା ୭୨,୯୨୮ ମେଟ୍ରିକ୍ ଟନ୍ ଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଏହି ଘଟଣାରେ କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରୀ ପୃଷ୍ଠା-୬ ସର୍ବାନନ୍ଦ ସୋନାୱାଲ୍ ଚିନ୍ତା ପ୍ରକଟ କରିଛନ୍ତି। ସେ ସୋସିଆଲ୍ ମିଡିଆ 'ଏକ୍ସ'ରେ ତାଙ୍କ ପ୍ରତିକ୍ରିୟା ଦେବାକୁ ଯାଇ ଉଲ୍ଲେଖ କରିଛନ୍ତି ଯେ ପାରାଦୀପ ବନ୍ଦରରୁ ଯାତ୍ରାରମ୍ଭ କରିଥିବା ବିରାଟ ପୃଷ୍ଠା-୬

ଅସରାଏ ଆଶା, ଆଉ ଅସଂଖ୍ୟ ଆଶଙ୍କା

## ଅଣ୍ଟା ସଳଖିବାକୁ ଦେଉନି ଲଗାଣ ବର୍ଷା ଓ ବନ୍ୟା

- ଲଘୁଚାପ ଓ ବନ୍ୟା ଦାଉରେ ଭାଙ୍ଗିପଡୁଛି ସଂସାର
- ପୁଣି ଡରାଇଲା ଲଘୁଚାପ, ୨୪ ଘଣ୍ଟା ପାଇଁ ସାରା ରାଜ୍ୟକୁ ଆଲର୍ଟ
- ପ୍ରବଳ ବର୍ଷାରେ ବେହାଲ ଝରିଗାଁ, ବ୍ରିଜ ଉପରୁ ୫ଫୁଟର ପାଣି
- କଳାହାଣ୍ଡିରେ ବନ୍ୟା; ହାତୀ ନଦୀର ପାଣି ପଶି ବୁଡ଼ିଲା ଚାଷ ଜମି

ଭୁବନେଶ୍ୱର,୨୩।୮(ସଂଚାର ବ୍ୟୁରୋ): ଲଗାଣ ବର୍ଷା ଆଉ ବନ୍ୟା ଜଳରେ ହଜିଯାଇଥିଲା ଗାଁଗଣ୍ଡାର ଭିଟାମାଟି। ନଦୀର କୂଳ ଖାଇଥିବା ପାଣି ଟିକିଏ କମିବାରୁ ଆଶ୍ରୟ ଶିବିରରୁ ନିଜ ନିଜ ଘରକୁ ଫେରିବା ପାଇଁ ବାହାରିଥିଲେ ଦୁର୍ଦ୍ଦଶାଗ୍ରସ୍ତ ମଣିଷ। ଆଖିରେ ଥିଲା ନିଜ ଭଙ୍ଗା ଦାଣ୍ଡପିଣ୍ଡାକୁ ପୁଣି ଥରେ ଯୋଡ଼ିବାର ଆଶା, ଆଉ ମନରେ ଥିଲା ପିଲାଛୁଆଙ୍କୁ ନେଇ ନିଜ ଛାତ ତଳେ ମୁଣ୍ଡ ଗୁଞ୍ଜିବାର ଗୋଟିଏ ସ୍ୱପ୍ନ। କିନ୍ତୁ ସେହି ଆଶାର ଆଲୋକ ଲିଭିବାକୁ ବେଶୀ ସମୟ ଲାଗିଲାନି। ପାଣିପାଗ ବିଭାଗର ପୁଣି ଏକ ନୂଆ ଲଘୁଚାପ ଚେତାବନୀ ବନ୍ୟାପୀଡ଼ିତଙ୍କ ଛାତିରେ ପୁଣି ଥରେ ଛନକା ବଢ଼ାଇଦେଇଛି।

ଆସନ୍ତା ୨୪ ଘଣ୍ଟା ପାଇଁ ସାରା ରାଜ୍ୟକୁ ଆଲର୍ଟରେ ରଖିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ। ସୃଷ୍ଟି ହୋଇଥିବା ଆଉ ଏକ ଲଘୁଚାପ ପ୍ରଭାବରେ ଭୀଷଣ ବର୍ଷା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ୫ ଜିଲ୍ଲାକୁ ରେଡ୍, ୧୮ ଜିଲ୍ଲାକୁ ଅରେଞ୍ଜ, ୭ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ନବରଙ୍ଗପୁର, କଳାହାଣ୍ଡି, ଅନୁଗୋଳ, ଢେଙ୍କାନାଳ ଓ କଟକରେ ଭୀଷଣରୁ ଅତି ଭୀଷଣ ବର୍ଷା ହେବ। ଏହି ଜିଲ୍ଲାଗୁଡ଼ିକରେ ୨୦ ସେଣ୍ଟିମିଟରରୁ ଅଧିକ ବର୍ଷା ହୋଇପାରେ। ସେହିପରି ମାଲକାନଗିରି, ରାୟଗଡ଼ା, କୋରାପୁଟ, କନ୍ଧମାଳ, ବୌଦ୍ଧ, ସୋନପୁର, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ ଓ ନୟାଗଡ଼ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଆଗାମୀ ୭ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଲାଗି ରହିବ ବର୍ଷା।

ଗତ ୨୦ ତାରିଖରେ ସୁବର୍ଣ୍ଣରେଖା ନଦୀରେ ଆସିଥିବା ବନ୍ୟା ଯୋଗୁଁ ବାଲିଆପାଳ ବ୍ଲକ୍‌ର ବିଷ୍ଣୁପୁର ପଞ୍ଚାୟତ ଅନ୍ତର୍ଗତ ରଶଳପୁର ଓ ନୟାବାଲି ଗାଁ ନିକଟରେ ୩ଟି ଘାଇ ସୃଷ୍ଟି ହୋଇଥିଲା। ତେବେ ଏପର୍ଯ୍ୟନ୍ତ ଏହି ଘାଇଗୁଡ଼ିକର ମରାମତି ହୋଇ ନ ଥିବାରୁ ପୁଣି ବର୍ଷା ଆସୁଥିବା ଖବର ପୃଷ୍ଠା-୬

କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

## ଏନ୍‌ଏଚ୍-୫୫ର ତୁରନ୍ତ ମରାମତି ଜରୁରୀ



- ଲଗାଣ ବର୍ଷା ଓ ଅତ୍ୟଧିକ ଗାଡ଼ି ଚଳାଚଳ ଯୋଗୁଁ ରାସ୍ତା ଜରାଜୀର୍ଣ୍ଣ
- ଯାତ୍ରୀ ଓ ପଣ୍ୟବାହୀ ଯାନବାହନ ଚଳାଚଳରେ ଗମ୍ଭୀର ସମସ୍ୟା

ଭୁବନେଶ୍ୱର/ସମ୍ବଲପୁର,୨୩।୮(ସଂଚାର ବ୍ୟୁରୋ): ଓଡ଼ିଶାର ପ୍ରମୁଖ ପରିବହନ ଓ ଲଜିଷ୍ଟିକ୍ସ କରିଡର ଭାବେ ପରିଚିତ ୫୫ ନମ୍ବର ଜାତୀୟ ରାଜପଥର ଶୋଚନୀୟ ଅବସ୍ଥା ନେଇ ଚିନ୍ତା ପ୍ରକଟ କରିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ଏହି ଗୁରୁତ୍ୱପୂର୍ଣ୍ଣ ରାଜପଥର ତୁରନ୍ତ ରକ୍ଷଣାବେକ୍ଷଣ ବା ମରାମତି ସହ ଖାଲଢ଼ିପ ସମସ୍ୟାର ସମାଧାନ ପାଇଁ ସେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଏକ ପତ୍ର ଲେଖି ବ୍ୟକ୍ତିଗତ ହସ୍ତକ୍ଷେପ ପାଇଁ ନିବେଦନ କରିଛନ୍ତି।

ସାଂସଦ ଶ୍ରୀ ପ୍ରଧାନ ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ ସମ୍ବଲପୁର, ଅନୁଗୋଳ ଓ କଟକକୁ ଯୋଡୁଥିବା ଏନଏଚ୍-୫୫ ହେଉଛି ରାଜ୍ୟର ଅନ୍ୟତମ ମୁଖ୍ୟ ଜୀବନରେଖା। ମାତ୍ର ଲଗାଣ ବର୍ଷା ଓ ଅତ୍ୟଧିକ ଗାଡ଼ି ଯାତାୟାତ ଯୋଗୁଁ ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହେବା ସହ କେତେକ ସ୍ଥାନରେ ରାସ୍ତା ନଷ୍ଟ ହୋଇଯାଇଛି। ଏହାଫଳରେ ଯାତ୍ରୀ ଓ ପଣ୍ୟବାହୀ ଯାନବାହନ ଚଳାଚଳରେ ଗୁରୁତର ସମସ୍ୟା ସୃଷ୍ଟି ହେଉଛି। ଏହାଦ୍ୱାରା ସ୍ଥାନୀୟ ଜନସାଧାରଣ ଓ ନିୟମିତ ଯାତାୟାତ କରୁଥିବା ଲୋକେ ଯାବତୀୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ମୌସୁମୀ ଫଳରେ ବର୍ଷା ଓ ଜଳବନ୍ଦୀ ଯୋଗୁଁ ରାସ୍ତାର ଅବସ୍ଥା ପୃଷ୍ଠା-୬



## ଆଜିଠାରୁ ଜାତୀୟ ନିରାପତ୍ତା ବୈଠକ

ନୂଆଦିଲ୍ଲୀ,୨୩।୮: ଆସନ୍ତାକାଲି ଏଠାରେ ଆରମ୍ଭ ହେଉଥିବା ଦୁଇଦିନିଆ ନବମ ଜାତୀୟ ନିରାପତ୍ତା ରଣନୈତିକ ବୈଠକରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଯୋଗଦେବେ। ଏହି ବୈଠକରେ ସମସାମୟିକ ପ୍ରସଙ୍ଗ ସହିତ ଜାତୀୟ ସୁରକ୍ଷା ପ୍ରତି ଆହ୍ୱାନ ସମ୍ପର୍କରେ ମାନସମନ୍ଥନ କରାଯିବାର କାର୍ଯ୍ୟସୂଚୀ ରହିଛି। ବୈଠକରେ ବିଭିନ୍ନ ସୁରକ୍ଷାବଳର ୮୫୦ ଉର୍ଦ୍ଧ୍ୱ ଅଧିକାରୀ ଓ ପୁଲିସ୍ ଅଂଶଗ୍ରହଣ କରିବେ। ଏହି ନବମ ଜାତୀୟ ସୁରକ୍ଷା ରଣନୀତି ସମ୍ମିଳନୀ ଏକ ହାଇବ୍ରିଡ୍ ଫର୍ମାଟରେ ଅନୁଷ୍ଠିତ ହେବ। ଅଧିକାରୀମାନେ ସମ୍ମିଳନୀରେ ବିଭିନ୍ନ ସମସାମୟିକ ପ୍ରସଙ୍ଗ ଓ ଜାତୀୟ ସୁରକ୍ଷା ପ୍ରତି ଚ୍ୟାଲେଞ୍ଜ ଉପରେ ବିଚାର ବିମର୍ଶ କରିବେ।

## ମଦ ଦୁର୍ନୀତି ମାମଲାରେ ପୂର୍ବତନ ମନ୍ତ୍ରୀ ଗିରଫ



ନୂଆଦିଲ୍ଲୀ,୨୩।୮: ଆନ୍ଧ୍ରପ୍ରଦେଶ ଷ୍ଟେଟ୍ ବେଭରେଜେସ୍ କର୍ପୋରେସନ୍ ଲିମିଟେଡ୍‌ର ମଦ ଟେଣ୍ଡରରେ ହୋଇଥିବା ଅନିୟମିତତା ଓ ବେଆଇନ ଅର୍ଥ କାରବାର ମାମଲାରେ ପୂର୍ବତନ ମନ୍ତ୍ରୀ କାରୁମୁରୀ ନାଗେଶ୍ୱର ରାଓଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ହାଇଦ୍ରାବାଦର କୋଣ୍ଡାପୁର ଅଞ୍ଚଳରୁ ଗିରଫ କରିଛି। ପୂର୍ବରୁ ଆନ୍ଧ୍ରପ୍ରଦେଶ ହାଇକୋର୍ଟ ଓ ସୁପ୍ରିମକୋର୍ଟ ତାଙ୍କର ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ଗିରଫ ପରେ ତାଙ୍କୁ ହାଇଦ୍ରାବାଦର ବଶୀରବାଗସ୍ଥିତ ଇଡି କାର୍ଯ୍ୟାଳୟକୁ ନିଆଯାଇଛି। ରାଜ୍ୟ ଭିଜିଲାନ୍ସ ରିପୋର୍ଟ ଆଧାରରେ ଆନ୍ଧ୍ରପ୍ରଦେଶ ସିଆଇଡି ଦ୍ୱାରା ଦାୟର ଏଫଆଇଆରକୁ ଭିତ୍ତିକରି ଇଡି 'ପ୍ରିଭେନସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ' ଅଧୀନରେ ଏହି ମାମଲା ରୁଜୁ କରିଥିଲା।

## ସରିଲା କୈଳାଶ ମାନସରୋବର ଯାତ୍ରା

ଗାଙ୍ଗଟକ,୨୩।୮: ସିକିମର ନାଥୁ ଲାକ୍ ବାଟ ଦେଇ ଆରମ୍ଭ ହୋଇଥିବା କୈଳାଶ ମାନସରୋବର ଯାତ୍ରା ରବିବାର ଶେଷ ହୋଇଛି। ୧୦ଟି ବ୍ୟାଚ୍‌ରେ ୪୬୪ ଜଣ ତୀର୍ଥଯାତ୍ରୀ ମାନସରୋବର ଯାତ୍ରା କରିଥିବା ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ଜୁନ୍ ୨୦ ତାରିଖରେ ଏହି ଯାତ୍ରା ଆରମ୍ଭ ହୋଇଥିଲା। ଶେଷ ବ୍ୟାଚ୍ ତୀର୍ଥଯାତ୍ରୀ ଗ୍ୟାଙ୍ଗଟକକୁ ଫେରି ଆସିବା ସହ ଯାତ୍ରାକୁ ସମାପ୍ତ ଘୋଷଣା କରାଯାଇଛି। ତୀର୍ଥଯାତ୍ରୀମାନେ ଏହି ଅବସରରେ ଚୀନର ତିବ୍ବତୀୟ ସ୍ୱୟଂଶାସିତ ଅଞ୍ଚଳରେ ଥିବା ପବିତ୍ର କୈଳାଶ ପର୍ବତ ଓ ମାନସରୋବର ହ୍ରଦ ପରିଦର୍ଶନ କରିଥିଲେ। ଫେରି ଆସିଥିବା ତୀର୍ଥଯାତ୍ରୀଙ୍କୁ ସିକିମ ପର୍ଯ୍ୟଟନ ବିକାଶ ନିଗମ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି।

ଆଉ ମନଇଚ୍ଛା ଡାକ୍ତର ଲେଖିପାରିବେନି ଆଣ୍ଟିବାୟୋଟିକ୍

## ଆଣ୍ଟିବାୟୋଟିକ୍ ବ୍ୟବହାର ଉପରେ ଲଗାମ

### ଆରୋଗ୍ୟ ସେତୁରେ ଅପଲୋଡ୍ ହେବ ପ୍ରେସକ୍ରିପ୍ସନ



ଭୁବନେଶ୍ୱର,୨୩।୮(ସଂଚାର ବ୍ୟୁରୋ): ଏଣିକି ଡାକ୍ତରମାନେ ଲେଖୁଥିବା ପ୍ରେସକ୍ରିପ୍ସନ ଉପରେ ଲାଗିବ କଟକଣା। ଏଣିକି ଜ୍ୱର ହେଉ କି ଥଣ୍ଡା ଯେକୌଣସି ସାମାନ୍ୟ ରୋଗ ପାଇଁ ଆଣ୍ଟିବାୟୋଟିକ ଦେଇପାରିବେନି ଡାକ୍ତର। ଆଣ୍ଟିବାୟୋଟିକ୍‌ର ବହୁଳ ବ୍ୟବହାର ଉପରେ ଲଗାମ ଲଗାଇବାକୁ ଏକ ସ୍ୱତନ୍ତ୍ର ଆପ୍ ଆଣୁଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ। ଏଥିପାଇଁ ଡାକ୍ତର ଲେଖୁଥିବା ପ୍ରେସକ୍ରିପସନର କରାଯିବ ସମ୍ପୂର୍ଣ୍ଣ ଡିଜିଟାଲାଇଜେସନ। ଏହାଦ୍ୱାରା ଡାକ୍ତର କେତୋଟି ଓ କେଉଁ ଆଣ୍ଟିବାୟୋଟିକ ଲେଖିଛନ୍ତି, ପୃଷ୍ଠା-୬

## ଧୀରେ ଧୀରେ ମଉଳୁଛି ଏସଇଜେଡ୍ ସ୍ୱପ୍ନ



- ବ୍ୟବହାର ହୋଇପାରୁନି ଏସ୍‌ଇଜେଡ୍ ପାଇଁ ଥିବା ଜମି
- ଗୋପାଳପୁରର ୨ଟି ଏସଇଜେଡ୍‌ରେ ଅଧା ଜମି ବ୍ୟବହୃତ

ଭୁବନେଶ୍ୱର,୨୩।୮(ସଂଚାର ବ୍ୟୁରୋ): ଓଡ଼ିଶା ସରକାର ବହୁ ବର୍ଷ ପୂର୍ବରୁ ଗଞ୍ଜାମ ଜିଲ୍ଲାର ଗୋପାଳପୁର ଅଞ୍ଚଳରେ ଦୁଇଟି ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ (ଏସଇଜେଡ୍)କୁ ଚିହ୍ନିତ କରିଛନ୍ତି ଓ ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ୪୧୦ ହେକ୍ଟରରୁ ଅଧିକ ମୂଲ୍ୟବାନ ଜମି ଯୋଗାଇ ଦେଇଛନ୍ତି। ହେଲେ ସୂଚନାନୁଯାୟୀ ଏପର୍ଯ୍ୟନ୍ତ ଦୁଇଟି ଏସଇଜେଡ୍ ପାଇଁ ଅଧା ଜମି ମଧ୍ୟ ବ୍ୟବହାର କରାଯାଇନାହିଁ। ସରକାରୀ ତଥ୍ୟ ଅନୁଯାୟୀ, ରାଜ୍ୟ ସରକାର ଗୋପାଳପୁରରେ ଟାଟା ଏସଇଜେଡ୍ ପାଇଁ ୩୦୫ ହେକ୍ଟର ଜମି ଏବଂ ଛତ୍ରପୁରରେ ସରାଫ ଏଜେନ୍ସି ପ୍ରାଇଭେଟ୍ ଲିମିଟେଡ୍ ପାଇଁ ୧୦୫ ହେକ୍ଟର ଜମି ଅଧିସୂଚିତ କରିଛନ୍ତି। ସରାଫ ଏଜେନ୍ସି ପ୍ରାଇଭେଟ୍ ଲିମିଟେଡ୍‌ର ଏସଇଜେଡ୍‌ରେ କେବଳ ୩୦ ହେକ୍ଟର ଜମି ଏବଂ ଟାଟା ଏସଇଜେଡ୍‌ରେ ୧୬୭ ହେକ୍ଟର ଜମି ବ୍ୟବହୃତ ହୋଇଛି। ଟାଟା ଏସଇଜେଡ୍‌ରେ ଦୁଇଟି ୟୁନିଟ୍ କାର୍ଯ୍ୟକ୍ଷମ ହୋଇଛି ଯେତେବେଳେ କି ସରାଫ ଏଜେନ୍ସି ପ୍ରାଇଭେଟ୍ ଲିମିଟେଡ୍‌ର ଏସଇଜେଡ୍‌ରେ କେବଳ ଗୋଟିଏ ୟୁନିଟ୍ କାର୍ଯ୍ୟକ୍ଷମ ଥିବା କୁହାଯାଉଛି।

ଏସଇଜେଡ୍ ଆଇନ, ୨୦୦୫ ଓ ଏସଇଜେଡ୍ ନିୟମ, ୨୦୦୬ ଅନୁଯାୟୀ ସ୍ଥାପିତ ପୃଷ୍ଠା-୬

ଲକ୍ଷ୍ମଣାନନ୍ଦ ଶତବାର୍ଷିକ କାର୍ଯ୍ୟକ୍ରମରେ ମୋହନ-ଧର୍ମେନ୍ଦ୍ର ଏକାଠି

## ଖୋଲିବ ଦ୍ୱିତୀୟ ପିଢ଼ି ନେତାଙ୍କ ଭାଗ୍ୟ

- ନିଗମ ଓ ବୋର୍ଡ ନିଯୁକ୍ତି ଆଶା ଜାଗିଲା
- ଏ ଘର ମାଉସୀ ସେ ଘର ପିଉସୀ ସାଜିଥିବା ନେତା ଛାନିଆ



ଭୁବନେଶ୍ୱର,୨୩।୮(ସଂଚାର ବ୍ୟୁରୋ): ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଜନ୍ମ ଶତବାର୍ଷିକୀ ଅବସରରେ କନ୍ଧମାଳର ଜଲେଶପଟା ଆଶ୍ରମରେ ଏକାଠି ହୋଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ବିଜେପି ରାଜନୀତିର ଏହି ଦୁଇ ହେଭିୱେଟଙ୍କ ଏକାଠି ହେବା ଏବେ ଗୁଞ୍ଜରଣ ସୃଷ୍ଟି କରିଥିବା ବେଳେର ନିଗମ ଓ ବୋର୍ଡ ନିଯୁକ୍ତି ଆଶାରେ ଥିବା ଦଳର ଦ୍ୱିତୀୟ ପିଢ଼ିର ନେତାମାନେ ହଠାତ୍ ସକ୍ରିୟ ହୋଇଉଠିଛନ୍ତି। ତେବେ କିଛିଦିନ ହେଲା ଦଳ ଭିତରେ ଦୁଇ ନାଆରେ ଗୋଡ଼ ଦେଇ ଏ ଘର ମାଉସୀ ସେ ଘର ପିଉସୀ ସାଜିଥିବା ନେତାମାନେ କିନ୍ତୁ ଛାନିଆ ହୋଇଥିବା ଲକ୍ଷ୍ୟ କରାଯାଇଛି।

କେନ୍ଦ୍ରମନ୍ତ୍ରୀ ପଦରୁ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦେବା ପରେ ଜାତୀୟ ରାଜନୀତିରେ ତାଙ୍କର ପ୍ରଭାବ ଢେର୍ ବଢ଼ିଛି। ଏପରିକି ଧର୍ମେନ୍ଦ୍ର ପୁଣିଥରେ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବେ ବୋଲି ଜାତୀୟ ଗଣମାଧ୍ୟମରେ ଆଲୋଚନା ହେଉଛି। ସେହିଭଳି ରାଜ୍ୟ ରାଜନୀତିରେ ମଧ୍ୟ ଧର୍ମେନ୍ଦ୍ରଙ୍କର ବେଶ୍ ପ୍ରଭାବ ରହିଛି। ତେବେ ଗତ କିଛିଦିନ ହେଲା କେନ୍ଦ୍ରମନ୍ତ୍ରୀ ପଦ ଛାଡ଼ିବା ପରେ ଧର୍ମେନ୍ଦ୍ର ଓଡ଼ିଶା ରାଜନୀତିରେ କେଉଁ ଭୂମିକାରେ ଅବତୀର୍ଣ୍ଣ ହେବେ, ତାହାକୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ଆଉ ଏହି ଚର୍ଚ୍ଚା ଭିତରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ସାଂସଦ ଶ୍ରୀ ପ୍ରଧାନ ଏକାଠି ହୋଇଛନ୍ତି।

ଦୁଇ ନେତା ପରସ୍ପରର ଅତି ନିକଟତର ହେବା ଓ ଆଲୋଚନା କରିବା ଏବେ ବିଜେପି ରାଜନୀତିକୁ ସରଗରମ କରିଛି। ଏହି ଆଲୋଚନା ପରେ ଦୀର୍ଘଦିନ ହେଲା ଶୀତଳଭଣ୍ଡାରରେ ପଡ଼ିଥିବା ନିଗମ, ବୋର୍ଡ ସମେତ ସରକାରୀ ସଂସ୍ଥାରେ ନିଯୁକ୍ତି ଫାଇଲ୍ ଖୋଲିବ ବୋଲି ଆଶାୟୀମାନେ ଆକଳନ କରୁଛନ୍ତି। କାରଣ ଏହିସବୁ ସଂସ୍ଥାରେ ଦଳୀୟ ନେତାମାନେ ନିଯୁକ୍ତି ପାଇବାକୁ ପାଖାପାଖି ଅଢ଼େଇ ବର୍ଷ ହେଲା ଚାହିଁ ରହିଛନ୍ତି। ସେହିଭଳି ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ମଧ୍ୟ ଆଲୋଚନା ଭିତରେ ରହିଯାଇଛି।

ସରକାରୀ ସ୍ତରରେ ପଦପଦବୀ ପାଇବାକୁ ଥିବା ଅଧିକାଂଶ ହେଉଛନ୍ତି ଦଳର ଦ୍ୱିତୀୟ ପିଢ଼ିର ନେତା। ଏମାନଙ୍କ ଉପରେ ଦଳର ଭବିଷ୍ୟତ ନିର୍ଭର କରୁଛି। ଏହି ଦ୍ୱିତୀୟ ପିଢ଼ିର ନେତାଙ୍କ ମଧ୍ୟରେ କିଛି ମୁଖ୍ୟମନ୍ତ୍ରୀଙ୍କ ନିକଟତମ ହୋଇଥିବାବେଳେ ଆଉ କିଛି ସାଂସଦ ଶ୍ରୀ ପ୍ରଧାନଙ୍କର ନିକଟତମ ମହଲର। ତେଣୁ ଏମାନେ ଖୁବ୍‌ଶୀଘ୍ର ଥଇଥାନ ହୋଇଯିବେ ବୋଲି ଆଶା ବାନ୍ଧିଛନ୍ତି। କାରଣ ଦୀର୍ଘଦିନ ହେଲା ଏକାଧିକ ଆଶାୟୀଙ୍କ ମଧ୍ୟରେ ଟଣାଓଟରା ପୃଷ୍ଠା-୬

# ପୁଅ ଜନମ



ଡ.ଚନ୍ଦ୍ରକଳା ନାୟକ



ବାପା ଥିଲାବେଳେ ନୂଆ ନୂଆ ଗହଣା ପିନ୍ଧିବା ପାଇଁ ମା'ଙ୍କର ସଉକ ଥିଲା। ବାପା ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଥିଲେ। ଏବେ ତ ବାପା ନାହାନ୍ତି। ଦୀର୍ଘ ଦୁଇ ବର୍ଷ ହେଲା ବ୍ରେନ ଷ୍ଟୋକରେ ବାପା ଚାଲିଗଲେ। ସେଇ ଦିନଠାରୁ ମା'ର ଦେହ ଅସୁସ୍ଥ। ମା' ଏବେ ପୁରା ସମୟ ଆନିର ହେପାଜତରେ। ଆନି ତା'ର ଭାଇ ଜଣେ ମନେ ପକାଏ। ଶିକ୍ଷିତ, ଯୋଗ୍ୟ, ପ୍ରତିଷ୍ଠିତ ପୁଅ ପାଇଁ ବାପା ଗର୍ବ ଅନୁଭବ କରୁଥିଲେ। ହେଲେ ଆଜି ମା'ର ଯତ୍ନ ନେବାକୁ ପୁଅ ପାଖରେ ସମୟ ନାହିଁ। ବହୁ ଆଶାକୁ ଯନ୍ତ୍ରଣାର ବାହାନା କରି କର୍ତ୍ତବ୍ୟ ପଥରୁ ଓହରି ଯାଇଛି। ମା'ଙ୍କୁ ପାଖରେ ନରଖିବା ହିଁ ଅସଲ ମନୋବୃତ୍ତି।

ଆନି ପାଖରେ ମା' ରହିଲେ କାଳେ ସମ୍ପର୍କକୁ ସବୁ ସୁବିଧା ମିଳିବ। ଆନିର ସ୍ୱାମୀ ଜଣେ ପ୍ରତିଷ୍ଠିତ ଡିଲ୍ଲର। ସହରର ସବୁ ଲୋକ ତାଙ୍କୁ ଜାଣନ୍ତି। ଆଉ ଏଥି ଆନି ଶିଶୁରୋଗ ବିଶେଷଜ୍ଞା। ସେଥିପାଇଁ ଆନି ପାଖରେ ମା'ଙ୍କୁ ଛାଡି ପୁଅବୋହୂ ନିଜ କର୍ତ୍ତବ୍ୟ ସାରି ଦେଇଛନ୍ତି। ଆନି ଅନୁଭବ କରିଛି, ଭାଇ ଭାଉଜ ପଦାରୁ ବହନ କରିବାରେ ସର୍ବଦା କୁଣ୍ଠିତ। ମା'ଙ୍କ ମଧୁମେହ ଓ ଉଚ୍ଚ ରକ୍ତଚାପ ଯୋଗୁଁ ତାଙ୍କୁ ପାଖରେ ରଖିବାକୁ ଭାଇ, ଭାଉଜ ନାରାଜ। ଏବେ ଆନି ପାଖରେ ମା' କିନ୍ତୁ ସ୍ୱାଭାବିକ ଜୀବନରେ ଜିଉଛନ୍ତି। ଆନି ଓ ତାର ସ୍ୱାମୀ ଦୁଇ ଜଣଙ୍କର ମନୋଭାବ ପାଇଁ ଏହା କେବଳ ସମ୍ଭବ ହୋଇ ପାରିଛି। କେଜି ବନ୍ଧୁ ସମ୍ପର୍କ ଏହିପାଇଁ ପ୍ରଶଂସା କଲେ ଆନିର ଭାଉଜ ସହି ପାରନ୍ତିନି ଓଲଟା କହି ବୁଲନ୍ତି, ଆନି କାଳେ ମା'ଙ୍କ ବ୍ୟାଙ୍କ ଆକାଉଣ୍ଟ ଓ ଗହଣା ଉପରେ ଆଖି ରଖିଛି। ମା' କିନ୍ତୁ ସ୍ପଷ୍ଟବାଦିନୀ। ପୁଅ ବୋହୂଙ୍କ ପାଖରେ କାହିଁକି କେଜାଣି ସର୍ବଦା ପାଠକ ଓ ନତ ମସ୍ତକ।

ଆନି ସେଦିନ ଗୋଟିଏ ବିବାହ ଉତ୍ସବକୁ ବାହାରିଲେ। ମା' ତାଙ୍କୁ ବାଧ୍ୟ କରି ତାଙ୍କ ରାଣୀ ହାରଟା ପିନ୍ଧାଇ ଦେଲେ। ଏମିତି ବି ଆନିର କିଛି ଅଭାବ ନାହିଁ ହେଲେ ମା'ର ସ୍ନେହକୁ କେବେବି ବା ନା କରି ପାରିଥାନ୍ତି। ସେଇ ବିବାହ ଉତ୍ସବରେ ଭାଉଜର ଦୃଷ୍ଟି ପଡ଼ିଥିଲା, ଆନି ବେକରେ ଥିବା ହାର ଉପରେ। ହାରଟା ମା'ଙ୍କର, ଆନି କାଳେ ନେଇ ଯାଇଥିବ, ଏ ଚିନ୍ତାରେ ଭାଉଜ ଭଲରେ ଗଣ୍ଡେ ଖାଇ ବି ପାରିଲେନି। ଆନିକୁ ପଦୁଟିଏ ବି ମା'ଙ୍କ ବିଷୟରେ ପଚାରି ବୁଝିଲେନି ଠିକ୍ ଦୁଇଦିନ ପରେ ସକାଳୁ ଭାଇ ମା'ଙ୍କୁ ଦେଖିବାକୁ ଆସିଲେ। କଥା କିଛି ଅଲଗା ଥିଲା। ମା'ଙ୍କ ପାଖରେ ବସିଲେ। ଆନି ଲକ୍ଷ କରୁଥାଏ, ଗୋଟେରେ ହାତ ମାରି ଆସିଥି ଦେବାର ଅଭିନୟ କରୁଥାନ୍ତି କିଛି ସମୟ ଅପେକ୍ଷା ପରେ ବିନା ମଧୁର ଉକ୍ତିରେ କହିଲେ- ମା' ଆପଣଙ୍କ ସେଇ ହାରଟା ମୋର ଦରକାର ଥିଲା '। ଆଜି କୁଇନ ଅଫିସର୍ସ କ୍ଲବ୍‌ରେ ଇଭେଣ୍ଟ ମାନଙ୍କର ବଡ଼ ପାର୍ଟି ଅଛି। ଏମିତି ବି ସେ ରାଣୀହାରଟା ମୋତେ ହିଁ ଦେବା ମାନେ ମୋତେ ଦେଇ ପାରିବେ। ମା' ଧୀର ଗଳାରେ କହିଲେ- ଏଥିରେ ମାଗିବାର କଣ ଅଛି ? ତୋ ଜିନିଷ ପରା!

ସାମାନ୍ୟ କାଳ ବିଳମ୍ବ ନକରି, ଭାଉଜଙ୍କ ହାତକୁ ଆନି ହାରଟି ବଢ଼ାଇ ଦେଲା। ମା ଆଖିର ଭାଷାକୁ ଆନି ପଢ଼ି ପାରୁଥିଲା। ହାରଟା ନେଇ ଭାଉଜ ଗଲାବେଳେ ମା'ର ମୁହଁଟା ବିଷର୍ଣ୍ଣ ପଡ଼ି ଯାଇଥିଲା। ଆନି ଭାବୁଥିଲା, ମା' ତ ଆଗରୁ ଏମିତି ନଥିଲା। ପୁଅ ବୋହୂଙ୍କ ଆଗରେ ଏତେ ଦୁର୍ବଳ କାହିଁକି ? ଆନି ମା'ର ରୋଷେଇରେ କଥାକୁ ଭାରି ପସନ୍ଦ କରେ। କିନ୍ତୁ ମା'ର ଏପରି ନୀରବ ଯନ୍ତ୍ରଣାକୁ ସେ ବୁଝି ପାରୁ ନଥିଲା। ଆନିର ତା ସ୍ୱାମୀ ବିଶ୍ୱଜିତଙ୍କ ପ୍ରତି ଭାଉର ଦୁର୍ବଳତା ଥିଲା। ତାଙ୍କରି ପସନ୍ଦରେ ସେ ସବୁକିଛି କରେ। ମା' ବେଳେବେଳେ ଆନିକୁ କହନ୍ତି, ତୋର କର କିଛି ପସନ୍ଦ ନାହିଁ ? ଆନି ଧୀର ଗଳାରେ ମା'ଙ୍କୁ କହେ ତାଙ୍କ ମନ ରଖି ଚଳୁଛି ବୋଲି ତ ତୁମକୁ ପାଖରେ ରଖି ପାରିଛି। ଏମିତି ବି ସେ ବହୁତ ଭଦ୍ର ଏବଂ ଉଦାର ଲୋକ। କେବେ କେବେ ଏଥରେ ବିଶ୍ୱଜିତ ଆନିକୁ କଥାଏ କରନ୍ତି ଓ କୁହନ୍ତି, ତୁମ ଭାଇ କଣ ମା'ଙ୍କୁ ଭୁଲିଗଲେ ନା କଣ ? ବିଶ୍ୱଜିତ ମା'ଙ୍କ ପାଇଁ ଭଲ ମିଠା ପାନ, କକବର ଗଧୁ ଦହିବରା ବଡ ବଡ ରସଗୋଲା ଆଣି ଦିଅନ୍ତି। ଏହା କେବଳ ଆନିର ସ୍ୱାମୀ ବୋଲି ନୁହେଁ। ମା'ଙ୍କ ପ୍ରତି ତାଙ୍କର ସଚ୍ଚିନ୍ତା ବି ଅଛି। ଆନି କିଛି କହିବା ପୂର୍ବରୁ ବିଶ୍ୱଜିତ ନିୟମିତ ମା'ଙ୍କ ସ୍ୱାସ୍ଥ୍ୟ ଚେକ୍‌ଅପ୍ ନିଜେ କରାଇ ଥାନ୍ତି। ବେଳେବେଳେ ମା କହନ୍ତି - ଆନି ଲୋ କୋଉ ଜନ୍ମରେ କଣ ପୂର୍ଣ୍ଣ କରିଥିଲି କେଜାଣି ତୋତେ ଝିଅ ଭାବେ ପାଇଛି। ଏତିକି କହୁ କହୁ ମା'ଙ୍କ କଣ୍ଠ ବାଷ୍ପରୁଦ୍ଧ ହୋଇଯାଏ। ଆଖିରୁ ଲୁହ ଝରିଆସେ। ଆନି ମା'ଙ୍କୁ ଜାବୋଡି ଧରେ। ମା'ଙ୍କର ଅସହାୟତା ତାକୁ ଆବିଷ୍ଟ କରେ। ଆନି ଜଣେ ମା ଅସରନ୍ତି ଅନୁଭୂତି ଓ ଅଭିଜ୍ଞତାର ଗନ୍ତାଘର। ଅନୁକରଣ କଲାଭଳି ବହୁ ସୁଗୁଣର ଅଧିକାରିଣୀ। ଯେତେ ସମ୍ଭବ ସେ ନିଜ କାମ ନିଜେ କରନ୍ତି। ତାଙ୍କ ରୋଷେଇ ଘର ଭଲ ତ ସେ ଭଲ। ଆନି ତ ଦିନରେ ପ୍ରାୟ ରହେନାହିଁ, କିନ୍ତୁ ତା'ର ସେଥିପାଇଁ ଚିନ୍ତା ବି ନାହିଁ। କାହିଁକି ନା, ଘରକୁ ଲାଗି ତା ଡାକ୍ତରଖାନା। ଅନେକ ସମୟରେ ମା' ଆନିକୁ ମଜା ମଜା କଥା କହନ୍ତି। ମା'ଙ୍କ ବିଚାରଧାରା ଭାରି ଉନ୍ନତ। ବାପା ତ ସବୁକିଛି ମା'ଙ୍କୁ ଦେଇ ଯାଇଛନ୍ତି। ଅର୍ଥର ଅଭାବ ନାହିଁ। ହେଲେ ଅର୍ଥ ବ୍ୟୟ କରିବାର ସାମର୍ଥ୍ୟ ସେ ଯୋଗାଡ କରିପାରୁ ନାହାନ୍ତି। ତଥାପି ଆନି ନିରୋଳାରେ ବସି ଭାବେ-ଏମିତି ଜଣେ ମଣିଷକୁ ତା ପୁଅ ବୋହୂ ପାଖରେ ରଖିବାକୁ ଅନିଚ୍ଛା କାହିକି ? ମା' ଚାହେଁ ପୁଅ ବୋହୂ ତାକୁ ସାଙ୍ଗରେ ନେଇ ବୁଲନ୍ତୁ। ବୁଲି ଯାଆନ୍ତୁ, ସିନେମା ଦେଖନ୍ତୁ। ପୁଅ ଥାଉ ଥାଉ ଝିଅ ଘରେ ରହିବାର ଗ୍ଲାନିରେ ପ୍ରତି ମୁହୁର୍ତ୍ତରେ ମା' ସଢୁଛନ୍ତି। ଆଦ୍ୟରୁ ମା' ବହୁତ ବହି ପଢ଼ନ୍ତି। ସେ କାମ ଆଜି ବି କରି ପାରେନା। ମା'ଙ୍କର ଏହି ଜ୍ଞାନ ପାଇଁ ବିଶ୍ୱଜିତ ମା'ଙ୍କୁ ପ୍ରଶଂସା କରନ୍ତି। ଆନିର ଛାତି କୁଣ୍ଢେମୋଟ ହୋଇ ଯାଏ। କିନ୍ତୁ ଗତକାଲି ଆନି, ବିଶ୍ୱଜିତ ଓ ମା'ଙ୍କ ଭିତରେ ରାମାୟଣ, ଭାଗବତକୁ ନେଇ ଅନେକ ତାତ୍ତ୍ୱିକ ଆଲୋଚନା ହୋଇଥିଲା। ମା'ଙ୍କର ଜ୍ଞାନ ସମ୍ପର୍କରେ ଆନି ଓ ତାର ସ୍ୱାମୀ ଜାଣିବା ପରେ ଚକିତ ହୋଇ ଯାଇଥିଲେ। ଆନିର ହୃଦବୋଧ ହେଉଥିଲା, ମା'ଙ୍କ ବହୁତ ଜାଣିବାଟା ବୋଧେ ଭାଇ ଭାଉଜ ସହ୍ୟ କରିପାରୁ ନାହାନ୍ତି। ଭାଉଜ ତ ପରଝିଅ। ସେ କଣ ବୁଝିବେ। କିନ୍ତୁ ଭାଇ, ସେ ତ ତାଙ୍କ ଔରସରୁ ଜନ୍ମ। ବାପା ଚାଲିଯିବା ପରେ ତାର ଏ କି ପରିବର୍ତ୍ତନ। ମା'ଙ୍କ ପ୍ରତି ତାର ସମ୍ମାନ ଓ ଶ୍ରଦ୍ଧା ନରହିବା, ଆନିକୁ ବିଚଳିତ କରୁଥିଲା। ସମାଜର ପରିବର୍ତ୍ତିତ ଧାରାରେ ପୁଅ ମାନେ କଣ ବଡ ହେଲେ ଏମିତି ପରିବର୍ତ୍ତନ ହୋଇ ଯା'ନ୍ତି ! ନାଁ ଭାଇ ବଡ ମଣିଷ ହୋଇ ଅଧିକ ସ୍ୱାର୍ଥପର ହୋଇ ଯାଇଛି।

ଆଜି ମା' ବହୁତ ବିଳମ୍ବ ଯାଏଁ ଘରୁ ବାହାରି ନାହାନ୍ତି। ଆନି ଭାବୁଥାଏ, ଏତେ ବିଳମ୍ବ ତ କେବେ ହୁଏନି। ମା' ତ ରାତି ଚାରିଟାରୁ ଉଠନ୍ତି। କଣ ଦେହ ଅସୁସ୍ଥ ହେଲା କି ? ବିବ୍ରତ ମନରେ ଆନି ଦଉଡିଲା ମା'ଙ୍କ ରୁମ ଭିତରକୁ। ମା' କିନ୍ତୁ ପୂର୍ବପରି ବହି ଖଣ୍ଡେ ଧରି ଆରାମ ଚେୟାରରେ ବସିଥିଲେ। ଆଖିରୁ ଚଷମା କାଢ଼ି ବାରମ୍ବାର ଆଖିର ଲୁହକୁ ପୋଛୁଥିଲେ। ଆନି ମା'ଙ୍କୁ ଏଥର ଜାବୋଡି ଧରିଲା। ମା'ଙ୍କୁ ପଚାରିଲା କିଏ କଣ କହିଲା କି ? ମା' ଉତ୍ତର ଦେଲେ- ନା ଲୋ ଧନ କିଏ କଣ କହିବ ? ଖବର କାଗଜକୁ ଖବରଟିଏ ପଢ଼ିଲି। ଏହା ଗତକାଲିର ଖବର କାଗଜ ଥିଲା। କାଗଜର ଷଷ୍ଠ ପୃଷ୍ଠାରେ ଲେଖାଥିଲା, ସମାଜସେବୀ ଅର୍ଣ୍ଣପୂର୍ଣ୍ଣା ଦେବୀଙ୍କର ମୃତ୍ୟୁ ହୋଇଛି। ଆନି ପଚାରିଲା- ମା ସେ କିଏ ? ମା କହିଲେ, ସେ ମୋ ସହିତ ପଢୁଥିଲା। ପିଲାଟି ଦିନରୁ ତାର ସମାଜସେବାରେ ଭାରି ଆଗ୍ରହ ଥିଲା। ବିବାହ ପରେ ମଧ୍ୟ ସେ ନିଜକୁ ସେହି କାର୍ଯ୍ୟରେ ନିୟୋଜିତ କରିଥିଲା। ଘର ପରିବାର ସହିତ କେତେ ଲଢ଼ିଛି, ସେଇଥିପାଇଁ। ଆନିର ମନେ ପଡ଼ିଗଲା- ଓ ହୋ ବାପା ପରା ସବୁବେଳେ ତାଙ୍କ କଥା କୁହନ୍ତି। କିନ୍ତୁ ବୁଝିଲୁ ମାଆ, ସେ ଏକାକୀ ଚାଲିଗଲା, ସେଥିପଇଁ ମୋର ବଡ ଦୁଃଖ। ଶେଷ ଜୀବନରେ ସେ ନିଃସଙ୍ଗ ଜୀବନ ବିତାଉ ଥିଲା। ଏକମାତ୍ର ପୁଅ ତା ଶେଷ ଜୀବନରେ ତା ପାଟିରେ ପାଣିଟୋପେ ଦେବାକୁ ନଥିଲା। କବାଟ ଭଙ୍ଗା ହୋଇ ତାର ମୃତଦେହ ବାହାରିଲା। ଓ ହୋ କି କଷ୍ଟ କହିଲୁ। ଆଚ୍ଛା ଆନି, ପ୍ରଭୁ ଜନ୍ମ କରିବାଟା କଣ ଭୁଲ। ଆନି ବୁଝି ପାରୁଥିଲା- ମା'ର ମନ ତଳର ନିଆଁକୁ। ମା କାନ୍ଧରେ ହାତ ରଖି ତାକୁ କୁଣ୍ଢାଇ ଧରିଥିଲା। ମା'ଙ୍କୁ କହିଥିଲା- ତୁ କଣ ନିଃସଙ୍ଗ ? ମୁଁ ପରା ତୋ ପାଖରେ ଅଛି। ମୁଁ କଣ ପୁଅ ନୁହେଁ କି ? ମା ଏଥର ଆଖିର ଲୁହ ପୋଛି ଗର୍ବର ସହିତ ଆନି ମୁହଁକୁ ଅନାଇ ରହିଥିଲେ।

ଅଧ୍ୟାପିକା, ମହାପୁରୁଷ ହାହିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର,
ମୋବାଇଲ୍: ୯୪୩୭୯୫୭୬୧୭

## ବୃକ୍ଷଲତା ଆମର ବନ୍ଧୁ

ଡଃ ନାରାୟଣ ଚନ୍ଦ୍ର ସେନାପତି



ଖାଦ୍ୟ ବି ଦେଉଛି ବସ୍ତ୍ର ବି ଦେଉଛି
ବାସଗୃହ ପାଇଁ କାଠ ଯୋଗାଉଛି
ଜାଳେଣି ଦେଉଛି ଔଷଧ ଦେଉଛି
ବର୍ଷା ଦେଇ ଜୀବ ପ୍ରାଣ ବଞ୍ଚାଉଛି
ଦେଉଅଛି ଅମ୍ଳଜାନ
ସଂରକ୍ଷଣ କରି ମୃତ୍ତିକା ସେ ପୁଣି
ରଖେ ଆମରି ଜୀବନ।

ଛାଇ ବି ଦେଉଛି ଥଣ୍ଡା କରାଉଛି
ଆଖି ଉଜ୍ଜ୍ୱଳତା ସିଏ ବଢ଼ାଉଛି
ବାତ୍ୟାକୁ ଛେକୁଛି ମଳୟ ବାହୁଛି
ପ୍ରଶ୍ୱାସ ପ୍ରବାହ ବଢାଇ ଦେଉଛି
କେଡେ ଦାନୀଟିଏ ସେଇ
ଜୀବନ ଗଣିତ କଷି ଖୁସି ମନେ
ସଭିଙ୍କୁ ସ୍ନେହ ବାଣ୍ଟଇ।

ନୁହଁ ଦାନୀ କର୍ଣ୍ଣ ନୁହଁ ଦାନବୀର
ଏ ପରି ଦାନୀଟେ ମିଳେନା ତତ୍ପର
ସର୍ବସ୍ୱ ଦେଇ ସେ ସାଜେ ତ୍ୟାଗୀଶ୍ୱର
ତା ହୃଦ ସାକ୍ଷାତ ଦୟାର ଭଣ୍ଡାର
ସେ ପରା ଆମର ବନ୍ଧୁ
ବିନ୍ଦୁ ଏ ମାଗିଲେ କେଡେ ସରାଗରେ
ଅରପେ ପ୍ରେମର ସିନ୍ଧୁ।

ଶାସ୍ତ୍ର କହେ ଶତ ପୁତ୍ର ଜନ୍ମ ଠାରୁ
ଯଦି ବଡ କଲ ଗୋଟେ ମହା ତରୁ
କେତେ ପୁଣ୍ୟ କଲ ତା ହିସାବ ନାହିଁ
ମୁଗ୍ଧ ହେବେ ନିଷ୍ଟେ ଜଗତର ସାଇଁ
ସେ ପରା ଆମର ବନ୍ଧୁ
ବିଶ୍ୱସ୍ତ ହୃଦୟୀ ନିଃସ୍ୱାର୍ଥପର ସେ
ଶ୍ରଦ୍ଧାର ଅମୀୟ ସିନ୍ଧୁ।

ଜମ୍ବିରା, କେନ୍ଦୁଝର



## ମାୟା

ଡ.ଚନ୍ଦ୍ରକଳା ନାୟକ



ମିଛ ମାୟା ପଛେ ପଛେ
ଅବଶ ମୋର ପାଦଦ୍ୱୟ
ଖୋଜି ବୁଲୁଥିବା ଆଖିଦିଟା
ଏକ ସୁଖର ମୁହୁର୍ତ୍ତ
ଦିଗନ୍ତ ବିସ୍ତାରିଥିବା କ୍ଳାନ୍ତ ସକାଳ ।
ରାତ୍ରିର ଅଖଣ୍ଡ ନୀରବତା
ଧୂଆଁଳିଆ ଦଉଡିଥିବା ଅପରାହ୍ନଟା
ମୋ ଭିତରର ଅଳସ ଓ ଅଝଟିଆ ପଣ
ଧୀମେଇ ଯିବାକୁ ହୁଏ ନିଜକୁ ନିଜେ
ଓ.... କି ଯନ୍ତ୍ରଣା ଏ ମୁହୁର୍ତ୍ତ -
ନିଜେ ଏମାନେ ଘର କରି ବସନ୍ତି
ହୃଦୟ ଓ ମନର କୋଣ ଅନୁକୋଣରେ ।
ବନ୍ଧୁଟିଏ ହୋଇ ଆସନ୍ତି
ସମୟକୁ ଜଳାଞ୍ଜଳୀ ଦେବାକୁ
ସେତେବେଳେ ଅପରିଚ୍ଛନ୍ନ ଶବ୍ଦ ଗୁଡାକ
ଯୋଡି ହୁଅନ୍ତି କାହିଁକି କେଜାଣି
ବୋଧହୁଏ ବଜ୍ର ହେବାକୁ ଆପେ ଆପେ ।
ଯୋଗ ଓ ବିଯୋଗର ସମାହାରରେ
ସଂଖ୍ୟା ବଢ଼ିବାର ଅଭିପ୍ରାୟ ଭିତରେ
କରୁଣ ହୃଦୟଟା ଖାଲି ଖୋଜି ହୁଏ
ଏକକ ସଂଖ୍ୟାରେ
ପୁଣି ଦଉଡୁ ଥିବା ଭୁଲତା ଭିତରେ
ପ୍ରତାରିତ ହେଉଥବା କାହାଣୀରେ ।
ସେ କି ମାୟା ସତେ...
ଠିକ ମରୀଚିକା ପଛେ ଦଉଡିଲା ପରି
ଭଙ୍ଗା ହୃଦୟଟା ଧକ୍କା ଖାଏ
ଚାଲୁଥିବା ମେଣ୍ଡାପଲର ବିଶୃଙ୍ଖଳା ଭିତରେ
ଚୁପଚାପ ବସିପାରେନି ଜମା
ପ୍ରତିଥର ପରି ଅଣ ନିଶ୍ୱାସୀ ହୋଇ ଧାଇଁ ଚାଲେ
ଅନନ୍ତ ସାଗରର ବାଲିରାଶିକୁ
ବିଂଚୁ ବିଂଚୁ ଦେଖେ ସେଠି ଶାମୁକା ନଥାଏ
ଖାଲି ମିଛ ମୃଗତୃଷ୍ଣା ।
ଜୀବନଟା ବି ତ ଠିକ ସେଇଆ
ଅନବରତ ଦଉଡିବାକୁ ପଡେ
ଶାମୁକା ନଥାଇ ବି ମୁକ୍ତାର ଲାଳସାରେ
ବାସ୍ନା ନଥାଇ ବି ସୁଗନ୍ଧ ପଛରେ
ମାୟାର ତୁଚ୍ଛା ଅନ୍ୱେଷଣରେ ।

ଅଧ୍ୟାପିକା ମହାପୁରୁଷ ହାଡିଦାସ
ମହାବିଦ୍ୟାଳୟ, ଛତିଆ, ଯାଜପୁର,
ମୋବାଇଲ୍:୯୪୩୭୯୫୭୬୧୬



## ପ୍ରଦୂଷଣ

କବି କାଳୀ ଦାସ



ପ୍ରଦୂଷଣର ଦାନବ
ଦୁଇ ହାତ ଉଠାଇ
ଆଗକୁ ମାଡି ଆସୁଛି
ଗ୍ରାସ କରି ଚାଲିବ ସିଏ
ସହର ଓ ଗାଁ କୁ....
ଆରାବଳୀ ଧ୍ୱଂସ ତ ହେଲାଣି
ପୁଞ୍ଜିପତିଙ୍କ କ୍ଷୁଧାର ବଳୀ ଚଢ଼ିଲାଣି
ହଜିଯିବ ଋଷିକୂଲ୍ୟା
ଗଂଜାମ ର ନଦୀ ଧାରା
ଯୁଗ ଯୁଗ ଧରି ମଣିଷଙ୍କ
ତୃଷ୍ଣା ମେଣ୍ଟାଇଛି
ଆଜି ସିଏ ଶିଳ୍ପପତିଙ୍କ
ସ୍ୱାର୍ଥର ଯୁଇ ରେ ଜଳି ତ ଯାଉଛି
କିଏ ବଞ୍ଚାଇବ ପ୍ରକୃତିର ଶ୍ରେଷ୍ଠ ବରଦାନ କୁ
କିଏ ତୃପ୍ତ କରିପାରିବ ସ୍ୱାର୍ଥ ର ସୀମାହୀନ କ୍ଷୁଧା କୁ।

ବ୍ରହ୍ମପୁର, ଖୋଡାସିଂଙ୍ଗି କଳିଙ୍ଗନଗର
ଗଞ୍ଜାମ, ମୋବାଇଲ୍: ୭୨୦୫୧୦୦୮୩୯



## ଭାଙ୍ଗିଗଲା ମୋର ମିଠା ସପନ

ଡଃ ତାନଶ୍ରୀ ପାଣିଗ୍ରାହୀ



ସେଦିନ ସପନେ ଆସିଥିଲେ ଜଣେ
ସୁନ୍ଦର ରାଜକୁମାର
ପ୍ରଥମ ଦେଖାରେ ପ୍ରେମର ଗୋଲାପ
ଦେଲେ ମୋତେ ଉପହାର...

ଚନ୍ଦନବୋଳା କଥାରେ ତାଙ୍କର
ମୋହିଲେ କ୍ଷଣେ ମୋ ମନ
କଥା ଦିଅ ମୋତେ ଦୂରେଇ ଦେବନି
ତୁମେ ମୋ ପ୍ରାଣ ସ୍ପନ୍ଦନ...

ଆଖିରେ ମୋ ଆଖି ମିଶାଇଲେ ଧୀରେ



ଭିଜିଲା ଦେହ ଲାଜରେ
ଆଙ୍କିଦେଲେ ସେ ଅଜସ୍ର ଚୁମ୍ବନ
ତନୁତୃଷ୍ଣାର ତୀରେ...

ମୋ ମନ ମନ୍ଦିରେ ରାଜଜେମା ତୁମେ
ଶତପୁଷ୍ପର ସୁଗନ୍ଧ
ପ୍ରୀତି ମାଧୁରୀରେ ରଚିବା ଆସ ହେ
ମିଳନର ମଧୁଛନ୍ଦ...

ଭାଙ୍ଗିଲା ସପନ ନ ଥିଲେ ମୋ ସାଥୀ
ଆସିଲା ମନେ ଉଦାସ
ହୁଅନ୍ତା କି ସତ ମୋର ଏ ସପନ
ପାଆନ୍ତି ପ୍ରୀତି ପରଶ...

ସପନ ନାୟକ ସପନେ ହଜିଲେ
ଖୋଜୁଛି ମୁଁ ବାର ବାର
ରାତିର ଜହ୍ନକୁ ନିତି ମୁଁ ପଚାରେ
କାହିଁଗଲେ ପ୍ରିୟ ମୋର ॥

ବାଲେଶ୍ୱର



ସମୟର ଛାୟାଚିତ୍ର

## ବ୍ୟକ୍ତିର ବ୍ୟକ୍ତିତ୍ୱ ଓ ସଂପୂର୍ଣ୍ଣ ସଫଳତା

ଡକ୍ଟର ଲକ୍ଷ୍ମଣ ସାହୁ



ଆମେ କ'ଣ କରୁଛେ ଓ କ'ଣ ଭାବୁଛେ ? ଆମେ ପୂର୍ବରୁ କ'ଣ କରିସାରିଛେ ଓ କ'ଣ କରିବାକୁ ଲକ୍ଷ୍ୟ ରଖିଥିଲେ ? ଭବିଷ୍ୟତରେ ଆମେ କଣ ହେବାକୁ ଚାହୁଁଛେ ? ବିଶ୍ୱ ଅଶାନ୍ତିରେ ଆମର ପୁରା ଜୀବନ ବିତିଯାଇଛି, ଆମେ କ'ଣ ହରାଇଛେ ଓ କ'ଣ ପାଇଛେ ? ଏସବୁ ଅନେକ ପ୍ରଶ୍ନର ପ୍ରକୃତ ଉତ୍ତର କେବଳ ଆମର ନିଜ ବିବେକ ବ୍ୟତୀତ ଆଉ କେହି ଜାଣି ନାହାଁନ୍ତି। ଯଦିଓ ଆମେ ଖୋଲାଖୋଲି ଭାବରେ ଆମର ଅନ୍ତରର ପ୍ରକୃତ ଅବସ୍ଥା ଓ ମନୋଭାବ ପ୍ରକାଶ କରୁନାହୁଁ, କିନ୍ତୁ ଆମର ମନ ସର୍ବଦା ଏହି ସାକ୍ଷ୍ୟ ସ୍ୱରୂପ ଭାବନାକୁ ବହନ କରି ଚାଲେ।

କେବେ ଆମର ଚିନ୍ତାଧାରା, ଧାରଣା ଓ ଆଚରଣ ସମସ୍ତଙ୍କୁ ସମାନ ଭାବରେ ସନ୍ତୁଷ୍ଟ କରିପାରିବ ନାହିଁ । ତେଣୁ ସମସ୍ତଙ୍କ ବିଷୟରେ ମତ ପାର୍ଥକ୍ୟ ରହିବା ସ୍ୱାଭାବିକ। ଏହା ସମ୍ଭବ ଯେ କେହି କାହା ପାଇଁ ସର୍ବୋତ୍ତମ ଭଲ ଓ ଅନ୍ୟମାନଙ୍କ ପାଇଁ ସବୁଠାରୁ ଖରାପ ହୋଇପାରେ ନାହିଁ। ପ୍ରକୃତରେ ଏପରି ପରିସ୍ଥିତିରେ ଆମେ କିଏ କାହିଁକି ମୂଲ୍ୟାଙ୍କନ କରିବାକୁ ଚାହିଁବା। ଆମର ବିବେକ ଆମ ପ୍ରତି ଆମର ନିରପେକ୍ଷ ଧାରଣାକୁ ନିଶ୍ଚିତ କରେ। ବାସ୍ତବରେ ଜଣେ ବ୍ୟକ୍ତି ବିଶ୍ୱକୁ ପ୍ରତାରିତ କରିପାରେ ଓ ନିଜେ ପ୍ରତାରିତ ହୋଇ ରହିପାରେ। କିନ୍ତୁ ଅଧିକ ସମୟ କାହା ପାଇଁ ପ୍ରତାରିତ ହେବା ସମ୍ଭବ ନୁହେଁ। ନକାରାତ୍ମକ ସାକ୍ଷ୍ୟ ଦୋଷୀ ଭାବନା ଓ ସକାରାତ୍ମକ ଆତ୍ମବିଶ୍ୱାସ କେବଳ ବିବେକରୁ ହିଁ ଆସିଥାଏ। ପ୍ରକୃତରେ ଆଶା କରାଯାଏ ଯେ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଆଭ୍ୟନ୍ତରୀଣ ଓ ବାହ୍ୟ ସ୍ୱଭାବ ମଧ୍ୟରେ ସମାନତା ରହିବା ଉଚିତ୍। କିନ୍ତୁ ଏହା ନିଶ୍ଚିତ ଭାବରେ କୁହାଯାଇପାରିବ ନାହିଁ ଯେ ସମସ୍ତେ ଏହି ଆଶା ପୂରଣ କରିପାରିବେ। ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ସାଧାରଣ ଧାରଣା ଯାହା ହେଉନା କାହିଁକି, ଏହି ଧାରଣା ସମ୍ପୂର୍ଣ୍ଣ ସକାରାତ୍ମକ କିମ୍ବା ନକାରାତ୍ମକ ହୋଇପାରେ। ଆଜିର ସମୟରେ, ଏକ ସାର୍ବଜନୀନ ଭାବରେ ଗୃହୀତ ବ୍ୟକ୍ତିତ୍ୱର ଧାରଣା ଏକ ଦିବାସ୍ୱପ୍ନ ବ୍ୟତୀତ ଆଉ କିଛି ନୁହେଁ। ମୋ ଏହା ସମ୍ଭବ ଯେ ସବୁଠାରୁ ନକାରାତ୍ମକ ବ୍ୟକ୍ତି ମଧ୍ୟ ସେମାନଙ୍କ ପକ୍ଷରେ କିଛି ସକାରାତ୍ମକ ବିନ୍ଦୁ ରଖିପାରନ୍ତି। ଏହି ସକାରାତ୍ମକ ଭିତରେ ମଧ୍ୟ, ନକାରାତ୍ମକତାର ଏକ ଚିହ୍ନ ଆବିଷ୍କାର କରାଯାଇପାରିବ।

କଥାଟି ହେଉଛି ଏ ଦୁନିଆରେ କେହି ସିଦ୍ଧ ନୁହଁନ୍ତି। ସାଧାରଣ କଥାବାର୍ତ୍ତାରେ ମଧ୍ୟ ଲୋକମାନେ କୁହନ୍ତି, 'ଯଦି ଲୋକମାନେ ରାଜା ରାମଙ୍କୁ ଛାଡି ନଥିଲେ, ତେବେ ଆମେ କିଏ ?' ଏପରି ପରିସ୍ଥିତିରେ, ଆମେ ନିଜ ସ୍ତରରେ ସମ୍ପୂର୍ଣ୍ଣ ସିଦ୍ଧ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆମର ସକାରାତ୍ମକ ଚିନ୍ତାଧାରା, କାର୍ଯ୍ୟ ଓ ଆଚରଣ ସମ୍ପୂର୍ଣ୍ଣ ସଦ୍‌ଗୁଣ ରହିବ। ଗୋଟିଏ ଅର୍ଥରେ, ଆମେ ସମୟ ସମୟରେ ନିରପେକ୍ଷ ଓ ନିରପେକ୍ଷ ଭାବରେ ଆମର ନିଜସ୍ୱ ବ୍ୟକ୍ତିତ୍ୱ ଓ ସଫଳତାକୁ ମୂଲ୍ୟାଙ୍କନ ଓ ପ୍ରମାଣିତ କରିବା ଉଚିତ୍। ଆତ୍ମ-ମୂଲ୍ୟାୟନର ଏହି ପ୍ରକ୍ରିୟା ଆନ୍ତରିକ ସନ୍ତୋଷର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ହୋଇପାରେ। ଏହା ନିସନ୍ଦେହରେ ଆତ୍ମବିଶ୍ୱାସ ବୃଦ୍ଧି କରେ, ଏକ ଉନ୍ନତ ଜୀବନ ଆଡ଼କୁ ନେଇଯାଏ।

ନିରାଶା କେବଳ ଉତ୍ସାହକୁ ନଷ୍ଟ କରେ ନାହିଁ ବରଂ ଜଣେ ବ୍ୟକ୍ତିଙ୍କ ସୃଜନଶୀଳତା, ଆତ୍ମବିଶ୍ୱାସ ଓ ସଂଘର୍ଷ କରିବାର କ୍ଷମତାକୁ ମଧ୍ୟ ଦମନ କରେ। ବିପରୀତରେ ଆଶା, ଧୈର୍ଯ୍ୟ, ଶୃଙ୍ଖଳା ଓ ନିରନ୍ତର କଠିନ ପରିଶ୍ରମ ହେଉଛି ଶକ୍ତିଶାଳୀ ଅସ୍ତ୍ର। ଯାହା ସାଧାରଣ ଲୋକଙ୍କୁ ମଧ୍ୟ ଅସାଧାରଣ ସଫଳତା ହାସଲ କରିବାରେ ସକ୍ଷମ କରିଥାଏ। ଇତିହାସ ସାକ୍ଷୀ ଅଛି ଯେ କୌଣସି ମହାନ ସଫଳତା ରାତାରାତି ହାସଲ ହୋଇନାହିଁ। ପ୍ରତ୍ୟେକ ସଫଳତା ପଛରେ ବର୍ଷ ବର୍ଷର ତପସ୍ୟା, ତ୍ୟାଗ, ଶୃଙ୍ଖଳା, ସଂଘର୍ଷ ଓ ଅଟଳ ଧୈର୍ଯ୍ୟ ରହିଛି। ସ୍ୱାମୀ ବିବେକାନନ୍ଦଙ୍କ ଆହ୍ୱାନ ହେଉଛି, 'ଉଠ, ଜାଗ୍ରତ ହୁଅ, ଏବଂ ଲକ୍ଷ୍ୟ ହାସଲ ନହେବା ପର୍ଯ୍ୟନ୍ତ ଅଟକିଯାଅ ନାହିଁ' ଏହା କେବଳ ଏକ ପ୍ରେରଣାଦାୟକ ବାକ୍ୟ ନୁହେଁ, ବରଂ ଜୀବନର ସତ୍ୟର ଏକ ଦର୍ଶନ। ସଫଳତାର ପଥ କେବେବି ସହଜ ନୁହେଁ। ସୁନାକୁ ପରିଷ୍କାର କରିବା ପାଇଁ ଅଗ୍ନି ପରି କଷ୍ଟ, ବିଫଳତା ଏବଂ ପ୍ରତିକୂଳତା ଆବଶ୍ୟକ।

ଆଜି ସମାଜ ଯେଉଁମାନଙ୍କୁ ମହାନ, ଅସାଧାରଣ କିମ୍ବା ସେଲିବ୍ରିଟି ଭାବରେ ଦେଖେ ସେମାନଙ୍କ ଜୀବନର ଏକ ନିକଟତର ପରୀକ୍ଷାରୁ ଜଣାପଡ଼େ। ସେମାନଙ୍କ ସଫଳତାର ମୂଳଦୁଆ ପ୍ରତିଭା ଅପେକ୍ଷା ଶୃଙ୍ଖଳା, ନିରନ୍ତର ଅଭ୍ୟାସ ଓ ମାନସିକ ଦୃଢ଼ତାରେ ଅଧିକ ରହିଛି। ପ୍ରତିଭା ସୁଯୋଗ ପ୍ରଦାନ କରେ, କିନ୍ତୁ ଚରିତ୍ର ଓ କଠିନ ପରିଶ୍ରମ ହିଁ ସଫଳତାକୁ ସ୍ଥାୟୀ କରିଥାଏ। ସଫଳତା ଜୀବନର ଚୂଡ଼ାନ୍ତ ଲକ୍ଷ୍ୟ ହୋଇପାରେ ? ଯଦି ମାନବୀୟ ମୂଲ୍ୟବୋଧ, ନୀତିଶାସ୍ତ୍ର ଓ ସାମାଜିକ ଦାୟିତ୍ୱକୁ ଛାଡ଼ି ସଫଳତା ହାସଲ କରାଯାଏ, ତେବେ ଏହାକୁ କ'ଣ ପ୍ରକୃତରେ ସଫଳତା ବୋଲି କୁହାଯାଇପାରେ ? ଏକଦା ମହାତ୍ମା ଗାନ୍ଧୀ କହିଥିଲେ ଯେ ସାଧନର ପବିତ୍ରତା ବିନା, ଶେଷ ପବିତ୍ର ହୋଇପାରିବ ନାହିଁ। ଏହି ଧାରଣା ଆଜି ପୂର୍ବ ଅପେକ୍ଷା ଅଧିକ ପ୍ରାସଙ୍ଗିକ। ଆଜି କ୍ଷଣିକ ସଫଳତା, ଉପଭୋକ୍ତାବାଦ ଓ ପ୍ରତିଯୋଗିତାର ଯୁଗ। ଏପରି ସମୟରେ ଅନେକ ଲୋକ ଧନ, ଖ୍ୟାତି ଓ ପଦବୀ ହାସଲ ପାଇଁ ସତ୍ୟ, ସଚ୍ଚୋଟତା ଓ ନୈତିକତା ସହିତ ବୁଝାମଣା କରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ। କ୍ଷଣିକ ସଫଳତା ମିଳିପାରେ, କିନ୍ତୁ ଇତିହାସ ଏପରି ଲୋକଙ୍କୁ ସମ୍ମାନିତ କରେ ନାହିଁ । ମାନବ ଜୀବନରେ ଆକାଂକ୍ଷା ସ୍ୱାଭାବିକ। ପ୍ରତ୍ୟେକ ବ୍ୟକ୍ତି ସମ୍ମାନ, ପ୍ରତିଷ୍ଠା, ଆର୍ଥିକ ସମୃଦ୍ଧି ଓ ସାମାଜିକ ସ୍ୱୀକୃତି ଚାହାଁନ୍ତି। ଆବ୍ରାହମ ମାସଲୋ, ତାଙ୍କ ଆବଶ୍ୟକତାର ପଦାନୁକ୍ରମରେ, ଆତ୍ମସମ୍ମାନ ଓ ଆତ୍ମ-ସାଧାରଣକୁ ସର୍ବୋଚ୍ଚ ମାନବ ଆବଶ୍ୟକତା ମଧ୍ୟରେ ସ୍ଥାନିତ କରିଥିଲେ। ତଥାପି ଏହି ଆକାଂକ୍ଷାଗୁଡ଼ିକର ପୂରଣ କେବଳ ସେତେବେଳେ ଅର୍ଥପୂର୍ଣ୍ଣ ହୁଏ ଯେତେବେଳେ ସେଗୁଡ଼ିକ ମାନବିକ ମୂଲ୍ୟବୋଧ ଓ ସାମାଜିକ ଦାୟିତ୍ୱ ସହିତ ଜଡିତ ହେବା ଉଚିତ। ବିଜ୍ଞାନ ଏହାର ଏକ ପ୍ରମୁଖ ଉଦାହରଣ ପ୍ରଦାନ କରେ। ଭାରତୀୟ ସଂସ୍କୃତିର ମୂଳ ନୀତି ହେଉଛି ମୂଲ୍ୟବୋଧଭିତ୍ତିକ ଜୀବନ। ସତ୍ୟ, ଅହିଂସା, କରୁଣା, ସେବା, ଦୟା, ସହନଶୀଳତା ଓ ବିଶ୍ୱ ଭ୍ରାତୃତ୍ୱକୁ ଜୀବନର ସର୍ବୋଚ୍ଚ ଆଦର୍ଶ ଭାବରେ ବିବେଚନା କରାଯାଉଥିଲା। ସନ୍ଥ କବୀର ବାହ୍ୟ ପ୍ରଦର୍ଶନ ଅପେକ୍ଷା ଆନ୍ତରିକ ପବିତ୍ରତାକୁ ଗୁରୁତ୍ୱ ଦେଇଥିଲେ। ସନ୍ଥ ରୈଦାସ ସମାନତା ପ୍ରଚାର କରିଥିଲେ। ସନ୍ଥ ଜ୍ଞାନେଶ୍ୱର, ସନ୍ଥ ତୁକାରାମ, ଖ୍ୱାଜା ମୋଇନୁଦ୍ଦିନ ଚିସ୍ତି, ହଜରତ ନିଜାମୁଦ୍ଦିନ ଆଉଲିଆ, ଅବଦୁର ରହିମ ଖାନ-ଏ-ଖାନା ଓ ଅମୀର ଖୁସରୋ ଧର୍ମ ଅପେକ୍ଷା ପ୍ରେମ ଓ ମାନବତାକୁ ପ୍ରାଥମିକତା ଦେଇଥିଲେ। ରବୀନ୍ଦ୍ରନାଥ ଟାଗୋର ସ୍ୱାଧୀନ ଚେତନା ଓ ମାନବିକ ମର୍ଯ୍ୟାଦା ପ୍ରଚାର କରିଥିଲେ, ସେତେବେଳେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ରାଷ୍ଟ୍ର ପାଇଁ ସବୁକିଛି ଉତ୍ସର୍ଗ କରିଥିଲେ। ସମୟର ଛାୟା ଚିତ୍ରରେ ଏହି ମହାପୁରୁଷମାନେ ପ୍ରମାଣ କଲେ ଯେ ସଫଳତା କେବଳ ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ସମାଜ ପାଇଁ ଉପଯୋଗୀ ହେବା ବିଷୟରେ ଆଲୋଚନା କରେ। ଆଜିର ସମାଜ ମଧ୍ୟ ଏକ ଗମ୍ଭୀର ନୈତିକ ସଙ୍କଟର ସମ୍ମୁଖୀନ ହେଉଛି। ରାଜନୀତିରେ ନୀତିର ସ୍ଥାନ ସୁଯୋଗପ୍ରବଣତା, ପ୍ରଶାସନରେ ସେବାର ସ୍ଥାନ କ୍ଷମତାର ଆକର୍ଷଣ, ଶିକ୍ଷାରେ ମୂଲ୍ୟବୋଧର ସ୍ଥାନ ନିଯୁକ୍ତି, ଓ ବ୍ୟବସାୟରେ ସାମାଜିକ ଦାୟିତ୍ୱର ସ୍ଥାନ ଲାଭ ସର୍ବାଧିକ। କିନ୍ତୁ ସମାଜରେ ଦୁର୍ନୀତି, ହିଂସା, ଅବିଶ୍ୱାସ ଓ ସାମାଜିକ ବିଚ୍ଛିନ୍ନତା ଭଳି ସମସ୍ୟା ବଢ଼ିବାରେ ଲାଗିଛି।

ନେଲସନ ମାଣ୍ଡେଲା କହିଥିଲେ, 'ଶିକ୍ଷା ହେଉଛି ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର, ଯାହା ବିଶ୍ୱକୁ ପରିବର୍ତ୍ତନ କରିପାରିବ।' କିନ୍ତୁ ଶିକ୍ଷା କେବଳ ସେତେବେଳେ ଅର୍ଥପୂର୍ଣ୍ଣ ହୁଏ ଯଦି ଏହା ଚରିତ୍ର ଗଠନ କରେ। କେବଳ ଡିଗ୍ରୀ, ପଦବୀ ଓ ଦରମା ଜଣେ ବ୍ୟକ୍ତିଙ୍କୁ ମହାନ କରିନଥାଏ, ବରଂ ସେମାନଙ୍କର ଆଚରଣ ହିଁ ତାଙ୍କୁ ମହାନ କରିଥାଏ। ଆମକୁ ମନେ ରଖିବାକୁ ପଡ଼ିବ ଯେ ଧନସମ୍ପତ୍ତି ଉଭାନ ହୋଇପାରେ, ପଦବୀ ଛଡ଼ାଇ ନିଆଯାଇପାରେ, ଯଶ, ଖ୍ୟାତି, ପ୍ରସିଦ୍ଧି ମଳିନ ହୋଇପାରେ, କିନ୍ତୁ ଚରିତ୍ର ଓ ମାନବିକ ମୂଲ୍ୟବୋଧ ଅମର ରହିଥାଏ। ଇତିହାସ ସେମାନଙ୍କୁ ମନେ ରଖେ ଯେଉଁମାନେ ସଂଘର୍ଷକୁ ଗ୍ରହଣ କରିଥିଲେ, ହତାଶାକୁ ପରାସ୍ତ କରିଥିଲେ, ନୀତି ସହିତ ସାଲିସ କରି ଥିଲେ। ସମାଜ ଓ ମାନବତାର କଲ୍ୟାଣ ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିଲେ। ଆଜି, ଆବଶ୍ୟକତା ହେଉଛି ନୂତନ ପିଢ଼ିର ଯୁବକମାନଙ୍କୁ କେବଳ ସଫଳ ହେବା ପାଇଁ ନୁହେଁ, ବରଂ ସେମାନଙ୍କୁ ମୂଲ୍ୟବାନ ହେବା ପାଇଁ ପ୍ରେରଣା ଦେବା ଶିଖାଇବା। କାରଣ ସମୟର ଛାୟା ଚିତ୍ରରେ ଯେତେବେଳେ ଜଣେ ସଫଳ ବ୍ୟକ୍ତି ସମାଜରେ ଶୀର୍ଷ ଶ୍ରେଷ୍ଠ ସ୍ଥାନ ଅର୍ଜନ କରନ୍ତି, ସେତେବେଳେ ସେହି ମହାନ ବ୍ୟକ୍ତି ଭାବେ ଇତିହାସରେ ସ୍ଥାନ ଅର୍ଜନ କରନ୍ତି ...!!!

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋବାଇଲ୍: ୯୦୪୦ ୧୫୧୪ ୭୫

ଓଡ଼ିଆ ପ୍ରବାସୀ ମିଳନ

# ସୁଦୃଢ଼ ହେଲା ଓଡ଼ିଶା-ବାରଣାସୀ ସାଂସ୍କୃତିକ ସମ୍ପର୍କ

ଭୁବନେଶ୍ୱର,୨୩।୮(ସଂଚାର ବ୍ୟୁରୋ): ବାରଣାସୀଠାରେ ଆୟୋଜିତ 'ଓଡ଼ିଶା ପରବ ୨୦୨୬' ଅବସରରେ ଏକ 'ଓଡ଼ିଆ ପ୍ରବାସୀ ମିଳନ' ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବାରଣାସୀରେ ରହୁଥିବା ଓଡ଼ିଆ ସମ୍ପ୍ରଦାୟର ସଦସ୍ୟ, ସାଂସ୍କୃତିକ ବ୍ୟକ୍ତିତ୍ୱ, ପେସାଦାର, ଅଧ୍ୟାପକ ଓ ଉଦ୍ୟୋଗୀମାନେ ଏକାଠି ହୋଇ ଓଡ଼ିଶା ସହ ସେମାନଙ୍କର ସାଂସ୍କୃତିକ, ସାମାଜିକ ଓ ଆର୍ଥିକ ଯୋଗସୂତ୍ରକୁ ଆହୁରି ମଜବୁତ କରିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।



ଏଥିସହ ଉତ୍ତର ପ୍ରଦେଶ ସରକାରଙ୍କ ଶ୍ରମ, ନିୟୋଜନ ଓ ସମନ୍ୱୟ ମନ୍ତ୍ରୀ ଅନିଲ ରାଜଭର; ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡ. ବିଜୟ କେତନ ଉପାଧ୍ୟାୟ (ଆଇଏଏସ୍); ପଦ୍ମଶ୍ରୀ ଶ୍ରୀଭାଷ ଚନ୍ଦ୍ର ସୁପକାର; ବାରଣାସୀ ଓଡ଼ିଆ ସମାଜର ସଭାପତି ପ୍ରଫେସର ଗୋପବନ୍ଧୁ ମିଶ୍ର ଓ ଫିକି ଉତ୍ତର ପ୍ରଦେଶ ପର୍ଯ୍ୟଟନ କମିଟିର ଅଧ୍ୟକ୍ଷ ପ୍ରତୀକ ହୀରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

'ଓଡ଼ିଶା ପରବ ୨୦୨୬'ର ଦ୍ୱିତୀୟ ଦିନରେ 'ଟୁରିଜମ୍ ଇନଭେଷ୍ଟର' ଓ 'ବିଜନେସ୍-ଟୁ-ଗଭର୍ଣ୍ଣମେଣ୍ଟ' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହା ସରକାରୀ ପ୍ରତିନିଧି, ନିବେଶକ ଏବଂ ଶିଳ୍ପ ସଂସ୍ଥାଗୁଡ଼ିକୁ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରରେ ସହଯୋଗ ଓ ପୁଞ୍ଜିନିବେଶର ସୁଯୋଗ ଆକଳନ କରିବା ପାଇଁ ଏକ ସୁନ୍ଦର ମଞ୍ଚ ପ୍ରଦାନ କରିଥିଲା। ଏହି ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର 'ଟୁରିଜମ୍ ରୋଡ୍ ଶୋ'ରେ ଓଡ଼ିଶାର ବିବିଧ ପର୍ଯ୍ୟଟନ ସମ୍ଭାବନାକୁ ପ୍ରଦର୍ଶିତ କରାଯାଇଥିଲା। ଏଥିରେ ପୁରୀ, କୋଣାର୍କ, ରତ୍ନଗିରି, ଉଦୟଗିରି, ଲଳିତଗିରି, ହୀରାକୁଦ, ଚିଲିକା, ଭିତରକନିକା ଓ ଶିମିଳିପାଳ ଭଳି ୧୫ଟି ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଉପରେ ଆଲୋକପାତ କରାଯାଇଥିଲା। ଏହାଛଡ଼ା ଇକୋ-ଟୁରିଜମ୍, ବନ୍ୟପ୍ରାଣୀ, ସାହସିକ ଓ ଅନୁଭୂତିଭିତ୍ତିକ ପର୍ଯ୍ୟଟନ ସହ 'ମାଇସ୍' ପର୍ଯ୍ୟଟନର ସମ୍ଭାବନା ଓ ନିବେଶକଙ୍କ ପାଇଁ ଉପଲବ୍ଧ ପ୍ରୋତ୍ସାହନ ବ୍ୟବସ୍ଥା ବିଷୟରେ ସୂଚନା ଦିଆଯାଇଥିଲା।

ଫାର୍ମାସି ଅଧିକାରୀ ସେବା ସଂଘର ସାଧାରଣ ପରିଷଦ ବୈଠକ

# ଫାର୍ମାସି କ୍ୟାଡରର ପୁନର୍ଗଠନ ହୋଇଛି: ସ୍ୱାସ୍ଥ୍ୟମନ୍ତ୍ରୀ




ଭୁବନେଶ୍ୱର, ୨୩।୮ (ସଂଚାର ବ୍ୟୁରୋ): ରାଜ୍ୟର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଓ ଲୋକାଭିମୁଖୀ କରିବା ପାଇଁ ଫାର୍ମାସି ସେବାର ଗୁରୁତ୍ୱକୁ ରାଜ୍ୟ ସରକାର ସର୍ବଦା ପ୍ରାଥମିକତା ଦେଇଆସିଛନ୍ତି। ଏହି କ୍ରମରେ ଦୀର୍ଘ ୩୯ ବର୍ଷର ଦାବିକୁ ସମ୍ମାନ ଜଣାଇ ଫାର୍ମାସି କ୍ୟାଡରର ପୁନର୍ଗଠନ ସହ ଫାର୍ମାସିଷ୍ଟମାନଙ୍କ ପାଇଁ ଜବ୍ ଚାର୍ଟ ପ୍ରସ୍ତୁତ କରାଯାଇଛି ବୋଲି ଓଡ଼ିଶା ଫାର୍ମାସି ଅଧିକାରୀ ସେବା ସଂଘ ପକ୍ଷରୁ ରମାଦେବୀ ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ସାଧାରଣ ପରିଷଦ ବୈଠକ ତଥା ଏକଦିବସୀୟ ବାର୍ଷିକ ରାଜ୍ୟ ସମ୍ମିଳନୀରେ ଯୋଗଦେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ଏହା କହିଛନ୍ତି।

କହିଥିଲେ, ଫାର୍ମାସି କ୍ୟାଡରର ପୁନର୍ଗଠନ ଦୀର୍ଘ ୩୯ ବର୍ଷର ଦାବି ଥିଲା। ଏହି ଦାବିକୁ ସମ୍ମାନ ଜଣାଇ ଆମ ସରକାର ଫାର୍ମାସି କ୍ୟାଡରର ପୁନର୍ଗଠନ କରିଛନ୍ତି। ଏଥିସହ ଫାର୍ମାସିଷ୍ଟମାନଙ୍କ କାର୍ଯ୍ୟ ଓ ଦାୟିତ୍ୱକୁ ସ୍ପଷ୍ଟ କରିବା ପାଇଁ ଜବ୍ ଚାର୍ଟ ପ୍ରସ୍ତୁତ କରାଯାଇଛି। ଏହା ଫାର୍ମାସିଷ୍ଟ ସମୁଦାୟ ପାଇଁ ଏକ ଐତିହାସିକ ପଦକ୍ଷେପ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ସ୍ୱାସ୍ଥ୍ୟ କ୍ଷେତ୍ରରେ ମାନବସମ୍ବଳକୁ ସୁଦୃଢ଼ କରିବା ସହ ପ୍ରତ୍ୟେକ ବର୍ଗର ସ୍ୱାସ୍ଥ୍ୟକର୍ମୀଙ୍କ ଦାୟିତ୍ୱ ଓ ଅଧିକାରକୁ ଗୁରୁତ୍ୱ ଦେଇଆସୁଛନ୍ତି। ରାଜ୍ୟରେ ଔଷଧ ସେବାକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ୧୧୦୮ ନୂତନ ଫାର୍ମାସି ଅଧିକାରୀ ପଦବୀ ନିଯୁକ୍ତି ପାଇଁ ଅନୁମୋଦନ ହୋଇସାରିଛି। ଏହି ପଦବୀଗୁଡ଼ିକୁ ଯଥାଶୀଘ୍ର ପୂରଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

୨୦,୧୦୦ ଫୁଟ ଉଚ୍ଚରେ ତ୍ରିରଙ୍ଗା

# ମାଉଣ୍ଟ ୟୁନାମ ଚଢ଼ି ଇତିହାସ ରଚିଲେ ୧୧ ଓଡ଼ିଆ ଯୁବତୀ

ଭୁବନେଶ୍ୱର,୨୩।୮(ସଂଚାର ବ୍ୟୁରୋ): ଓଡ଼ିଶାର ଯୁବ ମାଉଣ୍ଟେନିୟରମାନେ ଦୁଃସାହସିକ ପର୍ବତାରୋହଣରେ ନୂଆ ଅଧ୍ୟାୟ ଯୋଡ଼ିଛନ୍ତି। ୧୧ ଜଣ ଯୁବତୀଙ୍କ ଏକ ଦଳ ମାଉଣ୍ଟ ୟୁନାମ ଅଭିଯାନରେ ସାମିଲ ହୋଇଥିବା ବେଳେ ୫ ଜଣ ସଫଳତାର ସହ ୨୦,୧୦୦ ଫୁଟ ଉଚ୍ଚତାରେ ପହଞ୍ଚି ତ୍ରିରଙ୍ଗା ଉଡ଼ାଇଛନ୍ତି। 'ଆଶା' ଓ 'ସଙ୍କେତ'ର ମିଳିତ ପଦକ୍ଷେପରେ ଏହି ପର୍ବତାରୋହଣ ଅଭିଯାନ ଆୟୋଜିତ ହୋଇଥିଲା। ଓଡ଼ିଶାର ଯୁବପିଢ଼ିଙ୍କ ସାହସ, ଦୃଢ଼ ମନୋବଳ ଓ ଦୁଃସାହସିକ କ୍ରୀଡ଼ା ପ୍ରତି ଆଗ୍ରହକୁ ପ୍ରୋତ୍ସାହିତ କରିବା ଥିଲା ଏହାର ମୁଖ୍ୟ ଉଦ୍ଦେଶ୍ୟ। ଅଭିଯାନ ଆରମ୍ଭ କରିଥିବା ୧୧ ଜଣଙ୍କ ମଧ୍ୟରୁ ପାଣିପାଗ ଖରାପ ଓ ପର୍ବତର କଠିନ ପରିସ୍ଥିତି ଯୋଗୁଁ କେବଳ ୫ ଜଣ ଶିଖରରେ ପହଞ୍ଚି ପାରିଥିଲେ। ଗତ ସ୍ୱାଧୀନତା ଦିବସରେ ୨୦,୧୦୦ ଫୁଟ ଉଚ୍ଚରେ ତ୍ରିରଙ୍ଗା ଉଡ଼ାଇ ସେମାନେ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ପାଇଁ ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ମାଉଣ୍ଟେନିୟରମାନଙ୍କୁ ନିଜ ସରକାରୀ ବାସଭବନରେ ସମ୍ବର୍ଦ୍ଧିତ କରିଛନ୍ତି। ସେ ଯୁବତୀମାନଙ୍କ ସାହସ, ଦୃଢ଼ତା ଓ ଅଦମ୍ୟ ମନୋବଳକୁ ପ୍ରଶଂସା କରିବା ସହ ଭବିଷ୍ୟତ ଅଭିଯାନ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।




ଏବେ ଏହି ଦଳର ଆଗାମୀ ଲକ୍ଷ୍ୟ ଆହୁରି ବଡ଼। ଓଡ଼ିଶାର ଦୁଇ ଜଣ ଯୁବ ମାଉଣ୍ଟେନିୟରଙ୍କୁ ମାଉଣ୍ଟ ଏଭରେଷ୍ଟ ଅଭିଯାନରେ ସାମିଲ କରିବାକୁ ଯୋଜନା ରହିଛି। ମାଉଣ୍ଟ ୟୁନାମରେ ୨୦,୧୦୦ ଫୁଟ ଉପରେ ତ୍ରିରଙ୍ଗା ଉଡ଼ାଇ ଏହି ଯୁବତୀମାନେ ପ୍ରମାଣିତ କରିଦେଇଛନ୍ତି ଯେ ସାହସ ଓ ଦୃଢ଼ ଇଚ୍ଛାଶକ୍ତି ଥିଲେ ଚ୍ୟାଲେଞ୍ଜ କେତେ ବଡ଼ ହେଲେ ବି ତାହାକୁ ଜିତିହେବ।

## ୪ର୍ଥ ଦିନରେ ପହଞ୍ଚିଲା ମନୱର ଅଲ୍ଲୀଙ୍କ ଅନଶନ

ଭୁବନେଶ୍ୱର, ୨୩।୮(ସଂଚାର ବ୍ୟୁରୋ): ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିକରି ନବନିର୍ମାଣ ଯୁବଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ଏମ.ଡ଼ି ମନୱର ଅଲ୍ଲୀ ଚଳାଇଥିବା ଅନଶନ ରବିବାର ୪ର୍ଥ ଦିନରେ ପହଞ୍ଚିଛି। ଅନଶନକୁ ସମର୍ଥନ ଜଣାଇ ଓଡ଼ିଶାର ବହୁ ସାମାଜିକ ଓ ରାଜନୈତିକ କର୍ମୀ ଆନ୍ଦୋଳନରେ ସାମିଲ ହେଉଥିବା ବେଳେ ଆଜି ମଧ୍ୟ ବିଭିନ୍ନ ଜିଲ୍ଲାରୁ ଆସି ଅନଶନରେ ସାମିଲ ହୋଇଛନ୍ତି। ଭୁବନେଶ୍ୱର ବିଜେଡି ଲୋକସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ଆଜି ଅନଶନ ସ୍ଥଳକୁ ଆସି ନବନିର୍ମାଣ କୃଷକ



ସଂଗଠନର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଶ୍ରୀ ଅଲ୍ଲୀ ଓ ଅନ୍ୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ନୈତିକ ସମର୍ଥନ ଜଣାଇଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସଭାପତି ତପନ ମିଶ୍ର ଅନଶନ ସ୍ଥଳରେ ପହଞ୍ଚି ବୈପ୍ଳବିକ ସଙ୍ଗୀତ ଗାନ କରି ଆନ୍ଦୋଳନକାରୀଙ୍କୁ ଉତ୍ସାହିତ କରିଥିଲେ। ସିପିଆଇଏମ(ଏଲ)ର ରାଜ୍ୟ ସଂପାଦକ ମହେନ୍ଦ୍ର ପରିଡ଼ା, ସ୍ତମ୍ଭକାର ସତୀଶ ମିଶ୍ର, ଭିଟାମାଟି ବଞ୍ଚାଅର ସଭାପତି ଅରୁଣ ଜେନା ଓ ନବନିର୍ମାଣ କୃଷକ ସଂଗଠନର ଉପଦେଷ୍ଟା ଡା. କୁଳମଣି ଅନଶନ ସ୍ଥଳରେ ପହଞ୍ଚି ମନୱରଙ୍କୁ ସମର୍ଥନ ଜଣାଇଛନ୍ତି।

■ ବଡ଼ ଧରଣର ଡକାୟତି

## ସୁନା ବ୍ୟବସାୟୀଙ୍କ ଘରୁ କୋଟିଏ ଟଙ୍କାର ଗହଣା ଲୁଟ୍

କଣ୍ଟାବାଞ୍ଜି,୨୩।୮(ସଂଚାର ବ୍ୟୁରୋ): ସୁନା ବ୍ୟବସାୟୀଙ୍କ ଘରୁ ଲୁଟ୍। ଘରେ ପଶି ଲୁଟିନେଲେ ଦୁର୍ବୃତ୍ତ। ବଲାଙ୍ଗିର ଜିଲ୍ଲା ସିନ୍ଧେକେଲା ଅଞ୍ଚଳରେ ଏହି ବଡ଼ ଧରଣର ଡକାୟତି ଘଟଣା ଘଟିଛି। ଥାନାରୁ ମାତ୍ର ୧୦୦ ମିଟର ଦୂରରେ ଥିବା ମୁଖ୍ୟ ଛକରେ ସୁନା ବ୍ୟବସାୟୀ ଫୁଲଚନ୍ଦଙ୍କ ଘର ହୋଇଥିବା ବେଳେ ଗତକାଲି ରାତିରେ ଦୁର୍ବୃତ୍ତମାନେ ଘରେ ପଶି ମାରଣାସ୍ତ୍ର ଦେଖାଇ ପରିବାର ସଦସ୍ୟଙ୍କୁ ଭୟଭୀତ କରିବା ସହ ପ୍ରାୟ କୋଟିଏ ଟଙ୍କାର ସୁନାଗହଣା ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନାନୁସାରେ, ଘଟଣା ସମୟରେ ଘରେ ଫୁଲଚନ୍ଦଙ୍କ ବୃଦ୍ଧ ବାପା, ମା' ଓ ଭଉଣୀ ଉପସ୍ଥିତ ଥିଲେ। ପୁଅ ଓ ବୋହୂ ଘରେ ନ ଥିବା ସୁଯୋଗ ନେଇ ବୋଲେରୋରେ ୬ ଜଣ ଡକାୟତ ମାରଣାସ୍ତ୍ର ଧରି ସେଠାରେ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ଘରେ ପଶିଥିବା ବେଳେ ଅନ୍ୟ ଦୁଇ ଜଣ ବାହାରେ ଜଗି ରହିଥିଲେ। ମାରଣାସ୍ତ୍ର ଦେଖାଇ ସେମାନେ ପରିବାର ଲୋକଙ୍କୁ ଭୟଭୀତ କରିବା ସହ ଏକପ୍ରକାର ବନ୍ଧକ ରଖି ଘରେ ଥିବା ସୁନାଗହଣା ନେଇ ଫେରାର ହୋଇଯାଇଥିଲେ। ପରେ ପ୍ରମାଣ ନଷ୍ଟ କରିବା ସକାଶେ ସେମାନେ ସିସିଟିଭି ହାର୍ଡଡିସ୍କ ମଧ୍ୟ ନେଇଯାଇଛନ୍ତି।

## ନାବାଳିକାଙ୍କୁ ଦୁଷ୍କର୍ମ: ଯୁବକ ଗିରଫ

■ ପୁତ୍ର ସନ୍ତାନ ଜନ୍ମ ପରେ ସାମ୍ନାକୁ ଆସିଲା ଘଟଣା



ବଞ୍ଜୋ,୨୩।୮(ସଂଚାର ବ୍ୟୁରୋ): ଜନୈକା ନାବାଳିକାଙ୍କୁ ଦୁଷ୍କର୍ମ କରିବା ସହ ଗର୍ଭବତୀ କରିଥିବା ଅଭିଯୋଗରେ ରାମଚନ୍ଦ୍ରପୁର ପୁଲିସ ଆଜି ଜଣେ ଯୁବକକୁ ଗିରଫ କରିଛି। ଏଥିସହ ଏହି ମାମଲାରେ ଉକ୍ତ ଅଭିଯୁକ୍ତକୁ ପୁଲିସ୍ ପୋକ୍ସୋ କୋର୍ଟକୁ ପଠାଇଛି। ଏନେଇ ରାମଚନ୍ଦ୍ରପୁର ଥାନାରେ କେସ୍ ନଂ ୨୧୨(୩୦.୦୬.୨୦୨୬)ରେ ଭାରତୀୟ ନ୍ୟାୟ ସଂହିତାର ଧାରା ୬୪(୨)(ଏମ) ସହ ପୋକ୍ସୋ ଆଇନର ଧାରା ୬ ଅନୁଯାୟୀ ମାମଲା ରୁଜୁ ହୋଇଛି।ପୁଲିସଠାରୁ ମିଳିଥିବା ସୂଚନାନୁସାରେ, ନାବାଳିକା ଜଣଙ୍କ ଯାଜପୁର ରୋଡ୍ ଅଞ୍ଚଳର ଏକ ସ୍ୱାସ୍ଥ୍ୟ କେନ୍ଦ୍ରରେ ପୁତ୍ର ସନ୍ତାନକୁ ଜନ୍ମ ଦେବା ପରେ ଏହି ଦୁଷ୍କର୍ମ ଘଟଣା ସାମ୍ନାକୁ ଆସିଛି। ପ୍ରଥମେ ନାବାଳିକାଙ୍କ ବାପା ଯାଜପୁର ରୋଡ୍ ଥାନାରେ ଅଭିଯୋଗ କରିଥିଲେ। ସେଠାରେ ଜିରୋ ଏଫ୍ଆଇଆର୍ ରୁଜୁ କରାଯାଇ ପରେ ମାମଲାଟି ରାମଚନ୍ଦ୍ରପୁର ଥାନାକୁ ହସ୍ତାନ୍ତର କରାଯାଇଥିଲା। ତଦନ୍ତ ସମୟରେ ନାବାଳିକାଙ୍କୁ ତାଙ୍କ ସମ୍ପର୍କୀୟ ଭାଇ ଡାବର ଓ ଅନ୍ୟ ଜଣେ ନାବାଳକ ଗତ ୨୦୨୫ ଅକ୍ଟୋବରରେ ଦୁଷ୍କର୍ମ କରିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଥିଲା। ତେବେ ଅଭିଯୁକ୍ତର ଧମକ ଯୋଗୁଁ ନାବାଳିକା ଜଣଙ୍କ ଦୀର୍ଘ ସମୟ ଧରି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ କିଛି ବି ଜଣାଇ ନ ଥିଲେ। ଘଟଣାର ତଦନ୍ତକୁ ଆଗକୁ ବଢ଼ାଇ ରାମଚନ୍ଦ୍ରପୁର ପୁଲିସ ଡାବର ଓରଫ ଦୁର୍ଗା ସୋରେନ୍‌କୁ ଗିରଫ କରିଛି। ତାକୁ ପକ୍ସୋ କୋର୍ଟକୁ ଚାଲାଣ କରାଯାଇଥିବା ବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ଉଦ୍ୟମ ଜାରି ରହିଛି।

କମ୍ପିଟେଟିଭି ଛାତ୍ରଙ୍କ ହାଇପ୍ରୋଫାଇଲ ଚୋରି

## ଚୋରି ପାଇଁ ଭଡ଼ାରେ ନେଉଥିଲେ ସେଲ୍ଫ ଡ୍ରାଇଭ କାର୍

ଭୁବନେଶ୍ୱର,୨୩।୮(ସଂଚାର ବ୍ୟୁରୋ): ଚନ୍ଦକା ଥାନା ଅଞ୍ଚଳରେ ହୋଇଥିବା କାର୍ ଲୁଟ୍ ଘଟଣାର ପର୍ଦ୍ଦାଫାସ କରିଛି ଚନ୍ଦକା ପୁଲିସ। ମାମଲାର ମାଷ୍ଟରମାଇଣ୍ଡ ମନଦୀପ ଚୌଧୁରୀଙ୍କୁ ପୁଲିସ ଗିରଫ କରିଛି। ଧଳା ସ୍ୱିଫ୍ଟ ଡିଜାୟାର କାର୍ ଚୋରି ପାଇଁ ମନଦୀପ ବ୍ୟବହାର କରିଥିଲେ ନୀଳ ରଙ୍ଗର କାର୍।




ସିସିଟିଭିରୁ ଧରାପଡ଼ିଲା ଲୁଟ୍‌ର ଦୃଶ୍ୟ

ପୁଲିସକୁ ଭୁଆଁ ବୁଲାଇବାକୁ ନମ୍ବର ଟାମ୍ପରିଂ କରାଯାଇଥିଲା। ତେବେ ସିସିଟିଭିରେ କାର୍ ଲୁଟ୍ ସମୟର ସମସ୍ତ ଦୃଶ୍ୟ କଏଦ ହୋଇଥିଲା। କାର୍ ଲୁଟ୍ ପାଇଁ ସେଲ୍ଫ ଡ୍ରାଇଭରୁ କାର୍ ଭଡ଼ାରେ ଆଣିଥିଲେ ମନଦୀପ। ବିଳମ୍ବିତ ରାତିରେ ରଶି ଯୋଗେ ଧଳା କାରକୁ ନୀଳ ରଙ୍ଗର କାର ସହାୟତାରେ ଜଙ୍ଗଲକୁ ଟାଣି ନେଇଥିଲେ। ଇଗ୍ନିସନ ଲକ୍ ନ ଭାଙ୍ଗିବାରୁ ଧରାପଡ଼ିଯିବା ଭୟରେ ସେ କାରକୁ ଜଙ୍ଗଲରେ ଛାଡ଼ି ପଳାଇଥିଲେ। ତେବେ ପୁଲିସ ଜଙ୍ଗଲରେ ପହଞ୍ଚି କାର୍ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ଚୋରି ଘଟଣାର ମାତ୍ର ୧୦ ଦିନ ଭିତରେ ଏହି ପେସାଦାର ଲୁଟେରାଙ୍କୁ କାବୁ କରିବାରେ ସଫଳ ହୋଇଛି ଚନ୍ଦକା ଥାନା ପୁଲିସ। ଗତ ୧୨ ରାତିରେ ଚନ୍ଦକା ଶ୍ୱଶୁର ଘରକୁ ଆସିଥିଲେ ଅନ୍ଧାରୁଆ ଗାଁର ସୁଦର୍ଶନ ନାୟକ। ଶ୍ୱଶୁର ଘର ସାମ୍ନାରେ ତାଙ୍କ କାର୍ ପାର୍କ କରିଥିଲେ। ହେଲେ ସକାଳୁ ଉଠିବା ବେଳକୁ ସେଠାରେ କାର୍ ନ ଥିବା ସେ ଦେଖିବାକୁ ପାଇଥିଲେ। ଅଭିଯୋଗ ପରେ ପୁଲିସ ତନାଘନା ଚଳାଇଥିଲା। ସିସିଟିଭିରେ ନମ୍ବର ଟାମ୍ପରିଂ ହୋଇଥିବା ନୀଳ ରଙ୍ଗର କାର୍‌କୁ ଖୋଜି ଖୋଜି ସେଲ୍ଫ ଡ୍ରାଇଭ ପଏଣ୍ଟ ଓ ପରେ କାର୍‌ର ପ୍ରକୃତ ମାଲିକ ପାଖରେ ପୁଲିସ ପହଞ୍ଚିଥିଲା। ଆଉ ସେଠାରୁ ଠିକଣା ନେଇ ଅନୁଗୋଳରୁ ଅଭିଯୁକ୍ତ ସନ୍ଦୀପଙ୍କୁ ଗିରଫ କରିଥିଲା। ମନଦୀପ କମ୍ପିଟେଟିଭ ପାଇଁ ପ୍ରସ୍ତୁତ କରୁଥିବା ବେଳେ ପେସାରେ ହାଇପ୍ରୋଫାଇଲ ଚୋର।

ଏମ୍‌ଏମଡିଆର ଆମେଣ୍ଡମେଣ୍ଟ ଆକ୍ଟ ପ୍ରସଙ୍ଗ

# ଓଡ଼ିଶା ସ୍ୱାର୍ଥକୁ ଜଳାଞ୍ଜଳି ଦେଲେ ବିଜେପି ସାଂସଦ: ବିଜେଡି

ଭୁବନେଶ୍ୱର,୨୩।୮ (ସଂଚାର ବ୍ୟୁରୋ): ଏମଏମଡିଆର ଆମେଣ୍ଡମେଣ୍ଟ ଆକ୍ଟ ସଂସଦରେ ପାରିତ ହେବା ଦ୍ୱାରା ଓଡ଼ିଶାର ବ୍ୟାପକ କ୍ଷତି ହେବ। ତେବେ ଓଡ଼ିଶାରୁ ନିର୍ବାଚିତ ହୋଇଥିବା ବିଜେପି ସାଂସଦମାନେ ଏ ବାବଦରେ ସଂସଦରେ ମୁହଁ ଖୋଲିଲେ ନାହିଁ। ଏନେଇ ବିଜୁ ଜନତା ଦଳ ପକ୍ଷରୁ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ଘଡେଇ ଓ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି। ଶ୍ରୀ ଘଡ଼େଇ କହିଛନ୍ତି ଯେ, ଉକ୍ତ ଆକ୍ଟକୁ ବିଜେପି ସରକାର ବିନା ଆଲୋଚନାରେ ସଂସଦରେ ପାରିତ କରାଇଛନ୍ତି। ଏହା ଦ୍ୱାରା ଓଡ଼ିଶା ବ୍ୟାପକ କ୍ଷତି ସହିବ। ରାଜ୍ୟର ଖଣିଗୁଡିକର ରାଜସ୍ୱ କେନ୍ଦ୍ର ସରକାରଙ୍କ ଅଧୀନକୁ ଚାଲିଯିବ। କିନ୍ତୁ ଏ ବାବଦରେ




ବିଜେପି ସାଂସଦ ମାନେ ସଂସଦରେ ମୁହଁ ଖୋଲିଲେ ନାହିଁ। ଓଡ଼ିଶା ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ସଂସଦରେ ଚୁପ୍ ରହିଲେ। ଏହାକୁ ଓଡ଼ିଶା ବାସୀ କେବେ ଭୁଲି ପାରିବେ ନାହିଁ। ୨୦୨୪ ମସିହା ଜୁଲାଇ ମାସରେ ସର୍ବୋଚ୍ଚ ନ୍ୟାୟାଳୟ ଖଣି ଓ ଖଣିର ଜମି ଉପରେ ରାଜ୍ୟମାନଙ୍କର ଅଧିକାର ରହିଥବବା ଓ ରାଜ୍ୟମାନେ ଏହା ଉପରେ

### ରାଜ୍ୟ ସ୍ୱାର୍ଥ ପାଇଁ ଆନ୍ଦୋଳନ ଚେତାବନୀ

ଲେଭି ଓ ଟ୍ୟାକ୍ସ ଲଗାଇ ପାରିବେ ବୋଲି ମତ ଦେଇଥିଲେ। କିନ୍ତୁ ଏମଏମଡିଆର ଆମେଣ୍ଡମେଣ୍ଟ ଆକ୍ଟ ଜରିଆରେ ଓଡ଼ିଶାର ନ୍ୟାର୍ଯ୍ୟ ପ୍ରାପ୍ୟକୁ କେନ୍ଦ୍ର ସରକାର ହଡ଼ପ କରିଦେଲେ। ଆଗାମୀ ଦିନରେ ଏହାକୁ ବିରୋଧ କରି ବିଜେଡି ପକ୍ଷରୁ ଦୃଢ଼ ପ୍ରତିବାଦ କରାଯିବ। ସେହିପରି ଶ୍ରୀ ରାୟ କହିଛନ୍ତି, ଏମଏମଡିଆର ଆମେଣ୍ଡମେଣ୍ଟ ଆକ୍ଟ ଜରିଆରେ ରତ୍ନଗର୍ଭା ଓଡ଼ିଶା ଖଣିଜ ସମ୍ପଦର ଲୁଟିବା ପାଇଁ ବିଜେପି ପକ୍ଷରୁ ଏକ ଷଡ଼ଯନ୍ତ୍ର କରାଯାଇଛି।

ଏମ୍‌ଏମ୍‌ଡିଆର୍ ବିଲ୍ ପ୍ରସଙ୍ଗ

## ବିଜେପି ସାଂସଦଙ୍କ ବାସଭବନ ଘେରିବ କଂଗ୍ରେସ

ଭୁବନେଶ୍ୱର,୨୩।୮(ସଂଚାର ବ୍ୟୁରୋ): ଗତକାଲି କଂଗ୍ରେସ ବିଧାୟକ ଦଳ ରାଜ୍ୟ ସ୍ୱାର୍ଥ ପରିପନ୍ଥୀ ଏମଏମଡିଆର ବିଲ ପାଇଁ ସରକାର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବା ଦାବିରେ ରାଜ୍ୟପାଳ ଓ ବାଚସ୍ପତିଙ୍କୁ ଭେଟିଥିଲେ। କିନ୍ତୁ ଆଜି ରାଜ୍ୟ ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କଂଗ୍ରେସର ସ୍ୱତନ୍ତ୍ର ଅଧିବେଶନ ଦାବିକୁ ଆଗ୍ରହ୍ୟ କରିଦେଇଛନ୍ତି। ତେଣୁ ଏହାକୁ ନେଇ କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ କଂଗ୍ରେସ



ଭବନଠାରେ ଆୟୋଜିତ ହୋଇଥିବା ବେଳେ ଏଥିରେ ପୂର୍ବତନ ବିଧାୟକ ତଥା ଓପିସିସି ଉପସଭାପତି (ସଂଗଠନ) ସନ୍ତୋଷ ସିଂ ସାଲୁଜା ଓ ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ମୁଖ୍ୟ ସଚେତନ ରାଜନ ଏକ୍କା ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କୁ ସମାଲୋଚନା କରିଛନ୍ତି। ଏଥିରେ ଏହି ବିବାଦୀୟ ବିଲ୍ ବିରୋଧରେ ଆଗାମୀ ଦିନରେ ଦଳ ବିଜେପି ସାଂସଦଙ୍କ ବାସଭବନ ଘେରାଉ କରିବ ବୋଲି ଚେତାବନୀ ଦେଇଛନ୍ତି। ଗଣମାଧ୍ୟମ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ସାଲୁଜା କହିଛନ୍ତି ଯେ ଏହି ବିଲ୍ ପାରିତ ହୋଇଯିବା ଫଳରେ ରାଜ୍ୟ ପାଖାପାଖି ବାର୍ଷିକ ପ୍ରାୟ ୧୦ ହଜାର କୋଟି ରାଜସ୍ୱ ହରାଇବ। ଓଡ଼ିଆ ଅସ୍ମିତା ନାମରେ ଶାସନକୁ ଆସି ଓଡ଼ିଶାର ସମସ୍ତ ଧନସମ୍ପତ୍ତି, ଜଳ, ଜଙ୍ଗଲ, ଜମି, ଖଣି ଖାଦାନ ଇତ୍ୟାଦି କେନ୍ଦ୍ର ସରକାର ହାତରେ ରାଜ୍ୟ ସରକାର ଟେକି ଦେଉଛନ୍ତି। ତେଣୁ ଏହି ବିଲ୍‌କୁ ବିରୋଧ କରି ଓପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ରାଜଧାନୀରୁ ପଞ୍ଚାୟତ ପର୍ଯ୍ୟନ୍ତ ଧାରଣା ଓ ପ୍ରଦର୍ଶନ କରିତ ହେବ ବୋଲି ଶ୍ରୀ ସାଲୁଜା କହିଛନ୍ତି।

## ପାରିବାରିକ କଳହ, ବିଷ ପିଇ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

ଭୁବନେଶ୍ୱର, ୨୩।୮ (ସଂଚାର ବ୍ୟୁରୋ): ପାରିବାରିକ କଳହକୁ କେନ୍ଦ୍ର କରି ଦମ୍ପତି ବିଷ ପିଇଦେଇଥିବା ବେଳେ ପତ୍ନୀ ଜଣଙ୍କ ମୃତ୍ୟୁବରଣ କରିଛନ୍ତି। ସେହିପରି ସ୍ୱାମୀ ଗୁରୁତର ହୋଇ ହସ୍ପିଟାଲ୍‌ରେ ଚିକିତ୍ସାଧୀନ ଅଛନ୍ତି।




ଭୁବନେଶ୍ୱରର ଖଣ୍ଡଗିରି ଥାନା ଅନ୍ତର୍ଗତ ବାରଭୁଜା ବସ୍ତିରେ ଏପରି ଅଭାବନୀୟ ଘଟଣା ଘଟିଛି। ମୃତକ ଜଣଙ୍କ ହେଲେ ଗଞ୍ଜାମ କେନ୍ଦୁପଲ୍ଲୀ ଅଞ୍ଚଳର ସ୍ୱପ୍ନା ପାତ୍ର। ତାଙ୍କ ସ୍ୱାମୀ ଜିତେନ୍ଦ୍ର ପାତ୍ର ଗୁରୁତର ଅବସ୍ଥାରେ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଛନ୍ତି। ଜିତେନ୍ଦ୍ର ମଦ୍ୟପାନ କରୁଥିବାରୁ ଏହାକୁ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଅଧିକାଂଶ ସମୟରେ କଳହ ଲାଗି ରହୁଥିଲା। ଗତକାଲି ଉଭୟ ବିଷ ପିଇଦେଇଥିଲେ। ଉଭୟଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସ୍ତ୍ରୀ ସ୍ୱପ୍ନାଙ୍କର ମୃତ୍ୟୁ ହୋଇଯାଇଛି। ମିଳିଥିବା ସୂଚନାନୁସାରେ, ଜିତେନ୍ଦ୍ର ଓ ସ୍ୱପ୍ନାଙ୍କ ବିବାହକୁ ପ୍ରାୟ ୬ ବର୍ଷ ହୋଇଥିଲା। ବିବାହର କିଛି ବର୍ଷ ପର୍ଯ୍ୟନ୍ତ ସବୁକିଛି ଠିକ୍‌ଠାକ୍ ଚାଲିଥିଲେ ହେଁ ପରବର୍ତ୍ତୀ ସମୟରେ ଦାମ୍ପତ୍ୟ ଜୀବନରେ ବିବାଦ ଦେଖାଦେଇଥିଲା। ସ୍ୱାମୀ ମଦ୍ୟପାନ କରୁଥିବାରୁ ଉଭୟଙ୍କ ମଧ୍ୟରେ ବାରମ୍ବାର କଳହ ହେଉଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏହି ମାମଲାରେ ଖଣ୍ଡଗିରି ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ମହାନଦୀବିହାର ମହିଳା ସମିତିର ବାର୍ଷିକୋତ୍ସବ



କଟକ, ୨୨।୮(ସଂଚାର ବ୍ୟୁରୋ): ମହାନଦୀବିହାର ମହିଳା ସମିତି ପକ୍ଷରୁ ୩୭ତମ ବାର୍ଷିକୋତ୍ସବ ମହାନଦୀବିହାରସ୍ଥିତ ମହାନଦୀଭବନରେ ଅନୁଷ୍ଠିତ ହୋଇଯାଇଛି। ମହିଳା ସମିତିର ସଭାନେତ୍ରୀ ନମିତା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ଉଦଘାଟକ ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ଅତିଥି ସାଇକୋଲଜିଷ୍ଟ ସ୍ମିତା ମହାନ୍ତି, ମୁଖ୍ୟବକ୍ତା ସାହିତ୍ୟିକ ପ୍ରଜ୍ଞାପାରମିତା ଆଚାର୍ଯ୍ୟ ଦ୍ୱିବେଦୀ ଓ ସମ୍ମାନିତ ଅତିଥି ଭାବେ ଏମଡିଏ ସଭାପତି ସଞ୍ଜୟ ଜେନା ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦିକା ମଧୁସ୍ମିତା ଷଡ଼ଙ୍ଗୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମହିଳା ସମିତିର ପୂର୍ବତନ ସଭାପତି ଶାନ୍ତ୍ୱନା ମିଶ୍ରଙ୍କୁ ମରଣୋତ୍ତର ସମ୍ମାନ ଓ ବର୍ତ୍ତମାନର ସଭ୍ୟା ନିବେଦିତା ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ ସଙ୍ଗୀତଗୁରୁ ଅଭିରାମ ଖୁଣ୍ଟିଆ, ନୃତ୍ୟଗୁରୁ କାହ୍ନୁଚରଣ ସେଠୀ ଓ ଓଡିଶୀ ନୃତ୍ୟଗୁରୁ କବିତା ଚାନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଞ୍ଜିତା ପ୍ରତିହାରୀ ମଞ୍ଚ ପରିଚାଳନା କରିଥିବା ବେଳେ ଉପସଭାନେତ୍ରୀ ରୀନା ରାଣୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଛେନା, ପନୀର ଚଢ଼ାଉ: ସଙ୍କଟରେ ୫ ହଜାର ବିକ୍ରେତା

ଭୁବନେଶ୍ୱର,୨୩।୮: ଅପମିଶ୍ରିତ ଛେନା ଓ ପନୀର ଉପରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଚଢ଼ଉ ଏବେ କଟକ ଓ ଭୁବନେଶ୍ୱରର ପ୍ରାୟ ୫ ହଜାର ଛେନା ବ୍ୟବସାୟୀଙ୍କ ବେପାର ବୁଡାଇଲାଣି। ଛେନା ପ୍ରସ୍ତୁତି ସ୍ଥଳରେ ଏହା ଅପମିଶ୍ରଣ ହେଉଥିବାବେଳେ ସହରର ଛୋଟ ଛୋଟ ବ୍ୟବସାୟୀମାନେ କିନ୍ତୁ ଜୀବିକା ହରାଇବାରେ ଲାଗିଛନ୍ତି। ଦୁଇ ମହାନଗରୀରେ ଏବେ ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଛେନା ଓ ପନୀର ଦୋକାନ ଉପରେ ଚଢ଼ଉ କରୁଛନ୍ତି। ପ୍ରଥମେ କଟକ ଓ ପରେ ଭୁବନେଶ୍ୱରରେ ଏହି ଚଢାଉରୁ କୁଇଣ୍ଟାଲ କୁଇଣ୍ଟାଲ ଅପମିଶ୍ରିତ ଛେନା ନଷ୍ଟ କରାଯାଉଛି। ଏଭଳି ଚଢାଉ ପରେ ଏବେ ଦୁଇ ସହରରେ ଥିବା ହଜାର ହଜାର ଛେନା ବ୍ୟବସାୟୀଙ୍କ ଦୋକାନ ବନ୍ଦ ହୋଇଗଲାଣି। ସେମାନେ ଆଉ ଭୟରେ ଛେନା ଆଣୁନାହାନ୍ତି କି ଯେଉଁମାନେ ଛେନା ଆଣୁଛନ୍ତି, ସେମାନଙ୍କଠାରୁ ଲୋକେ ଛେନା କିଣୁନାହାନ୍ତି। ତେବେ ଛେନାର ଏଭଳି ଅପମିଶ୍ରଣର ପ୍ରମୁଖ କାରଣ କମ୍ ଦାମ୍‌ରେ ଛେନା ବିକ୍ରି ବୋଲି ଦୁଗ୍ଧଚାଷୀ ମହାସଂଘର ସଭାପତି ରବି ବେହେରା କହିଛନ୍ତି। ଶ୍ରୀ ବେହେରା କହିଛନ୍ତି ଯେ କେବଳ କଟକ ଓ ଭୁବନେଶ୍ୱରରେ ଦୈନିକ ୮୦ ରୁ ୯୦ କୁଇଣ୍ଟାଲ ପନୀର ଓ ଛେନା ବିକ୍ରି ହେଉଛି। ହେଲେ ନିମାପଡ଼ା, କଣ୍ଟାପଡ଼ା, ନିଆଳି, ପିପିଲି ଆଦି ଅଞ୍ଚଳରୁ ଉତ୍ପାଦିତ ଦୁଗ୍ଧରୁ ଏତେ ପରିମାଣର ପନୀର ପ୍ରସ୍ତୁତ କରିବା ସମ୍ଭବପର ହେଉନାହିଁ। କାରଣ ସେହିସବୁ ଅଞ୍ଚଳର ବହୁ ଚାଷୀ ଉତ୍ପାଦିତ କ୍ଷୀରକୁ ଓମଫେଡ୍ ସହିତ ଅନ୍ୟାନ୍ୟ ସଂସ୍ଥାକୁ ବିକ୍ରି କରୁଛନ୍ତି। ତେଣୁ କିଛି ବ୍ୟବସାୟୀ ବଜାର ଚାହିଦାର ସୁଯୋଗ ନେଇ ଅପମିଶ୍ରିତ ଛେନା ବଜାରକୁ ଛାଡୁଛନ୍ତି। ସେହିଭଳି ଓମଫେଡ୍ ସହ ଅନ୍ୟାନ୍ୟ ଦୁଗ୍ଧ ସାମଗ୍ରୀ ପ୍ରସ୍ତୁତ କରୁଥିବା କମ୍ପାନୀଗୁଡିକ ପନୀର କିଲୋ ପିଛା ପ୍ରାୟ ୪୦୦ ଟଙ୍କାରେ ବିକ୍ରି କରୁଥିବାବେଳେ ଖୋଲା ବଜାରରେ କିନ୍ତୁ ଏହା ୨୪୦ରୁ ୨୬୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି। ତେଣୁ ଅପମିଶ୍ରଣ ଏହା ଅନ୍ୟତମ କାରଣ ବୋଲି ଶ୍ରୀ ବେହେରା କହିଛନ୍ତି। କାରଣ ଦୁଗ୍ଧଚାଷୀମାନେ ଘର ନିକଟରେ ଏବେ କ୍ଷୀର ଲିଟର ୪୦ରୁ ୫୦ ଟଙ୍କାରେ ବିକ୍ରି କରୁଥିବା ବେଳେ ଏତେ ଶସ୍ତାରେ ଉନ୍ନତ ମାନର ପନୀର ପ୍ରସ୍ତୁତ ଆଦୌ ସମ୍ଭବପର ନୁହେଁ। ଲୋକେ ଶସ୍ତାରେ ପନୀର ଖରିଦ କରୁଥିବା ବେଳେ ଅପମିଶ୍ରଣକାରୀମାନେ ଏହାର ଫାଇଦା ଉଠାଇବାରେ ଲାଗିଛନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରେ ଅପମିଶ୍ରିତ ପନୀର ପ୍ରସ୍ତୁତ ହେବା ସହିତ ରାଜ୍ୟ ବାହାରୁ ମଧ୍ୟ ଓଡ଼ିଶା ବଜାରକୁ ଦୈନିକ କ୍ୱିଣ୍ଟାଲ କ୍ୱିଣ୍ଟାଲ ପନୀର ପ୍ରବେଶ କରୁଛି।



ଓଡ଼ିଶାରେ ଏବେ ରେକର୍ଡ ପରିମାଣର ଦୁଗ୍ଧ ଉତ୍ପାଦନ ହେଉଥିବାବେଳେ ତାହାକୁ ଓମଫେଡ୍ ସମେତ ଆଉ କେତେକ ଘରୋଇ କମ୍ପାନୀ ସିଧାସଳଖ ଚାଷୀଙ୍କ ଠାରୁ ଏହାକୁ ସଂଗ୍ରହ କରୁଛନ୍ତି। ଏହି କ୍ଷୀରରୁ ସେମାନେ କାରଖାନାରେ ପନୀର ସମେତ ଘିଅ, ଆଇସକ୍ରିମ୍, ଗୁଣ୍ଡଦୁଗ୍ଧ ଆଦି ପ୍ରସ୍ତୁତ କରୁଛନ୍ତି। ଖୁବ୍ କମ୍ ସଂଖ୍ୟକ ଦୁଗ୍ଧଚାଷୀ କମ୍ପାନୀକୁ କ୍ଷୀର ବିକ୍ରି ନକରି ଛେନା ଓ ପନୀର ପ୍ରସ୍ତୁତ କରୁଛନ୍ତି। ତେବେ ବଜାରକୁ ଏତେ ପରିମାଣର ଛେନା ଓ ପନୀର କେଉଁଠାରୁ ଆସୁଛି, ତା'ର ତଦନ୍ତ କରିବା ସହିତ ପ୍ରସ୍ତୁତ ହେଉଥିବା ସ୍ଥାନରେ ନିୟମିତ ଯାଞ୍ଚ କରିବାପାଇଁ ମତପ୍ରକାଶ ପାଉଛି। ସେହିଭଳି ଯେଉଁ ଦୁଗ୍ଧଚାଷୀମାନେ କ୍ଷୀରରୁ ଭଲ ମାନର ଛେନା ଓ ପନୀର ପ୍ରସ୍ତୁତ କରି ବଜାରକୁ ଛାଡୁଛନ୍ତି, ସେମାନଙ୍କ ଉତ୍ପାଦିତ ସାମଗ୍ରୀର ନିୟମିତ ଯାଞ୍ଚ ସହିତ ଏହାର ସୂଚନା ସାଧାରଣ ଲୋକଙ୍କୁ ଦେବା ପାଇଁ ଶ୍ରୀ ବେହେରା ଦାବି କରିଛନ୍ତି। (ତଥ୍ୟ)

● ସାତକୋଶିଆ ଗାଁ ବିସ୍ଥାପନର ତଦନ୍ତ ନିର୍ଦ୍ଦେଶ

## ୬ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ

ଅନୁଗୋଳ,୨୩।୮(ସଂଚାର ବ୍ୟୁରୋ): ଅନୁଗୋଳ ସାତକୋଶିଆ ଗାଁ ବିସ୍ଥାପନ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର। ସାତକୋଶିଆ ବ୍ୟାଘ୍ର ପ୍ରକଳ୍ପରୁ ଗ୍ରାମଗୁଡ଼ିକର ବିସ୍ଥାପନ ପ୍ରକ୍ରିୟାରେ ହୋଇଥିବା ଅନିୟମିତତା ଓ ଜଙ୍ଗଲ ଅଧିକାର ଉଲ୍ଲଂଘନ ଅଭିଯୋଗର ଯାଞ୍ଚ ପାଇଁ ରାଜ୍ୟ ସରକାର ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରିଛନ୍ତି। ଓଡ଼ିଶା ମାନବାଧିକାର କମିଶନଙ୍କ ସୁପାରିସ୍ ଆଧାରରେ ଏହି ପଦକ୍ଷେପ ନିଆଯାଇଛି। କମିଶନ ପ୍ରାଥମିକ ତଦନ୍ତରେ ପ୍ରକ୍ରିୟାଗତ ତ୍ରୁଟି ଓ ଥଇଥାନ ନିୟମାବଳୀର ଉଲ୍ଲଂଘନ ହୋଇଥିବା ଦର୍ଶାଇଥିଲେ।

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ଜଙ୍ଗଲ, ଆଇନ ଏବଂ ଏସଟି/ଏସସି ବିକାଶ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ଏନ୍‌ଟିସିଏର ପୂର୍ବତନ ସଦସ୍ୟ ସଚିବ ତଥା ଅବସରପ୍ରାପ୍ତ ଆଇଏଫ୍‌ଏସ୍ ଅଧିକାରୀ ଅନୁପ ନାୟକ ସ୍ୱତନ୍ତ୍ର ବିଶେଷଜ୍ଞ ଭାବେ ରହିଛନ୍ତି।




ଭୁରୁକୁଣ୍ଡି, ଅସନବାହାଲ, କଟରଙ୍ଗ, ଟୁଲୁକା, ଟିକରପଡ଼ା ଓ ଗୋପାଳପୁର ଗ୍ରାମର ବିସ୍ଥାପନ ପ୍ରକ୍ରିୟା ଏହି ତଦନ୍ତରେ ଅନ୍ତର୍ଭୁକ୍ତ ହେବ। ରାଇଗୋଡ଼ା ଗ୍ରାମକୁ ନିୟମାନୁଯାୟୀ ସଠିକ୍ ଭାବେ ସ୍ଥାନାନ୍ତର କରାଯାଇଥିବାରୁ ଏହାକୁ ତଦନ୍ତ ପରିସରରୁ ବାଦ୍ ଦିଆଯାଇଛି। ଉକ୍ତ କମିଟିକୁ ୬ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ସୋମବାର ୨୪ ଅଗଷ୍ଟ ୨୦୨୬, ଭୁବନେଶ୍ୱର

Monday 24 August 2026, Bhubaneswar

# ବିତର୍କ ପରିବର୍ତ୍ତେ ବାକ୍ୟଯୁଦ୍ଧ

ସମ୍ପ୍ରତି ଭାରତୀୟ ସାର୍ବଜନୀନ ଜୀବନରେ ଏକ ନୂତନ ବିବାଦ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଉଠିଛି। ଯୋଗଗୁରୁ ବାବା ରାମଦେବ ଓ ଅଭିନେତ୍ରୀ-ସାଂସଦ କଙ୍ଗନା ରନାଓ୍ୱତଙ୍କ ମଧ୍ୟରେ ଚାଲିଥିବା ଏହି ବାକ୍ୟଯୁଦ୍ଧ କେବଳ ଦୁଇ ବ୍ୟକ୍ତିଙ୍କ ମତଭେଦ ନୁହେଁ, ବରଂ ଆମ ସମାଜର ବିତର୍କ ସଂସ୍କୃତି, ନୈତିକତା ଓ ଯୁବପିଢ଼ି ପ୍ରତି ଦୃଷ୍ଟିଭଙ୍ଗୀକୁ ନେଇ ଗଭୀର ପ୍ରଶ୍ନ ଉଠାଇଛି। ପ୍ରଶ୍ନ ଉଠୁଛି-ଏହା ଏକ ସ୍ୱସ୍ଥ ବାକ୍ୟଯୁଦ୍ଧ କି?

ଏହି ବିବାଦର ମୂଳ କାରଣ କଙ୍ଗନାଙ୍କ ଏକ ବିବାଦୀୟ ମନ୍ତବ୍ୟ। ନିକଟ ଅତୀତରେ ନୀଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ବିବାଦକୁ ନେଇ ଜନ୍ତର ମନ୍ତରରେ ହୋଇଥିବା ଯୁବ ପ୍ରତିବାଦକୁ ଲକ୍ଷ୍ୟ କରି ସେ କିଛି ଯୁବତୀଙ୍କୁ 'ଜେନେରେସନ୍ ଗଟର' ବୋଲି ଅଭିହିତ କରିଥିଲେ। ତାଙ୍କ ମତରେ ସ୍ୱାଧୀନତା ସହିତ ଦାୟିତ୍ୱର ଅଭାବ ଓ ପାଶ୍ଚାତ୍ୟ ସଂସ୍କୃତିର ଅନ୍ଧ ଅନୁକରଣ ଯୁବପିଢ଼ିକୁ ଭ୍ରଷ୍ଟ କରୁଛି। ଏହି ମନ୍ତବ୍ୟ ବହୁତ ଆଲୋଚନା ଓ ସମାଲୋଚନାର ସୃଷ୍ଟି କଲା।



ଏହି ପରିପ୍ରେକ୍ଷୀରେ ବାବା ରାମଦେବ ତାଙ୍କ ମନ୍ତବ୍ୟ ଦେଇଥିଲେ। ସେ କହିଥିଲେ ଯେ ଦେଶର ଯୁବପିଢ଼ିକୁ 'ଗଟର' ବୋଲି କହିବା ଏକ ଭ୍ରଷ୍ଟ ମନର ଲକ୍ଷଣ। ସେ କଙ୍ଗନାଙ୍କ ଶୈଶବ, ଯୌବନ ଓ ଅତୀତ କାର୍ଯ୍ୟକଳାପକୁ ପ୍ରଶ୍ନ କରି କହିଥିଲେ ଯେ ସେ ଏଭଳି ଲୋକଙ୍କ ବିଷୟରେ କଥା କହିବାକୁ ଚାହାନ୍ତି ନାହିଁ। ଏହା ପରେ କଙ୍ଗନା ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ ତୀବ୍ର ପ୍ରତିକ୍ରିୟା ଦେଇ କହିଥିଲେ-"ବାବାଜୀ, ମୋ ଯୌବନ କିମ୍ବା ବେଡ଼ରୁମ୍ ବିଷୟରେ ଦିନରେ ସ୍ୱପ୍ନ ଦେଖନ୍ତୁ ନାହିଁ। କେବଳ ଗୁଜବ ଓ ଅପପ୍ରଚାର ଉପରେ ଭିତ୍ତି କରି ଅନୁମାନ କରାଯାଏ। ଅତି କମରେ ମୋତେ ମିଥ୍ୟା ଦାବି ପାଇଁ ସୁପ୍ରିମକୋର୍ଟରୁ କେବେ ଲାଂଛନା ମିଳିନାହିଁ।" ସେ ପତଞ୍ଜଳିର ମିଥ୍ୟା ବିଜ୍ଞାପନ ମାମଲାକୁ ସ୍ମରଣ କରାଇ କହିଥିଲେ ଯେ ତାଙ୍କ ଚରିତ୍ର ରାମଦେବଙ୍କଠାରୁ ବହୁତ ଭଲ ଓ ସେଠାରେ କୌଣସି ଠକେଇ ନାହିଁ।

ଏହି ପରିବର୍ତ୍ତନଶୀଳ ବାକ୍ୟଯୁଦ୍ଧ ଦେଖିବାକୁ ଗଲେ ଏହା ସ୍ୱସ୍ଥ ବିତର୍କ ପରି ଲାଗେ ନାହିଁ। ଏକ ସ୍ୱସ୍ଥ ବାକ୍ୟଯୁଦ୍ଧରେ ବିଚାର, ତର୍କ ଓ ବିଷୟବସ୍ତୁ ଉପରେ ଧ୍ୟାନ ଦିଆଯାଏ। ମାତ୍ର ଏଠାରେ ବିଷୟବସ୍ତୁ ଅନ୍ୟ ଦିଗକୁ ମୋଡ଼ିଯାଇଛି। ଯୁବପିଢ଼ିର ସମସ୍ୟା, ସ୍ୱାଧୀନତା ଓ ଦାୟିତ୍ୱର ଆଲୋଚନା ପରିବର୍ତ୍ତେ ବ୍ୟକ୍ତିଗତ ଚରିତ୍ର ହତ୍ୟା, ଅତୀତ ଖୋଜିବା ଓ ବ୍ୟଙ୍ଗାତ୍ମକ ଆକ୍ରମଣ ପ୍ରଧାନ ହୋଇପଡ଼ିଛି। ଏକ ଯୋଗଗୁରୁ, ଯିଏ ସମାଜକୁ ନୈତିକ ଶିକ୍ଷା ଦେବାକୁ ଚାହାନ୍ତି, ସେ ଯେତେବେଳେ ବ୍ୟକ୍ତିଗତ ଆକ୍ରମଣ କରନ୍ତି, ତାହା ତାଙ୍କ ମର୍ଯ୍ୟାଦାକୁ ପ୍ରଶ୍ନବିଦ୍ଧ କରେ। ସେହିପରି ଏକ ସାଂସଦ, ଯିଏ ଜନପ୍ରତିନିଧି, ତାଙ୍କ ଭାଷା ଓ ପ୍ରତିକ୍ରିୟା ମଧ୍ୟ ସମ୍ମାନଜନକ ହେବା ଉଚିତ। ଏହି ପ୍ରକାର ବିବାଦ ସାମାଜିକ ମାଧ୍ୟମରେ ଆହୁରି ବିଷାକ୍ତ ହୋଇଯାଏ। ଲୋକେ ତର୍କ ପରିବର୍ତ୍ତେ ପକ୍ଷପାତ କରନ୍ତି, ଆକ୍ରୋଶ ବାହାର କରନ୍ତି ଓ ମୂଳ ସମସ୍ୟା ଅଲକ୍ଷ୍ୟ ରହିଯାଏ। ଯୁବପିଢ଼ିକୁ ନେଇ ଯେଉଁ ଗମ୍ଭୀର ଆଲୋଚନା ହେବା ଉଚିତ ଥିଲା- ଶିକ୍ଷା ବ୍ୟବସ୍ଥାର ତ୍ରୁଟି, ନୈତିକ ମୂଲ୍ୟବୋଧର କ୍ଷୟ, ସାମାଜିକ ମାଧ୍ୟମର ପ୍ରଭାବ - ତାହା ଅନ୍ଧକାରରେ ରହିଗଲା। ବ୍ୟକ୍ତିଗତ ଆକ୍ରମଣ କେବଳ ମନୋରଞ୍ଜନ ସୃଷ୍ଟି କରେ, ସମାଧାନ ନୁହେଁ।

ବାବା ରାମଦେବ ନିକଟରେ କହିଛନ୍ତି ଯେ ସେ ଏଭଳି ଲୋକଙ୍କ ବିଷୟରେ ଆଉ ମନ୍ତବ୍ୟ ଦେବାକୁ ଚାହାନ୍ତି ନାହିଁ ଓ ବିବାଦ ବଢ଼ାଇବାକୁ ଇଚ୍ଛା କରନ୍ତି ନାହିଁ। ଏହା ଏକ ସକାରାତ୍ମକ ପଦକ୍ଷେପ। କିନ୍ତୁ କ୍ଷତି ହୋଇସାରିଛି। ସାର୍ବଜନୀନ ବ୍ୟକ୍ତିମାନେ ଯେତେବେଳେ ବ୍ୟକ୍ତିଗତ ସ୍ତରକୁ ଯାଆନ୍ତି, ସେତେବେଳେ ସମାଜର ବିଶ୍ୱାସ କମିଯାଏ। ସାରକଥା ଏହି ଯେ ଏହି ବାକ୍ୟଯୁଦ୍ଧ ସ୍ୱସ୍ଥ ନୁହେଁ। ଏହା ବିତର୍କର ମାନ କମାଇଦେଇଛି। ସମାଜକୁ ଆବଶ୍ୟକ ତର୍କସମ୍ମତ ଆଲୋଚନା, ସମ୍ମାନଜନକ ଭାଷା ଓ ବିଷୟକେନ୍ଦ୍ରିକ ଚିନ୍ତା। ଯୁବପିଢ଼ିକୁ ଗାଳି ଦେବା କିମ୍ବା ପରସ୍ପରକୁ ନିନ୍ଦା କରିବା ସମସ୍ୟାର ସମାଧାନ ନୁହେଁ। ସମାଧାନ ରହିଛି ସହନଶୀଳତା, ବିଚାରଶୀଳତା ଓ ଦାୟିତ୍ୱବୋଧରେ। ଯେଉଁ ସମୟରେ ଦେଶ ବିକାଶ ଓ ଏକତା ଆବଶ୍ୟକ କରୁଛି, ସେତେବେଳେ ଏଭଳି ଅସ୍ୱସ୍ଥ ବାକ୍ୟଯୁଦ୍ଧ କେବଳ ବିଭାଜନ ସୃଷ୍ଟି କରେ। ଆମେ ସମସ୍ତେ ଏହାରୁ ଶିକ୍ଷା ନେବା ଉଚିତ- ସାର୍ବଜନୀନ ଜୀବନରେ ଭାଷା ସମ୍ମାନଜନକ ହେଉ ଓ ବିତର୍କ ବିଷୟକେନ୍ଦ୍ରିକ ରହୁ।

# 'ଗାଁ ଗାଁରେ ମଦ ବନ୍ୟା'



## କାଳୀ ଦାସ

ମଦ ଆମ ସମାଜ ପାଇଁ ବଡ ବିପଦ ଯେଉଁଥି ପାଇଁ ବିଭିର୍ନ ସମୟରେ ଭିର୍ଣ୍ଣ ଭିର୍ଣ୍ଣ ସ୍ଥାନରେ ଏହା ବିରୋଧରେ ସ୍ୱର ଉତ୍ତୋଳନ ହୋଇଛି ଏବଂ ପ୍ରତିବାଦ ମଧ୍ୟ କରାଯାଇଛି। ମଦ ଜନିତ ସମସ୍ୟା ଅନେକ ଥର ଦେଖିବା କୁ ମିଳୁଛି। ମଦ ପିଉଥିବା ବ୍ୟକ୍ତି ମାନେ ନିଶାସକ୍ତ ହୋଇ ସାଧାରଣ ଲୋକଙ୍କ ପାଇଁ, ଘରେ ରହିଥିବା ମହିଳାଙ୍କ ପାଇଁ ଏବଂ ସ୍କୁଲ ଯାଉଥିବା ଛାତ୍ର ଏବଂ ଛାତ୍ରୀଙ୍କ ପାଇଁ ସାମସ୍ୟା ସୃଷ୍ଟି କରୁଛନ୍ତି। ମଦ ଯୋଗୁଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କୁ ରେଭିନ୍ୟୁ ମିଳୁଛି ଯାହା ଲାଗି ରାଜ୍ୟ ଏବଂ କେନ୍ଦ୍ର ସରକାର ଗାଁ ଏବଂ ସହରରେ, ମଦ ଦୋକାନ ଖୋଲି ଦେଇଛନ୍ତି।ନାବାଳକ ଏବଂ ନାବାଳିକା ମାନେ ମଧ୍ୟ ମଦ ପିଇବା ଦେଖିବା କୁ ମିଳୁଛି।ମଦ କୁ ବନ୍ଦ କରିବାପାଇଁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଆଗକୁ ଆସିବା କଥା କିନ୍ତୁ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ମଦ କୁ ବନ୍ଦ କରିବାପାଇଁ କୌଣସି ପ୍ରକାର ପଦକ୍ଷେପ ଏବ ଯାଏଁ ନେଇ ନାହାନ୍ତି। କୋରୋନା ସମୟ ରେ ଦିଲ୍ଲୀସରକାର ମଦ ଦୋକାନ କୁ ଠେକା ଦେବା ଖବର ବିଭିର୍ନ୍ନ ଗଣମାଧ୍ୟମରେ ଆସିଥିଲା।କେନ୍ଦ୍ର ସରକାର ଦିଲ୍ଲୀ ସରକାରଙ୍କ ଉପରେ ସିବିଆଇ ତଦନ୍ତ ଲଗାଇଲେ। ଦିଲ୍ଲୀର ଉପାମୁଖ୍ୟମନ୍ତ୍ରୀ ମନିଷ ସିସୋଦିୟାଙ୍କ ଉପରେ ଭ୍ରଷ୍ଟାଚାରର ଆରୋପ ଲଗାଗଲା ଏବଂ ତାଙ୍କୁ ବିଜେପିର କର୍ମୀ ମାନେ ଚୋର ଏବଂ ଭ୍ରଷ୍ଟାଚାରୀ କହି ଗଣମାଧ୍ୟମରେ ଗାଳି ଗୁଲଜ ଏବଂ ଆକ୍ଷେପ ମଧ୍ୟ କଲେ କିନ୍ତୁ ମନିଷ ସିସୋଦିୟାଙ୍କ ବିରୋଧ ରେ କିଛି ହେଲେ ପ୍ରମାଣ ସିବିଆଇ ପକ୍ଷରୁ ଦିଆଯାଇପାରିଲାନାହି। ଭ୍ରଷ୍ଟାଚାର ଅଭିଯୋଗ ଆଣି ବିଜେପି ଏବଂ କଂଗ୍ରେସ ଦିଲ୍ଲୀ ସରକାରଙ୍କୁ ଘେରିଲେ କିନ୍ତୁ ଦୁଇଟି ଜାତୀୟ ଦଳ ଦିଲ୍ଲୀ ସରକାରଙ୍କ ଭ୍ରଷ୍ଟାଚାର କୁ ଦର୍ଶାଇ ପାରିନଥିଲେ।

ମଦ, କେଉଁ ଆଦିମ କାଳ ରୁ ସମାଜ ରେ ପ୍ରଚଳନ ହୋଇ ଚାଲିଛି। ରାଜା ମାହାରାଜ ଠାରୁ ସାଧାରଣ ଜନତା ଯାଏଁ ଲୋକ ଏହାର ଗୋଲାମ ହୋଇଛନ୍ତି। କେତେ ପରିବାର ନଷ୍ଟ ହୋଇଛି ତଥାପି ସମାଜ କୁ ଆମେ ମଦ ମୁକ୍ତ କରିପାରି ନାହୁଁ। ମଦ ନିଶା ରେ ଅନେକ ସମୟରେ ଗାଡି ଚାଳକ ମାନେ ଦୁର୍ଘଟଣା କରିଛନ୍ତି। ମଦ ନ ପିଥିବା ଲୋକମାନେ ମଧ୍ୟ ଏହାର ଶିକାର ହୋଇଛନ୍ତି। ସରକାର ଏମିତି ଅନେକ ଘଟଣା ଘଟିବା ପରେ ଏହା ଉପରେ ଗୁରୁତ୍ୱ ଦେଇଛନ୍ତି। ୱରମ ୧୮୫ ଙ୍କ୍ଟବ୍ୱକ୍ଟଙ୍କ ଙଂରକ୍ଷସମକ୍ଷର ଇଉଞ୍ଚ ୧୯୮୮ ରେ ଦର୍ଶାଇ ଦିଆଯାଇଛି ଯେ ଯଦି ଜଣେ ବ୍ୟକ୍ତି ନିଶାସକ୍ତ ହୋଇ ଗାଡିଚଲାଇବେ ତାହାହେଲେ ଏହାକୁ ଏକ ଦଣ୍ଡନୀୟ ଅପରାଧ ବୋଲି ଧରାଯିବ ଏବଂ ସେଥିପାଇଁ ସେହି ବ୍ୟକ୍ତିଙ୍କୁ ୬ ମାସ କାରାଦଣ୍ଡ ବା ଜୋରିମାନା ଦେବାକୁ ପଡ଼ିବ। ଅନେକ ସମୟରେ ଗୃହ କଳହର ମୁଖ୍ୟ କାରଣ ହୋଇଥାଏ ମଦ। ନିଶାସକ୍ତ ମଣିଷ ନିଜ ସ୍ତ୍ରୀ ଓ ଛୁଆ ମାନଙ୍କୁ ବିଭିର୍ନ୍ନ ପ୍ରକାର ମାନସିକ ଓ ଶାରୀରିକ ଯନ୍ତ୍ରଣା ଦେଇଥାନ୍ତି। ସେଥିପାଇଁ ମହିଳା ମାନେ ଏକାଠି ହୋଇ ମଦ ବିରୋଧରେ ଆନ୍ଦୋଳନ କରିଛନ୍ତି।୪ ଜାନୁୟାରୀ ୨୦୧୯ ବିହାର ରେ ମହିଳା ମାନେ ଏକାଠି ହୋଇ ମଦ ବିରୋଧ ରେ ଆନ୍ଦୋଳନ କରିଥିଲେ। ଆନ୍ଧ୍ର ପ୍ରଦେଶ ରେ ମହିଳା ମାନେ ଏକାଠି ହୋଇ ଏନ୍ଟି ଆରକ ଆନ୍ଦୋଳନ କରିଥିଲେ। ଏହା ଏକ ମହିଳାଙ୍କ ଦ୍ୱାରା ଆନ୍ଧ୍ର ସରକାରଙ୍କ ବିରୋଧ ରେ ଏକ ବିରାଟ ଆନ୍ଦୋଳନ ଥିଲା। ଏହି ଆନ୍ଦୋଳନ ୨୦୦୦ ମସିହାରେ ହୋଇଥିଲା। ମହିଳା ମାନେ ଆନ୍ଧ୍ର ପ୍ରଦେଶ କୁ ମଦ ମୁକ୍ତ କରିବା ପାଇଁ ଚାହିଁଥିଲେ। ଭାରତର ବିହାର, ଗୁଜରାଟ, ନାଗାଲେଣ୍ଡ ଏବଂ ମିଜୋରାମ କୁ ମଦ ମୁକ୍ତ ରାଜ୍ୟ କୁହାଯାଏ। କେନ୍ଦ୍ର ଶାସିତ ଲାକ୍ଷାଦୀପ ମଧ୍ୟ ମଦ ମୁକ୍ତ ରାଜ୍ୟ କିନ୍ତୁ ଏହି ରାଜ୍ୟ ଗୁଡିକ ରେ ବେଳେ ବେଳେ ଲୁଚା ଛପା ରେ ମଦ ବିକ୍ରି ହୋଇଥାଏ, ଯେହେତୁ ଏହି ରାଜ୍ୟ ଗୁଡିକ ରେ ମଦ ବେଆଇନ ଅଛି ତେଣୁ ଅନେକ ସମୟରେ ଲୋକ ମାନେ ଚୋରାଚାଲନ ହୋଇଥିବା ମଦ ପି ମୃତ୍ୟୁର ଶିକାର ହୋଇଥାନ୍ତି।ନିକଟରେ ଗୁଜରାଟ ର ବଟାଡ ରେ ବିଷାକ୍ତ ମଦ ପି ୪୨ ଲୋକଙ୍କ ମୃତ୍ୟୁ ହେଇଥିଲା ଏବଂ ୯୭ ଜଣ ଲୋକ ଚିକିତ୍ସାଧୀନ ଥିଲେ।

ଇଣ୍ଡିଆ ଏଗେନଷ୍ଟ କରପସନର ସଭ୍ୟ ଆନ୍ନା ହଜାରେ ନିଜ ଜନ୍ମ ସ୍ଥାନ ରେଲେଗାଁସିଦ୍ଧି କୁ ମଦ ମୁକ୍ତ କରିଛନ୍ତି।ସେଥିପାଇଁ ତାଙ୍କୁ ବହୁତ ସଂଘର୍ଷ କରିବାକୁ ପଡ଼ିଥିଲା, ଗାଁର ଲୋକ ଗରିବ, ତା ସହିତ ଯେତେବେଳେ ସେମାନଙ୍କ ପାଖରେ ଅଳ୍ପ ପଇସା ଆସୁଥିଲା ତାକୁ ସେମାନେ ମଦରେ ଖର୍ଚ୍ଚ କରୁଥିଲେ ଏବଂ ଘରର ସ୍ତ୍ରୀ ଏବଂ ଶିଶୁ ଉପରେ ଅତ୍ୟାଚାର କରୁଥିଲେ। ଆଜି କ୍ଷୀର ଯେତେ ସହଜରେ ମିଳୁନି ସେତେ ସହଜ ରେ ମଦ ମିଳୁଛି। ଜମାଟୋ ଓ ସୁଗି ଅଡର କରି ଲୋକ ଘରେ ବସି ମଦ ପାଇ ଯାଉଛନ୍ତି। ମଦ୍ୟ ପାନ କିମ୍ବା ମଦ ପିଇବା କୁ ସାମାଜିକ ସ୍ତରରେ ବହିସ୍କାର କରାଯିବା କଥା କାରଣ ଏହା ଆମ ର ସାମାଜିକ ମୂଲ୍ୟ ବୋଧ କୁ କ୍ଷୁର୍ଣ୍ଣ କରୁଛି।

କୋରୋନା ସମୟରେ ଆମେ ଆମର ଅନେକ ଆତ୍ମୀୟଙ୍କୁ ହରାଇଛୁ।ଦେଶର ଆର୍ଥନୀତି ବ୍ୟକ୍ତି ବିଶେଷର ଆର୍ଥନୀତି ନିଶ୍ଚିତ ଭାବରେ ଦୁର୍ବଳ। ଦୁଇ ବର୍ଷ କୋରୋନାର ଆକ୍ରମଣ ପରେ ଆମେ ସଂଘର୍ଷ କରୁଛେ ଜୀବନ କୁ ସଜାଡି ବା ପାଇଁ ସେତେବେଳେ ଆମ ରାସ୍ତାରେ ନିଶା ନ ଆସିବା କଥା। ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ମିଳିତ ଉଦ୍ୟମ ରେ ଏହା ସଫଳ ହୋଇପାରିବ। ଓଡିଶାର ମୋନା (ମିଳିତ ଓଡିଶା ନିଶା ନିବାରଣ ଅଭିଯାନ)ଗଙଘଇ ସଂଗଠନ ତରଫ ରୁ ମଦ ବନ୍ଦ କରିବା ପାଇଁ ଯେଉଁ ଅଭିଯାନ ଚାଲି ଥିଲା ସେତେବେଳେ ପୋଲିସ ଓ ପ୍ରଶାସନ ମିଶି ମୋନା କର୍ମୀଙ୍କୁ ମାଡ଼ ମାରି ଥିଲେ ଓ ସେମାନଙ୍କୁ ଗିରଫ କରିଥିଲେ, ଏହା ଦ୍ୱାରା ମଦ ବ୍ୟବସାୟୀଙ୍କ ମନବଳ ବଢିଥିଲା। ସରକାରଙ୍କ କର୍ତ୍ତବ୍ୟ ସାଧାରଣ ଜନତାଙ୍କ ସୁଖ ଓ ସମୃଦ୍ଧି ଦେଖିବା। ମଦ ଆମକୁ ନା ସୁଖ ନା ସମୃଦ୍ଧି ଦେଇପାରୁଛି।ତେଣୁ ସରକାର ମଦ ଦୋକାନ ଖୋଲିବା ପରିବର୍ତ୍ତେ ରିହେବିଟେଶନ ସେଣ୍ଟର ଖୋଲି ଯେଉଁ ମାନେ ମଦ ଛାଡିପାରୁନାହାନ୍ତି ସେମାନଙ୍କ ଚିକତ୍ସା ଯଦି କରନ୍ତେ ତାହେଲେ ଆମେ ଏକ ସୁସ୍ଥ ସମାଜର ପରିକଳ୍ପନା କରିପାରେନ୍ତେ।

ବ୍ରହ୍ମପୁର, ଖୋଡାସିଙ୍ଗ, କଳିଙ୍ଗନଗର,
ମୋବାଇଲ୍:୭୨୦୫୧୦୦୮୩୯



# ରାକ୍ଷୀ ପୂର୍ଣ୍ଣିମାର ଈଶ୍ୱରୀୟ ବାର୍ତ୍ତା



## ଆଶୁତୋଷ ନାୟକ

ଏ ବିଶ୍ୱବ୍ରହ୍ମାଣ୍ଡର ସ୍ୱାମୀ ଈଶ୍ୱରଙ୍କ ସବୁଠାରୁ ଶ୍ରେଷ୍ଠ ସଂରଚନା ହେଉଛି ମନୁଷ୍ୟ। ଲକ୍ଷ ଲକ୍ଷ ଜୀବଜନ୍ତୁଙ୍କ ମଧ୍ୟରେ ଶ୍ରେଷ୍ଠଜୀବ ମନୁଷ୍ୟ।ନିଜର ବୃଦ୍ଧି ଓ ବିବେକ ପାଇଁ ଶ୍ରେଷ୍ଠତ୍ୱର ଆସନ ଅଳଙ୍କୃତ କରିଛି ମନୁଷ୍ୟ।ଶାସ୍ତ୍ରରେ ଏହା ବର୍ଣନା କରାଯାଇଛି କି କେତେ ଜନ୍ମର ତପସ୍ୟା ଓ ପୁଣ୍ୟ ବଳରେ ଏହି ମନୁଷ୍ୟ ଜନ୍ମ ପ୍ରାପ୍ତି ହୁଏ। ଏହି ମନୁଷ୍ୟ ଜୀବନ ଅତ୍ୟନ୍ତ ଦୂର୍ଲଭ।ସେଥିପାଇଁ ମନୁଷ୍ୟ ମଧ୍ୟରେ ସ୍ନେହ, ପ୍ରେମ, ଦୟା, ମାନବିକତା, ପରୋଉପକାରିତା ଭଳି ସୁଗୁଣ ରହିବା ଅତ୍ୟନ୍ତ ଆବଶ୍ୟକ ତାହେଲେ ଯାଇ ଏ ମନୁଷ୍ୟ ଜୀବନ ସାର୍ଥକ ହେବ। ବେଦ ଓ ଉପନିଷଦ କହେ ସନାତନ ହିନ୍ଦୁ ଧର୍ମ ସର୍ବପୁରାତନ ଓ ସର୍ବଶ୍ରେଷ୍ଠ। ମହାନ୍ ଦାର୍ଶନିକ ତଥା ମହାପୁରୁଷ ସ୍ୱାମୀ ବିବେକାନନ୍ଦ ହିନ୍ଦୁ ସନାତନ ଧର୍ମର ମୂଳମନ୍ତ୍ର ବସୁଧୈବ କୁଟୁମ୍ବକମ୍ ବାର୍ତ୍ତାକୁ ସାରା ବିଶ୍ୱରେ ପହଞ୍ଚାଇଥିଲେ ଏବଂ ସନାତନ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ସରଳ ନିର୍ଭୁଲ ଓ ପ୍ରାଞ୍ଜଳ ଭାବରେ ତାର ବ୍ୟାଖ୍ୟା ଆମେରିକାର ଚିକାଗୋ ସହରରେ ନିଜର ଓଜସ୍ୱିନୀ ବକ୍ତୃତା ଦ୍ୱାରା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଚିକାଗୋର ଧର୍ମ ସମ୍ମିଳନୀରେ ସେ ସନାତନ ହିନ୍ଦୁଧର୍ମକୁ ସଠିକ ଭାବରେ ଉପସ୍ଥାପନ କରିଥିବାରୁ ଆମଦେଶ ଭାରତର ସଂସ୍କୃତି ଓ ପରମ୍ପରା ର ମହାନତା ର ଗାଥା ସାରା ବିଶ୍ୱ ପାଇଁ ଉଦାହରଣ ସୃଷ୍ଟି କରିଥିଲା। ସତ୍ୟସନାତନ ହିନ୍ଦୁ ଧର୍ମ ଶାସ୍ତ୍ରରେ ଉଲ୍ଲେଖ ରହିଛି ବିଶ୍ୱ ର ଶକ୍ତିଶାଳୀ ରାଷ୍ଟ୍ର ଯେପରି ଆମେରିକା, ରୁଷ, ଜାପାନ, ଇଂଲଣ୍ଡ ମଧ୍ୟ ସନାତନ ହିନ୍ଦୁ ଧର୍ମ କୁ ଯଥେଷ୍ଟ ସମ୍ମାନ କରନ୍ତି ଏବଂ ଏହାର ଉପାଦେୟତା ଓ ମହତ୍ତ୍ୱ କୁ ବୁଝି ନିଜର ବ୍ୟସ୍ତବହୁଳ ଜୀବନକୁ ସରସ ସୁନ୍ଦର ଏବଂ ଶାନ୍ତିପୁର୍ଣ କରିବା ପାଇଁ ଯଥାସମ୍ଭବ ପ୍ରଚେଷ୍ଟା କରୁଛନ୍ତି। ସେଥିପାଇ କୁହାଯାଇଛି

'ସର୍ବ ପୁରାତନ ଧର୍ମ ସତ୍ୟରେ ସ୍ଥାପିତ, ସନାତନ ଧର୍ମ ନାମେ ବିଶ୍ୱରେ ବିଦିତ। ବେଦରେ ପର୍ଯ୍ୟବେଶିତ ଏହି ଆମ ଧର୍ମ, ସର୍ବଦା ବିକାଶଶୀଳ ବୈଜ୍ଞାନିକ ଧର୍ମ, ପୃଥିବୀର ସୃଷ୍ଟି ବେଳୁ ରହିଛି ଏକ ଧର୍ମ ଏବଂ ସୃଷ୍ଟି ନାଶ ଯାଏ ରହିବ ଏ ଧର୍ମ। ବହୁମତ ବହୁପଥ ମିଳିତ ଏଠାରେ, ସ୍ଥାପିତ ନୁହେଁ ଏ ଧର୍ମ ବ୍ୟକ୍ତି ବିଶେଷରେ। ବିନାଶ କରିବା ପାଇଁ ଏ ଧର୍ମ ଅସ୍ତିତ୍ୱ, ବିଧର୍ମୀ ଷଡ଼ଯନ୍ତ୍ର ର ରହିଛି ଦୃଷ୍ଟାନ୍ତ, ସବୁ ଭୟ ପ୍ରଲୋଭନ କରି ପ୍ରତିହତ, ଆଜିବି ଏ ଧର୍ମ ଅଛି ଦିଗନ୍ତ ବିସ୍ତୃତ।

ସତ୍ୟ ଓ ଅହିଂସା ମୂଳତତ୍ତ୍ୱ ଏ ଧର୍ମର, ଦୟା, କ୍ଷମା, ଦାନ, ପରୋପକାର ଚରିତ୍ର ହିନ୍ଦୁର। ଅହିଂସା ପରମ ଧର୍ମ ମାନିଥାଏ ହିନ୍ଦୁ। ଧର୍ମ, ଅହିଂସା ନୀତି ପାଳିଥାଏ ହିନ୍ଦୁ। ଭାଗବତ ଗୀତା ହିନ୍ଦୁ ଜୀବନ ଆଦର୍ଶ। ତହିଁରେ ରହିଛି ସବୁ ଜ୍ଞାନର ନିଷ୍କର୍ଷ। ଋକ, ସାମ, ଯଜୁ ଏବଂ ଅଥର୍ବ ଯେ ବେଦ, କୋଟି ବ୍ରହ୍ମାଣ୍ଡର ଜ୍ଞାନ ତହିଁ ଲିପିବଦ୍ଧ। ଅନେକ ପରମ୍ପରା ଓ ଦର୍ଶନ ନୀତି, ନିୟମ ଆଦର୍ଶ ର ମେଳ, ସନାତନ ଧର୍ମ ଏହାଥିବ ଚିରକାଳ।' ମହାଭାରତ ଯୁଦ୍ଧକ୍ଷେତ୍ରରେ ମୋହବଦ୍ଧ ଅର୍ଜୁନଙ୍କ ଉଦ୍ଦେଶ୍ୟ ରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଥିଲେ, ଯେତେବେଳେ ସଂସାରରେ ଧର୍ମର ପରାଭବ ଘଟି ଅଧର୍ମର ଉତଥାନ ହୁଏ, ମୁଁ ସେତେବେଳେ ବିଧର୍ମୀମାନଙ୍କୁ ବିନାଶକରି ଧର୍ମର ସୁରକ୍ଷା ଏବଂ ସାଧୁ ମାନଙ୍କର ପରିତ୍ରାଣ ପାଇଁ ଅବତାର ଗ୍ରହଣ କରେ। ଅତ୍ୟାଚାରୀ ଶାସକମାନେ ଆମ ସଂପ୍ରସାରଣର ହୀନ



ମନବୃତ୍ତି ବଶତଃ 'ଧର୍ମ 'ଭଳି ଶବ୍ଦକୁ ରାଜନୈତିକ ସ୍ୱାର୍ଥସାଧନରେ ବ୍ୟବହାର କରୁଛନ୍ତି। ଅତ୍ୟାଚାରୀ ଓ ଅଧର୍ମୀ ଆଉରଙ୍ଗଜେବଙ୍କ ଧର୍ମଭୀର୍ଥିକ ରାଜନୀତି ତତ୍କାଳୀନ ହିନ୍ଦୁ ପ୍ରଜାମାନଙ୍କୁ ନିର୍ଯ୍ୟାତନା ଓ ଅତ୍ୟାଚାର ସହିବାକୁ ପଡ଼ିଥିଲା। ଏପରିକି ପରବର୍ତ୍ତୀ କାଳରେ ବ୍ରିଟିଶ ଶାସକମାନେ ମଧ୍ୟ ସ୍ୱଧର୍ମର ପ୍ରଚାର ନିମନ୍ତେ ଭାରତୀୟ ଧର୍ମ ଓ ସଂସ୍କୃତି ଉପରେ ଛୁରିକାଘାତ କରିବାକୁ ସବୁ କଳ, ବଳ, କୌଶଳ ଉପଯୋଗ କରିଥିଲେ। ସେ ହୃଦୟ ବିଦାରକ ନିର୍ଯ୍ୟାତନାର କାହାଣୀ ଇତିହାସ ପୃଷ୍ଠାରୁ କେବେ ଲିଭିଯିବ ନାହିଁ।

ରାକ୍ଷୀ ପୂର୍ଣ୍ଣିମାକୁ ଓଡିଶାରେ ଗହ୍ମାପର୍ବ ବୋଲି କୁହାଯାଏ। ଆମ ହିନ୍ଦୁସନାତନ ସଂସ୍କୃତି ପରମ୍ପରା ବିଶ୍ୱରେ ଅଦ୍ୱିତୀୟ। ବିଶ୍ୱର ଆଉ କୌଣସି ରାଷ୍ଟ୍ରରେ ଏଭଳି ପର୍ବପର୍ବାଣି ପାଳନ କରାଯାଏ ନାହିଁ। ବିଶ୍ୱର ଶକ୍ତିଶାଳୀ ବିକଶିତ ରାଷ୍ଟ୍ର ଯେପରିକି ଆମେରିକା, ରୁଷିଆ, ଜର୍ମାନୀ, ଜାପାନ, ଇଟାଲୀ, ଫ୍ରାନ୍ସ ଇତ୍ୟାଦିର ଅଧିବାସୀ ଆମ ଧର୍ମ, ସଂସ୍କୃତି, ପରମ୍ପରା, ପ୍ରତି ଆକର୍ଷିତ ହୋଇ ନିଜର ପୁଳା ପୁଳା ଟଙ୍କା, ବାଟି ବାଟି ସମ୍ପତ୍ତିକୁ ପରିହାର କରି ହିନ୍ଦୁ ଦେବାଦେବୀଙ୍କ ଶରଣରେ ନିଜକୁ ସମର୍ପି ଦେଉଛନ୍ତି। ଏହାହିଁ ହିନ୍ଦୁ ସନାତନ ଧର୍ମର ମହାନତା ଓ ବିଚିତ୍ରତା। ଏହାକୁ ଅସ୍ୱୀକାର କରିହେବନାହିଁ। ଅନେକ ହିନ୍ଦୁ ସନାତନ ଧର୍ମର ବ୍ୟକ୍ତି ଈଶ୍ୱରବିଶ୍ୱାସୀ ଓ ନିଷ୍ଠାପର। ରଥଯାତ୍ରା, ଦୁର୍ଗାପୂଜା, କାଳୀପୂଜା, ଗଣେଶପୂଜା ଠାରୁ ଆରମ୍ଭ କରି ରାକ୍ଷୀପୂର୍ଣ୍ଣିମା ପ୍ରଯ୍ୟନ୍ତ ପ୍ରତ୍ୟେକ ପର୍ବପର୍ବାଣିର ନିଜର ବୈଶିଷ୍ଟ୍ୟ, ଅଭିପ୍ରାୟ ଏବଂ ପାଳନ କରିବାର ଉପଯୁକ୍ତ ବିଧି ରହିଛି।

ରାକ୍ଷୀପୂର୍ଣ୍ଣିମା ଯାହାକି ପବିତ୍ର ଶ୍ରାବଣମାସରେ ପାଳନ କରାଯାଏ ତାହାର ଈଶ୍ୱରୀୟ ବାର୍ତ୍ତା ରହିଛି। ଏକବିଂଶ ଶତାବ୍ଦୀର ସ୍ୱାର୍ଥପର ମନୁଷ୍ୟ ସାମାନ୍ୟ କିଛି କାଗଜର ଟଙ୍କା, ସମ୍ପତ୍ତି, ମାନ ମର୍ଯ୍ୟାଦା, କ୍ଷମତା, ଅହମିକା ପାଇଁ ସେ ରକ୍ତର ହୋଲି ଖେଳୁଛି, ନିଜର ବନ୍ଧୁପରିଜନ, ଜନ୍ମଦାତା, ଜନ୍ମଦାତ୍ରୀ, ଭାତ୍ରା, ଧର୍ମପତ୍ନୀ, ଭଗିନୀଙ୍କୁ ମଧ୍ୟ ହତ୍ୟା କରିବାକୁ ପଛଘୁଞ୍ଚା ଦେଉନାହିଁ। ନିଜକୁ ସର୍ବଶେଷ୍ଠ, ସର୍ବଶକ୍ତିମାନ, ଜ୍ଞାନୀଗୁଣୀ, ବିଦ୍ୱାନ ବୃଦ୍ଧିମାନର ଡିଣ୍ଡିମ ପିଟୁଥିବା କଳିଯୁଗର ମନୁଷ୍ୟ ପାଇଁ ସମ୍ପର୍କର ମୂଲ୍ୟ ଆଜି ତୁଚ୍ଛ ହେଇଯାଇଛି, ସ୍ନେହ, ପ୍ରେମ, ବଳିଦାନ ଦୟା, କ୍ଷମା, ଆବିଳତା, ବିଶ୍ୱାସ, ଶ୍ରଦ୍ଧା ପରି ମହନୀୟ ଗୁଣ ଅନେକ ବ୍ୟକ୍ତିଙ୍କ ପାଖରେ ଏହା ପରିଲକ୍ଷିତ ହେଉନାହିଁ। ଏକବିଂଶ ଶତାବ୍ଦୀର ସ୍ୱାର୍ଥପର ମନୁଷ୍ୟ ପାଇଁ ଅର୍ଥ ସର୍ବସ୍ୱ ହେଇଯାଇଛି। ତା ପାଇଁ ସମ୍ପର୍କ ମୂଲ୍ୟହୀନ ହେଇଯାଇଛି।

ମହାପ୍ରଭୁ କାଳିଆ ସାଆନ୍ତ ରାକ୍ଷୀପୂର୍ଣ୍ଣିମାରେ ଭାଇଭଉଣୀଙ୍କ ଅନାବିଳ ପ୍ରେମ, ସ୍ନେହ, ବନ୍ଧନ, ଅତୁଟ ବିଶ୍ୱାସ, ଭଲପାଇବାର ପରାକାଷ୍ଠା ସାରାମାନବ ସମାଜଙ୍କୁ ବାର୍ତ୍ତା ପ୍ରଦାନ କରିଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ମାନବୀୟ ଲୀଳାରେ ସାରା ବିଶ୍ୱକୁ ଏହି ବାର୍ତ୍ତା ପ୍ରଦାନ କରିଛନ୍ତି। ନିଜର ଅଲିଅଳି ଭଗିନୀ ମାତା ସୁଭଦ୍ରାଙ୍କ ମାନ ରକ୍ଷା କରିବା ପାଇଁ ଅନେକ ଦୁଃଖ କଷ୍ଟ, ବାଧା, ବିଘ୍ନ କୁ ପ୍ରତିହତ କରି ମହାପ୍ରଭୁ ଜଗନ୍ନାଥ ତାଙ୍କର ସବୁ ଇଚ୍ଛା ପୂର୍ଣ୍ଣ କରିଛନ୍ତି। ଏହାହିଁ ମହାପ୍ରଭୁ କାଳିଆ ସାଆନ୍ତଙ୍କ ମାନବୀୟ ଲୀଳାର ଅନନ୍ତ ପରାକାଷ୍ଠା। ରାକ୍ଷୀପୂର୍ଣ୍ଣିମାରେ ରାକ୍ଷୀର ମହତ୍ତ୍ୱକୁ ଶବ୍ଦରେ ପ୍ରକାଶ କରିବା ଅସମ୍ଭବ। ଏହି ରାକ୍ଷୀ ସାମାନ୍ୟ ଗୋଟିଏ ସୂତା ନୁହେଁ ଏହା ଭାଇଭଉଣୀଙ୍କ ମଧ୍ୟରେ ଥିବା ଭଲପାଇବା, ଶ୍ରଦ୍ଧା, ଅନାବିଳ ପ୍ରେମ, ଅତୁଟ ବିଶ୍ୱାସର ପ୍ରତୀକ। ଯେତେ ଦୁଃଖ, ଝଡ଼ ଝଞ୍ଜା, ବାଧାବିଘ୍ନ, ସମସ୍ୟା ଆସିଲେ ଭି ନିଜ ଭଉଣୀର ମାନ ରକ୍ଷା କରିବା, ତାଙ୍କୁ ଯେକୌଣସି ବିପଦରୁ ଉଦ୍ଧାର କରିବା ପ୍ରତ୍ୟେକ ଭାଇର ମୁଖ୍ୟ ଲକ୍ଷ୍ୟ ହେବା ଉଚିତ।

ଗୋପାଳପୁର, ବାଲେଶ୍ୱର
ମୋବାଇଲ୍:୭୦୨୦୬୧୧୩୦୦

# ଓଡ଼ିଶା ବିକାଶର ଧର୍ମପଦ ଧର୍ମେନ୍ଦ୍ର ବାବୁ

## ବିକ୍ରମ କେଶରୀ ବିଶ୍ୱାଳ



ବର୍ତ୍ତମାନ ବିଜେପିର ଭାରତୀୟ କ୍ଷେତ୍ର ଉପରେ ନଜର ପକାଇଲେ ଧର୍ମେନ୍ଦ୍ର ବାବୁଙ୍କ ପ୍ରଭାବୀ ଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ଦଳରେ ରହିଛି। ପ୍ରଧାନମନ୍ତ୍ରୀ ମୋଦିଜୀ, ଗୃହମନ୍ତ୍ରୀ ଅମିତ ଶାହା ଏବଂ ବିଜେପରି ରାଷ୍ଟ୍ରସଭାପତିଙ୍କ ଖାସ୍ ଅନୁଗତ ଭାବେ ସେ ପରିଚିତ। ବିଭିନ୍ନ ସମୟରେ ପ୍ରେଟ୍ରୋଲିୟମ ଠାରୁ ଦକ୍ଷତା ବିକାଶ, ଇସ୍ପାତ ମନ୍ତ୍ରଣାଳୟ ଠାରୁ ଶିକ୍ଷା ବିଭାଗ ଏପରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ ଦାୟିତ୍ୱରେ ସେ ନିଜ ସ୍ୱତନ୍ତ୍ର ଭିଜନ ମାଧ୍ୟମରେ ବିଭାଗର ଗୁରୁତ୍ୱ ବଢ଼ାଇବା ସହ ମୋଦିଜୀଙ୍କ ଆସ୍ଥା ଓ ଭରସାକୁ ଅତୁଟ ରଖିଛନ୍ତି। ଓଡ଼ିଶା ବିଜେପିର ପୋଷ୍ଟର ବଏ, ସଙ୍କଟ ମୋଚକ, ରାଇଜିଂ ଷ୍ଟାର ଏପରି ବିଭିନ୍ନ ପରିଚୟରେ ତାଙ୍କୁ ଅନେକ ଜାଣନ୍ତି। ମୋଦିଜୀଙ୍କ ସରକାର ପ୍ରଥମ ପାଳି ସମୟରେ ସେ ଗୁରୁତ୍ୱପୂର୍ଣ୍ଣ ପେଟ୍ରୋଲିୟମ ବିଭାଗ ଦାୟିତ୍ୱ ନିର୍ବାହ ଭିତରେ ନରେନ୍ଦ୍ର ମୋଦିଜୀଙ୍କ ଡ୍ରିମ ପ୍ରୋଜେକ୍ଟ କୁହାଯାଉଥିବା ଉଜ୍ଜଳା ରନ୍ଧନ ଗ୍ୟାସ ଯୋଗାଇ ସେ ପ୍ରାୟ ଭାରତୀୟଙ୍କ ଘରେ ଘରେ ଲୋକପ୍ରିୟତାକୁ ନେଇ ବେଶ ପରିଚିତ ପାଇଛନ୍ତି। ସେ ସମୟରେ ଉତ୍ତରପ୍ରଦେଶ ନିର୍ବାଚନ ଭୋଟ କ୍ଷେତ୍ରକୁ ଏହି ଉଜ୍ଜଳା ଯୋଜନା ଭୋଟରେ ପରିଣତ ହୋଇଥିଲା। ନିଜ କ୍ୟାବିନେଟ ଗୁରୁଦାୟିତ୍ୱ ସହ ଓଡ଼ିଶାର ପାରାଦ୍ୱୀପ ତୈଳବିଶୋଧନାଗାର, ଧାମରା ପାଇପ ଲାଇନ, ସିଏମ୍‌ଜି ଓ ପିଏନ୍‌ଜି ପରି ଅନେକ ପ୍ରକଳ୍ପ ତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡ଼ିଶାର ବିକାଶକୁ ତ୍ୱରାନ୍ୱିତ କରିପାରୁଛି।

ଧର୍ମେନ୍ଦ୍ର ବାବୁଙ୍କ ରାଜନୀତି ଜୀବନ ସଫଳ ହୋଇଛି ଏବଂ ଅନେକ ଆହ୍ୱାନ ଭିତରେ ସେ ତାଙ୍କ ପରାକାଷ୍ଠା ଦକ୍ଷତା, ସାଙ୍ଗଠନିକ କୌଶଳ ଓ ଗୁରୁତ୍ୱପୂର୍ଣ୍ଣ ରଣନୀତି ପ୍ରସ୍ତୁତ କରି ମୋଦିଜୀଙ୍କ ଅତ୍ୟନ୍ତ ବିଶ୍ୱାସଭାଜନ ହୋଇପାରିଛନ୍ତି। ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ମନ୍ତ୍ରୀ ଥିବା ଦେବେନ୍ଦ୍ର ବାବୁଙ୍କ ସୁପୁତ୍ର ଧର୍ମେନ୍ଦ୍ର ବାବୁ ମାତ୍ର ତିରିଶ ବର୍ଷ ବୟସରେ ପାଲଲହଡ଼ା ବିଧାନ ସଭା କ୍ଷେତ୍ରରୁ ପ୍ରତିନିଧିତ୍ୱ କରିଥିଲେ। ୨୦୦୪ ମସିହା ଓଡ଼ିଶା ବିଧାନ ସଭାର କାର୍ଯ୍ୟକାଳ ଭିତରେ ଶ୍ରେଷ୍ଠ ବିଧାୟକ ସମ୍ମାନ ତାଙ୍କୁ ମିଳିଥିଲା। ପରେ ଦେବଗଡ଼ରୁ ସାଂସଦ ଭାବେ ନିର୍ବାଚନ ଜିତିବା ପରେ ବିଜେପି ଯୁବମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷ, ରାଷ୍ଟ୍ରୀୟ ସମ୍ପାଦକ ଓ ଦୁଇଥର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଭାବେ ଦଳର ସଙ୍ଗଠନ ଓ



ନିର୍ବାଚନକୁ ଦକ୍ଷତାର ସହ ପରିଚାଳନା କରି କେନ୍ଦ୍ର ବିଜେପିର ବଡ଼ ବଡ଼ ନେତାଙ୍କ ନଜରକୁ ଆସିଥିଲେ। କେନ୍ଦ୍ର ବିଜେପି ଧର୍ମେନ୍ଦ୍ର ବାବୁଙ୍କ ଉପରେ ଅଖଣ୍ଡ ବିଶ୍ୱାସ ଭରସା ରଖି ଅନେକ ଗୁରୁଦାୟିତ୍ୱ ତାଙ୍କୁ ଯେଉଁ ସମୟରେ ବି ଦେଇଛନ୍ତି ସେ ତାକୁ ତାଙ୍କ ବ୍ୟକ୍ତିଗତ ନିଷ୍ଠା ଓ ଉଦ୍ୟମ ଦ୍ୱାରା ଫଳବତୀ କରିବାରେ ସଫଳ ହୋଇଛନ୍ତି। ବିଭିନ୍ନ ରାଜ୍ୟର ନିର୍ବାଚନ ସମୟରେ ପର୍ଯ୍ୟବେକ୍ଷକ ଦାୟିତ୍ୱ, ପରିଚାଳନା ଓ ସାଙ୍ଗଠନିକ ରଣନୀତି ପ୍ରସ୍ତୁତି ପାଇଁ କେନ୍ଦ୍ରୀୟ ବିଜେପି ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ବିହାର, କର୍ଣ୍ଣାଟକ, ଝାଡ଼ଖଣ୍ଡ, ଛତିଶଗଡ଼, ଉତ୍ତରାଖଣ୍ଡ ପରି ରାଜ୍ୟର ସ୍ଥାନୀୟ ନିର୍ବାଚନ ସମୟରେ ସେ ତାଙ୍କ ସ୍ୱତନ୍ତ୍ର ରଣନୀତି ଦ୍ୱାରା ଦଳକୁ ବିଜୟୀ କରିଛନ୍ତି। ଆମର ଅଧିକାଂଶ ପ୍ରବାସୀ ଭାଇମାନେ ରହୁଥିବା ସୁରଟ କ୍ଷେତ୍ରରୁ ଆମର ଅନେକ ଓଡ଼ିଆ ଭୋଟ ଧର୍ମେନ୍ଦ୍ର ବାବୁଙ୍କ ରଣନୀତି ଦ୍ୱାରା ମିଳିପାରିଥିଲା। ଏପରିକି ମହାରାଷ୍ଟ୍ର ଷ୍ଟ୍ରଙ୍ଗମ୍ୟାନ ଭାବେ ପରିଚିତ ଶରତ ପାଓ୍ୱାରଙ୍କ ସେ ସମୟର ଏନସିପିର ସବୁଠାରୁ ମର୍ଯ୍ୟାଦାଜନକ ସଂସଦୀୟ କ୍ଷେତ୍ର କୁହାଯାଉଥିବା ପୁନେରେ ଦଳ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଥିଲା ଏବଂ ସେଠାରେ ସେ ବିଜୟୀ ଗୈରିକ ଝଣ୍ଡା ଉଡ଼ାଇଥିଲେ।

ପ୍ରଧାନମନ୍ତ୍ରୀଙ୍କ ଉର୍ଜାଗଙ୍ଗା ଯୋଜନାର କାମକୁ ତ୍ୱରାନ୍ୱିତ କରାଯିବା ସହ ସମ୍ପ୍ରତି ଦେଶର ଚାରିଶହ ଜିଲ୍ଲାରେ ସିଟି ଗ୍ୟାସ ନେଟୱାର୍କ ସମ୍ପ୍ରସାରିତ ହୋଇଥିବାବେଳେ ଆଗାମୀ ଦିନରେ ଏହାକୁ ତ୍ୱରାନ୍ୱିତ କରିବାର ସେ ଉଦ୍ୟମ ଆରମ୍ଭ କରିଛନ୍ତି। ଓଡ଼ିଶାରେ ଡବଲ ଇଞ୍ଜିନ ସରକାରର ବିଜୟ ଶ୍ରେୟ ଅନେକାଂଶରେ ଧର୍ମେନ୍ଦ୍ର ବାବୁଙ୍କୁ ଯାଇଥାଏ। ନୂଆଦିଲ୍ଲୀରେ ମନ୍ତ୍ରୀମଣ୍ଡଳ ଓ ନିର୍ବାଚନ ରଣନୀତି ପରି ଗୁରୁତ୍ୱପୂର୍ଣ୍ଣ ଓ ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ଭିତରେ ସମୟ ପାଇଲା ମାତ୍ରେ ଓଡ଼ିଶା ମୁହାଁ ହୋଇ ନିୟମିତ ଭାବରେ ପ୍ରତିଟି ସଂସଦୀୟ କ୍ଷେତ୍ର ପାଇଁ ଦଳର ରଣନୀତି ଓ ପ୍ରସ୍ତୁତି ତାଙ୍କରି ପରାମର୍ଶରେ ହିଁ ହୋଇଥିଲା ଏବଂ ଫଳସ୍ୱରୂପ ଓଡ଼ିଶାରେ ବିଜେପି ଆଶାତୀତ ଆକାଶଛୁଆଁ ସଫଳତା ପାଇପାରିଛି। କେବଳ ପଶ୍ଚିମ ଓଡ଼ିଶା ନୁହେଁ ଉପକୂଳ ଓଡ଼ିଶାରେ ବିଜେପି ନିଜ ସ୍ଥିତିକୁ ମଜଭୁତ କରିପାରିଛି। ଛାତ୍ର ଜୀବନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସହ ଛାତ୍ର ଜୀବନ ରାଜନୀତି ଆରମ୍ଭ କରି ମୋଦିଙ୍କ କ୍ୟାବିନେଟର ଜଣେ ଦକ୍ଷ ଓ ପ୍ରଭାବଶାଳୀ ମନ୍ତ୍ରୀ ଭାବେ ବିଚାର କରାଯାଏ। ଉଭୟ ନରେନ୍ଦ୍ର ମୋଦି ଓ ଅମିତ ଶାହାଙ୍କ ଖାସ ଅନୁଗତ ଓ ବିଶ୍ୱସ୍ଥ କୁହାଯିବା ସହ ଦଳ ଉପରେ ତାଙ୍କ ଅଖଣ୍ଡ ପ୍ରଭାବ ରହିଛି ବୋଲି ବିଚାର କରାଯାଏ। ଅନେକ ସମୟରେ କେନ୍ଦ୍ରୀୟ ବିଜେପିର ସଭାପତି ଦାୟିତ୍ୱ ନେଇ ଦିଲ୍ଲୀ ରାଜନୀତି ଦରବାରରେ ଭଲ ଆଲୋଚନା ମଧ୍ୟ ହୁଏ। ଗଣମାଧ୍ୟମର ଖବର ଯାହା କୌଣସି ସମୟରେ ତାଙ୍କୁ ଯଦି ବିଜେପି ରାଷ୍ଟ୍ରୀୟ ସଭାପତି ପରି ଗୁରୁଦାୟିତ୍ୱ ପ୍ରଦାନ କରେ ତେବେ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଗତ ନିର୍ବାଚନରେ ବିଜେଡ଼ିର ଅନ୍ୟତମ ପ୍ରଭାବୀ ଓ ଶକ୍ତିଶାଳୀ ନେତାଙ୍କୁ ସମ୍ବଲପୁର ସଂସଦୀୟ କ୍ଷେତ୍ରରେ ବିପୁଳ ଭୋଟରେ ପରାଜିତ କରି ବିଭିନ୍ନ ସମୟରେ ନିଜ ସାଙ୍ଗଠନିକ ଦକ୍ଷତା ଓ ରଣନୀତି ପାଇଁ ଦଳର ସଙ୍କଟମୋଚକ ଭାବେ ଭିନ୍ନ ଭିନ୍ନ ପରିଚାଳନା ଓ ଦାୟିତ୍ୱ ନିର୍ବାହ ସେ କରିଛନ୍ତି।

ଝାଡ଼ଖଣ୍ଡରେ ଅନେକ ଓଡ଼ିଆ ରହୁଥିବାରୁ ତାଙ୍କ ବ୍ୟକ୍ତିନିଷ୍ଠ ଉଦ୍ୟମରେ ଅନେକ ଶିକ୍ଷା, ସ୍ୱାସ୍ଥ୍ୟ ଓ ପେଟ୍ରୋଲିୟମ ପ୍ରକଳ୍ପର ଯୋଜନା ସେ ହାତକୁ ନେଇଛନ୍ତି। ଓଡ଼ିଶାରେ ନବୀନ ବାବୁଙ୍କ ନେତୃତ୍ୱର ବିଜେଡ଼ିକୁ କଡା ଟକ୍କର ଦେଇ ସେ ଯେଉଁପରି ଦଳର ଜଣେ ଗେମ ଚେଞ୍ଜର ଭାବେ ନିଜକୁ ପ୍ରତିଷ୍ଠିତ କରିଛନ୍ତି ତା କମ ବଡ଼କଥା ନୁହେଁ। ବିଜେଡ଼ିର ସୁପ୍ରିମୋ ନବୀନ ବାବୁଙ୍କୁ ବିଜେପି ପକ୍ଷରୁ ତାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଭାବେ ମୁକାବିଲାର ମୈଇଦାନରେ ଗଣମାଧ୍ୟମରେ ଅନେକ ଚର୍ଚ୍ଚା ସୃଷ୍ଟି ହୁଏ। ମୋଦିଙ୍କ କ୍ୟାବିନେଟର ଏହି ପ୍ରଭାବଶାଳୀ ଓଡ଼ିଆ ଦକ୍ଷ ମନ୍ତ୍ରୀ ଓଡ଼ିଶାର ସେବା ପାଇଁ ଅନେକ ଉଦ୍ୟମ କରନ୍ତୁ ତାଙ୍କ ରାଜନୈତିକ ଜୀବନ ଆହୁରି ଆଗେଇ ଚାଲୁ ତାଙ୍କୁ ଆମର ଅନେକ ଅନେକ ଅଭିନନ୍ଦନ।

ଯାଜପୁର ରୋଡ଼, ଯାଜପୁର
ମୋବାଇଲ୍:୯୯୩୮୫୩୬୦୭୬

### ଜାତୀୟ ମହାକାଶ ଦିବସରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ

# ଆମେ ବଡ଼ ସ୍ୱପ୍ନ ଦେଖିବା, ନୂତନ ସୀମା ଅତିକ୍ରମ କରିବା



ନୂଆଦିଲ୍ଲୀ,୨୩।୮ଃ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ମହାକାଶ ଦିବସରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖି ଆହ୍ୱାନ ଦେଇଛନ୍ତି, ଆସନ୍ତୁ ବଡ଼ ସ୍ୱପ୍ନ ଦେଖିବା, ଅଧିକ ନୂତନ ଜିନିଷ ଉଦ୍ଭାବନ କରିବା ଓ ନୂତନ ସୀମା ଅତିକ୍ରମ କରିବା। ଆମ ହାତରେ ତ୍ରିରଙ୍ଗା ଅଛି, ଆମ ପାଖରେ ମହାକାଶ ଅଛି, ଆମ ପାଖରେ ୧୪୦ କୋଟି ଦେଶବାସୀଙ୍କ ସ୍ୱପ୍ନ ଅଛି। ଏହା ହେଉଛି ଆମର ବଡ଼ ସଂକଳ୍ପ। ମୁଁ ଅଯୋଧ୍ୟାରେ କହିଥିଲି ଯେ, ଏହା ଏକ ନୂତନ ସମୟଚକ୍ରର ଆରମ୍ଭ। ନୂତନ ସମୟ ଚକ୍ରର ଉତ୍ପତ୍ତି। ନୂତନ ସମୟ କ୍ଷେତ୍ରରେ, ଭାରତ ବିଶ୍ୱ କ୍ରମରେ ନିରନ୍ତର ଭାବରେ ଏହାର ସ୍ଥାନ ବିସ୍ତାର କରୁଛି। ଏହା ଆମର ମହାକାଶ କାର୍ଯ୍ୟକ୍ରମରେ ମଧ୍ୟ ସ୍ପଷ୍ଟ ଭାବରେ ଦୃଶ୍ୟମାନ ହେଉଛି। ଆମେ ମିଳିତ ଭାବରେ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବା ପାଇଁ ସଂକଳ୍ପ ନେଇଛୁ। ଏହି ସଂକଳ୍ପ ହାସଲ କରିବାରେ ମହାକାଶ କ୍ଷେତ୍ରର ଏକ ବଡ଼ ଭୂମିକା ରହିଛି। ଆଜି ଆମର ଜେନ୍-ଜି ଇଞ୍ଜିନିୟର, ଜେନ୍-ଜି ଡିଜାଇନର୍, ଜେନ୍-ଜି କୋଡର ଓ ଜେନ୍-ଜି ବୈଜ୍ଞାନିକମାନେ ନୂତନ ପ୍ରଯୁକ୍ତିବିଦ୍ୟା ସୃଷ୍ଟି କରୁଛନ୍ତି। ତାହା ପ୍ରୋପଲ୍‌ସନ ସିଷ୍ଟମ୍, କମ୍ପୋଜିଟ୍ ସାମଗ୍ରୀ, ରକେଟ୍ ପର୍ଯ୍ୟାୟ, ସାଟେଲାଇଟ୍ ପ୍ଲାଟଫର୍ମ ହେଉ, ଆଜି ଭାରତର ଯୁବପିଢ଼ି ଏପରି କ୍ଷେତ୍ରରେ କାମ କରୁଛନ୍ତି ଯାହା କିଛିବର୍ଷ ପୂର୍ବେ ମଧ୍ୟ କଳ୍ପନା କରାଯାଇପାରୁ ନଥିଲା। ଜେନ୍-ଜି ନିଜର ପ୍ରତିଭା ଦେଖାଇବାରେ ଲାଗିଛନ୍ତି। ଭାରତର ମହାକାଶ ପ୍ରତିଭା ସାରା ବିଶ୍ୱରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରୁଛି। ଆଜି, ଭାରତର ମହାକାଶ କ୍ଷେତ୍ର ବିଶ୍ୱ ନିବେଶକଙ୍କ ପାଇଁ ଏକ ଆକର୍ଷଣୀୟ ଗନ୍ତବ୍ୟସ୍ଥଳ ହେବାକୁ



### ବାର୍ତ୍ତାରେ ଜେନ୍-ଜିଙ୍କୁ ଦେଲେ ଶ୍ରେୟ

ଯାଉଛି। ଇସ୍ରୋର ସଫଳତା ଦେଖି ଅନେକ ପିଲା ଭାବୁଛନ୍ତି ଯେ, ସେମାନେ ବଡ଼ ହୋଇ ବୈଜ୍ଞାନିକ ହେବେ। ରକେଟ୍ କାଉଣ୍ଟଡାଉନ୍ ଲକ୍ଷ ଲକ୍ଷ ପିଲାଙ୍କୁ ପ୍ରେରଣା ଦେଉଛି। ପ୍ରତ୍ୟେକ ଘରେ କାଗଜ ଏରୋପ୍ଲେନ୍ ଉଡ଼ାଉଥିବା ପିଲା ସେ ବଡ଼ ହୋଇ ଜଣେ ଏରୋନଟିକାଲ୍ ଇଞ୍ଜିନିୟର ହେବାକୁ ଚାହୁଁଛନ୍ତି, ସେମାନେ ବୈଜ୍ଞାନିକ ହେବାକୁ ଚାହୁଁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରତିବର୍ଷ ଅଗଷ୍ଟ ୨୩ ତାରିଖରେ ଭାରତରେ ଜାତୀୟ ମହାକାଶ ଦିବସ ପାଳନ କରାଯାଏ। ଏହି ଦିନଟି ୨୦୨୩ ମସିହାରେ ଚନ୍ଦ୍ରାୟନ-୩ ମିଶନର ବିକ୍ରମ ଲ୍ୟାଣ୍ଡରର ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଐତିହାସିକ ସଫ୍ଟ ଅବତରଣକୁ ସ୍ମରଣ କରିଥାଏ। ଏହି ସଫଳତା ସହିତ, ଭାରତ ଚନ୍ଦ୍ରର ଏହି ଅଂଶରେ ପହଞ୍ଚିବାରେ ବିଶ୍ୱର ପ୍ରଥମ ଦେଶ ପାଲଟିଛି। ଚନ୍ଦ୍ରାୟନ-୩ର ସଫଳତା ଭାରତର ମହାକାଶ କାର୍ଯ୍ୟକ୍ରମ ପାଇଁ ଏକ ଐତିହାସିକ ମାଇଲଖୁଣ୍ଟ ଭାବରେ ପରିଚିତ ହୋଇଛି। ଏହା ମାଧ୍ୟମରେ ଦେଶ ନିଜ ବୈଜ୍ଞାନିକ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷମତାର ବର୍ଦ୍ଧିତ ଶକ୍ତିକୁ ବିଶ୍ୱ ସମ୍ମୁଖରେ ପ୍ରଦର୍ଶିତ କରିଥିଲା।

## ଆଜି ଡୋଭାଲଙ୍କ ଚୀନ୍ ଗସ୍ତ



ନୂଆଦିଲ୍ଲୀ,୨୩।୮ଃ ଭାରତ ଏବଂ ଚାଇନା ମଧ୍ୟରେ ସୀମା ବିବାଦ ସମ୍ପର୍କରେ ପୁଣି ଥରେ କୂଟନୈତିକ ଆଲୋଚନା ଆଗକୁ ବଢ଼ିବାକୁ ଯାଉଛି। ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ସୋମବାର ବେଜିଂରେ ପହଞ୍ଚିବେ। ସେଠାରେ ସେ ତାଙ୍କର ଚାଇନା ପ୍ରତିପକ୍ଷ ୱାଙ୍ଗ ୟିଙ୍କ ସହ ଭାରତ-ଚାଇନା ସ୍ୱତନ୍ତ୍ର ପ୍ରତିନିଧି ଆଲୋଚନାରେ ଅଂଶଗ୍ରହଣ କରିବେ। ସରକାରୀ ସୂତ୍ର ଅନୁଯାୟୀ, ଅଜିତ ଡୋଭାଲ ଏବଂ ୱାଙ୍ଗ ୟି ମଙ୍ଗଳବାର ସୀମା ପ୍ରସଙ୍ଗରେ ୨୫ତମ ପର୍ଯ୍ୟାୟ ସ୍ୱତନ୍ତ୍ର ପ୍ରତିନିଧି ଆଲୋଚନାରେ ଅଂଶଗ୍ରହଣ କରିବେ। ଅଜିତ ଡୋଭାଲ ଏବଂ ୱାଙ୍ଗ ୟି ଉଭୟ ଭାରତ-ଚାଇନା ସୀମା ଆଲୋଚନା ପାଇଁ ମନୋନୀତ ସ୍ୱତନ୍ତ୍ର ପ୍ରତିନିଧି। ଏହି ସ୍ୱତନ୍ତ୍ର ପ୍ରତିନିଧି ବ୍ୟବସ୍ଥା ଦୁଇ ରାଷ୍ଟ୍ର ମଧ୍ୟରେ ସୀମା ବିବାଦର ସମାଧାନ ପାଇଁ ପ୍ରତିଷ୍ଠିତ ହୋଇଥିଲା। ଏହି ଆଲୋଚନାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଭାରତ ଏବଂ ଚାଇନା ମଧ୍ୟରେ ଦୀର୍ଘକାଳୀନ ସୀମା ବିବାଦର ରାଜନୈତିକ ଏବଂ କୂଟନୈତିକ ସମାଧାନ ଖୋଜିବା। ଉଭୟ ଦେଶ ଅନେକ କ୍ଷେତ୍ରରେ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲଏସି) ସମ୍ପର୍କରେ ଭିନ୍ନ ଭିନ୍ନ ମତ ରଖିଛନ୍ତି।

## ଜାତୀୟ ସଙ୍ଗୀତ ସରିବା ଆଗରୁ ଉଠିଗଲେ ବାଚସ୍ପତି



ଲକ୍ଷ୍ନୌ, ୨୩।୮ଃ ଉନ୍ନାଓରେ ଜାତୀୟ ସଙ୍ଗୀତ ଗାନ ସମୟରେ ୟୁପିର କାନପୁରର ମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟକ ତଥା ବିଧାନସଭା ବାଚସ୍ପତି ସତୀଶ ମହାନାଙ୍କ ବିବାଦୀୟ ଭିଡିଓ ସାମ୍ନାକୁ ଆସିଛି। ଜାତୀୟ ସଙ୍ଗୀତ ଗାନ ସରିବା ପୂର୍ବରୁ ସେ ଚାଲିଯାଉଥିବାର ଦେଖିବାକୁ ମିଳୁଛି। ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଉଥିବା ସମୟରେ ୫୨ ସେକେଣ୍ଡର ଜାତୀୟ ସଙ୍ଗୀତ ଗାନ ସମୟରେ ସେ ହାତ ଯୋଡି ନମସ୍କାର କରି ଚାଲିଯାଉଥିବାର ଦୃଶ୍ୟ ଭିଡିଓରେ ଦେଖାଯାଉଛି। ଜାତୀୟ ସଙ୍ଗୀତ 'ଜନ-ଗଣ-ମନ' ବାଜିବା ସମୟରେ,ସେ ହଠାତ୍ ଆଗକୁ ବଢ଼ିବା ଆରମ୍ଭ କରିଥିଲେ ଏବଂ ଜାତୀୟ ସଙ୍ଗୀତ ମଝିରେ ତାଙ୍କ କାରରେ ବସି ସେଠାରୁ ଚାଲିଯାଇଥିଲେ। ତାଙ୍କ ସମର୍ଥକ ଏବଂ କାର୍ଯ୍ୟକ୍ରମରେ ଉପସ୍ଥିତ ଅନ୍ୟମାନେ ତାଙ୍କ ପଛେ ପଛେ ଯାଇଥିଲେ। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହା ତାଙ୍କ ସାମ୍ବିଧାନିକ ପଦବୀର ମର୍ଯ୍ୟାଦା ଉପରେ ପ୍ରଶ୍ନ ଉଠାଇଛି।

## ମାୟାବତୀଙ୍କ ମନ୍ଦିର ନିର୍ମାଣ ପାଇଁ ଆଗ୍ରହ



ଆଲିଗଡ଼,୨୩।୮ଃ ବହୁଜନ ସମାଜ ପାର୍ଟି (ବିଏସ୍‌ପି)ର ମୁଖ୍ୟ ତଥା ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ମାୟାବତୀଙ୍କୁ ନେଇ ଏକ ନୂଆ ଦାବି ରାଜନୈତିକ ପରିବେଶରେ ଚର୍ଚ୍ଚା ସୃଷ୍ଟି କରିଛି। ସୂଚନା ଅଧିକାର କର୍ମୀ ପଣ୍ଡିତ କେଶବ ଦେବ ଗୌତମ ମାୟାବତୀଙ୍କ ସମ୍ମାନରେ ଏକ ମନ୍ଦିର ନିର୍ମାଣ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ଗୌତମଙ୍କ କହିବା ଅନୁଯାୟୀ, ଆଲିଗଡ଼ର ବନ୍ନାଦେବୀ ଥାନା ଅଞ୍ଚଳରେ ରହୁଥିବା ସେ ନିଜସ୍ୱ ଜମିରେ ମାୟାବତୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବା ସହ ମନ୍ଦିର ନିର୍ମାଣ କରିବାକୁ ଚାହୁଁଛନ୍ତି। ଏନେଇ ସେ ମାୟାବତୀଙ୍କ ଅନୁମତି ଓ ଆଶୀର୍ବାଦ ଲୋଡ଼ି ଏକ ପ୍ରାର୍ଥନାପତ୍ର ପଠାଇଛନ୍ତି। ଖୈର ତହସିଲ ଅଞ୍ଚଳରେ ଏହି ମନ୍ଦିର ନିର୍ମାଣ କରିବାକୁ ସେ ଇଚ୍ଛୁକ ବୋଲି ଜଣାପଡ଼ିଛି।

ପଣ୍ଡିତ କେଶବ ଦେବ ଗୌତମ କହିଛନ୍ତି ଯେ, ମାୟାବତୀ ବର୍ଷ ବର୍ଷ ଧରି ପୀଡ଼ିତ ଓ ଶୋଷିତ ବର୍ଗ ସମେତ ସମାଜରେ ଅନେକଙ୍କ ପାଇଁ କାମ କରିଛନ୍ତି। ତାଙ୍କ ସଂଘର୍ଷ, ତ୍ୟାଗ ଓ ସମର୍ପଣରୁ ସେ ପ୍ରେରଣା ପାଇଥିବା ଦାବି କରିଛନ୍ତି। ଏହି କାରଣରୁ ଜଣେ ବ୍ରାହ୍ମଣ ହୋଇ ମଧ୍ୟ ମାୟାବତୀଙ୍କୁ ଦେବୀ ସ୍ୱରୂପ ଭାବେ ସମ୍ମାନ ଜଣାଇ ତାଙ୍କ ମନ୍ଦିର ନିର୍ମାଣ କରିବାକୁ ଚାହୁଁଥିବା ସେ କହିଛନ୍ତି।

### ଅଧିବେଶନ ସରିଛି, ପ୍ରୋରୋଗେସନ୍ ହେଉନି

## ଗୁପ୍ତ ଉଦ୍ଦେଶ୍ୟ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

ନୂଆଦିଲ୍ଲୀ,୨୩।୮ଃ ସଂସଦର ମୌସୁମୀ ଅଧିବେଶନ ମୁଲତବୀ ହେବାର ଦୀର୍ଘ ଦିନ ପରେ ବି ଆନୁଷ୍ଠାନିକ ଭାବେ ପ୍ରୋରୋଗେସନ୍ (ସଂସଦ ଅବସାନ) ନହେବାକୁ ନେଇ ରବିବାର କଂଗ୍ରେସ ପ୍ରଶ୍ନ ଉଠାଇଛି। ଗୃହ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ହେବା ଏବଂ ପ୍ରୋରୋଗେସନ୍ ହେବା ମଧ୍ୟରେ ସାଧାରଣତଃ ଦୁଇରୁ ଚାରି ଦିନର ବ୍ୟବଧାନ ରହିଥାଏ, ମାତ୍ର ଦଶ ଦିନ ବିତିଯାଇଥିଲେ ବି ଏପର୍ଯ୍ୟନ୍ତ ଏନେଇ କୌଣସି ସୂଚନା ନମିଳିବା ଚିନ୍ତାର ବିଷୟ ବୋଲି ଦଳ ପ୍ରକାଶ କରିଛି। ସୀମା ନିର୍ଦ୍ଧାରଣ ସମ୍ବନ୍ଧୀୟ ସମ୍ବିଧାନ ସଂଶୋଧନ ବିଲକୁ ଏକ ସ୍ୱତନ୍ତ୍ର ଅଧିବେଶନରେ ପାରିତ କରିବା ପାଇଁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏବେ ବି ଦୁଇ-ତୃତୀୟାଂଶ ବହୁମତ ଯୋଗାଡ଼ କରିବାକୁ ଚେଷ୍ଟା କରୁଛନ୍ତି କି ବୋଲି କଂଗ୍ରେସ ନେତା ଜୟରାମ ରମେଶ ପ୍ରଶ୍ନ କରିଛନ୍ତି।

## ଜାପାନରେ ପୁଣି ୫.୯ ତୀବ୍ରତାଯୁକ୍ତ ଭୂକମ୍ପ, ୨୩ ଆହତ



ଟୋକିଓ, ୨୩।୮ଃ ପୁଣିଥରେ ରବିବାର ସକାଳେ ଜାପାନରେ ଏକ ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଛି। ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୫.୯ ମାପ କରାଯାଇଛି। ରାଜଧାନୀ ଟୋକିଓ ସମେତ ପୂର୍ବ ଜାପାନର ଅନେକ ଅଞ୍ଚଳରେ ଏହାର ପ୍ରଭାବ ଅନୁଭୂତ ହୋଇଛି। ଅଧିକାରୀଙ୍କ ଅନୁଯାୟୀ, ଭୂମିକମ୍ପରେ ୨୩ ଜଣ ଆହତ ହୋଇଛନ୍ତି। ଭୂମିକମ୍ପ ପରେ କୌଣସି ସୁନାମି ସତର୍କ ସୂଚନା ଜାରି ହୋଇନାହିଁ। ଜାପାନ ପାଣିପାଗ ସଂସ୍ଥା ଅନୁଯାୟୀ, ଭୂମିକମ୍ପ ଦକ୍ଷିଣ ଇବାରାକି ପ୍ରଦେଶରେ ଘଟିଛି। ଏହାର କେନ୍ଦ୍ରସ୍ଥଳ ଭୂମି ତଳେ ପ୍ରାୟ ୭୦ କିଲୋମିଟର ଗଭୀରରେ ଥିଲା। ଏହି ଅଞ୍ଚଳ ଜାପାନର ସର୍ବାଧିକ ଭୂମିକମ୍ପପ୍ରବଣ ଅଞ୍ଚଳ ମଧ୍ୟରୁ ଗୋଟିଏ। ଅଧିକାରୀଙ୍କ ଅନୁଯାୟୀ, ଚାରୋଟି ପ୍ରଦେଶରେ ମୋଟ ୨୩ ଜଣ ଆହତ ହୋଇଥିବା ରିପୋର୍ଟ କରାଯାଇଛି। ସାଇତାମାରେ ନଅ ଜଣ, କାନାଗାୱାରେ ନଅ ଜଣ, ଚିବାରେ ଚାରି ଜଣ ଏବଂ ଇବାରକିରେ ଜଣେ ଆହତ ହୋଇଛନ୍ତି।

## ୟୁକ୍ରେନକୁ ଇଣ୍ଟରସେପ୍ଟର ଯୋଗାଇବ ଫ୍ରାନ୍ସ

ପ୍ୟାରିସ୍,୨୩।୮ଃ ରୁଷ ବିରୋଧୀ ଯୁଦ୍ଧରେ ଫ୍ରାନ୍ସ ୟୁକ୍ରେନ ପାଇଁ ନୂତନ ମିସାଇଲ ଇଣ୍ଟରସେପ୍ଟର ଘୋଷଣା କରିଛି । ଏଗୁଡ଼ିକ ମଝି ଆକାଶରେ ରୁଷିଆ ମିସାଇଲଗୁଡ଼ିକୁ ନଷ୍ଟ କରିବାରେ ସାହାଯ୍ୟ କରିବ। ରୁଷ ଏବଂ ୟୁକ୍ରେନ ପ୍ରାୟ ସାଢ଼େ ଚାରି ବର୍ଷ ଧରି ଯୁଦ୍ଧରେ ଅଛନ୍ତି। ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ ଏବଂ ପୋଲାଣ୍ଡ ଭଳି ୟୁରୋପୀୟ ଦେଶଗୁଡ଼ିକ ରୁଷ ବିରୋଧରେ ଅସ୍ତ୍ରଶସ୍ତ୍ର ଯୋଗାଇ ୟୁକ୍ରେନକୁ ସହାୟତା କରୁଛନ୍ତି। ୟୁକ୍ରେନକୁ ମିସାଇଲ ଇଣ୍ଟରସେପ୍ଟର ଯୋଗାଇବା ପାଇଁ ଫ୍ରାନ୍ସର ନିଷ୍ପତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ରୁଷ ଗତ କିଛି ମାସ ମଧ୍ୟରେ ୟୁକ୍ରେନ ଉପରେ ଆକ୍ରମଣକୁ ତୀବ୍ର କରିଛି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ କହିଛନ୍ତି, ୟୁକ୍ରେନର ଆକାଶକୁ ସୁରକ୍ଷା ଦେବା ଏବଂ ରୁଷ ଆକ୍ରମଣକୁ ପ୍ରତିହତ କରିବା ପାଇଁ ମିସାଇଲ ଇଣ୍ଟରସେପ୍ଟର ଯୋଗାଇବା ଅତ୍ୟନ୍ତ ଜରୁରୀ।

## ପୁଲିସକୁ ନିସ୍ତୁକ ପିଟିଲେ, ଆଖିରେ ଲଙ୍କା ଗୁଣ୍ଡ ପକାଇଲେ



ନୂଆଦିଲ୍ଲୀ,୨୩।୮ଃ ଦିଲ୍ଲୀର ଭଲସ୍ୱା ଡାଏରୀ ଅଞ୍ଚଳରୁ ପୁଲିସ ଉପରେ ଆକ୍ରମଣର ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଏକ ଭିଡ଼ରେ ପୁଲିସ ଯବାନଙ୍କୁ ଲାଠିରେ ଆକ୍ରମଣ କରିବା ସହ ସେମାନଙ୍କ ଉପରେ ଲଙ୍କାଗୁଣ୍ଡ ଫିଙ୍ଗିଥିବା ଅଭିଯୋଗ ହୋଇଛି। ଅଞ୍ଚଳରେ କୌଣସି ଘଟଣାକୁ ନେଇ ଲୋକଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପରିସ୍ଥିତି ସମ୍ଭାଳିବା ପାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ କିଛି ଲୋକ ତାଙ୍କୁ ଘେରି ଆକ୍ରମଣ କରିଥିବା ଅଭିଯୋଗ ରହିଛି।

ଭାଇରାଲ୍ ଭିଡିଓରେ ପୁଲିସ କର୍ମୀଙ୍କୁ ଲୋକେ ଲାଠିରେ ମାଡ଼ ମାରୁଥିବା ଓ ଧସ୍ତାଧସ୍ତି କରୁଥିବା ଦେଖାଯାଉଥିବା ଦାବି କରାଯାଇଛି। ଏହା ସହ ତାଙ୍କ ଉପରେ ଲଙ୍କାଗୁଣ୍ଡ ଫିଙ୍ଗାଯାଇଥିବା କୁହାଯାଉଛି। ଭାଇରାଲ୍ ଭିଡିଓକୁ ମଧ୍ୟ ଯାଞ୍ଚ କରାଯାଇ ଆକ୍ରମଣକାରୀଙ୍କ ପରିଚୟ ଠାବ କରାଯାଉଥିବା ସୂଚନା ରହିଛି। ଦିଲ୍ଲୀର ଭଲସ୍ୱା ଡାଏରୀ ଅଞ୍ଚଳ ପୂର୍ବରୁ ମଧ୍ୟ ବିଭିନ୍ନ ଅପରାଧିକ ଘଟଣାକୁ ନେଇ ଚର୍ଚ୍ଚାରେ ରହିଛି। ଚଳିତ ବର୍ଷ ଏହି ଅଞ୍ଚଳରେ ହିଂସା ଓ ଅପରାଧ ସମ୍ପର୍କିତ ଘଟଣା ନେଇ ମଧ୍ୟ ଖବର ସାମ୍ନାକୁ ଆସିଛି।

## ବାଂଲାଦେଶରେ ପୁଣି ହିନ୍ଦୁଙ୍କୁ ଟାର୍ଗେଟ୍

### ଛାତରେ ବାପା, ଶିଡ଼ିରେ ମା'-ଝିଅ, ଖଟ ତଳେ ପୁଅର ମୃତଦେହ



ଢାକା,୨୩।୮ଃ ବାଂଲାଦେଶର ରଙ୍ଗପୁର ସହରରେ ଏକ ବନ୍ଦ ଘର ଭିତରେ ପରିବାରର ଚାରି ଜଣଙ୍କ ମୃତଦେହ ମିଳିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ମୃତକଙ୍କ ମଧ୍ୟରେ ଜଣେ ଅବସରପ୍ରାପ୍ତ ସ୍କୁଲ ଶିକ୍ଷକ, ତାଙ୍କ ସ୍ତ୍ରୀ, ତାଙ୍କ ଝିଅ ଏବଂ ତାଙ୍କ ୧୨ ବର୍ଷର ପୁଅ ଅନ୍ତର୍ଭୁକ୍ତ। ପୁଲିସ ତଦନ୍ତ ଆରମ୍ଭ କରିଛି ଏବଂ ହତ୍ୟା ପଛର ଉଦ୍ଦେଶ୍ୟ ଜାଣିବା ପାଇଁ ବିଭିନ୍ନ ଦିଗକୁ ଯାଞ୍ଚ କରୁଛି।

ରଙ୍ଗପୁର ସହରର ମାଛୁଆପାରା ଅଞ୍ଚଳରେ ଏହି ଘଟଣା ଘଟିଛି। ପୁଲିସର ସୂଚନା ଅନୁଯାୟୀ, ଶନିବାର ରାତି ପ୍ରାୟ ୧୧ଟା ୩୦ ସମୟରେ ବନ୍ଦ ଘରେ ପ୍ରବେଶ କରିବା ପରେ ଚାରିଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତକଙ୍କ ନାମ ୬୫ ବର୍ଷୀୟ ଗଣପତି ଚକ୍ରବର୍ତ୍ତୀ, ତାଙ୍କ ୫୦ ବର୍ଷୀୟ ପତ୍ନୀ ପ୍ରୀତିଲତା ଚକ୍ରବର୍ତ୍ତୀ, ୨୫ ବର୍ଷୀୟ ଝିଅ ପ୍ରାର୍ଥି ଚକ୍ରବର୍ତ୍ତୀ ଏବଂ ୧୨ ବର୍ଷୀୟ ପୁଅ ପ୍ରିୟମ ଚକ୍ରବର୍ତ୍ତୀ। ତଦନ୍ତରୁ ଜଣାପଡିଛି ଯେ ପରିବାରର ଚାରି ଜଣଙ୍କ ମୃତଦେହ ଘରର ବିଭିନ୍ନ ସ୍ଥାନରେ ମିଳିଥିଲା। ରିପୋର୍ଟରୁ ଜଣାପଡିଛି ଯେ ଗଣପତି ଚକ୍ରବର୍ତ୍ତୀଙ୍କ ମୃତଦେହ ଛାତ ଉପରେ ମିଳିଥିଲା, ଯେତେବେଳେ ତାଙ୍କ ସ୍ତ୍ରୀ ଏବଂ ଝିଅଙ୍କ ମୃତଦେହ ସିଡ଼ି ନିକଟରେ ମିଳିଥିଲା। ଗୋଟିଏ କୋଠରୀର ଏକ ବିଛଣା ତଳେ ୧୨ ବର୍ଷୀୟ ପ୍ରିୟମର ମୃତଦେହ ମିଳିଛି। ପୁଲିସ ଓ ଫରେନସିକ ଦଳ ଘଟଣାସ୍ଥଳରୁ ପ୍ରମାଣ ସଂଗ୍ରହ କରିଛନ୍ତି। ଏହା ମଧ୍ୟ ରିପୋର୍ଟ ହୋଇଛି ଯେ ଘରର ଜିନିଷପତ୍ର ବିପର୍ଯ୍ୟସ୍ତ ଅବସ୍ଥାରେ ମିଳିଛି।

ସମ୍ପର୍କୀୟଙ୍କ ଅନୁଯାୟୀ, ପରିବାର ସହିତ ଶେଷ ଯୋଗାଯୋଗ ଗୁରୁବାର ହୋଇଥିଲା, ଯାହା ପରେ ସମସ୍ତ ଚାରିଜଣ ସଦସ୍ୟଙ୍କ ମୋବାଇଲ ଫୋନ ବନ୍ଦ ଥିବା ଦେଖିବାକୁ ମିଳିଥିଲା।

## ୨୨ ଫୁଟ ଉଚ୍ଚ ଶ୍ରୀଗଣେଶଙ୍କ ମୂର୍ତ୍ତି ପଡ଼ି ୨ ମୃତ, ୫ ଆହତ



ମୁମ୍ବାଇ, ୨୩।୮ଃ ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରେ ଏକ ବଡ଼ ଦୁର୍ଘଟଣା ଘଟିଛି। ୨୨ ଫୁଟ ଉଚ୍ଚ ଗଣେଶଙ୍କ ପ୍ରତିମା ହଠାତ୍ ପଡ଼ିଯିବାରୁ ଦୁଇଜଣଙ୍କ ମୃତ୍ୟୁ ଘଟିଛି ଏବଂ ଅନ୍ୟ ପାଞ୍ଚ ଜଣ ଆହତ ହୋଇଛନ୍ତି। ତୁରନ୍ତ ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ପୀଡିତଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଛି। ଦକ୍ଷିଣ ମୁମ୍ବାଇର ଭୁଲେଶ୍ୱର ଅଞ୍ଚଳରେ ଗଣପତି ମୂର୍ତ୍ତି ଆଣିବା ବେଳେ ଶନିବାର ରାତିରେ ଏହି ଦୁର୍ଘଟଣା ଘଟିଥିଲା। ପ୍ରାୟ ୨୨ ଫୁଟ ଉଚ୍ଚ 'ଭୁଲେଶ୍ୱରଚା ରାଜା' ମୂର୍ତ୍ତି ହଠାତ୍ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ମୂର୍ତ୍ତିକୁ ବାଇକୁଲାରୁ ଭୁଲେଶ୍ୱରର ମଣ୍ଡପକୁ ଅଣାଯାଉଥିଲା। ତେବେ ପେଣ୍ଡାଲର ୫୦-୬୦ ମିଟର ଦୂରରୁ ଏହି ପଡ଼ିଯାଇଥିଲା।

## ସଂରକ୍ଷଣ ହଟାଇବାକୁ ଜନ୍ତରମନ୍ତରରେ ଆନ୍ଦୋଳନ

ନୂଆଦିଲ୍ଲୀ, ୨୩।୮ଃ ଏବେ ପୁଣି ସଂରକ୍ଷଣ ହଟାଇବା ଦାବି ନେଇ ଜେନ୍-ଜି ମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହାସହ ସେମାନେ ୫ଟି ମୁଖ୍ୟ ଦାବି କରିଛନ୍ତି।

ଶୁକ୍ରବାର ଦିଲ୍ଲୀ ପୋଲିସ ଜନ୍ତର ମନ୍ତରରେ ଅନେକ ପ୍ରଦର୍ଶନକାରୀଙ୍କୁ ଗିରଫ କରିଛି। ସେମାନେ ଜାତି ଭିତ୍ତିକ ସଂରକ୍ଷଣକୁ ବିରୋଧ କରି ଧାରଣା ଦେଉଥିଲେ। ଧାରଣାସ୍ଥଳରେ ପୋଲିସ ସମେତ କେନ୍ଦ୍ରୀୟ ସୁରକ୍ଷାବଳ ମୁତୟନ ହୋଇଥିଲେ। ପୁଲିସ ଆନ୍ଦୋଳନ ପାଇଁ ଅନୁମତି ପ୍ରଦାନ କରିନଥିଲା। ତଥାପି ଆନ୍ଦୋଳନକାରୀ ପ୍ରଦର୍ଶନ ଜାରି ରଖିଥିଲେ। ଆନ୍ଦୋଳନକାରୀଙ୍କ ଦାବି ଅନୁସାରେ, ସଂରକ୍ଷଣ ସମୟରେ ଆର୍ଥିକ ଦୃଷ୍ଟିକୋଣକୁ ବିଚାର କରାଯିବା ଦରକାର। ଜାତି ବଦଳରେ ଦରକାର ଥିବା ବ୍ୟକ୍ତି ବିଶେଷଙ୍କୁ ସଂରକ୍ଷଣର ଲାଭ ମିଳିବା ଆବଶ୍ୟକ। ଜଣେ ଗରିବ ବ୍ୟକ୍ତି ସେ ଯେକୌଣସି ଜାତିର ହେଲେ ବି ସରକାରୀ ସଂରକ୍ଷଣର ଲାଭ ପାଇବା ଉଚିତ।

ସେହିପରି ଦ୍ୱିତୀୟ ଦାବିରେ ଆନ୍ଦୋଳନକାରୀ ମାନେ ସଂରକ୍ଷଣ ମଧ୍ୟରେ ସଂରକ୍ଷଣ ଦାବି କରିଛନ୍ତି। ସବୁ କ୍ୟାଟେଗୋରୀରେ କ୍ରିମି ଲେୟାର ବ୍ୟବସ୍ଥା ଲାଗୁ ପାଇଁ ଦାବି



ହୋଇଛି। ତୃତୀୟରେ ସରକାର ଗତ ୮୦ ଦଶନ୍ଧୀରେ ସଂରକ୍ଷଣରେ କଣ ଲାଭ ମିଳିଛି କେତେ ଜଣ ଫାଇଦା ପାଇଛନ୍ତି ସେନେଇ ଶ୍ୱେତପତ୍ର ଜାରି କରନ୍ତୁ ବୋଲି କହିଛନ୍ତି। ଅନ୍ୟ ଏକ ଦାବିରେ କୌଣସି ପରୀକ୍ଷା ପାଇଁ ମିନିମମ୍ କ୍ୱାଲିଫାଇଂ ମାର୍କ ବ୍ୟବସ୍ଥା ପାଇଁ ଆନ୍ଦୋଳନକାରୀ ତଥା ୟୁଟ୍ୟୁବର ଅଜିତ ଭାରତୀ କହିଛନ୍ତି।

### ସିନ୍ଦୂରକୁ ରୋକି ପାରିଲାନି ସୀମା

## ଭାରତ ଆସି ବିବାହ କଲେ ୧୫୦ ପାକିସ୍ତାନୀ କନ୍ୟା

ନୂଆଦିଲ୍ଲୀ, ୨୩।୮ଃ ଭାରତ-ପାକ୍ କଟକଣା ସତ୍ତ୍ୱେ ଅନ୍ୟୁନ୍ୟ ୧୫୦ ଜଣ ପାକିସ୍ତାନୀ ବଧୂ ମସ୍କଟ, କଲମ୍ବୋ, ଢାକା, ଦୁବାଇ ଓ କତାରରୁ କନେକ୍ଟିଂ ଫ୍ଲାଇଟ ନେଇ ଭାରତର ନାଗପୁର, ଯୋଦ୍ଧପୁର, ଅହମଦାବାଦ, ରାୟପୁର, ପୁଣେ ଓ ଭୋପାଳରେ ପହଞ୍ଚି 'ସିନ୍ଦୂର'ର ଅତୁଟ ବନ୍ଧନରେ ଅର୍ଥାତ୍ ବିବାହ ବନ୍ଧନରେ ବାନ୍ଧି ହୋଇପାରିଛନ୍ତି। 'ଅପରେସନ ସିନ୍ଦୂର' ପରେ କନ୍ୟାମାନଙ୍କ ସହିତ ସେମାନଙ୍କ ସମ୍ପର୍କୀୟଙ୍କୁ ଭାରତ ଆସିବାର ଅନୁମତି ତ ଥିଲା, ହେଲେ ସେମାନଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଫେରିଯିବାର ଥିଲା। ଏଣୁ ପାକିସ୍ତାନରୁ ଆସି ଭାରତରେ ବିବାହ କରିଥିବା ମହିଳାଙ୍କ ବିବାହ ଉତ୍ସବ ନିରାଡମ୍ବର ଅନୁଷ୍ଠିତ ହୋଇଥିଲା। ସାଧାରଣତଃ ଭାରତୀୟ ଭିସା ରଖିଥିବା ପାକିସ୍ତାନୀ ୱାଘା ବର୍ଡର ଦେଇ ଯା ଆସ କରିବାରେ କିଛି ଅସୁବିଧା ନାହିଁ। କିନ୍ତୁ ସୀମା ବନ୍ଦ ରହିବା ଯୋଗୁ ସେମାନଙ୍କୁ ଉଡାଜାହାଜରେ ବୁଲିକି ଆସିବାକୁ ପଡିଛି। ଗତ ଏପ୍ରିଲ-ଜୁନ ମାସରେ ୪୫୦ ସମ୍ପର୍କୀୟଙ୍କ ସହିତ ପାକିସ୍ତାନୀ ଝିଅମାନେ ବିବାହ କରିବାକୁ ଭାରତ ଆସିଛନ୍ତି। ଦୀର୍ଘ ସମୟରୁ ଭାରତୀୟ ଭିସାରେ ଆସିଥିବା ଇଂକେଶ ଜଶନାନୀଙ୍କ ନିର୍ବନ୍ଧ 'ପ୍ରି-ସିନ୍ଦୂର' କାଳରେ ହୋଇଥିଲା ଓ ସେମାନେ ଗତବର୍ଷ ବିବାହ ଯୋଜନା କରିଥିଲେ। ଏଥି ପାଇଁ ତାଙ୍କ ଭାବିପତ୍ନୀ ଆରତୀ ସିନ୍ଧ୍ର ଖାନପୁର ତହସିଲରୁ ଏକ ଜଟିଳ ଯାତ୍ରାରେ ମେ ୨୦୨୫ରେ ୱାଘା ବର୍ଡରରୁ ମାତ୍ର ୧ କିଲୋମିଟର ଦୂରରେ ପହଞ୍ଚିଥିଲେ। ଠିକ ସେତିକିବେଳେ ଭାରତ ଅଟାରୀ ଫାଟକ ବନ୍ଦ କରିଦେଇଥିଲା। ପ୍ରାୟ ବର୍ଷାଧିକ କାଳ ପରେ ମସ୍କଟ ରାସ୍ତାରେ ଆରତୀ ନାଗପୁର ପହଞ୍ଚି ଗତ ମାର୍ଚ୍ଚ ମାସରେ ଇଂକେଶଙ୍କୁ ବିବାହ କରିଛନ୍ତି। ଭିସା କଟକଣା ଥିବାରୁ ଆରତୀଙ୍କ ସହିତ କେବଳ ତାଙ୍କ ଭାଇ ଆସିଥିଲେ।

## ହର୍ମୁଜକୁ ନେଇ ଟ୍ରମ୍ପଙ୍କୁ ସମାଲୋଚନା କଲା ଇରାନ

ୱାଶିଂଟନ,୨୩।୮ଃ ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ଥମିବାର କୌଣସି ସଙ୍କେତ ଦେଖାଯାଉନାହିଁ। ଉଭୟ ଦେଶ ହର୍ମୁଜ୍ ପ୍ରଣାଳୀ ଉପରେ ନିଜ ନିଜର ଦାବି କରୁଛନ୍ତି। ଏହି ସମୟରେ, ରବିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ସୋସିଆଲ ମିଡିଆ ପ୍ଲାଟଫର୍ମ



ଟ୍ରୁଥ୍ ସୋସିଆଲରେ ଏକ ଫଟୋ ସେୟାର କରି ହର୍ମୁଜ୍ ପ୍ରଣାଳୀକୁ ଆମେରିକାର ନୂତନ ଅଞ୍ଚଳ ଭାବରେ ବର୍ଣ୍ଣନା କରିଛନ୍ତି। ଏହାକୁ ନେଇ ଇରାନ ସ୍ପଷ୍ଟ ଭାବରେ କହିଛି ଯେ, ହର୍ମୁଜ୍ ପ୍ରଣାଳୀ ବନ୍ଦ ଅଛି।

ୱାଶିଂଟନର ଆଭିମୁଖ୍ୟ ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ଏହା ବନ୍ଦ ରହିବ। ଆମେରିକା ଯେପର୍ଯ୍ୟନ୍ତ ନିଜର ପ୍ରତିଶ୍ରୁତି ପୂରଣ ନ କରିଛି ସେପର୍ଯ୍ୟନ୍ତ ହର୍ମୁଜ୍ ପ୍ରଣାଳୀକୁ ଆଉ ଖୋଲାଯିବ ନାହିଁ ବୋଲି ଇରାନର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦର ସଚିବ ମୋହସେନ ରେଜାଇ କହିଛନ୍ତି। ଆମେରିକାର ମନୋଭାବ ପରିବର୍ତ୍ତନ ହେଲେ ପରିସ୍ଥିତିରେ ଉନ୍ନତି ହେବ। ସେ ସ୍ପଷ୍ଟ କରିଛନ୍ତି ଯେ, ଏହାର ସମାଧାନ ଆଲୋଚନା ମାଧ୍ୟମରେ ମିଳିପାରିବ ନାହିଁ, ବରଂ ଆମେରିକାର କାର୍ଯ୍ୟରେ ସୁଧାର ହେଲେ ସମ୍ଭବ ହେବ।

### ବାହ୍ୟ ଜୀବ ସନ୍ଧାନରେ ପ୍ରମୁଖ ସଫଳତା

## ପୃଥିବୀ ଭଳି ମିଳିଲା ଆଉ ଏକ ଗ୍ରହ!



ନୂଆଦିଲ୍ଲୀ, ୨୩।୮ଃ ଜ୍ୟୋତିର୍ବିଦମାନେ ସୌରଜଗତରୁ ୨୫ ଆଲୋକବର୍ଷ ଦୂରରେ ଅବସ୍ଥିତ ଏକ ନୂତନ ପୃଥିବୀ ସଦୃଶ ଏକ୍ସୋପ୍ଲାନେଟ୍ ଆବିଷ୍କାର କରିଛନ୍ତି। ଏହାକୁ ପୃଥିବୀ ବାହାରେ ଜୀବନ ସନ୍ଧାନରେ ଏକ ପ୍ରତିଶ୍ରୁତିବଦ୍ଧ ଲକ୍ଷ୍ୟ ବୋଲି ବିବେଚନା କରାଯାଉଛି। ନାସା କହିଛି ଯେ 'ଜିଏଲ-୩୩୭୮ବି' ନାମକ ଏହି ନୂତନ ଆବିଷ୍କୃତ ଗ୍ରହଟି ସମ୍ଭବତଃ ପଥୁରିଆ ଓ ଏହାର ନକ୍ଷତ୍ରର ବାସଯୋଗ୍ୟ କ୍ଷେତ୍ର ମଧ୍ୟରେ ଘୂରି ବୁଲୁଛି। ଏହାର ତାପମାତ୍ରାରୁ ଏହାର ପୃଷ୍ଠରେ ତରଳ ଜଳ ଉପସ୍ଥିତିକୁ ନେଇ ଅନୁମାନ କରାଯାଉଛି।

ସୂର୍ଯ୍ୟ ନିକଟରେ ବାସଯୋଗ୍ୟ ଗ୍ରହଗୁଡ଼ିକ ପୂର୍ବ ଆକଳନ ଅପେକ୍ଷା ଅତି ସାଧାରଣ ହୋଇପାରେ। ଯଦିଓ ୨୫ ଆଲୋକ ବର୍ଷର ଦୂରତା ଗୁରୁତ୍ୱପୂର୍ଣ୍ଣ ମନେହୁଏ, ତଥାପି ଜ୍ୟୋତିର୍ବିଜ୍ଞାନୀମାନେ 'ଜିଏଲ-୩୩୭୮ବି'କୁ ପୃଥିବୀର ସବୁଠାରୁ ନିକଟତମ ବାସଯୋଗ୍ୟ ପଡ଼ୋଶୀମାନଙ୍କ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରିଛନ୍ତି। ଇର୍ଭାଇନ୍‌ର କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଜ୍ୟୋତିର୍ବିଜ୍ଞାନର ସହଯୋଗୀ ପ୍ରଫେସର ପଲ ରବର୍ଟସନ୍ କହିଛନ୍ତି ଯେ ଏହା ଆମର ନିକଟତମ ମହାଜାଗତିକ ପଡ଼ୋଶୀମାନଙ୍କ ମଧ୍ୟରୁ ଗୋଟିଏ। ୨୫ ଆଲୋକ ବର୍ଷର ଦୂରତା ବହୁତ ବଡ଼ ମନେହୁଏ, କିନ୍ତୁ ଆକାଶଗଙ୍ଗା ୧୦୦,୦୦୦ ଆଲୋକବର୍ଷ ବ୍ୟାପୀ ଅଟେ। ସେହି ପରିମାଣ ଅନୁସାରେ, ଏହି ଗ୍ରହ ମୂଳତଃ ଆମର ପରବର୍ତ୍ତୀ ପଡ଼ୋଶୀ। ତଥାପି, ଏହାକୁ ବଡ଼ ବ୍ୟାକୟାର୍ଡ ଟେଲିସ୍କୋପ୍ ସହିତ ମଧ୍ୟ ଦେଖାଯାଇପାରିବ ନାହିଁ। ଜିଏଲ-୩୩୭୮ବି ଓ ଏହାର ହୋଷ୍ଟ ରେଡ୍ ଡ୍ୱାର୍କ ଷ୍ଟାର କାମେଲୋପାର୍ଡାଲିସ୍‌ର ଉତ୍ତର ନକ୍ଷତ୍ରମଣ୍ଡଳରେ ଅବସ୍ଥିତ। ଏକ ସାମାନ୍ୟ ଗତିବିଧି ଚିହ୍ନଟ କରନ୍ତି, ଯାହା ଏକ ଘୂରି ବୁଲୁଥିବା ଗ୍ରହର ଗୁରୁତ୍ୱାକର୍ଷଣ ଆକର୍ଷଣକୁ ସୂଚିତ କରେ। ଏହି ଦୋହଲି ଗ୍ରହର ବସ୍ତୁତ୍ୱ ଏବଂ କକ୍ଷପଥ ଗଣନା କରିବା ପାଇଁ ବ୍ୟବହାର କରାଯାଇପାରିବ। ଅଧିକ ଅନୁସନ୍ଧାନ ଏବଂ ପରବର୍ତ୍ତୀ ପଦକ୍ଷେପ ପାଇଁ ଗ୍ରହର ବାୟୁମଣ୍ଡଳକୁ ସିଧାସଳଖ ଅଧ୍ୟୟନ କରିବା ପାଇଁ ଏକ ଅଧିକ ଉନ୍ନତ ମହାକାଶ ଟେଲିସ୍କୋପର ଆବଶ୍ୟକତା ପଡ଼ିବ ବୋଲି ବୈଜ୍ଞାନିକମାନେ କହିଛନ୍ତି।

# ଦ୍ୱିତୀୟ ଟେଷ୍ଟ: ପାଡିକଲ୍‌ଙ୍କ କ୍ରମାଗତ ଶତକ: ଭାରତ ୩୦୦/୫

କଲମ୍ବୋ, ୨୩।୮: ଚଳିତ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆଜିଠାରୁ ଏଠାରେ ଆରମ୍ଭ ହୋଇଥିବା ବେଳେ ଏଥିରେ ଭାରତର ମଧ୍ୟମକ୍ରମ ବ୍ୟାଟ୍ସମ୍ୟାନ୍ ଦେବଦତ୍ତ ପାଡିକଲ୍ କ୍ରମାଗତ ଶତକ ହାସଲ କରିଛନ୍ତି। ତାଙ୍କର ୧୨ଟି ଚୌକା ସମ୍ବଳିତ ୧୧୭ ରନ୍‌ର ବଳିଷ୍ଠ ଇନିଂସ ବଳରେ ଭାରତ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୫ ୱିକେଟ୍ ବିନିମୟରେ ୩୦୦ ରନ୍ କରିଛି।

ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରି ଦୁଇ ଓପନର ଯଶସ୍ୱୀ ଜୈସ୍ୱାଲ୍ ଓ ଲୋକେଶ ରାହୁଲ୍‌ଙ୍କଠାରୁ ୩୭ ରନ୍ ପାଇଥିଲା। ତେବେ ରାହୁଲ୍ ୧୮ ରନ୍ କରି ଆଉଟ୍ ହେବା ପରେ ଜୈସ୍ୱାଲ୍ ୯ ଚୌକା ସହ ୪୫ ରନ୍‌ରେ ବିଦାୟ ନେଇଥିଲେ। ଏହି ସମୟରେ ଗତ ମ୍ୟାଚ୍‌ର ଶତକଧାରୀ ପାଡିକଲ୍ ଓ ଅଧିନାୟକ ଶୁବମାନ ଗିଲ୍‌ଙ୍କ ମଧ୍ୟରେ ତୃତୀୟ ୱିକେଟ୍‌ରେ ୧୨୦ ରନ୍‌ର ବଳିଷ୍ଠ ଭାଗୀଦାରୀ ହୋଇଥିଲା। ଗିଲ୍ ୬ ଚୌକା ସହ ୫୦ ରନ୍ ପୂରଣ କରିବା ପରେ ପରେ ଆଉଟ୍ ହୋଇଥିଲେ। ତାଙ୍କ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ଋଷଭ ପନ୍ତ୍ ମାତ୍ର ୩ ରନ୍ କରି ପରେ ଆଘାତ ପାଇବା କାରଣରୁ ରିଟାୟର୍ଡ ହର୍ଟ ହୋଇ ପ୍ୟାଭିଲିଅନ୍‌କୁ ଫେରିଥିଲେ। ତାଙ୍କ ସ୍ଥାନରେ ଆସିଥିବା ରବୀନ୍ଦ୍ର ଜାଡେଜା ପାଡିକଲ୍‌ଙ୍କୁ ଉପଯୁକ୍ତ ସହଯୋଗ ଯୋଗାଇ ଦେଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ୯୫ ରନ୍‌ର ଭାଗୀଦାରୀ ହୋଇଥିଲା ଓ ଭାରତ ୩୦୦ ରନ୍ ନିକଟତର ହୋଇଥିଲା। ତେବେ ଇତିମଧ୍ୟରେ ନିଜର ଶତକ ପୂରଣ କରିସାରିଥିବା ପାଡିକଲ୍ ଓ ଜାଡେଜା (୪୩) ମାତ୍ର ୧୫ ରନ୍ ମଧ୍ୟରେ ବିଦାୟ ନେବା ଫଳରେ ଶ୍ରୀଲଙ୍କା ବୋଲର୍‌ଙ୍କୁ ଦିନର ଶେଷ ଭାଗରେ ଆଶ୍ୱସ୍ତିକର ଫଳାଫଳ ମିଳିଥିଲା। ତେବେ ପାଡିକାଲ୍ ୨୦୧୮-୧୯ ପରେ ପ୍ରଥମ ଭାରତୀୟ ନଂ.୩ ବ୍ୟାଟ୍ସମ୍ୟାନ୍ ଭାବେ ବିଦେଶ ମାଟିରେ କ୍ରମାଗତ ଟେଷ୍ଟ ଶତକ ହାସଲ କରିଛନ୍ତି। ଶେଷ ଥର ପାଇଁ ଚେତେଶ୍ୱର ପୂଜାରା ବିଦେଶ ମାଟିରେ ଲଗାତାର ଦୁଇଟି ଟେଷ୍ଟରେ ଶତକ କରିଥିଲେ। ପ୍ରଥମ ଦିନର ଖେଳ ଶେଷ ହେବା ବେଳକୁ ଧ୍ରୁବ ଜୁରେଲ୍ ୭ ଓ ଡେବ୍ୟୁଟାଣ୍ଟ ସାରାଂଶ ଜୈନ୍ ୪ ରନ୍ କରି ବ୍ୟାଟିଂ କରୁଥିଲେ। ଶ୍ରୀଲଙ୍କା ପକ୍ଷରୁ ଅସିତା ଫର୍ଣ୍ଣାଣ୍ଡୋଙ୍କୁ ୩ଟି ଏବଂ ଲାହିରୁ କୁମାରା ଓ କେଶରା ନୁୱନ୍ତଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଛି। ସୂଚନାଯୋଗ୍ୟ ଯେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍‌କୁ ଜିତି ଭାରତ ୧-୦ରେ ଆଗୁଆ ରହିଛି।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏଣ୍ଡୋସ୍କୋପି କ୍ୟାମେରାରେ...

ଯୋଗେଶ ସନକେଶରିଆଙ୍କୁ ପୁଲିସ ଏହି ଘଟଣାର ମାଷ୍ଟରମାଇଣ୍ଡ ବୋଲି ଚିହ୍ନଟ କରିଛି। ସେ ପୂର୍ବବର୍ଷ ୟୁନିଭର୍ସିଟିରୁ ପ୍ରଶ୍ନପତ୍ର ପରିବହନ କରିବା ଓ ବିଶ୍ୱବିଦ୍ୟାଳୟକୁ ଉତ୍ତର ସିଟ୍ ଦାଖଲ କରିବା ଦାୟିତ୍ୱରେ ନିୟୋଜିତ ଥିଲେ। ପୁଲିସ୍ ତଦନ୍ତ ଅନୁଯାୟୀ, ସନକେଶରିଆ ଗତ ୧୭ ତାରିଖରେ ସିଲ୍ ହୋଇଥିବା ପ୍ରଶ୍ନପତ୍ରର ପ୍ୟାକେଟ୍ ସବୁକୁ ନିଜ ଘରକୁ ନେଇଥିଲେ। ପ୍ରଶ୍ନପତ୍ର ଲିକ୍ କରିବା ଲାଗି ସେ ଏକ ଛୁଞ୍ଚି, ଏକ ନିର୍ଦ୍ଦିଷ୍ଟ ସଫ୍ଟୱେୟାର ଓ ୨୫୦୦ ଟଙ୍କାର ଏକ ଏଣ୍ଡୋସ୍କୋପି କ୍ୟାମେରା ବ୍ୟବହାର କରିଥିଲେ। ସେ ସରକାରୀ ସିଲ୍‌କୁ ନ ଭାଙ୍ଗି ପ୍ରଶ୍ନପତ୍ର ଥିବା ସିଲ୍ଡ ପ୍ୟାକେଟରେ ଏକ କ୍ଷୁଦ୍ର ଛିଦ୍ର କରି ଏଣ୍ଡୋସ୍କୋପି କ୍ୟାମେରାରେ ପ୍ରଶ୍ନସବୁକୁ ରେକର୍ଡ କରିନେଇଥିଲେ। ପରେ ସନକେଶରିଆ ନିଜ କଲେଜର ଛାତ୍ରମାନଙ୍କୁ ପ୍ରଶ୍ନପତ୍ର ପିଛା ୧୧ ହଜାର ଟଙ୍କାରେ ସେସବୁକୁ ବିକ୍ରି କରିଥିବା ପୁଲିସ୍ ପକ୍ଷରୁ କୁହାଯାଇଛି। ପ୍ରଶ୍ନଗୁଡ଼ିକ ସୋସିଆଲ ମିଡିଆରେ ଘୂରିବୁଲିବା ପରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରୀକ୍ଷାକୁ ତୁରନ୍ତ ବାତିଲ କରାଯାଇଥିଲା ଓ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ପୁଲିସ ପ୍ରଫେସର ସନକେଶରିଆଙ୍କ ସମେତ ପାଞ୍ଚ ଜଣ ଛାତ୍ରଙ୍କୁ ଗିରଫ କରିଥିବା ବେଳେ ଫେରାର୍ ଥିବା ଅନ୍ୟ ଦୁଇ ଛାତ୍ରଙ୍କୁ ତଲାସ କରୁଛି। ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଇ ଏ ଘଟଣାକୁ ଗମ୍ଭୀରତାର ସହ ନେଇଛନ୍ତି ଓ ପରୀକ୍ଷାର ଅଖଣ୍ଡତା, ସ୍ୱଚ୍ଛତା ତଥା ବିଶ୍ୱସନୀୟତା ସହ କୌଣସି ସାଲିସ କରାଯିବ ନାହିଁ ବୋଲି କହିଛନ୍ତି।

### ବୁଡ଼ିଲା 'ଏମ୍‌ଭି ଓସେନ ୱିନର୍'...

ମାଲ୍ ପରିବହନ ଜାହାଜଟି ବୁଡ଼ିଯିବା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ବିଶେଷକରି ଏଥିରେ ୨୪ ଜଣ ବିଦେଶୀ ନାବିକ ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ୨୨ ଜଣ ନିଖୋଜ ହୋଇଥିବା ଏକ ସମ୍ବେଦନଶୀଳ ଘଟଣା। ଅବଶ୍ୟ ସେମାନଙ୍କୁ ଠାବ କରିବା ସକାଶେ ଯଥାସମ୍ଭବ ଉଦ୍ୟମ ଜାରି ରହିଛି। ଏଥିସହ ଉଦ୍ଧାର ହୋଇଥିବା ଦୁଇ ଜଣ ନାବିକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଛି। ଅବଶ୍ୟ ଅଦ୍ୟାବଧି ସେମାନଙ୍କ ଜାତୀୟତା ନେଇ କୌଣସି ଠୋସ୍ ସୂଚନା ମିଳିପାରିନାହିଁ। ନିଖୋଜ ୨୨ ନାବିକଙ୍କ ଉଦ୍ଧାର ପାଇଁ ସମସ୍ତେ ପ୍ରାର୍ଥନା କରୁଥିବା ଶ୍ରୀ ସୋନୋୱାଲ୍ ଉଲ୍ଲେଖ କରିଛନ୍ତି।

### ଅଣ୍ଟା ସଳଖିବାକୁ...

ଲୋକଙ୍କ ଚିନ୍ତା ବଢ଼ାଇଛି। ଗତ ବନ୍ୟା ସମୟରେ ଘାଇ ନିକଟରେ ଥିବା ଅନେକ ଘର ବିପଦରେ ପଡ଼ିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ବିପଦରେ ପଡ଼ିଥିବା ପରିବାରଗୁଡ଼ିକୁ ଉଦ୍ଧାର କରାଯାଇଥିଲା। ଏବେ ପୁଣି ବର୍ଷା ଆସୁଥିବାରୁ ସମ୍ଭାବ୍ୟ ବନ୍ୟାକୁ ନେଇ ଭୟଭୀତ ଅଛନ୍ତି ନଦୀକୂଳିଆ ଲୋକେ। ଉପରମୁଣ୍ଡରେ ବର୍ଷା କମିବା ସହ ନଦୀଗୁଡ଼ିକରେ ବନ୍ୟାଜଳ ବି ହ୍ରାସ ପାଉଛି। ହେଲେ ତଳିଆ ଅଞ୍ଚଳରେ ଲୋକଙ୍କ ଦୁଃଖଦୁର୍ଦ୍ଦଶା ଆଉ କଷ୍ଟ ଆଦୌ କମୁନାହିଁ। ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ାରେ ଏବେ ବି ଶତାଧିକ ଗାଁ ଜଳବନ୍ଦୀ। କେଉଁଠି ମାଟି କାନ୍ଥ ଓ ଓଦା ଭିଜା ଚୁଲିକୁ ଦେଖି ବିପନ୍ନ ଆଖିରୁ ଲୁହ ଝରୁଛି ତ ଆଉ କେଉଁଠି ହସ୍ପିଟାଲ ଯିବାକୁ ଡଙ୍ଗାଟିଏ ନ ପାଇ ଆଣ୍ଠୁଏ ପାଣିରେ କାନ୍ଧରେ ରୋଗୀ ବୋହୁଛନ୍ତି ଗ୍ରାମବାସୀ। ଏହି ଭୟଙ୍କର ବନ୍ୟା ପରେ ଜଳସମ୍ପଦ ବିଭାଗ ଚେତିଛି। ଏଥର ମାନବକୃତ ନୁହେଁ, ବରଂ ଜଳର ଅଧିକ ପ୍ରବାହ ଯୋଗୁଁ ଭାଙ୍ଗିଛି ବନ୍ଧ। ଏଣିକି ବୈତରଣୀ ସମେତ ସବୁ ସମ୍ବେଦନଶୀଳ ନଦୀବନ୍ଧକୁ ଅଧିକ ଉଚ୍ଚ ଓ ଚଉଡ଼ା କରାଯିବ ବୋଲି ସୂଚନା ଦେଇଛନ୍ତି ସର୍ବୋଚ୍ଚ ଯନ୍ତ୍ରୀ। ଉତ୍ତର ବାଲେଶ୍ୱରବାସୀଙ୍କୁ ଦୁଃଖ ଦେଉଛି ସୁବର୍ଣ୍ଣରେଖା। ବନ୍ୟା ପାଣି ଖସୁଛି ସତ, ହେଲେ ଭୋଗରାଇରେ ବଢ଼ିଚାଲିଛି ଦୁର୍ଦ୍ଦଶା। ଭଦ୍ରକ ଜିଲ୍ଲାରେ ବୈତରଣୀ ଓ ସାଳନ୍ଦୀର ଜଳସ୍ତର କମିଥିଲେ ବି ଧାମନଗର, ତିହିଡ଼ି ଓ ଚାନ୍ଦବାଲିର ଶତାଧିକ ଗାଁ ଏବେ ବି ସମୁଦ୍ର ଭଳି ଦିଶୁଛି। ତିହିଡ଼ି ବ୍ଲକ୍ ତଳପଦା ଗାଁରେ ଦୀର୍ଘ ୨୦ ଦିନ ହେବ ଲୋକେ ଜଳବନ୍ଦୀ। ଯାଜପୁର ଜିଲ୍ଲା ଦଶରଥପୁର ଓ ବିଞ୍ଝାରପୁର ଅଞ୍ଚଳରେ ହାହାକାର। ଖରସ୍ରୋତା ନଦୀର ନୂଆ ମାହାରାଠାରେ ସୃଷ୍ଟି ହୋଇଥିବା ୩୦୦ ଫୁଟର ବିରାଟ ଘାଇ ଦେଇ ଏବେ ବି ଗାଁ ଭିତରକୁ ହୁହୁ ହୋଇ ପଶୁଛି ବନ୍ୟା ପାଣି। ୧୦ଟି ପଞ୍ଚାୟତ ସମ୍ପୂର୍ଣ୍ଣ ଜଳମଗ୍ନ। ସେପଟେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷାରେ ବେହାଲ ନବରଙ୍ଗପୁର ଜିଲ୍ଲା ଝରିଗାଁ ଅଞ୍ଚଳ। ବର୍ଷାରେ ଭାମିନିଆ ନଦୀରେ ୫ ଫୁଟ ବଢ଼ିଥିବାରୁ ଯାତାୟାତ ଠପ୍ ହୋଇଛି। ଚିକିଲି ରାସ୍ତାରେ ଦୁଇଟି ନଦୀରେ ବ୍ରିଜ ଉପରୁ ୫ ଫୁଟ ଉପରୁ ପାଣି ବହୁଛି। ପାଣିର ସ୍ରୋତ ନଦୀରେ ଥିବା ଉଭୟ ପାର୍ଶ୍ୱର ସାଇଡ୍ ଗାର୍ଡୱାଲ୍‌କୁ ଭସାଇ ନେଇଛି। ସେହିଭଳି ଚିକିଲି ନଦୀରେ ମଧ୍ୟ ପ୍ରବଳ ବର୍ଷା ହେତୁ ନଦୀ ଉପରୁ ପାଣି ଯାଉଥିବା ବେଳେ ନଦୀର ଉଭୟ ପାର୍ଶ୍ୱରେ ଘାଇ ସୃଷ୍ଟି ହୋଇଛି। ଲଗାଣ ବର୍ଷାରେ କଳାହାଣ୍ଡିରେ ବି ବନ୍ୟା ପରିସ୍ଥିତି। ପରୁଆଗୁଡ଼ା ତଳପଡ଼ାରେ ହାତୀ ନଦୀର ପାଣି ପଶିବାରୁ ପ୍ରାୟ ୨୫୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଛି।

### ଏନ୍‌ଏଚ୍-୫୫ର ତୁରନ୍ତ...

ଆହୁରି ସଙ୍ଗୀନ ହୋଇପଡ଼ିଛି। ପାଣି ଜମି ରହିବା ଦ୍ୱାରା ଗଭୀର ଖାଲଗୁଡ଼ିକ ଚିହ୍ନଟ କରିବା କଷ୍ଟକର ହୋଇପଡୁଛି। ରାସ୍ତାର ଦୁରବସ୍ଥା ଯୋଗୁଁ ସଡ଼କ ଦୁର୍ଘଟଣାର ଆଶଙ୍କା ବୃଦ୍ଧି ପାଇବା ସହ ଗମନାଗମନ ଓ ଯୋଗାଯୋଗ ବାଧାପ୍ରାପ୍ତ ହେଉଛି। ଓଡ଼ିଶାର ପଶ୍ଚିମ ଓ ଉପକୂଳ ଭାଗକୁ ଯୋଡ଼ିବା ସହ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ପରିବହନ ପାଇଁ ଏହି ମୁଖ୍ୟ ସଡ଼କ ପଥର ଆବଶ୍ୟକତାକୁ ଦୃଷ୍ଟିରେ ରଖି ତୁରନ୍ତ କାର୍ଯ୍ୟ କରାଯିବା ଜରୁରୀ ହୋଇପଡ଼ିଛି ବୋଲି ଶ୍ରୀ ପ୍ରଧାନ ଦର୍ଶାଇଛନ୍ତି। ବ୍ୟକ୍ତିଗତ ସ୍ତରରେ ଏହି ସମ୍ବେଦନଶୀଳ ବିଷୟକୁ ଗୁରୁତ୍ୱର ସହ ନେଇ ସମ୍ବଲପୁରରୁ କଟକ ମଧ୍ୟରେ ଥିବା ରାସ୍ତାର ତୁରନ୍ତ ମରାମତି ଓ ଖାଲ ସମସ୍ୟାର ସମାଧାନ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ଶ୍ରୀ ପ୍ରଧାନ କେନ୍ଦ୍ରମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏହି ପଦକ୍ଷେପ ଦ୍ୱାରା ସାଧାରଣ ଜନତାଙ୍କ ପାଇଁ ସୁରକ୍ଷିତ ଓ ନିରାପଦ ଯାତାୟାତ ସୁନିଶ୍ଚିତ ହୋଇପାରିବ ବୋଲି ସାଂସଦ କହିଛନ୍ତି।

### ଆଣ୍ଟିବାୟୋଟିକ୍ ବ୍ୟବହାର...

ତାହା ସ୍ପଷ୍ଟ ହୋଇପାରିବ। କୌଣସି ରୋଗ ପାଇଁ ଆଣ୍ଟିବାୟୋଟିକ ସେବନ କଲେ ତାହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ସତ, କିନ୍ତୁ ଶରୀର ସହ ଏହା ଅଭ୍ୟସ୍ତ ହୋଇଯାଏ। ଫଳରେ ପରେ ଆଉ ସେହି ଆଣ୍ଟିବାୟୋଟିକ କାମ ନ କରିବା ଦ୍ୱାରା ରୋଗୀକୁ ଅଧିକ ଡୋଜ୍‌ର ଔଷଧ ସେବନ କରିବାକୁ ପଡ଼ିଥାଏ। ପରିସ୍ଥିତି ଓ ପରିବେଶ ସହ କ୍ଷତିକାରକ ବ୍ୟାକ୍ଟେରିଆଗୁଡ଼ିକ ନିଜର ସ୍ୱରୂପ ବଦଳାଉଛନ୍ତି। ହେଲେ ମାତ୍ରାଧିକ ଆଣ୍ଟି-ବାୟୋଟିକ ସେବନ ଫଳରେ ମଣିଷ ଶରୀରରେ ଆଣ୍ଟି ମାଇକ୍ରୋବିୟାଲ ରେଜିଷ୍ଟାନ୍ସ ବଢ଼ିଯାଉଛି। ଆଉ ଗୁରୁତର ରୋଗ ବିରୋଧରେ ଆଣ୍ଟିବାୟୋଟିକ୍ ଫଳପ୍ରଦ ହେଉନାହିଁ। ରୋଗୀ ପାଇଁ ଆଣ୍ଟିବାୟୋଟିକ୍ ଅଧିକ କ୍ଷତିକାରକ ହୋଇଥିବା ବେଳେ ବିନା ପ୍ରେସକ୍ରିପସନ୍‌ରେ ଆଣ୍ଟିବାୟୋଟିକ ସେବନ ଏବେ ଯେପରି ଅତି ସାଧାରଣ କଥା ହୋଇଯାଇଛି। ତେଣେ ନୂଆ ଆପ୍‌ରେ ଡିଜିଟାଲ ପ୍ରେସକ୍ରିପସନ୍ ରହିଲେ ଡାକ୍ତର ଆଣ୍ଟିବାୟୋଟିକ୍ ଲେଖୁଛନ୍ତି କି ନାହିଁ ତା' ଜଣାପଡ଼ିବ। ଏହାଦ୍ୱାରା ରୋଗୀ ଅଧିକ ଲାଭବାନ ହୋଇପାରିବେ ବୋଲି କହିଛନ୍ତି ଡାକ୍ତର। ଆରୋଗ୍ୟ ସେତୁ ୨.୦ ଆପ୍ ଜରିଆରେ ଡିଜିଲକର୍ ବ୍ୟବସ୍ଥା ଆଣୁଛି ସ୍ୱାସ୍ଥ୍ୟ ବିଭାଗ। ଏବେ ଡିଜିଟାଲ ପ୍ରେସକ୍ରିପସନ ରୋଗୀଙ୍କୁ ଅଧିକ ସହାୟତା କରିବ। ଏଥିରେ ରୋଗୀଙ୍କ ସମସ୍ତ ପ୍ରେସକ୍ରିପସନ ରହିପାରିବ। ଗତବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜେ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଆଣ୍ଟିବାୟୋଟିକ୍‌ର ବହୁଳ ବ୍ୟବହାର ଉପରେ ଚିନ୍ତା ପ୍ରକଟ କରିଥିଲେ।

### ଧୀରେ ଧୀରେ ମଉଳୁଛି...

ଏସଇଜେଡ୍‌ଗୁଡ଼ିକ ମୁଖ୍ୟତଃ ଘରୋଇ ନିବେଶ-ଚାଳିତ ପଦକ୍ଷେପ। କେନ୍ଦ୍ର ସରକାର, ରାଜ୍ୟ ସରକାର କିମ୍ବା ଯେକୌଣସି ବ୍ୟକ୍ତି ଦ୍ୱାରା ସାମଗ୍ରୀ ଉତ୍ପାଦନ କିମ୍ବା ସେବା ପ୍ରଦାନ କରିବା ପାଇଁ କିମ୍ବା ଉଭୟ ପାଇଁ କିମ୍ବା ଏକ ମୁକ୍ତ ବାଣିଜ୍ୟ ମହଜୁଦ କ୍ଷେତ୍ର ଭାବେ ଏକ ଏସଇଜେଡ୍ ମିଳିତ ଭାବେ କିମ୍ବା ପୃଥକ ଭାବେ ସ୍ଥାପନ କରାଯାଇପାରିବ। ଏସଇଜେଡ୍ ଆଇନ, ୨୦୦୫ ପ୍ରଣୟନ ପରେ କେନ୍ଦ୍ର ସରକାର କୌଣସି ଏସଇଜେଡ୍ ସ୍ଥାପନ କରିନାହାଁନ୍ତି। ଏସଇଜେଡ୍ ଆଇନ, ୨୦୦୫ ଅନୁଯାୟୀ ଗଠିତ ଅନୁମୋଦନ ବୋର୍ଡ କେବଳ ସେହି ପ୍ରସ୍ତାବଗୁଡ଼ିକୁ ବିଚାର କରେ, ଯାହାକୁ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ଯଥାସମ୍ଭବ ସୁପାରିସ୍ କରାଯାଇଛି। ଆବଶ୍ୟକ ହେଲେ ସମ୍ଭାବ୍ୟ ଅଧ୍ୟୟନ, ଯେଉଁଠାରେ ଆବଶ୍ୟକ ହୁଏ, କେନ୍ଦ୍ର ସରକାରଙ୍କ ବିଚାର ପାଇଁ ପ୍ରସ୍ତାବ ଦାଖଲ କରିବା ପୂର୍ବରୁ ସମ୍ପୃକ୍ତ ଉଦ୍ୟୋଗୀ କିମ୍ବା ସମ୍ପୃକ୍ତ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଏ ବୋଲି ଜଣେ ଅଧିକାରୀ କହିଛନ୍ତି। ଏସଇଜେଡ୍ ଡେଭଲପର ଓ ୟୁନିଟଗୁଡ଼ିକୁ ନିବେଶ ଆକର୍ଷିତ କରିବା ଏବଂ ବାଣିଜ୍ୟ ଓ ରପ୍ତାନୀକୁ ସହଜ କରିବା ପାଇଁ ଆର୍ଥିକ ଓ ଅଣ-ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଏ। ଏସଇଜେଡ୍‌ଗୁଡ଼ିକୁ ଅନୁମତି ଦିଆଯାଇଥିବା ଆର୍ଥିକ ରିହାତି ଏବଂ ଶୁଳ୍କ ଲାଭ ଏସଇଜେଡ୍ ଆଇନ, ୨୦୦୫ରେ ରଖାଯାଇଛି। ବିଶେଷକରି ଏସଇଜେଡ୍ ଆଇନର ଧାରା ୨୬(୧)(କ) ଅନୁଯାୟୀ, ଡେଭଲପର କିମ୍ବା ଉଦ୍ୟୋଗୀ ଦ୍ୱାରା ଅନୁମୋଦିତ କାର୍ଯ୍ୟ କରିବା ପାଇଁ ଏକ ଏସଇଜେଡ୍ କିମ୍ବା ଏକ ୟୁନିଟରେ ଆମଦାନୀ କରାଯାଇଥିବା ସାମଗ୍ରୀ କିମ୍ବା ସେବାଗୁଡ଼ିକୁ କଷ୍ଟମ୍ସ ଆଇନ, ୧୯୬୨ କିମ୍ବା କଷ୍ଟମ୍ସ ଶୁଳ୍କ ଆଇନ, ୧୯୭୫ ଅନୁଯାୟୀ କୌଣସି କଷ୍ଟମସ୍ ଶୁଳ୍କ ଦେବାରୁ ମୁକ୍ତ କରାଯାଇଛି। ଏଥିସହ ଆଇଜିଏସଟି ଆଇନ, ୨୦୧୭ ଅନୁଯାୟୀ ଏସଇଜେଡ୍ ଡେଭଲପର କିମ୍ବା ଅନୁମୋଦିତ କାର୍ଯ୍ୟ ପାଇଁ ୟୁନିଟ୍‌ଗୁଡ଼ିକ ଦ୍ୱାରା ଆମଦାନୀ ସମନ୍ୱିତ ଦ୍ରବ୍ୟ ଓ ସେବା ଟିକସ ଦେୟରୁ ମୁକ୍ତ କରାଯାଇଛି ବୋଲି ସେମାନେ କହିଛନ୍ତି।

### ଖୋଲିବ ଦ୍ୱିତୀୟ...

ଯୋଗୁଁ ଏହି ନିଯୁକ୍ତି ହୋଇପାରୁ ନ ଥିବା ଦଳ ପକ୍ଷରୁ ସଙ୍କେତ ଦିଆଯାଉଛି। ଏପରିକି ଦଳୀୟ ପ୍ରଭାରୀ ଓ ସଭାପତି ବାରମ୍ବାର ନିଯୁକ୍ତି ନେଇ କହୁଥିଲେ ମଧ୍ୟ ତାହା କୌଣସି କାରଣରୁ ଅଟକିଯାଉଛି। ତେବେ ଦ୍ୱିତୀୟ ପିଢ଼ିର ଏହି ନେତାଙ୍କ ମଧ୍ୟରୁ କିଛି ନିଜକୁ ଉଭୟ ମୁଖ୍ୟମନ୍ତ୍ରୀ ଓ ଧର୍ମେନ୍ଦ୍ରଙ୍କ ପାଖଲୋକ ବୋଲି ଦର୍ଶାଇ ଏକପ୍ରକାର ଦୁଇ ନାଆରେ ଗୋଡ଼ ଦେଇ ଏ ଘର ମାଉସୀ ସେ ଘର ପିଉସୀ ସାଜିଥିଲେ। ଏମାନଙ୍କୁ ଦୁଇ ନେତାଙ୍କ ପାଖରେ ବି ଦେଖିବାକୁ ମିଳୁଛି। ତେଣୁ ମୁଖ୍ୟମନ୍ତ୍ରୀ ଓ ଧର୍ମେନ୍ଦ୍ର ଏକାଠି ହେଲା ପରେ ଏମାନେ ସବୁଠାରୁ ଅଧିକ ଚିନ୍ତାରେ ରହିଛନ୍ତି। ସେମାନେ ନିଜର ଥଇଥାନ ପାଇଁ କାହାକୁ କହିବେ ଓ କିଭଳି ଧରା ନ ପଡ଼ିବେ, ସେଥିପାଇଁ ଚତୁରତାର ସହ ଗୋଟି ଚଳାଇବା ଆରମ୍ଭ କରିଥିବା ନେଇ ଦଳ ଭିତରେ ଆଲୋଚନା ଚାଲିଛି।

## ଗିରଫ ପରୱାନାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟ ଗଲେ ମହୁଆ



କୋଲକାତା, ୨୩।୮(ସଂଚାର ବ୍ୟୁରୋ): ତାଙ୍କ ବିରୋଧରେ ଜାରି ହୋଇଥିବା ଗିରଫଦାରୀ ପରୱାନାକୁ ଚ୍ୟାଲେଞ୍ଜ କରି ତୃଣମୂଳ ସାଂସଦ ମହୁଆ ମୋଇତ୍ର ହାଇକୋର୍ଟରେ ଆବେଦନ କରିଛନ୍ତି। ତାଙ୍କ ସାଂସଦ କାର୍ଯ୍ୟାଳୟ ବାହାରେ ଏକ ଜନଗହଳିକୁ ଦେଇଥିବା ମନ୍ତବ୍ୟ 'ବୁର୍ଖା ପିନ୍ଧ ଓ ଅଣ୍ଡା ଫିଙ୍ଗିଦିଅ' ପରେ ସେ ନୂତନ ଆଇନଗତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ମନ୍ତବ୍ୟ ଉପରେ ଦାୟର ହୋଇଥିବା ଏକ ମାମଲା ଆଧାରରେ କୃଷ୍ଣନଗର କୋର୍ଟ ଗିରଫ ପରୱାନା ଜାରି କରି ତାଙ୍କୁ ଅଗଷ୍ଟ ୨୮ ସୁଦ୍ଧା କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିମ୍ନ ଅଦାଲତର ଏହି ଆଦେଶକୁ ଚ୍ୟାଲେଞ୍ଜ କରି ସେ ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି।

## ଇସ୍ତଫା ଦେବା ପରେ ଆକ୍ରମଣ

କୋଲକାତା, ୨୩।୮(ସଂଚାର ବ୍ୟୁରୋ): ଆଇଏସ୍‌ଏଫ୍‌ରୁ ଇସ୍ତଫା ଦେବାର ୨୪ ଘଣ୍ଟା ମଧ୍ୟରେ ଆରାବୁଲ ଇସଲାମ ଜଣେ ଦୁର୍ଦ୍ଧର୍ଷ ନେତା ଓ ଭାଙ୍ଗଦର ପୂର୍ବତନ ବିଧାୟକ ଦୁର୍ବୃତ୍ତମାନଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇଥିଲେ। ଅଭିଯୋଗ ହୋଇଛି ଯେ ସେ ରାତିରେ ଘରକୁ ଫେରୁଥିବା ସମୟରେ ତାଙ୍କ ଗାଡ଼ି ଉପରେ ଇଟା, ପଥର ଫିଙ୍ଗାଯାଇଥିଲା। ଏହି ଘଟଣା ଦକ୍ଷିଣ ୨୪ ପ୍ରଗଣାର ଭାଙ୍ଗଡ଼ ପୋଲେରହାଟ ଥାନା ଅନ୍ତର୍ଗତ ଓଡ଼ିଆପଡ଼ାରେ ଘଟିଥିଲା। ଏକ ଇଟା ମାଡ଼ରେ ଗାଡ଼ିର କାଚ ଭାଙ୍ଗିଯାଇଥିଲା। ତେବେ ଆରାବୁଲ ଓ ତାଙ୍କ ଡ୍ରାଇଭର ଗାଡ଼ି ନେଇ ସେଠାରୁ ଖସି ଯିବାକୁ ସଫଳ ହୋଇଥିଲେ।

## ନାଳରୁ ମୃତଦେହ ଉଦ୍ଧାର

କୋଲକାତା, ୨୩।୮(ସଂଚାର ବ୍ୟୁରୋ): ହାଓଡାର ଲିଲୁଆରେ ରାସ୍ତା କଡ଼ରେ ଥିବା ଏକ ନାଳରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ରବିବାର ଦିନ ଲିଲୁଆର ମାତୱାଲା ଛକ ଅଞ୍ଚଳରେ ଏହି ଘଟଣା ଘଟିଛି। ସ୍ଥାନୀୟ ବାସିନ୍ଦା ସକାଳେ ସେଠାରେ ମୃତଦେହ ପଡ଼ିଥିବାର ଦେଖିଥିଲେ। ସୂଚନା ପାଇ ବେଲୁଡ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

## ଜିଲ୍ଲା ତାଲିମ ଶିବିରରେ ମୁଖ୍ୟମନ୍ତ୍ରୀ

କୋଲକାତା, ୨୩।୮(ସଂଚାର ବ୍ୟୁରୋ): ପୌର ନିର୍ବାଚନ ପାଖେଇ ଆସୁଥିବାରୁ ରବିବାର ହଳଦିଆରେ ଦୁଇ ଦିନିଆ 'ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ତାଲିମ ଶିବିର' ଆରମ୍ଭ ହୋଇଛି। ଏହି ଶିବିରରେ ମୋଟ ୧୯୦ ଜଣ ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଓ ପଞ୍ଚାୟତ ମନ୍ତ୍ରୀ ଦିଲୀପ ଘୋଷ ଏହି ଶିବିରରେ ଉପସ୍ଥିତ ରହିଥିଲେ। ଶିବିରର ପ୍ରଶିକ୍ଷକ ତପନ ବନ୍ଦୋପାଧ୍ୟାୟ କହିଛନ୍ତି ଯେ ସାଂଗଠନିକ ବିଷୟ ଉପରେ ଆଲୋଚନା ସହିତ ବିଜେପିର ଇତିହାସ, ନୂତନ ସରକାରଙ୍କ ଉଦ୍ଦେଶ୍ୟ ଓ ସେଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ରଣନୀତି ଉପରେ ଆଲୋଚନା ହୋଇଥିଲା। ଅନ୍ୟପକ୍ଷରେ, ପୌର ନିର୍ବାଚନ ପାଖେଇ ଆସୁଥିବାରୁ, ବିଜେପି ହଳଦିଆରେ ଏହାର ସାଂଗଠନିକ ଗଠନକୁ ମଜବୁତ କରିବାକୁ ଲକ୍ଷ୍ୟ ରଖିଛି।

## ମେଦିନୀପୁରରେ ଶିକ୍ଷକଙ୍କ ବିକ୍ଷୋଭ

କୋଲକାତା, ୨୩।୮(ସଂଚାର ବ୍ୟୁରୋ): ଚାକିରି ହରାଇଥିବା ଶିକ୍ଷକମାନଙ୍କ ପକ୍ଷରୁ ରବିବାର ପୁନଃ ନିଯୁକ୍ତି ଦାବିକରି ମେଦିନୀପୁରରେ ଏକ ପ୍ରତିବାଦ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଅବସରରେ ସେମାନେ ଚାକିରି ପୁନଃସ୍ଥାପନ ଓ ଦିବଂଗତ ଯୋଗ୍ୟ ଶିକ୍ଷକଙ୍କ ପରିବାରକୁ କ୍ଷତିପୂରଣ କରିଛନ୍ତି। ପଦଯାତ୍ରା ମେଦିନୀପୁରର ଅଶୋକନଗର ଛକରୁ ଆରମ୍ଭ ହୋଇ ସହରର ବିଭିନ୍ନ ସ୍ଥାନ ପରିକ୍ରମା କରି ଶେଷରେ କେରାନିତାଲାରେ ଶେଷ ହୋଇଥିଲା।




## ନିଜ୍ଜର ହତ୍ୟା ମାମଲା: ନିଜକୁ ଦାୟୀକଲା ଗ୍ୟାଙ୍ଗଷ୍ଟର ଗୋଲ୍ଡି ବରାଡ

ନୂଆଦିଲ୍ଲୀ, ୨୩।୮: ଖଲିସ୍ତାନୀ ଆତଙ୍କବାଦୀ ହରଦୀପ ସିଂହ ନିଜ୍ଜରର ହତ୍ୟାକୁ ନେଇ ଏକ ନୂଆ ଦାବି ସାମ୍ନାକୁ ଆସିଛି। ଏକ ଲିକ୍ ହୋଇଥିବା ଅଡିଓ କ୍ଲିପ୍‌ରେ କଥିତ ଭାବେ ଗ୍ୟାଙ୍ଗଷ୍ଟର ଗୋଲ୍ଡି ବରାଡ ନିଜ୍ଜରର ହତ୍ୟା ପାଇଁ ତାର ଗ୍ୟାଙ୍ଗ୍ ଦାୟୀ ବୋଲି ଦାବି କରୁଥିବା ଶୁଣାଯାଉଛି। ଅଡିଓରେ ଗୋଲ୍ଡି ଅଭିଯୋଗ କରିଛି ଯେ, ନିଜ୍ଜର ଏପରି କିଛି ଲୋକଙ୍କୁ ସମର୍ଥନ ଓ ସଶକ୍ତ କରୁଥିଲା, ଯେଉଁମାନେ ୧୬ ଓ ୧୭ ବର୍ଷ ବୟସର ନାବାଳକମାନଙ୍କୁ ଡ୍ରଗ୍ସ ବିକ୍ରୟ କରିବାରେ ବ୍ୟବହାର କରୁଥିଲେ। ଏପରିକି ଏହି ଯୁବକମାନଙ୍କୁ ଡ୍ରଗ୍ସ କାରବାର ଏବଂ ସୂଚନାଦାତା ଭାବେ କାମ କରିବା ପାଇଁ ବ୍ଲାକମେଲ୍ କରାଯାଉଥିବା ମଧ୍ୟ ସେ ଦାବି କରିଛି। ଗୋଲ୍ଡିର କଥିତ ଦାବି ଅନୁଯାୟୀ, ନିଜ୍ଜର ଏପରି ବ୍ୟକ୍ତିମାନଙ୍କୁ ନିଜ ପ୍ରଭାବ ବଢ଼ାଇବା ଏବଂ ଆବଶ୍ୟକ ସମୟରେ ସେମାନଙ୍କୁ ବ୍ୟବହାର କରିବା ଉଦ୍ଦେଶ୍ୟରେ ସମର୍ଥନ କରୁଥିଲା। ଏହି କାରଣରୁ ନିଜ୍ଜରକୁ ହତ୍ୟା କରିବାକୁ ସେ ଓ ତାର ଗ୍ୟାଙ୍ଗ୍‌କୁ ପଦକ୍ଷେପ ନେବାକୁ ପଡ଼ିଥିଲା ବୋଲି ଅଡିଓରେ ଦାବି କରାଯାଇଛି।



## ସରକାରୀ ଘର ଖଣ୍ଡେ ଅପେକ୍ଷାରେ ମାଣିକ ଜୁଆଙ୍ଗ

### ଲୋକ-ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ, ହେଲେ ସରପଞ୍ଚଙ୍କ ପାଖରେ ଖବର ନାହିଁ

କେନ୍ଦୁଝର, ୨୩।୮ (ସଂଚାର ବ୍ୟୁରୋ): ଲଗାଣ ବର୍ଷାରେ ବିଧବା ଆଦିବାସୀ ମହିଳା ମାଣିକ ଜୁଆଙ୍ଗର ଘର ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ସରକାରୀ ସହାୟତା ପାଇଁ ସେ ଅନୁରୋଧ କରିଛନ୍ତି। ଜିଲ୍ଲାର ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୋଡିପଶା ପଞ୍ଚାୟତର କୁଣ୍ଡେଇ ଗାଁ ଏକ ବଡ଼ ଆଦିବାସୀ ବସତି। ସେଇଠି ରୁହେ ମାଣିକା। ମାଣିକକୁ ତା' ଗେରସ୍ତ କାହିଁ କେଉଁ ଦିନରୁ ଛାଡି ଚାଲି ଯାଇଛି ଆର ପାରିକି। ବିଧବା ଶାଶୂ ଓ ଦୁଇଟି ଛୋଟ ଝିଅଙ୍କୁ ନେଇ ମାଣିକ ତା' ପରିବାର ଚଳାଉଛି।

ମାଣିକ ଅବା ତା' ଶାଶୂ କେହି ବି ସରକାରୀ ଘର ପାଇ ନାହାନ୍ତି। ସ୍ୱାମୀ ଓ ଶ୍ୱଶୁର ଯେଉଁ ଘର କରିଥିଲେ ସେଇଠି ସେମାନେ ରହୁଛନ୍ତି। ତାହା ପୁଣି ମାଟି ଘର ହୋଇଥିବାରୁ ଏ ବର୍ଷ ଲଗାଣ ବର୍ଷାରେ ଭାଙ୍ଗି ଯାଇଛି। ବର୍ତ୍ତିଯାଇଥିବା କୋଠରିରେ ସମସ୍ତେ ରହୁଛନ୍ତି। ଆର୍ଥିକ ଅଭାବ ଯୋଗୁ ଘରକୁ ପୁଣି ଥରେ ଠିଆ କରିବା ମାଣିକ ପକ୍ଷରେ ସମ୍ଭବ ନୁହେଁ। ପ୍ରକାଶ ଥାଉକି, ଏଠାରେ ଯେଉଁ ଅଞ୍ଚଳ କଥା କୁହାଯାଉଛି ତାହା ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ। ହେଲେ ସରପଞ୍ଚ ପାଖରେ ଏ ଖବର ନାହିଁ। ଜିଲ୍ଲା ପ୍ରଶାସନ ପାଖକୁ ଏ ଖବର ପଠାଇବାକୁ କୌଣସି ବ୍ୟବସ୍ଥା ନାହିଁ। ମାଣିକକୁ ତୁରନ୍ତ ସହାୟତା ଯୋଗାଇଦେବାକୁ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଶା' ପକ୍ଷରୁ ଅନୁରୋଧ କରାଯାଇଛି।



## ବାଂଲାଦେଶରେ ଗ୍ୟାସ୍ ସଙ୍କଟ ଉତ୍କଟ

ଢାକା, ୨୩।୮: ପ୍ରାକୃତିକ ଗ୍ୟାସ୍ ସଙ୍କଟ ଯୋଗୁଁ ବାଂଲାଦେଶରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହାର ପ୍ରଭାବ ହାଣ୍ଡିଶାଳଠୁ ଆରମ୍ଭ କରି କଳ କାରଖାନା ଏବଂ ପରିବହନ ସେବା ସବୁଠାରେ ଅନୁଭୂତ ହେଉଛି। ଲୋକେ ରୋଷେଇ କରିବା ପାଇଁ ସମସ୍ୟାରେ ପଡ଼ିଛନ୍ତି। ହୋଟେଲ, ରେଷ୍ଟୁରାଣ୍ଟରେ ଖାଦ୍ୟ ଦର ପୂର୍ବ ତୁଳନାରେ ଢେର୍ ବଢ଼ିଯାଇଛି। ଗ୍ୟାସ୍ ଅଭାବ ଯୋଗୁଁ ବହୁ ଶିଳ୍ପ ବନ୍ଦ ହେବା ସହିତ ଦେଶରେ ବିଦ୍ୟୁତ କାଟ୍ ଜାରି ରହିଛି। ଗତ ଦୁଇ ବର୍ଷ ମଧ୍ୟରେ ଦେଶର ସାତଟି ପ୍ରମୁଖ ଶିଳ୍ପାଞ୍ଚଳରେ ୪୫୭ଟି ଶିଳ୍ପ ୟୁନିଟ୍ ସ୍ଥାୟୀ ଭାବରେ ବନ୍ଦ ହୋଇଯାଇଛି। ସେଥିମଧ୍ୟରେ ୧୦୮ଟି ପୋଷାକ ସମ୍ବନ୍ଧୀୟ ୟୁନିଟ୍ ଏବଂ ୨୮୭ ଅନ୍ୟାନ୍ୟ ଉତ୍ପାଦନ ବ୍ୟବସାୟ ସାମିଲ ଅଛି।

## ବନ୍ୟା ଉଜାଡ଼ି ଦେଲା ଏକର ଏକର ପରିବା ଫସଲ, ଚିନ୍ତାରେ ଚାଷୀ

ବାଲେଶ୍ୱର, ୨୩।୮(ସଂଚାର ବ୍ୟୁରୋ): ବନ୍ୟା ଆସିଲା ଏକର ଏକର ପାରିବ ଚାଷ ଧୋଇ ନେଇ ଗଲା । ବୁଢ଼ାବଳଙ୍ଗ ବନ୍ୟାରେ ବାଲେଶ୍ୱର ସହରକୁ ପରିବା ଯୋଗାଉଥିବା କୁଡ଼ିଆ ଅଞ୍ଚଳ ବିଶେଷ ମାତ୍ରାରେ ପ୍ରଭାବିତ ହୋଇଛି । ଏଠାରୁ ଲଙ୍କା ଦିଲ୍ଲୀ ଯାଉଥିବା ବେଳେ ବୁଢ଼ାବଳଙ୍ଗ ବନ୍ୟାରେ ସଂପୂର୍ଣ୍ଣ ଉଜୁଡ଼ି ଯାଇଛି ଚାଷୀଙ୍କ ଫସଲ । ବୁଢ଼ାବଳଙ୍ଗ ଅବବାହିକାରେ ଯେଉଁ ମାନେ ବସବାସ କରନ୍ତି ସେମାନେ ମୂଖ୍ୟତଃ ଚାଷକରି ଗୁଜୁରାଣ ମେଣ୍ଟାନ୍ତି । ହେଲେ ବନ୍ୟା ପରେ ଚାଷ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଉଯାଇଛି । ଏହିଠାରୁ ବାଲେଶ୍ୱର ବଜାରକୁ ପ୍ରତିଦିନ ପନିପରିବା ବିକ୍ରି ହବାକୁ ଯାଇଥାଏ ।ବିଶେଷ କରି ବାଇଗଣ, ଭେଣ୍ଡି, ଜହ୍ନି ଆଦି ପରିବା ଅଧିକ ଭାବରେ ଉତ୍ପାଦନ ହୋଇଥାଏ। ବୁଢ଼ାବଳଙ୍ଗ ଅବବାହିକାରେ ବନ୍ୟା ଆସିବା ପରେ ୬ଫୁଟ୍ ରୁ ଅଧିକ ପାଣି କ୍ଷେତରେ ବୁଡି ରହିବାରୁ ସବୁ ପରିବା ଫସଲ ନଷ୍ଟ ହୋଇଯାଇଛି ।

## କ୍ରିମିନାଲ କୋର୍ଟ୍ସ ବାର ଆସୋସିଏସନର ଚାରା ରୋପଣ



କଟକ, ୨୩।୮ (ସଂଚାର ବ୍ୟୁରୋ): କଟକ କ୍ରିମିନାଲ କୋର୍ଟ୍ସ ବାର ଆସୋସିଏସନର ସମ୍ପାଦକ ଆଇନଜୀବୀ ଗଦାଧର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଚାରା ରୋପଣ କାର୍ଯ୍ୟକ୍ରମରେ କ୍ରିମିନାଲ କୋର୍ଟ୍ସ ବାର ଆସୋସିଏସନର ସଭାପତି ଆଇନଜୀବୀ ବାଦଲ ଚନ୍ଦ୍ର ରାୟ ଅଧ୍ୟକ୍ଷତା କରିଥିଲେ। ସିଭିଲ କୋର୍ଟର ରେଜିଷ୍ଟ୍ରାର୍ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଚାରା ରୋପଣ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଓ ବାରବାଟୀ କଟକ ବିଧାୟିକା ସୋଫିଆ ଫିର୍ଦୋସ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଚାରା ରୋପଣ କରିଥିଲେ। ସ୍ଥାନୀୟ କର୍ପୋରେଟର ଆରତୀ ସାହୁ ଓ କର୍ପୋରେଟର ଗଗନ ଓଝାଙ୍କ ସହ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର, ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଅକ୍ଷୟ କୁମାର ପତି, ବରିଷ୍ଠ ଆଇନଜୀବୀ ପରୀକ୍ଷିତ ପଣ୍ଡା, ଜଗବନ୍ଧୁ ରାଉତ, ଧ୍ରୁବ ଚରଣ ରାଉତ, ଅକ୍ଷୟ କୁମାର ନାୟକ, ସୁବାସ ମହାନ୍ତି, ଶୁଭେନ୍ଦୁ ମହାନ୍ତି, ଶୁଭ୍ରାଂଶୁ ଶେଖର ମହାନ୍ତି, କ୍ରିମିନାଲ କୋର୍ଟ୍ସ ବାର ଆସୋସିଏସନର ଉପସଭାପତି ତାପସ କୁମାର ନାୟକ, ଯୁଗ୍ମ ସମ୍ପାଦିକା ଲକ୍ଷ୍ମୀପ୍ରିୟା ସାହୁ, ପାଠାଗାର ସମ୍ପାଦିକା ସନ୍ଧ୍ୟାରାଣୀ ଦାଶ, କୋଷାଧ୍ୟକ୍ଷ ସମରେନ୍ଦ୍ର ମହାନ୍ତି, ବିଜୟ କୁମାର ସାହୁ, ପ୍ରଦୀପ୍ତ କୁମାର ମହାନ୍ତି, ପ୍ରତୀକ୍ଷା ରଥ, ବିଛନ୍ଦା ନାୟକ, ଦେବୀ ରଞ୍ଜନ ଦଳେଇଙ୍କ ସହ ପ୍ରଣବ କୁମାର ପୃଷ୍ଟି, ସଂଗ୍ରାମ ଦାଶ, ଗଗନ ବାରିକ, ମହେନ୍ଦ୍ର କୁମାର ସୁବୁଦ୍ଧି, ନିରଞ୍ଜନ ବେହେରା, ସଂଗ୍ରାମ, ଦାସ, ବାସୁଦେବ ସେଠୀ, ନୀଳାଦ୍ରି ବିହାରୀ ମହାରଣାଙ୍କ ସହ ବହୁ ଆଇନଜୀବୀ ଅଂଶଗ୍ରହଣ କରିଥିଲେ। ଏହି ଚାରାରୋପଣ କାର୍ଯ୍ୟରେ ୨୦ଟି ଔଷଧୀୟ ଚାରା ରୋପଣ କରାଯାଇଛି।

## ରେଳ ପ୍ରକଳ୍ପକୁ ୨୩ ବର୍ଷ, ଜମି ଅଧିଗ୍ରହଣ ସରୁନି

ଭୁବନେଶ୍ୱର, ୨୩।୮: ଜମି ଅଧିଗ୍ରହଣ ସମସ୍ୟା ଯୋଗୁଁ ୨୩ବର୍ଷ ତଳେ ଆରମ୍ଭ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ତାଳଚେର-ବିମଳାଗଡ଼ ରେଳ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ହେଉନାହିଁ। ଏହି ପ୍ରକଳ୍ପ ଲାଗି ଯାହା ମୂଳ ବ୍ୟୟ ଅଟକଳ ଥିଲା ତାହା ଇତିମଧ୍ୟରେ ପାଖାପାଖି ୫ ଗୁଣ ବୃଦ୍ଧି ପାଇଥିବା ବେଳେ ଏବେ ଏହି ବହୁ ପ୍ରତୀକ୍ଷିତ ରେଳ ପ୍ରକଳ୍ପ କେବେ କାର୍ଯ୍ୟକ୍ଷମ ହେବ, ସେଥିଘେନି ନିର୍ଦ୍ଦିଷ୍ଟ ଭାବେ କେହି କିଛି ସୂଚନା ଦେଇପାରୁନାହାନ୍ତି।

ପ୍ରାୟ ୫୦ ବର୍ଷ ଧରି ଏହି ରେଳ ପ୍ରକଳ୍ପ ପାଇଁ ଦାବି ଉଠି ଆସୁଛି। ଏହି ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଭୁବନେଶ୍ୱରରୁ ରାଉରକେଲା ମଧ୍ୟରେ ଦୂରତା ହ୍ରାସ ପାଇବା ସହ ଯାତାୟାତ ଲାଗି ଢେର କମ୍ ସମୟ ଲାଗିବ। ଏହାଛଡ଼ା ରେଳ ପଥରେ ମାଲ୍ ପରିବହନ ରାଉରକେଲା ଓ ପାରାଦୀପ ବନ୍ଦର ମଧ୍ୟରେ ଭଲ ଭାବେ ହୋଇପାରିବ। ବିଶେଷକରି କୋଇଲା ସମେତ ଅନ୍ୟାନ୍ୟ ଖଣିଜ ପଦାର୍ଥ ପରିବହନରେ ଏହି ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ। ଦିଲ୍ଲୀପ ରାୟ କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟସଭା ସଦସ୍ୟ ଥିବାବେଳେ ଏହି ପ୍ରକଳ୍ପ ଲାଗି ବିଭିନ୍ନ ସ୍ତରରେ ଚାପ ପ୍ରୟୋଗ କରୁଥିଲେ। ବିଶେଷକରି ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରୀତ୍ୱ ସମୟରେ ତାଙ୍କ ଉଦ୍ୟମରେ ଏହି ପ୍ରକଳ୍ପ ଲାଗି ବ୍ୟୟବରାଦ ହୋଇଥିଲା। ୨୦୦୩-୦୪ରେ ବାଜପେୟୀ ସରକାରଙ୍କ ଶେଷ ବଜେଟ୍‌ରେ ତାଳଚେର-ବିମଳାଗଡ଼ ରେଳ ପ୍ରକଳ୍ପ ଲାଗି ୭୨୭ କୋଟି ବ୍ୟୟ ଅଟକଳ ହୋଇଥିଲା। ତେବେ ଇତିମଧ୍ୟରେ ଏହି ପ୍ରକଳ୍ପର ବ୍ୟୟ ଅଟକଳ ୩୩୯୦ କୋଟି ଟଙ୍କାକୁ ବୃଦ୍ଧି ପାଇଥିବାବେଳେ ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ୧୯୦୧ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଜଣାପଡ଼ିଛି। ଚଳିତବର୍ଷ ବଜେଟ୍‌ରେ ଏଥିପାଇଁ ୯୫୦ କୋଟି ଟଙ୍କା ରଖାଯାଇଛି।

୧୫୦ କିମି ଦୈର୍ଘ୍ୟର ତାଳଚେର-ବିମଳାଗଡ଼ ରେଳ ପ୍ରକଳ୍ପର ଅନୁଗୁଳ, ଦେବଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲା ଦେଇଯିବ। ଏଥିପାଇଁ ମୋଟ ୮୬୩ ହେକ୍ଟର ଜମି ଆବଶ୍ୟକ ଥିବାବେଳେ ୭୫୬ ହେକ୍ଟର ଅଧିଗୃହୀତ ହୋଇଛି। ଅବଶିଷ୍ଟ ୧୦୭ ହେକ୍ଟର ଜମି ଅଧିଗ୍ରହଣ ପାଇଁ ବାକି ରହିଛି। ଏଥିରୁ ୭୭ ହେକ୍ଟର ବେସରକାରୀ ଜମି ହୋଇଥିବାବେଳେ ୫ ହେକ୍ଟର ଜଙ୍ଗଲ ଓ ୨୪ ହେକ୍ଟର ସରକାରୀ ଜମି ଅନ୍ତର୍ଭୁକ୍ତ। ମୋଟାମୋଟି ଭାବେ ୨୩ବର୍ଷ ଭିତରେ ଆବଶ୍ୟକୀୟ ସମସ୍ତ ସରକାରୀ ଜମି ଅଧିଗୃହୀତ ହୋଇପାରି ନାହିଁ। ଜମି ଅଧିଗ୍ରହଣ ବିବାଦ ଯୋଗୁଁ ଅବଶିଷ୍ଟ ୭୭ ହେକ୍ଟର ବେସରକାରୀ ଜମି ରେଳ ପ୍ରକଳ୍ପ ପାଇଁ ନିଆଯିବାରେ ବିଳମ୍ବ ହେଉଥିବା କୁହାଯାଉଛି। ୧୫୦ କିମି ଦୈର୍ଘ୍ୟର ଏହି ରେଳ ପ୍ରକଳ୍ପ ମଧ୍ୟରୁ ଇତିମଧ୍ୟରେ ତାଳଚେରରୁ ଖମାର ପର୍ଯ୍ୟନ୍ତ ମାତ୍ର ୪୮ କିମି କାର୍ଯ୍ୟକ୍ଷମ ହୋଇଛି। ଖମାରରୁ ଗୋଲାବନ୍ଧ ପର୍ଯ୍ୟନ୍ତ ୩୫ କିମି ରେଳପଥ ନିର୍ମାଣ କାର୍ଯ୍ୟ ଲାଗି ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ହୋଇନାହିଁ। ଏଥିମଧ୍ୟରେ ୬୧ଟି ଛୋଟ ପୋଲ ଭିତରୁ ୪୧ଟିର ନିର୍ମାଣ ସରିଛି। ୧୧ଟି ରେଳ ଓଭର ବ୍ରିଜ୍‌ରୁ ୩ଟି ଓ ୧୬ଟି ରେଳ ଅଣ୍ଡରପାସ୍‌ରୁ ୧୨ଟିରେ ନିର୍ମାଣ କାମ ସରିଥିବା କୁହାଯାଉଛି।

ଗୋଲାବନ୍ଧରୁ ମହୁଲଡିହା ପର୍ଯ୍ୟନ୍ତ ୩୫ କିଲୋମିଟର ରେଳପଥ ନିର୍ମାଣରେ ଜମି ଅଧିଗ୍ରହଣ ପ୍ରମୁଖ ସମସ୍ୟା ହୋଇଛି। ଏହାଛଡ଼ା ମହୁଲଡିହାରୁ ବିମଳାଗଡ଼ ପର୍ଯ୍ୟନ୍ତ ୩୨ କିମି ରେଳପଥ ନିର୍ମାଣ ପାଇଁ ବି ୧୦୮ ହେକ୍ଟର ଜମି ଅଧିଗୃହୀତ ହୋଇଥିବାବେଳେ ଆଉ ପ୍ରାୟ ୨୬ ହେକ୍ଟର ଜମିର ଆବଶ୍ୟକତା ରହିଛି। ଏହି ଅଞ୍ଚଳରେ ୭୨ଟି ଛୋଟ ରେଳପଥ ନିର୍ମାଣ ହେବାକୁ ଥିବାବେଳେ ୩୯ଟି ନିର୍ମାଣ କାମ ସରିଛି ଏବଂ ୨୫ଟି ରେଳ ଅଣ୍ଡରପାସ୍ ଭିତରୁ ୧୨ଟି ନିର୍ମିତ ହୋଇଥିବା ଜଣାପଡ଼ିଛି। (ତଥ୍ୟ)

## ଦୋକାନ ଘରୁ ମହିଳାଙ୍କ ମୃତଦେହ ଉଦ୍ଧାର

କେନ୍ଦୁଝର, ୨୩।୮(ସଂଚାର ବ୍ୟୁରୋ): ଦୋକାନ ଘରୁ ମାଲିକାଣୀଙ୍କ ମୃତଦେହ ଉଦ୍ଧାର। ସ୍ୱାମୀଙ୍କ ବିରୋଧରେ ମାରିଦେଇଥିବା ଅଭିଯୋଗ ଆଣିଲେ ମୃତକଙ୍କ ବାପଘର ଲୋକେ । କେନ୍ଦୁଝର ଟାଉନ୍ ଥାନା ଘୁଟୁରୁରେ ସକାଳେ ଅର୍ଚ୍ଚନା ଟ୍ରେଡର୍ସ ସୋରୁମରୁ ମାଲିକାଣୀ ଅର୍ଚ୍ଚନା ପରିଡ଼ାଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ଦୋକାନ ଭିତରେ ତାଙ୍କ ପତ୍ନୀଙ୍କ ମୃତ୍ୟୁ ହୋଇଥିବା ସ୍ୱାମୀ ଅଭିମନ୍ୟୁ ପରିଡ଼ା ଥାନାରେ ଅଭିଯୋଗ କରିଥିଲେ। ତେବେ ଅର୍ଚ୍ଚନାଙ୍କ ପରିବାର ଲୋକ ଅଭିମନ୍ୟୁଙ୍କ ବିରୋଧରେ ଆଣିଛନ୍ତି ସାଂଘାତିକ ଅଭିଯୋଗ। ଅଭିମନ୍ୟୁ ନିୟମିତ ମଦ୍ୟପାନ କରି ଅର୍ଚ୍ଚନାଙ୍କୁ ମାରପିଟ କରୁଥିଲେ ଅଭିଯୋଗ ହୋଇଛି । ତାଙ୍କୁ ଜୀବନରେ ମାରିଦେବାକୁ ମଧ୍ୟ ଧମକ ଦେଉଥିଲେ । ଭଡ଼ା ଘରେ ଅର୍ଚ୍ଚନାଙ୍କୁ ହତ୍ୟା କରି ତାଙ୍କ ମୃତଦେହକୁ ଦୋକାନ ଘରେ ଆଣି ରଖିଥିବା ତାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରୁ ମିଳିଥିବା ସୁଇସାଇଡ ନୋଟକୁ ନେଇ ବି ଆପତ୍ତି ଉଠାଇଛନ୍ତି। ଅର୍ଚ୍ଚନାଙ୍କ ମୁଣ୍ଡରେ ଆଘାତ ଓ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବା ନେଇ ପରିବାର ଲୋକେ କହିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି । ଅଭିମନ୍ୟୁକୁ ପୋଲିସ ଘଟଣା ସ୍ଥଳରୁ ନେବା ସମୟରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା ।



# ପଥର ପ୍ୟାକିଂ କାମରେ ଜେଇ ମାଲେମାଲ



## ପଥର କାମର ଅବସ୍ଥା ବେହାଲ୍, ଅଞ୍ଚଳରେ ତୀବ୍ର ଅସନ୍ତୋଷ

ମହାକାଳପଡ଼ା,୨୩।୮ (ସଂଚାର ବ୍ୟୁରୋ): ଯେତେ ଲୁଚାଇଲେ ଲୁଚୁ ନାହିଁ ତଟବନ୍ଧ ବିଭାଗର ମୁକୁଳା ଫାଟ। କେତେବେଳେ ଘେରିବନ୍ଧକୁ ନେଇ ଅଥୟା ପରିସ୍ଥିତି ସୃଷ୍ଟି ହେଉଛି ତ ଆଉ କେବେ ନିମ୍ନ ମାନର ପଥର କାମକୁ ନେଇ ହରଡ଼ଗଛରେ ପଡୁଛି ଏହି ବିଭାଗ। କତିପୟ କର୍ମକର୍ତ୍ତା କର୍ମଚାରୀ ମାନଙ୍କ ଲାଭଖୋର ମନୋଭାବ ପାଇଁ କାମର ଅବସ୍ଥା ଏବେ ବେହାଲ୍ ହୋଇପଡ଼ଥିବା ଅଞ୍ଚଳବାସୀ ଅଭିଯୋଗ ଆଣିଛନ୍ତି।

ମହାକାଳପଡ଼ା ବ୍ଲକ କଂସାର ବଡ଼ଦାଣ୍ଡିଆ ପଞ୍ଚାୟତ ଅନ୍ତର୍ଗତ କଂସାର ନିକଟରେ ଗୋବରୀ ନଦୀକୂଳରେ ତଟବନ୍ଧ ବିଭାଗ ତରଫରୁ କରାଯାଇଥିବା ପଥର ପ୍ୟାକିଂ ର କିଛି ଅଂଶ ଏବେ ଧସି ଯାଇଛି। ବଡ଼ ପଥର ବଦଳରେ ଛୋଟ ଛୋଟ ପଥର ବ୍ୟବହାର ନହେବା କାରଣରୁ ନଦୀର ସ୍ରୋତରେ ପଥର ପ୍ୟାକିଂ ଧସିଥିବା ଲୋକେ କହିଛନ୍ତି। ବିଭାଗର ସେକ୍ସନ ପକ୍ଷରୁ ଏଠାରେ କରାଯାଇଥିବା ପଥର ପ୍ୟାକିଂ ନିମ୍ନମାନର ହୋଇଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଆସୁଥିଲା। ତେବେ ନା ଏଥିପାଇଁ ବିଭାଗୀୟ କର୍ତ୍ତୃପକ୍ଷ ନା ବିଭାଗୀୟ ଯନ୍ତ୍ରୀ, କାହାରି ଯେମିତି ପୋଡ଼ାଜଳା ନାହିଁ। ସରକାର କା ମାଲ ଦରିଆ ମେ ଡାଲ ଭଳି ମନଭଙ୍ଗା କାମରେ ଉପର ଚିକ୍କଣ କାମ ଏବେ ଧସିବା ପରେ ବିଭାଗୀୟ ଯନ୍ତ୍ରୀମାନଙ୍କ ଜ୍ଞାନ ଗରିମା ପଦାକୁ ଆସିଛି। ତୁରନ୍ତ ଘଟଣାର ତଦନ୍ତ କରି ଏହି କାର୍ଯ୍ୟରେ ସମ୍ପୃକ୍ତ ଯନ୍ତ୍ରୀ ଓ ଅଧିକାରୀ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଲୋକେ ଦାବି କରିଛନ୍ତି।

ଢାବା କର୍ମଚାରୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

## ମାଲିକ, ତାଙ୍କ ଭାଇ ଓ ମ୍ୟାନେଜରଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ନାଁରେ ମାମଲା ରୁଜୁ




ଛତ୍ରପୁର,୨୩।୮ (ସଂଚାର ବ୍ୟୁରୋ): ରମ୍ଭା ଥାନା ଅନ୍ତର୍ଗତ ସାନ ରାମଚନ୍ଦ୍ରପୁର ଗ୍ରାମ ନିକଟସ୍ଥ ରାଜୁ ଢାବାର ଶୌଚାଳୟରୁ ଗତକାଲି ବି. ଶିବ ପାତ୍ରଙ୍କ ମୃତଦେହ ମିଳିବା ଘଟଣାରେ ପୁଲିସ ହତ୍ୟା ମାମଲା ରୁଜୁ କରିଛି। ଢାବା ମାଲିକ, ତାଙ୍କ ଭାଇ, ମ୍ୟାନେଜରଙ୍କ ସମେତ ଅନ୍ୟ କର୍ମଚାରୀଙ୍କ ନାଁରେ ଏହି ମାମଲା ରୁଜୁ ହୋଇଥିବା ରମ୍ଭା ଥାନା ଆଇଆଇସି କୁମାର ମୁଦୁଲି ସୂଚନା ଦେଇଛନ୍ତି। ପରିବାର ପକ୍ଷରୁ ଦିଆଯାଇଥିବା ଏତଲା ଆଧାରରେ କେଶ ନମ୍ବର ୫୬୫/୨୦୨୬ ମାମଲା ରୁଜୁ ହୋଇଥିବା ସେ କହିଛନ୍ତି।

ଏସ୍‌ଡିପିଓ ରଞ୍ଜନ ଘଡ଼େଇ, ରମ୍ଭା ଥାନା ଅଧିକାରୀ କୁମାର ମୁଦୁଲି, ହୁମା ଫାଣ୍ଡି ଅଧିକାରୀ ବିନୟ ଦାସ ଏବଂ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ତଥା ଗଞ୍ଜାମ ତହସିଲଦାରଙ୍କ ଉପସ୍ଥିତିରେ ଶୌଚାଳୟ ଭିତରୁ ଶବକୁ ଉଦ୍ଧାର କରାଯାଇଥିଲା। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମେଡିକାଲକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ଶବ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଘଟଣାର ତଦନ୍ତ ଜାରି ରହିଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଆଇଆଇସି କହିଛନ୍ତି।

ତେବେ ଢାବାରୁ ପୁଲିସ ଜବତ କରିଥିବା ସିସିଟିଭି ଫୁଟେଜ୍‌ରେ ଶିବ ପାତ୍ର ଶୌଚାଳୟ ଭିତରକୁ ପାଣି ବୋତଲ ନେଇ ପ୍ରବେଶ କରିବା ଏବଂ ଭିତର ପଟୁ କବାଟ ବନ୍ଦ କରିଥିବା ଦେଖାଯାଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଶେଷ ଥର ଶୌଚାଳୟକୁ ଯିବା ପୂର୍ବରୁ ସେ ଦୁଇଥର ଶୌଚାଳୟ ଭିତରକୁ ଯାଇ ପୁଣି ବାହାରକୁ ଆସିଥିବା ମଧ୍ୟ ସିସିଟିଭି ଫୁଟେଜ୍‌ରେ ରେକର୍ଡ ହୋଇଥିବା ଜଣାପଡ଼ିଛି।

ତେବେ ହତ୍ୟା ମାମଲା ରୁଜୁ କରି ପୁଲିସ ଘଟଣାର ବିଭିନ୍ନ ଦିଗ ନେଇ ତଦନ୍ତ ଚଳାଇଛି। ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟ ପରେ ହିଁ ଘଟଣାର ପ୍ରକୃତ ଚିତ୍ର ସାମ୍ନାକୁ ଆସିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

## ବନ୍ୟା ପାଣିରେ ଭାସିଯାଇ ଜଣେ ନିଖୋଜ, ଓଡ୍ରାଫ ଟିମ୍‌ର ତଲାସୀ ଜାରି



ଆଳି,୨୩।୮ (ସଂଚାର ବ୍ୟୁରୋ): ରାସନ ସାମଗ୍ରୀ ଆଣିବା ହେଲା କାଳ। କାଣୀ ନଦୀର ବନ୍ୟାଜଳରେ ଭାସିଯାଇ ଜଣେ ନିଖୋଜ ହୋଇଛନ୍ତି । ନିଖୋଜ ବ୍ୟକ୍ତି ହେଉଛନ୍ତି କେନ୍ଦ୍ରାପଡା ଜିଲ୍ଲା ଆଳି ଥାନା ଅନ୍ତର୍ଗତ କଳମଡ଼ା ଶାସନ ଗାଁର ସୀତାକାନ୍ତ ମଲିକ,(୬୫ବର୍ଷ) ଶନିବାର ଅପରାହ୍ନରେ ଘରୁ ରାସନ୍ ସାମଗ୍ରୀ ପାଇଁ ପଦନିପାଳ ଯାଇଥିଲେ। ସାମଗ୍ରୀ ଆଣି ଘରକୁ ଫେରୁଥିବା ବେଳେ କାଣୀନଦୀର ବନ୍ୟା ସ୍ରୋତରେ ଭାସିଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏନେଇ ଓଡ୍ରାଫକୁ ଖବର ଦିଆଯିବା ପରେ ୨ଟିମ୍ ଘଟଣାସ୍ଥଳରେ ପହଁଚି ଖୋଜାଖୋଜି ଜାରି ରଖିଛି। ଅନ୍ୟପଟେ ଘରେ କାନ୍ଦ ବୋବାଳି ରେ ଫାଟି ପଡୁଛି।ଖବର ଲେଖା ପର୍ଯ୍ୟନ୍ତ କିଛି ଖବର ମିଳି ନଥିଲା।

## ଭଡ଼ା ଘରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

ସୁନ୍ଦରଗଡ଼,୨୩।୮ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ସହରର ଶ୍ରୀରାମ ନଗର ଅଞ୍ଚଳରେ ଜଣେ ୨୩ ବର୍ଷୀୟା ଯୁବତୀଙ୍କ ମୃତ୍ୟୁକୁ ନେଇ ଚାଞ୍ଚଲ୍ୟ ଖେଳିଯାଇଛି। ଭଡ଼ା ଘରୁ ଯୁବତୀଙ୍କ ମୃତଦେହ ମିଳିବା ପରେ ଘଟଣାସ୍ଥଳରେ ପହଞ୍ଚିଛି ସୁନ୍ଦରଗଡ଼ ଟାଉନ ଥାନା ପୁଲିସ। ମୃତ ଯୁବତୀ ଜଣକ ସୁସ୍ମିତା ତିର୍କୀ ସବ ଡେଗା ଅଞ୍ଚଳର ବୋଲି ଜଣାପଡ଼ିଛି।



ସୂଚନା ଅନୁସାରେ, ସୁସ୍ମିତା ଶ୍ରୀରାମ ନଗରରେ ଏକ ଭଡ଼ା ଘରେ ରହୁଥିଲେ। ସେ ଶାନ୍ତିଲତା ହସ୍ପିଟାଲରେ ନର୍ସ ଭାବେ କାର୍ଯ୍ୟ କରୁଥିଲେ। ସେ ଓଢ଼ଣିରେ ଫାଶ ଲଗାଇଥିବା ପ୍ରାଥମିକ ସୂଚନାରୁ ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇ ଟାଉନ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ତେବେ ସୁସ୍ମିତା କେଉଁ କାରଣରୁ ଏଭଳି ଚରମ ପଦକ୍ଷେପ ନେଲେ, ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଓ ତଦନ୍ତ ପରେ ହିଁ ଘଟଣାର ପ୍ରକୃତ ତଥ୍ୟ ସାମ୍ନାକୁ ଆସିବ।

## ଓଲଟିଲା ଯାତ୍ରୀବାହୀ ଅଟୋ, ଅଳ୍ପକେ ବର୍ତ୍ତିଲା ବଡ଼ ଅଘଟଣ



ନାରାୟଣପାଟଣା, ୨୩।୮ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ୍ ତଳଗୁମାଣ୍ଡିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ଭିତରପଡ଼ା ଛକ ନିକଟରେ ରବିବାର ଏକ ଯାତ୍ରୀବାହୀ ଅଟୋ ଭାରସାମ୍ୟ ହରାଇ ଘାଟି ତଳକୁ ଓଲଟି ପଡ଼ିଛି। ଏଥିରେ ଅଟୋରେ ଯାତ୍ରା କରୁଥିବା ଏକାଧିକ ଯାତ୍ରୀ ଆହତ ହୋଇଥିବା ଜଣାପଡ଼ିଛି। ତେବେ କାହାର ମୃତ୍ୟୁ ଘଟିନଥିବାରୁ ଏକ ବଡ଼ ଅଘଟଣ ଅଳ୍ପକେ ଟଳିଯାଇଛି।

ସୂଚନା ଅନୁଯାୟୀ, ନାରାୟଣପାଟଣା ବ୍ଲକ୍ ବାଲା ଗାଁରୁ ପ୍ରାୟ ୧୦ ଜଣ ଯାତ୍ରୀ ଏକ ଅଟୋରେ ନାରାୟଣପାଟଣା ସାପ୍ତାହିକ ହାଟକୁ ଆସୁଥିଲେ। ଭିତରପଡ଼ା ଛକ ନିକଟରେ ଥିବା ଏକ ବିପଦପୂର୍ଣ୍ଣ ବୁଲାଣିରେ ହଠାତ୍ ଅଟୋଟି ଭାରସାମ୍ୟ ହରାଇ ରାସ୍ତାରୁ ତଳକୁ ଖସି ଓଲଟି ପଡ଼ିଥିଲା। ଦୁର୍ଘଟଣାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଟୋରେ ଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ଆହତମାନଙ୍କୁ ପରେ ଚିକିତ୍ସା ପାଇଁ ନିଆଯାଇଥିବା ଜଣାପଡ଼ିଛି। ତେବେ ଆହତଙ୍କ ସଠିକ୍ ସଂଖ୍ୟା ଓ ସେମାନଙ୍କ ଅବସ୍ଥା ସମ୍ପର୍କରେ ତତ୍କାଳ ସ୍ପଷ୍ଟ ସୂଚନା ମିଳିପାରିନାହିଁ।

ଘାଟି ରାସ୍ତାର ବିପଦପୂର୍ଣ୍ଣ ବୁଲାଣିଗୁଡ଼ିକରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା, ପ୍ରତିରୋଧକ ବାଡ଼ ଓ ସତର୍କତାମୂଳକ ସୂଚନାଫଳକର ଅଭାବ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି ଦୁର୍ଘଟଣାକୁ ରୋକିବା ପାଇଁ ବିପଦପୂର୍ଣ୍ଣ ସ୍ଥାନଗୁଡ଼ିକରେ ତୁରନ୍ତ ସୁରକ୍ଷା ବ୍ୟବସ୍ଥା କରିବାକୁ ଦାବି ହୋଇଛି।

# ବନ୍ୟାରେ ବୁଡ଼ିଗଲା ସ୍କୁଲର ଦଶ ଲକ୍ଷ ଟଙ୍କାର ସରଞ୍ଜାମ

### ଅଭିଭାବକଙ୍କ ମୁଣ୍ଡରେ ଭାଲେଣି, କେମିତି ପଢ଼ିବେ ଛାତ୍ରଛାତ୍ରୀ

### ନିଘୋଡ଼ ନିଦ୍ରାରେ ପ୍ରଧାନ ଶିକ୍ଷକ



ଆଳି,୨୩।୮ (ସଂଚାର ବ୍ୟୁରୋ): ପ୍ରଧାନ ଶିକ୍ଷକଙ୍କ ଅବହେଳା ଯୋଗୁଁ ୧୦ ଲକ୍ଷ ଟଙ୍କାର ସ୍କୁଲ ସରଞ୍ଜାମ ବନ୍ୟାରେ ବୁଡ଼ି ନଷ୍ଟ ହୋଇଥିବା ଅଭିଯୋଗ ହେଉଛି। ଆସିଥିବା ଦ୍ୱିତୀୟ ବନ୍ୟାରେ ଆଳି ବ୍ଲକ ଧୋୟା ଦଶ ପଞ୍ଚାୟତ ବନ୍ୟା ବିଭୀଷିକା ରଚିଥିବା ବେଳେ ପିଲାଙ୍କ ପାଠ ପଢ଼ାରେ ଡୋରି ଲାଗିଛି। ସେହିପରି ମାନପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରେ ବନ୍ୟାରେ ସ୍କୁଲରେ ଥିବା ସରଞ୍ଜାମ ତିନୋଟି ଟିଭି, କମ୍ପ୍ୟୁଟର, ଇନ୍‌ଭର୍ଟର ପାଣିପମ୍ପ ମଧ୍ୟାହ୍ନ ଭୋଜନ ଚାଉଳ ସହ ଅଫିସର ରେକର୍ଡ ସହିତ କାଗଜ ପତ୍ର ନଷ୍ଟ ହୋଇଥିବା ସଙ୍ଗୀନ ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ ।

ସବୁଠୁ ବଡ କଥା ହେଲା ସ୍କୁଲର ତିନୋଟି ଘର ଉଚ୍ଚ ସ୍ଥାନରେ ଥିବା ବେଳେ କାହିଁକି ଏହି ସବୁ ସରଞ୍ଜାମକୁ ସୁରକ୍ଷିତ ସ୍ଥାନରେ ରଖା ଗଲାନି ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ୧୦ ଲକ୍ଷ ଟଙ୍କାର ସରଞ୍ଜାମ ନଷ୍ଟ ହୋଇଥିବା ବେଳେ ଏଥି ପାଇଁ ଦାୟୀ କିଏ ବୋଲି ପ୍ରଶ୍ନ ଉଠାଇବା ସହ ପିଲା କିପରି ସ୍ମାର୍ଟ କ୍ଲାସ କରିବେ ତାହା ବଡ଼ ପ୍ରଶ୍ନ ହୋଇ ଉଭା ହୋଇଛି।ପୂର୍ବରୁ ପ୍ରଧାନ ଶିକ୍ଷକ ବନ୍ୟାରେ ରେକର୍ଡ ରୁମ୍ ବୁଡ଼ାଇ ଦେଇଥିବା ଅଭିଯୋଗ ହୋଇଥିଲା।ସରକାରୀ କା ମାଲ ଦରିଆ ମେ ଡାଲ୍ ନୀତିରେ ରହିଛନ୍ତିକି ପ୍ରଧାନ ଶିକ୍ଷକ। ପ୍ରଧାନ ଶିକ୍ଷକ ନାମରେ ଆଗରୁ ଅନେକ ଅଭିଯୋଗ ଥିବା ବେଳେ ଯଥା ମଧ୍ୟାହ୍ନ ଭୋଜନରେ ହେର ଫେର କରିବା କିମ୍ବା ପିଲାଙ୍କ ଖାଇବା ଥାଳି ଟଙ୍କା ହଡ଼ପ କରିବା ଭଳି ସଙ୍ଗିନ ଅଭିଯୋଗ ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ବାରମ୍ବାର ଅଭିଯୋଗ ସତ୍ତ୍ୱେ କାହିଁକି ଶିକ୍ଷା ବିଭାଗ ଘଷ୍ଟ ଘୋଡାଉଛି ବୋଲି ପ୍ରଶ୍ନ କରିଛନ୍ତି।

## ଦୁଃଖୀ ପରିବାର ପାଖରେ ଚିତ୍ତରଞ୍ଜନ

### ଶୁଦ୍ଧିକ୍ରିୟା ସହାୟତା ପାଇଁ ଆଗେଇ ଆସିବାକୁ କଲେ ନିବେଦନ



ମହାକାଳପଡ଼ା,୨୩।୮ (ସଂଚାର ବ୍ୟୁରୋ): ପରିବାରର ଏକମାତ୍ର ରୋଜଗାରକ୍ଷମ ପୁଅର ମୃତ୍ୟୁ ପରେ ଏବେ ବେସାହାରା ପରିବାର। ଶୁଦ୍ଧିକ୍ରିୟା ପାଇଁ ଅର୍ଥ ପ୍ରତିବନ୍ଧକ ସାଜିଛି।

ମହାକାଳପଡ଼ା ବ୍ଲକ ତିଖିରି ପଞ୍ଚାୟତର ତିଖିରି ଗ୍ରାମର ପ୍ରଶନ୍ନ ବେହେରା (୫୩) ଭୁବନେଶ୍ୱରରେ ରହି ପରିବା ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ। ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ୧୮ ଅଗଷ୍ଟ ଦିନ ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁ ପରେ ପରିବାର ଏବେ ସମ୍ପୂର୍ଣ୍ଣ ବେସାହାରା। ପ୍ରଶନ୍ନଙ୍କ ପତ୍ନୀ ରୋଜାଲିନଙ୍କ ସମେତ ଦୁଇ ପୁଅ ସତ୍ୟପ୍ରକାଶ ଓ ଶୁଭମ୍ ଏବେ ଶୁଦ୍ଧିକ୍ରିୟା ପାଇଁ ଅର୍ଥ ଚିନ୍ତାରେ ଅଛନ୍ତି। ଖବର ପାଇ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ଯୁବନେତା ତଥା ଆଇନଜୀବୀ ଚିତ୍ତରଞ୍ଜନ ଦାସ ପରିବାରକୁ ଭେଟି ସମବେଦନା ଜଣାଇବା ସହ ସହାୟତା ଯୋଗାଇ ଦେଇଛନ୍ତି। ସମସ୍ତେ ଏହି ଘଟଣାରେ ସହାୟତା କରିବାକୁ ଆଗକୁ ଆସନ୍ତୁ ବୋଲି ସେ ଆହ୍ୱାନ କରିଛନ୍ତି।

## ମହିଳାଙ୍କ ବେକରୁ ଝାମ୍ପିନେଲେ ୨୨ ଗ୍ରାମର ସୁନା ଚେନ୍

ଗରଦପୁର,୨୩।୮ (ସଂଚାର ବ୍ୟୁରୋ): ସକାଳୁ ସକାଳୁ ଗାଁ ଭିତରେ ସୁନା ଚେନ୍ ଲୁଟ୍ ଘଟଣାକୁ ନେଇ ବିଜିପୁର ଓ ଏହାର ଆଖପାଖ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପ୍ରାତଃଭ୍ରମଣରେ ଯାଇଥିବା ଜଣେ ମହିଳାଙ୍କ ବେକରୁ ଦୁଇ ଜଣ ଦୁର୍ବୃତ୍ତ ୨୨ ଗ୍ରାମ ଓଜନର ସୁନା ଚେନ୍ ଝାମ୍ପି ନେଇ ବାଇକ୍‌ରେ ଫେରାର ହୋଇଯାଇଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ବିଜିପୁରର ନୟନା ରାଉତ ଆଜି ସକାଳ ପ୍ରାୟ ୬ଟା ୩୦ ମିନିଟ୍ ସମୟରେ ପ୍ରାତଃଭ୍ରମଣ ପାଇଁ ବିଜିପୁରରୁ ଦାସସାହି ଅଭିମୁଖେ ଯାଉଥିଲେ। ଦାସସାହି ନିକଟରେ ଏକ ବାଇକ୍‌ରେ ଦୁଇ ଜଣ ଯୁବକ ଆସି ହଠାତ୍ ତାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ଦ୍ରୁତଗତିରେ ସେଠାରୁ ପଳାଇଥିବା ଜଣାପଡ଼ିଛି। ଘଟଣା ସମୟରେ ମହିଳା ଜଣକ ଅଳ୍ପକେ ଏକ ବଡ଼ ବିପଦରୁ ବର୍ତ୍ତିଯାଇଥିବା ବେଳେ ଲୁଟେରାମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି। ଗାଁ ରାସ୍ତାରେ ସକାଳୁ ସକାଳୁ ଲୋକଙ୍କ ଚଳପ୍ରଚଳ ଥିବା ସତ୍ତ୍ୱେ ଏଭଳି ଲୁଟ୍ ଘଟଣା ଘଟିବା ସାଧାରଣ ଲୋକଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠାଇଛି।

ବିଶେଷକରି ପ୍ରାତଃଭ୍ରମଣ ସମୟରେ ମହିଳା ଓ ବୟସ୍କମାନେ ଗାଁ ରାସ୍ତାରେ ଯାତାୟାତ କରୁଥିବା ବେଳେ ବାଇକ୍‌ରେ ଆସି ଚେନ୍ ଝାମ୍ପିନେବା ଘଟଣା ଚିନ୍ତାର ବିଷୟ ପାଲଟିଛି। ଲୁଟେରାମାନେ ଗାଁ ଭିତରକୁ ପଶି ଏଭଳି ଅପରାଧ ଘଟାଇବାକୁ କିପରି ସାହସ କଲେ, ତାହା ନେଇ ମଧ୍ୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆଲୋଚନା ଚାଲିଛି।

ଘଟଣା ପରେ କୁଦାନଗରୀ ପୋଲିସ ପକ୍ଷରୁ ତଦନ୍ତ କରାଯାଇ ଲୁଟେରାଙ୍କୁ ଚିହ୍ନଟ କରିବା ସହ ଶୀଘ୍ର ଗିରଫ କରାଯିବା ଏବଂ ଲୁଟ୍ ହୋଇଥିବା ସୁନା ଚେନ୍ ଉଦ୍ଧାର କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିସହ ପ୍ରାତଃଭ୍ରମଣ ସମୟରେ ଗାଁ ଓ ମୁଖ୍ୟ ରାସ୍ତାଗୁଡ଼ିକରେ ପୋଲିସ ପାଟ୍ରୋଲିଂ ବଢ଼ାଇବାକୁ ମଧ୍ୟ ଦାବି ହୋଇଛି।

ସକାଳୁ ଗାଁ ରାସ୍ତାରେ ବି ଯଦି ସୁରକ୍ଷା ନଥାଏ, ତେବେ ସାଧାରଣ ଲୋକ ନିର୍ଭୟରେ ଚାଲିବେ କେମିତି? ଏହି ଘଟଣା ପରେ ଏହି ପ୍ରଶ୍ନ ଏବେ ବିଜିପୁର ଅଞ୍ଚଳବାସୀଙ୍କ ମନରେ ଘୁରୁଛି। ଲୁଟେରାଙ୍କୁ ଶୀଘ୍ର ଧରିବା ସହ ଆଗକୁ ଏଭଳି ଘଟଣା ଯେପରି ନଘଟେ, ସେଥିପାଇଁ ପୋଲିସର ନିୟମିତ ନଜରଦାରୀ ଓ ପାଟ୍ରୋଲିଂ ଜୋରଦାର କରିବା ଆବଶ୍ୟକତା ରହିଛି।

### ୩୩ ମାସ ବିତିଲା, ଖୋଲୁନି ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ତାଲା

# ରୋଗୀ ବଦଳରେ ଗଡୁଛି ମଦ ବୋତଲ

### ନବୀନଙ୍କ ଶିଳାନ୍ୟାସ, ଲୋକଙ୍କ ସରକାରରେ ତାଲା

### ବନ୍ତିଲୋରେ ସ୍ୱାସ୍ଥ୍ୟ ସେବା ଠପ୍



କାକଟପୁର/ଅସ୍ତରଙ୍ଗ,୨୩।୮ (ସଂଚାର ବ୍ୟୁରୋ): ଭିତରେ ଅନ୍ଧାର, ବାହାରେ ମଦ ବୋତଲ, ସିଗାରେଟ ପ୍ୟାକେଟ ଆଉ ନିଶାଡିଙ୍କ ଆଡ୍ଡା। ଦେଖିଲେ ଲାଗିବ ପରିତ୍ୟକ୍ତ ଭୂତ ବଙ୍ଗଳା। କିନ୍ତୁ ଏହା ଭୂତ କୋଠା ନୁହେଁ, ଏହା ହେଉଛି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବନ୍ତିଲୋ ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ବାସ୍ତବ ଚିତ୍ର। ୩୦ ନଭେମ୍ବର ୨୦୨୩ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂରେ ଏହାର ଶିଳାନ୍ୟାସ କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା। ହେଲେ ଆଜି ଯାଏଁ କେତେ ଟଙ୍କା ଖର୍ଚ୍ଚ ହେଲା, ତାର ହିସାବ ନାହିଁ। କାରଣ ସୂଚନା ଫଳକ ନାହିଁ, ସ୍ୱଚ୍ଛତା ନାହିଁ।

ଆରମ୍ଭରୁ ନିମ୍ନମାନର କାମ ଅଭିଯୋଗ ହୋଇଥିଲା। ବାଲି ବଦଳରେ ମାଟି ଫିଲିଂ, ଭଲ ଇଟା ବଦଳରେ ନିମ୍ନମାନର ଇଟା। ଉଚ୍ଚ ଅଧିକାରୀ ପରିଦର୍ଶନ କଲେ ସତ, କାର୍ଯ୍ୟାନୁଷ୍ଠାନ ଶୂନ।

ଲୋକଙ୍କ ସରକାରକୁ ୨ ବର୍ଷ, ହେଲେ ଭାଗ୍ୟ ବଦଳିଲାନି: ନୂଆ ସରକାରକୁ ୨ ବର୍ଷ ପୂରିଲା। ସବୁଠି ସବୁଜ ରଙ୍ଗରୁ କମଳା ରଙ୍ଗ ହେଲା। ହେଲେ ବନ୍ତିଲୋ ସ୍ୱାସ୍ଥ୍ୟ କେନ୍ଦ୍ରର ଭାଗ୍ୟ ବଦଳିଲାନି। ବିଭାଗୀୟ ମନ୍ତ୍ରୀ କି ଜିଲ୍ଲା ପ୍ରଶାସନ କେହି ଦାୟିତ୍ୱ ନେଉନାହାନ୍ତି।

ଅଗଷ୍ଟ ୨୦୨୬ ଶେଷ ସପ୍ତାହ ହେଲାଣି, ୩୩ ମାସ ବିତିଲାଣି, ହସ୍ତାନ୍ତର ହେଉନି। ହସ୍ତାନ୍ତର ହେଲେ କାନ୍ଥରୁ ପ୍ଲାଷ୍ଟର ଛାଡିବା, ଛାତରୁ ପାଣି ଗଳିବା ଭଳି ଦୁର୍ନୀତି ଧରା ପଡିଯିବ ବୋଲି ଟାଳବାହାନା ଚାଲିଛି ବୋଲି ଲୋକେ କହୁଛନ୍ତି।

ଫଳ ଭୋଗୁଛନ୍ତି ବନ୍ତିଲୋ, କେଉଟଜଙ୍ଗା, ଉଦୟକଣୀ, ଶିଶୁଆ, କୋରଣା ଅଞ୍ଚଳର ୧୦ ହଜାରରୁ ଅଧିକ ଲୋକ। ଜ୍ୱର ହେଉ କି ପ୍ରସବ ଯନ୍ତ୍ରଣା, ବାଧ୍ୟ ହୋଇ ୧୦ କିମି ଦୂର ବାଙ୍ଗୁରିଗାଁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଦୌଡୁଛନ୍ତି।

ଏ ନେଇ ଅସ୍ତରଙ୍ଗ ସିଏଚ୍‌ସି ଅଧିକାରୀ ଡା. ସଞ୍ଜୟ ପ୍ରଧାନ କହିଛନ୍ତି, "କିଛି କାମ ଜାରି ରହିଛି, ସମ୍ପୂର୍ଣ୍ଣ ହୋଇନଥିବାରୁ ହସ୍ତାନ୍ତର ହୋଇନାହିଁ।" ହେଲେ ସ୍ଥାନୀୟ ଲୋକେ ଏହାକୁ ଗ୍ରହଣ କରୁନାହାନ୍ତି। ତୁରନ୍ତ ଭିଜିଲାନ୍ସ ତଦନ୍ତ, ଠିକାଦାରଙ୍କୁ କଳା ତାଲିକାଭୁକ୍ତ ଓ ଯନ୍ତ୍ରୀଙ୍କୁ ନିଲମ୍ବନ ଦାବୀ ହୋଇଛି।

## ଶ୍ରୀ ସାକ୍ଷୀଗୋପାଳ ଠାକୁରଙ୍କ ଝୁଲଣ ଯାତ୍ରା ଆରମ୍ଭ



ସତ୍ୟବାଦୀ,୨୩।୮ (ସଂଚାର ବ୍ୟୁରୋ): ସାକ୍ଷୀଗୋପାଳ ମନ୍ଦିରରେ ଶ୍ରୀ ସାକ୍ଷୀଗୋପାଳ ଠାକୁରଙ୍କ ପବିତ୍ର ଝୁଲଣ ଯାତ୍ରା ଦଶମୀଯୁକ୍ତ ଏକାଦଶୀ ତିଥି ରବିବାର ଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ମନ୍ଦିର ପରିସର ଭକ୍ତିମୟ ପରିବେଶରେ ଉତ୍ସବମୁଖର ହୋଇଉଠିଛି। ଦୈନନ୍ଦିନ ଦେବନୀତି ଅନୁଯାୟୀ ସନ୍ଧ୍ୟାଧୂପ ବେଶ, ଏକାଦଶୀ ବେଢ଼ା ଓ ଜାତଭୋଗ ପରେ ବିଜେ ପ୍ରତିମା ମଦନମୋହନ ଝୁଲଣ କୁଞ୍ଜକୁ ବିଜେ କରିଥିଲେ। ଏହାପରେ ଝୁଲଣ ମଣ୍ଡପରେ ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଇଥିଲା। ପନ୍ତିଭୋଗ, ଆଳତି ଓ ବନ୍ଦାପନା ପରେ ଭକ୍ତମାନେ ଠାକୁରଙ୍କ ଝୁଲଣ ବେଶ ଦର୍ଶନ କରିଥିଲେ। ଜରି ଜମ୍ବୁରାରେ ବିଭିନ୍ନ ପ୍ରକାରର ଫୁଲ, ଲତା, ତୋରଣ ସହ ଶୁଆ, ବଗ, ପାରା, କାକତୁଆ, ବଣି, ମାଙ୍କଡ, ସଖୀ ଓ କୃଷ୍ଣଲୀଳା ସମ୍ପର୍କିତ ବିଭିନ୍ନ ପ୍ରତିକୃତି ନିର୍ମାଣ କରାଯାଇ ଝୁଲଣ କୁଞ୍ଜରେ ସ୍ଥାନିତ କରାଯାଇଛି। କୃଷ୍ଣ, ବଳରାମ, ରୋହିଣୀ, ଯଶୋଦାଙ୍କ ସମେତ ଭୀମ ଓ ଅର୍ଜୁନଙ୍କ ଭଳି ଯୋଦ୍ଧାଙ୍କ ପ୍ରତିକୃତି ମଧ୍ୟ ଝୁଲଣ ମଣ୍ଡପର ଶୋଭା ବଢ଼ାଇଛି। ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜିତ ଝୁଲଣ କୁଞ୍ଜ ଭକ୍ତମାନଙ୍କୁ ବେଶ ଆକର୍ଷିତ କରୁଛି। ଆଗାମୀ ସାତଦିନ ଧରି ପ୍ରତ୍ୟହ ସନ୍ଧ୍ୟାରେ ଝୁଲଣ ମଣ୍ଡପରେ ଦୋଳାୟମାନ ମଦନମୋହନଙ୍କ ବିଭିନ୍ନ ଦେବନୀତି ସହ ଗୋଟିପୁଅ ନୃତ୍ୟ ପରିବେଷଣ କରାଯିବ। ଏଥିପାଇଁ ପ୍ରତିଦିନ ସନ୍ଧ୍ୟାରେ ମନ୍ଦିରରେ ଭକ୍ତଙ୍କ ସମାଗମ ହେବା ଆଶା କରାଯାଉଛି।

# ଲଗାଣ ବର୍ଷାରେ ବୁଡୁଛି ଆର୍‌ଏମ୍ ନଗର



### ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ

### ଡ୍ରେନେଜ ପାଇଁ ଦାବି

ବୋରିଗୁମ୍ମା,୨୩।୮ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସଦର ମହକୁମାରେ ଥିବା ଆରଏମ ନଗର ଓ ଭେଙ୍କେଟ ନଗର ଅବସ୍ଥା ଏବେ ଅତ୍ୟନ୍ତ ଶୋଚନୀୟ। ଗତ ଦୁଇ ଦିନର ଲଗାଣ ବର୍ଷାରେ ରାସ୍ତାରେ ଆଣ୍ଠୁଏ ବର୍ଷା ଜଳ ଜମିରହି କୃତ୍ରିମ ପୋଖରୀ ସୃଷ୍ଟି ହୋଇଛି ଏବଂ ଘର ଭିତରେ ପାଣି ପଶିଛି । ଯାହା ଫଳରେ ଏଠାରେ ବାସ କରୁଥିବା ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପରିବାର ବର୍ଷ ବର୍ଷ ଧରି ନର୍କ ଯନ୍ତ୍ରଣା ଭୋଗ କରୁଛନ୍ତି । ବର୍ଷା ଦିନରେ ଆଣ୍ଠୁଏ ପର୍ଯ୍ୟନ୍ତ ପାଣିରେ ବୁଡୁଛି ରାସ୍ତା,ଫଳରେ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଏହି ରାସ୍ତାଟି ଦୁଇ ରାଜପଥକୁ ସଂଯୋଗ କରୁଥିବା ପ୍ରାୟ ୨୦୦ ମିଟର ରାସ୍ତା ଆଜି ପର୍ଯ୍ୟନ୍ତ ଉଚ୍ଚତା ସମ୍ପନ୍ନ ସିସି ରାସ୍ତା ନ ହୋଇ ପଡ଼ିରହିଛି। ବର୍ଷା ଦିନେ ରାସ୍ତା ଉପରେ ୧ରୁ ଦୁଇ ଫୁଟ ପାଣି ଜମି ରହୁଛି । ଫଳରେ ଲୋକେ ପାଣି ଭିତରେ ସରୀସୃପଙ୍କ ଭୟ ସତ୍ତ୍ୱେ ମଧ୍ୟ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ଏହି ଜଳବନ୍ଦୀ ସମସ୍ୟା ଯୋଗୁଁ ସବୁଠୁ ଅଧିକ ପ୍ରଭାବିତ ହେଉଛନ୍ତି ସ୍କୁଲ ଛାତ୍ରଛାତ୍ରୀ, ମହିଳା ଓ ବୟସ୍କ ବ୍ୟକ୍ତି। ପିଲାମାନେ ବହି ଧରି କାଦୁଅ ପାଣିରେ ସ୍କୁଲ ଯିବାକୁ ପଡୁଛି, ଅନେକ ସମୟରେ ପଡ଼ି ବହି ଖାତା ଓଦା ହୋଇଯାଉଛି।

ଏହି ସାହିରେ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ବର୍ଷା ପାଣି ସହ ଘରର ଅଳିଆ ପାଣି ମିଶି ଦୁର୍ଗନ୍ଧ ହେଉଛି ଓ ମଶା ବଢୁଛି, ଯାହା ଡେଙ୍ଗୁ, ମ୍ୟାଲେରିଆ ଭଳି ରୋଗକୁ ନିମନ୍ତ୍ରଣ କରୁଛି । ଏଥପ୍ରତି ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ଆରଏମ ନଗରର ୨୦୦ ମିଟର ପକ୍କା ସିସି ରାସ୍ତା ସହ ଉଭୟ ପାର୍ଶ୍ୱରେ ଜଳ ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ କରାନଗଲେ ସ୍ଥାନୀୟ ବାସିନ୍ଦା ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ।

## ଦୁଇ ବାଇକ ଧକ୍କା, ଜଣେ ଗୁରୁତର

ନୀଳଗିରି,୨୩।୮ (ସଂଚାର ବ୍ୟୁରୋ): ଆଜି ଅପରାହ୍ନରେ ନୀଳଗିରିରୁ କାର୍ଯ୍ୟ ସାରି ବାରୁଦଖାନା ଗ୍ରାମର ସବ୍ୟସାଚୀ ମହାନ୍ତି ଘରକୁ ଫେରୁଥିବା ବେଳେ ନୀଳଗିରି ଥାନା ଅନ୍ତର୍ଗତ ମିରିଗିଣି ବିଦ୍ୟାଳୟ ସମ୍ମୁଖରେ ବିପରୀତ ଦିଗରୁ ଆସୁଥିବା ବାଇକ ମଧ୍ୟରେ ମୁହାଁ ମୁହିଁ ଧକ୍କା ହେବାରୁ ସବ୍ୟସାଚୀ ଗୁରୁତର ହୋଇ ନୀଳଗିରି ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଏଥିରେ ତାଙ୍କର ଡାହାଣ ଗୋଡ଼ ଓ ହାତରେ ଗଭୀର ଆଘାତ ଲାଗିଛି। ଅପର ପକ୍ଷରେ ଦୁର୍ଘଟଣା ଘଟଇଥିବା ଜୈନିକ ଆପାଚି ଗାଡି ମାଲିକ ଦୁର୍ଘଟଣା ଘଟାଇ ଚମ୍ପଟ ମାରିଥିବା ଜଣାପଡିଛି। ଏନେଇ ସବ୍ୟସାଚୀ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି।



### ଯାଜପୁର ଫୁଟବଲ ଖେଳାଳିଙ୍କ କମାଲ

## ଓଡ଼ିଶା ଅଣ୍ଡର-୧୭ ଜାତୀୟ ଦଳକୁ ୮ ମନୋନୀତ



ଯାଜପୁର ରୋଡ଼,୨୩।୮ (ସଂଚାର ବ୍ୟୁରୋ): ଆଗାମୀ ୧୭ ବର୍ଷରୁ କମ୍ ଜାତୀୟ ଫୁଟବଲ ପ୍ରତିଯୋଗିତା ପାଇଁ ଓଡ଼ିଶା ରାଜ୍ୟ ଦଳରେ ଯାଜପୁରର ୮ ଜଣ ପ୍ରତିଭାବାନ ଯୁବ ଖେଳାଳି ସ୍ଥାନ ପାଇଛନ୍ତି। ଏହି ସଫଳତା ସହ ଯାଜପୁର ରାଜ୍ୟ ଫୁଟବଲ କ୍ଷେତ୍ରରେ ଏକ ନୂତନ ଶକ୍ତିକେନ୍ଦ୍ର ଭାବେ ଉଭା ହୋଇଛି। ଟାଟା ଷ୍ଟିଲ୍ ଫାଉଣ୍ଡେସନ (ଟିଏସଏଫ୍)ର ସୁବ୍ୟବସ୍ଥିତ ତାଲିମ ଏବଂ ତୃଣମୂଳ ସ୍ତରରେ କ୍ରୀଡ଼ା ବିକାଶ ଯୋଗୁଁ ଏହି ବଡ଼ ସଫଳତା ମିଳିପାରିଛି।

ମନୋନୀତ ହୋଇଥିବା ୮ ଜଣ ଖେଳାଳିଙ୍କ ମଧ୍ୟରୁ ୫ ଜଣ ଟିଏସଏଫର ତୃଣମୂଳ ଫୁଟବଲ ତାଲିମ କେନ୍ଦ୍ରରେ ଖେଳାଳି । ନିଜର ଉତ୍କୃଷ୍ଟ କୌଶଳ, ଶୃଙ୍ଖଳା ଓ କଠିନ ପରିଶ୍ରମ ବଳରେ ରାଜ୍ୟ ଦଳରେ ସ୍ଥାନ ପକ୍କା କରିଥିବା ଏହି ଖେଳାଳିମାନେ ହେଲେ, ସୁକିନ୍ଦାର ପ୍ରେମଚାନ୍ଦ ଏବଂ ଲକ୍ଷ୍ମଣ ମାଝୀ ଶାଳବଣିଆ, ବ୍ରାହ୍ମଣୀପାଳର ଲକି ଟୁଡ୍ଡୁ, କଳିଙ୍ଗନଗରର ମଙ୍ଗଳ ବେସ୍ରା ଏବଂ ସିରକା ଗାଗରାଇ। ସ୍ଥାନୀୟ ପ୍ରତିଭାଙ୍କୁ ଚିହ୍ନଟ କରି, ଉପଯୁକ୍ତ ତାଲିମ ଦେଇ ଉଚ୍ଚସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରିବାରେ ଟିଏସଏଫର ପ୍ରୟାସ ଏବେ ସଫଳ ହେଉଥିବା ଦର୍ଶାଉଛି ।

କଳିଙ୍ଗନଗର, ସୁକିନ୍ଦା ଓ ବ୍ରାହ୍ମଣୀପାଳ ସମେତ ସମଗ୍ର ଯାଜପୁର ଜିଲ୍ଲାରେ ୨୦୧୨ ମସିହାରୁ ଆରମ୍ଭ ହୋଇଥିବା ଏହି ତୃଣମୂଳ ଫୁଟବଲ କାର୍ଯ୍ୟକ୍ରମ ମାଧ୍ୟମରେ ଟାଟା ଷ୍ଟିଲ୍ ଫାଉଣ୍ଡେସନ ଗ୍ରାମୀଣ ତଥା ଆଦିବାସୀ ଯୁବପିଢ଼ିଙ୍କୁ ଉନ୍ନତ ପ୍ରଶିକ୍ଷଣ ଓ ପ୍ରତିଯୋଗିତାମୂଳକ ସୁଯୋଗ ଯୋଗାଇ ଦେଉଛି। ସ୍ଥାନୀୟ ପ୍ରତିଭାଙ୍କୁ ରାଜ୍ୟ ସ୍ତରର ମଂଚ ସହ ଯୋଡ଼ି ଏହି ଅଭିଯାନ ଓଡ଼ିଶାର ଉଦୀୟମାନ ଖେଳାଳିଙ୍କ ସ୍ୱପ୍ନକୁ ସାକାର କରିଚାଲିଛି।

## ସିଟି salad

### ମାନ୍ୟବର ଶବ୍ଦକୁ ସିଦ୍ଧାନ୍ତଙ୍କ ନା'



ଆମେ ହେଉଛୁ ବିଧାୟକ। ମାନ୍ୟବର ନୁହେଁ। ବିଧାନସଭାରେ ବିଧେୟକ ପାରିତ ବେଳେ ଆମେ ବିଧାୟକ। ଅନ୍ୟବେଳେ ଆମେ ହେଉଛୁ ସାଧାରଣ ଜନତା। ଆମକୁ ନିର୍ବାଚିତ କରି ଯେଉଁମାନେ ବିଧାନସଭାକୁ ପଠାଇଛନ୍ତି ସେମାନେ ହେଉଛନ୍ତି ବାସ୍ତବରେ ମାନ୍ୟବର। ହେଲେ ଆମେ କିନ୍ତୁ ମାନ୍ୟବର ଦୌଡରେ ପରସ୍ପରକୁ ଟପିବାକୁ ବସିଛୁ। ନିକଟରେ ରାଜଧାନୀରେ ଗଣମାଧ୍ୟମ ପକ୍ଷରୁ ଆୟୋଜିତ ଗୋଟିଏ ସଭାରେ ଏହା କହିଛନ୍ତି ବିଧାୟକ ସିଦ୍ଧାନ୍ତ ମହାପାତ୍ର। ନିଜର ସ୍ପଷ୍ଟବାଦିତା ପାଇଁ ବେଶ୍ ଜଣାଶୁଣା ସିଦ୍ଧାନ୍ତ ଏହା କହିବା ସମୟରେ ଅନେକ ତାଙ୍କ ବକ୍ତବ୍ୟକୁ ସମର୍ଥନ କରିଥିଲେ। ତେବେ ତାଳି ମାରି ଅଧିକ ଉତ୍ସାହିତ କରିଥିଲେ ବିଧାୟିକା ସୋଫିଆ ଫର୍ଦ୍ଦୋଶ। ତେବେ ଉପରୁ ତଳ ପର୍ଯ୍ୟନ୍ତ ସମସ୍ତେ ନିଜ ନାଁ ପୂର୍ବରୁ ମାନ୍ୟବର ଲେଖିବାପାଇଁ ବ୍ୟଗ୍ର ହେଉଥିବାବେଳେ ସିଦ୍ଧାନ୍ତ କାହିଁକି ମାନ୍ୟବର ଶବ୍ଦକୁ ଏମିତି ନାକ ଟେକିଲେ ତାହା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଅବଶ୍ୟ ବିଜେପି ବିଧାୟକ ହେବା ପୂର୍ବରୁ ସିଏ ବିଜେଡିର ସାଂସଦ ଥିଲେ। ବିଜେଡି ଶିବିରରେ ମାନ୍ୟବର ଶବ୍ଦ କମ୍ ବ୍ୟବହାର ହେଉଥିବା କାରଣରୁ ଏଠାରେ ସିଏ ମାନ୍ୟବର ସମ୍ବୋଧନକୁ ଗ୍ରହଣ କରିପାରୁନଥିବା ସଭାରେ ଉପସ୍ଥିତ କିଛି ବ୍ୟକ୍ତି ଆଲୋଚନା କରୁଥିଲେ।

### ରୁଷିଛନ୍ତି ପୃଥ୍ୱୀରାଜ



ରାଜ୍ୟ ମନ୍ତ୍ରୀମଣ୍ଡଳର ଅତ୍ୟନ୍ତ ପ୍ରଭାବଶାଳୀ ମନ୍ତ୍ରୀ କୁହାଯାଉଥିବା ପୃଥ୍ୱୀରାଜ ହରିଚନ୍ଦନ ଏବେ ରୁଷି ଛନ୍ତି। ଏମିତି ମନମରା ହୋଇଛନ୍ତି ଯେ ରାଜଧାନୀର ରାସ୍ତାଘାଟ ସଂକ୍ରାନ୍ତରେ ବାଇଟ୍ ଦେବାକୁ ବି ରାଜି ହେଉନାହାନ୍ତି। ବାଇଟ୍ ପାଇଁ ଯାଇଥିବା କିଛି ଗଣମାଧ୍ୟମ ପ୍ରତିନିଧିଙ୍କ କହିବାକଥା ଯେ ନିକଟରେ ସେମାନେ ମନ୍ତ୍ରୀଙ୍କ ବାଇଟ୍ ପାଇଁ ଯାଇଥିଲେ ଅନ୍ୟଏକ ପ୍ରସଙ୍ଗରେ। କାଳେ ଆଉ ଗୋଟିଏ ଖବର ସହଜରେ ମିଳିଯିବ ସେଥିପାଇଁ କିଏ ଜଣେ ରାଜଧାନୀର ରାସ୍ତାଘାଟ ଓ ଟ୍ରାଫିକ ପରିଚାଳନା ସଂକ୍ରାନ୍ତରେ ପ୍ରଶ୍ନଟିଏ ପଚାରିଲେ। ସମସ୍ତେ ଚଟାପଟ୍ ବୁମ୍ ଲଗାଇଲେ। ହେଲେ ମନ୍ତ୍ରୀ କିଛି କହିଲେନି। ବୁମ୍ କାଢିବାରୁ ମନ୍ତ୍ରୀ ମନକଥା କହିଲେ। ସବୁ ଯୋଜନା ସିଏ କରିଥିବାବେଳେ ନିକଟରେ ଏ ସଂକ୍ରାନ୍ତୀୟ ଉଚ୍ଚସ୍ତରୀୟ ବୈଠକକୁ କିନ୍ତୁ ତାଙ୍କୁ କେହି ଡାକିଲେନି। ବସିଥିବା ବୈଠକରେ ସରକାରୀ ବାବୁମାନେ ତାଙ୍କ ଯୋଜନାକୁ ଉପସ୍ଥାପନ କରିଥିବାବେଳେ ତାଙ୍କୁ କିନ୍ତୁ କେହି ଟିକେ ଖୋଜିଲେନି। ରାସ୍ତାଘାଟ ବିଭାଗ ମନ୍ତ୍ରୀଙ୍କୁ ନଖୋଜି ଏତେ ବଡ ବୈଠକ ବସିବାକୁ ନେଇ ପୃଥ୍ୱୀରାଜ ସହଜରେ ଗ୍ରହଣକରିପାରି ନାହାନ୍ତି। କାହାକୁ କିଛି ନକହି ମନମରା ହୋଇଛନ୍ତି। ସମ୍ବାଦିକମାନଙ୍କୁ ଦେଖି ମନର କଥା କହିଲା ବେଳକୁ ସେମାନେ କିନ୍ତୁ ମନ୍ତ୍ରୀ ରୁଷିଛନ୍ତି ବୋଲି ଆଲୋଚନା ଚଳାଇଛନ୍ତି।

### ପ୍ରଭାତଙ୍କ ଫଟୋ କିଏ କାଟିଲା ?



ପଦ୍ମ ପୋଖରୀରେ ନୂଆକରି ପ୍ରବେଶ କରିଥିବା ତାରକସି ସହରର ପୁରୁଣା ଖେଳାଳି ପ୍ରଭାତ ବିଶ୍ୱାଳ ଏବେ ମନମରା। ନିଜ ଲୋକଙ୍କୁ ଦେଖିଲେ ପଦ୍ମ ପୋଖରୀର ଦୁଃଖ କହୁଛନ୍ତି। ତାଙ୍କର ଜଣେ ଭକ୍ତ ଏହି ଆଲୋଚନା କରୁଥିବାବେଳେ ଆମ କାନରେ ପଡ଼ିଲା। ଭକ୍ତ ଜଣଙ୍କ କହୁଥିଲେ ଭୁବନେଶ୍ୱର ପଦ୍ମ ଅଫିସରେ ଗେରୁଆ ଟୋପି ପିନ୍ଧି କଟକ ଯିବାପରେ ଦଳ ପକ୍ଷରୁ ଆୟୋଜିତ ପ୍ରଥମ ସଭାରେ ପ୍ରଭାତ ଶକ୍ତି ପ୍ରଦର୍ଶନ କରିଥିଲେ। ନିଜର ଜନସମ୍ପର୍କ ଯୋଗୁଁ ସର୍ବାଧିକ ଲୋକଙ୍କୁ ରାଲିରେ ଆଣିଥିଲେ। ହେଲେ ରାଲିରେ ଆଗରେ ଥିବା ଫ୍ଲେକ୍ସକୁ ଯେତେବେଳେ ଦେଖିଲେ ସେତେବେଳେ ସିଏ ନିଜ ଆଖିକୁ ବିଶ୍ୱାସ କରିପାରିଲେ ନାହିଁ। ବ୍ୟାନରରେ ତଳୁ ଉପର ପର୍ଯ୍ୟନ୍ତ ସମସ୍ତେ ଅଛନ୍ତି, ହେଲେ ସେ ନିଜ ନାହାନ୍ତି। କାହାକୁ ଦୁଃଖ ଜଣାଇବେ ତାହା ଭାବିଲା ପୂର୍ବରୁ ତାଙ୍କ ଫଟୋଟିକୁ କିଏ କାଟିଲା ତାହାକୁ ନେଇ ଖୋଳତାଡ କଲେ। ଜାଣିବାକୁ ପାଇଲେ ଯେ ତାଙ୍କ ପୂର୍ବରୁ ପଦ୍ମ ପୋଖରୀରେ ପଶିଥିବା ନେତା ଜଣଙ୍କ ଏଳି କାଣ୍ଡ କରିଛନ୍ତି। ହେଲେ ସବୁକିଛି ବୁଝିଲା ବେଳକୁ ନେଡ ଗୁଡ କହୁଣିକୁ ବୋହି ଗଲାଣି। ଅର୍ଥାତ୍ ପକେଟ ଖାଲି ହୋଇଗଲାଣି। ପୁଆ ଆଗରେ ଏକଥାଟି କହିଲା ବେଳକୁ କୁଆଡେ ଆଗକୁ ଦେଖି ଚାହିଁ ଆଗେଇବାକୁ ପରାମର୍ଶ ଦେଇଛନ୍ତି। ଭକ୍ତଙ୍କ କହିବାକଥା ଯେ ପ୍ରଥମ ରାଲିରେ ପ୍ରଭାତ ଯେଭଳି ହୀନସ୍ତା ହୋଇଛନ୍ତି ଆଗକୁ ପୁଅ ସୌଭିକ ଯେମିତି ତାହା ନଭୋଗନ୍ତି ସେଥିପାଇଁ ଏବେଠାରୁ ରଣନୀତି ପ୍ରସ୍ତୁତ କରିବାରେ ଲାଗିଛନ୍ତି।

### କୁଳପତି ଖାଇଛନ୍ତି ରାଜଧାନୀ ଲଡୁ



କଥା ଟିଏ ଅଛି ଦିଲ୍ଲୀକା ଲଡୁ, ଯିଏ ଖାଛି ସିଏ ପସ୍ତାଇଛି, ଯିଏ ନଖାଇଛି ସିଏ ବି ପସ୍ତାଇଛି। ତେବେ ଓଡିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତିଙ୍କ କ୍ଷେତ୍ରରେ ଏହା କିନ୍ତୁ ସାମାନ୍ୟ ବ୍ୟତିକ୍ରମ ହେଲେ ମଧ୍ୟ ଏବେ ରାଜଧାନୀ ଲଡୁ ଖାଇ ଅନେକ କୁଳପତି ପସ୍ତାଉଥିବା ଆଲୋଚନା ହେଉଛି। କୁଳପତିମାନଙ୍କ ଦପ୍ତରର କିଛି କିରାଣୀଙ୍କ କହିବାକଥା ଯେ ନିକଟରେ ସରକାରଙ୍କ ପକ୍ଷରୁ କୁଳପତିମାନଙ୍କୁ ରାଜଧାନୀ ଆସିବାକୁ ଡକରା ହେଲା। ନୂଆକରି କୁଳପତି ଦାୟିତ୍ୱ ନେଇଥିବା ଅନେକ କାମଦାମ ଛାଡି ରାଜଧାନୀ ଆସିଲେ। ମନ୍ତ୍ରୀ, ସଚିବଙ୍କ ସହିତ ଉଚ୍ଚ ବୈଠକ ହେଲା। ବୈଠକ ପରେ ଗଣମାଧ୍ୟମକୁ କୁହାଗଲା ଖୁବଶୀଘ୍ର ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ ହେବ। ଏ ନେଇ କୁଳପତିଙ୍କ ସହିତ ଆଲୋଚନା ହେଲା। ହେଲେ ଭିତିରି କଥାଟି ହେଲା ନିଯୁକ୍ତି ବିଜ୍ଞାପନ ପ୍ରକାଶ କରିଥିବା କୁଳପତିମାନଙ୍କୁ କୁଆଡେ କିଏ କିଏ କେଉଁ ପଦବୀରେ ନିଯୁକ୍ତ ହେବେ ତାହାର ତାଲିକା ଧରାଇ ଦିଆଯାଇଛି। ଏହି ତାଲିକା ପାଇବାପରେ ଖୁସି ମନରେ ରାଜଧାନୀ ଆସିଥିବା ଅନେକ କୁଳପତି ମୁହଁ ଆମ୍ବିଳା କରି ଫେରିଛନ୍ତି। ସହଜେ ତ ଏବେ ଆରଟିଆଇ ଓ ଆଇଟି ସହିତ ଏଆଇର ଯୁଗ। ଯଦି ତାଲିକା ଅନୁଯାୟୀ ନିଯୁକ୍ତି ଦେବେ ତେବେ ଫସିବା ଏକ ପ୍ରକାର ଥୟ। ତାଲିକା ଅନୁଯାୟୀ ନିଯୁକ୍ତି ନଦେଲେ ପୁଣି ରାଜଧାନୀ ଦଉଡ ସହିତ ସେଠାରୁ ବି ଦି ଚାରି ପଦ ଶୁଣିବା ସହିତ ଅଧାରୁ ପଦବୀ ପଳାଇବାର ଭୟ। ଏଣୁ ରାଜଧାନୀ ଲଡୁକୁ କୁଳପତିମାନେ କେମିତି ଖାଇବେ ତାହା ଜାଣି ପାରୁ ନାହାନ୍ତି। ରାଜଧାନୀରୁ ଫେରିବାପରେ କୁଆଡେ ଅନେକ କୁଳପତିଙ୍କୁ ରାତିରେ ଆଉ ନିଦ ହେଉନଥିବା ନେଇ ବି ଉଚ୍ଚଶିକ୍ଷା ବିଭାଗରେ ଆଲୋଚନା ଚାଲିଛି।

### ଗୁଇନ୍ଦାଙ୍କ ପାଇଁ ପୁଲିସକୁ ମାଡ଼



ରାଜଧାନୀରେ ଅଟୋ-ଚାଳକ ପୁଲିସ୍ ବାଡିଆପିଟାର ନିଇତି ନୂଆ ନୂଆ ତଥ୍ୟ ପଦାକୁ ଆସିବାରେ ଲାଗିଛି। ପୁଲିସ୍ ପ୍ରଥମେ ମାଡ ଖାଇଗଲା ପରେ ଆକ୍ସନମୁଡ୍‌କୁ ଆସିଥିଲା ବୋଲି କୁହାଯାଉଛି। ଉପଦ୍ରବକାରୀଙ୍କୁ ପିଟିବା ସହିତ ଅଟୋ ଜବତ କରିଥିଲା। ତେବେ ରାଜଧାନୀର ଛାତି ଉପରେ ପୁଲିସ୍ ମାଡ ଖାଇଲା କିଭଳି ? ଖାକି ମହଲରେ ହେଉଥିବା ଆଲୋଚନା ଅନୁଯାୟୀ ଏସବୁ ପାଇଁ ସହରରେ ଥିବା ଖାକି ଗୁଇନ୍ଦାମାନେ ହିଁ ଦାୟୀ। ଏତେ ସଂଖ୍ୟା ଓଲା ଉବେର ଚାଳକ ଆସି ଜମା ହେଲେ, ଗାଡି ମୋଟର ଭାଙ୍ଗିଲେ, ପୁଲିସକୁ ବାଡେଇଲେ, ତାହା କିଭଳି ଏହି ଗୁଇନ୍ଦାମାନେ ଜାଣିପାରିଲେ ନାହିଁ। ଯଦି ଆଗୁଆ ଖବର ପୁଲିସ୍ ପାଇଥାନ୍ତା ତେବେ କଥା ଏତେ ଆଗକୁ ଯାଇନଥାନ୍ତା କି ଡ୍ରାଇଭରଙ୍କ ମାଡରେ ଖାକିବାବୁମାନେ ଘାଇଲା ହୋଇନଥାନ୍ତେ। ରାଜଧାନୀରେ ଏତେ ଗୁଇନ୍ଦା ଥାଇ କରୁଥିଲେ କ'ଣ ବୋଲି ଏବେ ଖୋଦ୍ କିଛି ଖାକି ବାବୁ ପ୍ରଶ୍ନ କରୁଛନ୍ତି। ତେବେ ଯାହା ଆଲୋଚନା ହେଉଛି ଏହି ଗୁଇନ୍ଦାମାନେ ବିରୋଧିଦଳର ନେତାମାନଙ୍କୁ ଜଗିବାରେ ଫୁଲ ଟାଇମ୍ ଦେଉଥିବାବେଳେ ରାଜଧାନୀ ଜଗିବାକୁ ପାର୍ଟଟାଇମ୍ ଦେଉଛନ୍ତି। ତେଣୁ ଖୋଦ୍ ମାଷ୍ଟରକ୍ୟାଣ୍ଟିନରେ ଏତେ ବଡ କାଣ୍ଡ ଘଟିଗଲା। ପୁଲିସ୍ ଏବେ ମୁଖଲଜ୍ଜା ପାଇଁ ଆକ୍ସନ ମୁଡରେ। ପୂର୍ବରୁ ଡ୍ରାଇଭର ମହାସଂଘ ରାତି ପାହିଲା ବେଳକୁ ରାଜଧାନୀର ଅନୁରୂପ ଭାବେ ଠେଙ୍ଗାଧରି ଏକାଠି ହୋଇଥିଲେ। ସେଥିରୁ ଆମ ରାଜଧାନୀଆ ପୁଲିସ୍ ଓ ଗୁଇନ୍ଦାମାନେ ସାମାନ୍ୟ ହେଲେ କିଛି ଶିଖିପାରିଲେ ନାହିଁ।

# ସହରାଞ୍ଚଳ ପ୍ରଶାସନ, ଭିତ୍ତିଭୂମି ଓ ନାଗରିକ-କୈନ୍ଦ୍ରିକ ସେବା ବ୍ୟବସ୍ଥାର ସମୀକ୍ଷା

**ଓଡ଼ିଶା ଅର୍ବାନ କନକ୍ଲେଭ୍-୨୦୨୬**



ଭୁବନେଶ୍ୱର,୨୩।୮ (ସଂଚାର ବ୍ୟୁରୋ): ରାଜ୍ୟର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକ ପାଇଁ ଏକ ବ୍ୟାପକ ସମୀକ୍ଷା ତଥା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଭାବେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆଜି 'ଓଡ଼ିଶା ଅର୍ବାନ କନକ୍ଲେଭ୍ ୨୦୨୬' ଅନୁଷ୍ଠିତ ହୋଇଛି। ସହର ବିକାଶ କାର୍ଯ୍ୟକ୍ରମର ଅଗ୍ରଗତି ସମୀକ୍ଷା ସହ ଦକ୍ଷ, ସ୍ଥାୟୀ ଓ ନାଗରିକ-କୈନ୍ଦ୍ରିକ ସହର ପରିଚାଳନା ରଣନୀତି ଉପରେ ଆଲୋଚନା କରାଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ସହରାଞ୍ଚଳର ରୂପାନ୍ତରଣ ପାଇଁ ବ୍ୟାପକ ଦୃଷ୍ଟିକୋଣ ଓ ପ୍ରାଥମିକତା ଉପରେ ଆଲୋକପାତ କରିଥିଲେ। ପ୍ରଥମାର୍ଦ୍ଧର ବୈଷୟିକ ଅଧିବେଶନରେ ବଜେଟ୍ ଓ ଆର୍ଥିକ ପରିଚାଳନା, ରାଜସ୍ୱ ବୃଦ୍ଧି, ଖର୍ଚ୍ଚ ବିଶ୍ଳେଷଣ ତଥା ପୌରସଂସ୍ଥାଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ବିଶେଷକରି କମ୍ ପ୍ରଦର୍ଶନ କରୁଥିବା ପୌରାଞ୍ଚଳଗୁଡ଼ିକର ସମୀକ୍ଷା କରାଯାଇଥିଲା। ସହରାଞ୍ଚଳ ଯୋଜନା ଓ ଭିତ୍ତିଭୂମି ବିକାଶ, ଟାଉନ୍ ପ୍ଲାନିଂ ଯୋଜନାର ମାନକ କାର୍ଯ୍ୟପ୍ରଣାଳୀ, ସମୃଦ୍ଧ ସହର ଢାଞ୍ଚା, ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ୍, ଟାୟାର-୨ ଓ ଟାୟାର-୩ ସହରଗୁଡ଼ିକର ଯୋଜନାବଦ୍ଧ ବିକାଶ, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ପଦଯାତ୍ରୀ-ଅନୁକୂଳ ରାସ୍ତା ଓ ଗ୍ରାମୀଣ-ସହରାଞ୍ଚଳ ରୂପାନ୍ତରଣ ନୀତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। କନକ୍ଲେଭରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ସ୍ଥାୟୀ ସହରୀ ରୂପାନ୍ତରଣ, ନାଗରିକ-କୈନ୍ଦ୍ରିକ ସେବା ଓ ଯୋଜନାବଦ୍ଧ ଭିତ୍ତିଭୂମି ବିକାଶ ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ସହରାଞ୍ଚଳ ନାଗରିକଙ୍କ ବର୍ଦ୍ଧିତ ଆଶା ଓ ଆକାଂକ୍ଷା ଅନୁଯାୟୀ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ସେମାନଙ୍କର ଦକ୍ଷତା ଓ ସେବା ପ୍ରଦାନର ମାନରେ ଉନ୍ନତି ଆଣିବା ଆବଶ୍ୟକ ବୋଲି ସେ କହିଥିଲେ।

### ଶ୍ରୀକୃଷ୍ଣଙ୍କ 'ଦି ଭାରତ ମଡେଲ' ଉନ୍ମୋଚିତ

## ଯୁବ ଚିନ୍ତାଧାରା ରାଷ୍ଟ୍ର ନିର୍ମାଣର ମୁଖ୍ୟ ଶକ୍ତି: ଧର୍ମେନ୍ଦ୍ର



ଭୁବନେଶ୍ୱର,୨୩।୮ (ସଂଚାର ବ୍ୟୁରୋ): ଅଳ୍ପ ବୟସରେ ଭାରତର ବିକାଶ ଓ ଭବିଷ୍ୟତକୁ ନେଇ ଏକ ବ୍ୟାପକ ପୁସ୍ତକ ରଚନା କରି ଚର୍ଚ୍ଚାକୁ ଆସିଛନ୍ତି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଯୁବ ଲେଖକ ତଥା ଓଡ଼ିଆ ପୁଅ ଶ୍ରୀକୃଷ୍ଣ ରଞ୍ଜନ ପାତ୍ର। ତାଙ୍କ ରଚିତ 'ଦି ଭାରତ ମଡେଲ: ନାଭିଗେଟିଂ ଟ୍ୱେଣ୍ଟି ଫାଷ୍ଟ୍ ସେଞ୍ଚୁରୀ' ପୁସ୍ତକକୁ ଆଜି ନୂଆଦିଲ୍ଲୀଠାରେ ପୂର୍ବତନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଉନ୍ମୋଚନ କରିଛନ୍ତି। ବିକଶିତ ଭାରତର ଲକ୍ଷ୍ୟକୁ ସାମ୍ନାରେ ରଖି ରଚିତ ଏହି ପୁସ୍ତକରେ ୨୧ତମ ଶତାବ୍ଦୀର ଭାରତର ଆବଶ୍ୟକତା, ସୁଯୋଗ ଓ ଆହ୍ୱାନ ଉପରେ ଏକ ଯୁବ ଦୃଷ୍ଟିକୋଣ ଉପସ୍ଥାପିତ ହୋଇଛି। ଶ୍ରୀକୃଷ୍ଣ ଏହି ପୁସ୍ତକ ଲେଖିବା ସକାଶେ ଦୁଇ ବର୍ଷରୁ ଅଧିକ ସମୟ ଧରି ଅଧ୍ୟୟନ, ଗବେଷଣା ଓ ଲେଖନ କରିଥିଲେ। ପୁସ୍ତକରେ ଡିଜିଟାଲ ପରିବର୍ତ୍ତନ, ଜୀବିକା ସଶକ୍ତିକରଣ, ଗଣତନ୍ତ୍ର, ବିଶ୍ୱ ସହଯୋଗ, ମହିଳା ସଶକ୍ତିକରଣ, ପରିବହନ, ପ୍ରତିରକ୍ଷା ଓ ଭାରତୀୟ ଅର୍ଥନୀତି ସମେତ ବିକଶିତ ଭାରତ ଗଠନ ସହ ସମ୍ପୃକ୍ତ ବିଭିନ୍ନ ପ୍ରସଙ୍ଗକୁ ସ୍ଥାନ ଦିଆଯାଇଛି। କୋଣାର୍କ ଅଞ୍ଚଳର ଖରାଗାଁରେ ଜନ୍ମିତ ଶ୍ରୀକୃଷ୍ଣ କୁମାର ଭାଇଙ୍କ କୋଣାର୍କ ଶୋଭନୀୟ ଶିକ୍ଷାଶ୍ରମରୁ ପ୍ରାଥମିକ ଶିକ୍ଷା ଲାଭ କରିଛନ୍ତି।

## ଆଡ୍‌ମିଶନ ଆଳରେ ଠକେଇ, ୧ ଗିରଫ



ଅତାବିରା,୨୩।୮ (ସଂଚାର ବ୍ୟୁରୋ): ବରଗଡ଼ ଜିଲ୍ଲାର ବିଭିନ୍ନ କଲେଜ ଛାତ୍ରୀଛାତ୍ରଙ୍କ ଆଡ୍‌ମିଶନ ଆଳରେ ଠକେଇ କରି ଚାଲିଥିବା ଜଣେ ସାଇବର ଠକଙ୍କୁ ଆଜି ଅତାବିରା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ରାୟଗଡ଼ା ଜିଲ୍ଲା କାଶିପୁର ଥାନା ଅଞ୍ଚଳର ପବିତ୍ର ନାଏକ ହୋଇଥିବା ବେଳେ ସେ ଏକ ଇଞ୍ଜିନିୟରିଂ କଲେଜରେ ମାର୍କେଟିଂ ଏଜେଣ୍ଟ୍ ଭାବେ କାମ କରୁଥିଲେ। ଅଭିଯୁକ୍ତ ଜଣଙ୍କ ବିଭିନ୍ନ କଲେଜର ଛାତ୍ରଛାତ୍ରୀ ତଥା ସେମାନଙ୍କ ଅଭିଭାବକଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ପରବର୍ତ୍ତୀ ସମୟରେ ନିଜକୁ ସମ୍ପୃକ୍ତ କଲେଜର କର୍ମଚାରୀ ବୋଲି ପରିଚୟ ଦେଉଥିଲେ। ଏଥିରେ ଆଡ୍‌ମିଶନ ଅବଧି ସରିଯାଉଥିବା କହି ଆଡ୍‌ମିଶନ ପାଇଁ ଅନ୍‌ଲାଇନ ପେମେଣ୍ଟ କରିବାକୁ କଲେଜ ଅଧ୍ୟକ୍ଷଙ୍କ ନାମରେ କ୍ୟୁଆର ସ୍କାନର୍ ପଠାଇ ଠକିଆସୁଥିଲେ।

## ପୁଲିସ ଫେରାଇଲା ୧୧୫ ଚୋରି ମୋବାଇଲ

ସମ୍ବଲପୁର,୨୩।୮ (ସଂଚାର ବ୍ୟୁରୋ): ସମ୍ବଲପୁର ପୋଲିସ ଫେରାଇଲା ୧୧୫ଟି ମୋବାଇଲ। ସମ୍ବଲପୁର ଜିଲ୍ଲାରେ ହଜିଯାଇଥିବା ଓ ଚୋରି ହୋଇଥିବା ମୋବାଇଲ ଫୋନଗୁଡ଼ିକୁ ଉଦ୍ଧାର କରିବାରେ ପୁଲିସକୁ ବଡ଼ ସଫଳତା ମିଳିଛି। ସାଇବର ଥାନା, ଡିଏସପି ଓ ସମ୍ବଲପୁର ପୁଲିସ ଟିମ୍‌ର ମିଳିତ ଉଦ୍ୟମରେ କେନ୍ଦ୍ରୀୟ 'ସିଇଆଇଆର' ପୋର୍ଟାଲ ମାଧ୍ୟମରେ ୧୧୫ଟି ମୋବାଇଲ ଫୋନ୍ ଉଦ୍ଧାର କରାଯାଇଛି। ସାଇବର ଥାନା ବୈଷୟିକ ଟିମ୍‌ର ନିରନ୍ତର ଟ୍ରାକିଂ ବଳରେ ଏହି ସଫଳତା ମିଳିଛି। ଆବଶ୍ୟକ କାଗଜପତ୍ର ଯାଞ୍ଚ ପରେ ମୋବାଇଲ୍‌ଗୁଡ଼ିକ ମାଲିକମାନଙ୍କୁ ହସ୍ତାନ୍ତର କରାଯାଇଛି। ପୂର୍ବରୁ ମଧ୍ୟ ୧୧୫ଟି ମୋବାଇଲ୍ ପୁଲିସ୍ ଲୋକଙ୍କୁ ଫେରାଇଥିଲା।

### ପୁଣି ଜଣେ ଦାଦନଙ୍କ ମୃତ୍ୟୁ

## କର୍ଣ୍ଣାଟକ ସମୁଦ୍ରରେ ବୁଡ଼ି ଓଡ଼ିଆ ମତ୍ସ୍ୟଜୀବୀ ମୃତ



ବ୍ରହ୍ମଗିରି,୨୩।୮ (ସଂଚାର ବ୍ୟୁରୋ): ପୁଣି ସାମ୍ନାକୁ ଆସିଲା ଦାଦନ ମୃତ୍ୟୁ ଘଟଣା। କର୍ଣ୍ଣାଟକ ସମୁଦ୍ରରେ ଓଡ଼ିଆ ମତ୍ସ୍ୟଜୀବୀଙ୍କ ମୃତ୍ୟୁ ଘଟିଛି। କର୍ଣ୍ଣାଟକର ମଲପି ସମୁଦ୍ରରେ ମାଛ ଧରିବା ସମୟରେ ଏହି ଅଘଟଣ ଘଟିଛି। ଗତକାଲି ମାଛ ଧରିବା ବେଳେ ଟ୍ରଲରରୁ ସେ ଖସିପଡ଼ିଥିଲେ। ତାଙ୍କ ମୃତଦେହ ରାତିରେ ଉଦ୍ଧାର ହୋଇଛି। ମୃତକ ଜଣଙ୍କ ହେଲେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଖିରିସାହିର ରାଜୁ ବେହେରା। ପରିବାରର ଆର୍ଥିକ ସ୍ଥିତି ସୁଧାରିବା ସହ ଅଧିକ ରୋଜଗାର ଆଶାରେ ମାତ୍ର ୧୦ ଦିନ ତଳେ ସେ ଘରୁ ବାହାରି କେରଳ ଯାଇଥିଲେ। ସେଠାରେ ଏକ ମାଛଧରା ବୋଟ୍‌ରେ କାମ କରି ଗଭୀର ସମୁଦ୍ରକୁ ଯାଇଥିଲେ। କିନ୍ତୁ ମାଛ ଧରୁଥିବା ସମୟରେ ଅଘଟଣ ଘଟିଥିଲା। ଗଭୀର ସମୁଦ୍ରରେ ରାଜୁଙ୍କ ମୃତ୍ୟୁ ହୋଇଥିବା ଖବର ଗାଁରେ ପହଞ୍ଚିବା ପରେ ପରିବାର ଉପରେ ଦୁଃଖର ପାହାଡ଼ ଛିଡ଼ିପଡ଼ିଛି। ଯେଉଁ ପୁଅ ଘରର ଆର୍ଥିକ ଭାର କମାଇବା ପାଇଁ ପ୍ରବାସ ଯାଇଥିଲେ, ସେହି ପୁଅର ମୃତଦେହ ଫେରିବା ଖବର ପରିବାରକୁ ସ୍ତବ୍ଧ କରିଦେଇଛି। ଏଥିସହ କିପରି ସୁଦୂର କେରଳରୁ ରାଜୁଙ୍କ ମୃତଦେହ ତାଙ୍କ ଘରକୁ ଆସିବ, ସେନେଇ ମଧ୍ୟ ପରିବାର ଚିନ୍ତାରେ ରହିଛି। ଏ ଦିଗରେ ସ୍ଥାନୀୟ ପ୍ରଶାସନ ସହଯୋଗ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ବନ୍ଧାହେବେ ପୂର୍ବତନ ଶରଣକୁଳ ଥାନା ଆଇଆଇସି

### ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ହେବା ପରେ ଫେରାର୍



ଭୁବନେଶ୍ୱର, ୨୩।୮ (ସଂଚାର ବ୍ୟୁରୋ): ବନ୍ଧାହେବେ ପୂର୍ବତନ ଶରଣକୁଳ ଥାନା ଆଇଆଇସି ସୁଜିତ କୁମାର ଦାସ। ଦୁଷ୍କର୍ମ ମାମଲାରେ ଅଭିଯୁକ୍ତ ହେବା ପରେ ଫେରାର ଅଛନ୍ତି ସୁଜିତ କୁମାର। ସୁଜିତଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି କ୍ରାଇମବ୍ରାଞ୍ଚ ସିଏଡବ୍ଲ୍ୟୁ। ଆଗୁଆ ଜାମିନ ଖାରଜ କରିବା ସହ ତଳ କୋର୍ଟରେ ତାଙ୍କୁ ଆତ୍ମସମର୍ପଣ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଥିବା ନେଇ ଅଭିଯୋଗ ହେବା ପରେ ସୁଜିତଙ୍କୁ ନିଲମ୍ବନ କରାଯାଇଥିଲା। ଏହି ମାମଲା କ୍ରାଇମବ୍ରାଞ୍ଚର ସିଏଡବ୍ଲ୍ୟୁକୁ ହସ୍ତାନ୍ତର ହୋଇଥିଲା। କ୍ରାଇମବ୍ରାଞ୍ଚ୍ ତଦନ୍ତ କରିବା ସହ ସୁଜିତଙ୍କ ବିରୋଧରେ ଆସିଥିବା ଅଭିଯୋଗର ସତ୍ୟତା ପାଇବା ସଙ୍ଗେ ସଙ୍ଗେ ପ୍ରାଥମିକ ପ୍ରମାଣ ହାସଲ କରିଥିଲା। ଆଗୁଆ ଜାମିନ ଆବେଦନ କରିଥିବାରୁ ସୁଜିତ କୁମାରଙ୍କୁ ହାଇକୋର୍ଟ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଥିଲେ। ପରେ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସୁଜିତ୍ କୁମାର କ୍ରାଇମବ୍ରାଞ୍ଚ୍ ନିକଟରେ ହାଜର ହୋଇଥିଲେ। ତଦନ୍ତକାରୀ ସଂସ୍ଥା ସୁଜିତ କୁମାରଙ୍କ ଡାକ୍ତରୀ ମାଇନା କରିବା ସହ ତାଙ୍କ ବୟାନ ରେକର୍ଡ କରିଥିଲା। ତେବେ ଅନ୍ତରୀଣ ସୁରକ୍ଷା ହଟାଇବା ପାଇଁ କ୍ରାଇମବ୍ରାଞ୍ଚ୍ କୋର୍ଟଙ୍କୁ ଅନୁରୋଧ କରିବା ସହ ସମସ୍ତ ତଥ୍ୟ ପ୍ରମାଣ ଦାଖଲ କରିଥିଲା। ଗତ ୨୦ ତାରିଖରେ ମାମଲାର ଶୁଣାଣି କରିସୁଜିତ କୁମାରଙ୍କ ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ହଟାଇ ଦେଇଛନ୍ତି। ଗିରଫଦାରୀ ଭୟରେ ସୁଜିତ୍ କୁମାର ଫେରାରଥିବା ଜଣାପଡିଛି।

### ପରିତ୍ୟକ୍ତ ଖାଦାନରେ ୨ ଛାତ୍ର ନିଖୋଜ ଘଟଣା

## ୨୪ ଘଣ୍ଟା ପରେ ମିଳିଲା ମୃତଦେହ



ନୀଳଗିରି,୨୩।୮ (ସଂଚାର ବ୍ୟୁରୋ): ୨୪ ଘଣ୍ଟା ପରେ ମିଳିଲା ୨ ନିଖୋଜଙ୍କ ମୃତଦେହ। ସ୍କୁବା ଟିମ୍, ଓଡ୍ରାଫ୍ ଟିମ୍ ଓ ଅଗ୍ନିଶମ ବାହିନୀ ୨ ମୃତକଙ୍କୁ ଉଦ୍ଧାର କରିଛନ୍ତି। ମୃତକଦ୍ୱୟ ହେଲେ ଭଦ୍ରକ ଅଞ୍ଚଳର ସୁଗୋ ଗାଁର ଅପୂର୍ବ ରଞ୍ଜନ ପାତ୍ରଙ୍କ ପୁଅ ଅଂଶୁମାନ ପାତ୍ର (୧୬) ଓ ଅନ୍ୟ ଜଣେ ନୀଳଗିରି ବଇଁଶା ଅଞ୍ଚଳର ଭବିଷ୍ୟ ପାତ୍ର (୧୬)। ଗତକାଲି ବାଲେଶ୍ୱର ନୀଳଗିରି ମିତ୍ରପୁରର ପରିତ୍ୟକ୍ତ ଖାଦାନ ବ୍ଲୁ-ଲେକ୍‌ରେ ଉଭୟ ବୁଡ଼ିଯାଇ ନିଖୋଜ ହୋଇଯାଇଥିଲେ। ବ୍ଲୁ ଲେକ୍‌କୁ ବୁଲିବାକୁ ଆସିଥିବା ତିନି ଛାତ୍ରଙ୍କ ମଧ୍ୟରୁ ଗାଧୋଇବା ସମୟରେ ଜଣେ ସାଙ୍ଗ ପାଣିରେ ବୁଡିବା ଦେଖି ଅନ୍ୟ ଦୁଇ ସାଙ୍ଗ ତାଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରିଥିଲେ। ହେଲେ ଜଣଙ୍କ ହାତ ଧରିବାକୁ ଯାଇ ଦୁଇ ଜଣ ପାଣିରେ ବୁଡ଼ିଯାଇ ନିଖୋଜ ହୋଇଯାଇଥିଲେ। କେନ୍ଦୁଝର ଅଞ୍ଚଳର ରୋଶନ ନାୟକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରିଥିଲେ। ମୃତ ଛାତ୍ରଦ୍ୱୟ ବାଲେଶ୍ୱର ଫକିରମୋହନ ମହାବିଦ୍ୟାଳୟରେ ପଢୁଥିଲେ। ଗତକାଲି ରାତି ହୋଇଯାଇଥିବାରୁ ସର୍ଚ୍ଚ ଅପରେସନ ବନ୍ଦ ରହିଥିଲା। ଆଜି ସକାଳୁ ଖୋଜାଖୋଜି ପରେ ଉଭୟଙ୍କ ମୃତଦେହ ମିଳିଛି। ଘଟଣା ସ୍ଥଳରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବିଧାୟକ ସନ୍ତୋଷ ଖଟୁଆ, ବିଡିଓ ବିକ୍ରମ କେଶରୀ ପରିଡ଼ା, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ର ବିନ୍ଦୁ ଦାସ ପହଞ୍ଚି ଲୋକମାନଙ୍କୁ ବୁଝାଇବା ସହ ବ୍ଲୁ ଲେକ୍ ଚତୁଃପାର୍ଶ୍ୱରେ ଯୁଦ୍ଧକାଳୀନ ଭିତ୍ତିରେ ତାରବାଡ଼ ଲଗାଇବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଭୁଲ୍ ଇଞ୍ଜେକ୍ସନ ନେଲା ଜୀବନ ଚିକିତ୍ସା ସମୟରେ ରୋଗୀ ମୃତ୍ୟୁ ଅଭିଯୋଗ



ଭଦ୍ରକ,୨୩।୮ (ସଂଚାର ବ୍ୟୁରୋ): ଭୁଲ୍ ଇଞ୍ଜେକ୍ସନରୁ ରୋଗୀ ମୃତ୍ୟୁ ଅଭିଯୋଗ। ଏହାକୁ ନେଇ ହସ୍ପିଟାଲରେ ଉତ୍ତେଜନା ଦେଖାଦେଇଛି। ଭଦ୍ରକ ଜିଲ୍ଲା ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଘଟିଛି ଏହି ଅଘଟଣା।

ସୂଚନାନୁସାରେ, ତିହିଡ଼ି ବ୍ଲକ୍ ବଉଳପାଳ ଗ୍ରାମର ମାୟାଧର ସେଠୀ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ତୁରନ୍ତ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡ୍ୟୁଟିରେ ଥିବା ଡାକ୍ତର ରୋଗୀଙ୍କୁ ଚିକିତ୍ସା ଯୋଗାଇବା ସହ ଏକାଧିକ ଇଞ୍ଜେକ୍ସନ୍ ଦେଇଥିବା ପରିବାର ଲୋକେ କହିଛନ୍ତି। ତେବେ ଚିକିତ୍ସା ଚାଲିଥିବା ସମୟରେ ହଠାତ୍ ମାୟାଧରଙ୍କ ମୃତ୍ୟୁ ହୋଇଥିଲା। ଏହାପରେ ପରିବାର ଲୋକେ ଚିକିତ୍ସାରେ ଅବହେଳା ଓ ଭୁଲ ଇଞ୍ଜେକ୍ସନ୍ ଦିଆଯାଇଥିବା ଅଭିଯୋଗ କରି ମେଡିକାଲ ପରିସରରେ ହୋହଲ୍ଲା କରିଥିଲେ। ଘଟଣାକୁ ନେଇ ପରିବାର ପକ୍ଷରୁ ତିହିଡ଼ି ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ପାଇବା ପରେ ପୁଲିସ ମୃତଦେହ ଜବତ କରିଛି। ଆସନ୍ତାକାଲି ମୃତଦେହର ବ୍ୟବଚ୍ଛେଦ କରାଯିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ। ତେବେ ଏହି ଘଟଣାରେ ଆଉ ଏକ ଅଭିଯୋଗ ସାମ୍ନାକୁ ଆସିଛି। ରୋଗୀଙ୍କ ପ୍ରେସକ୍ରିପସନ୍ ମେଡିକାଲ ପକ୍ଷରୁ ଅନ୍ୟତ୍ର ଫିଙ୍ଗି ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି।

### କଟକ ପୌର ପରିଷଦର ୧୫୦ ବର୍ଷ ପୂର୍ତ୍ତି

# ୨୫ ଏକର ଜମିରେ ଅତ୍ୟାଧୁନିକ ପର୍ଯ୍ୟଟନ ପ୍ରକଳ୍ପ

- ପ୍ରକଳ୍ପ ସ୍ଥଳ ପରିଦର୍ଶନ କଲେ କଟକ ମେୟର
- ୩୧ରେ ନଗର ଉନ୍ନୟନ ମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ



କଟକ, ୨୩।୮ (ସଂଚାର ବ୍ୟୁରୋ): କଟକ ପୌରପରିଷଦର ୧୫୦ ବର୍ଷ ପୂର୍ତ୍ତି ଅବସରରେ କଟକ ସହରବାସୀଙ୍କ ପାଇଁ ଏକ ଆକର୍ଷଣୀୟ ଓ ଅତ୍ୟାଧୁନିକ ପ୍ରକଳ୍ପର ପରିକଳ୍ପନା କରାଯାଇଛି। ପୁରୁଣା ଟିଭି ଷ୍ଟେସନ ସମ୍ମୁଖସ୍ଥ ଅଞ୍ଚଳରେ ପ୍ରାୟ ୨୫ ଏକର ଜମି ଉପରେ ଏହି ବୃହତ୍ ପ୍ରକଳ୍ପ ବିକଶିତ କରାଯିବ। ଏହି ପ୍ରକଳ୍ପରେ ପ୍ରାୟ ୧୩ ଏକର ଅଞ୍ଚଳରେ ବୃହତ୍ ଜଳାଶୟର ଅତ୍ୟାଧୁନିକ ନବୀକରଣ କରାଯିବ। ଜଳାଶୟକୁ କେନ୍ଦ୍ର କରି ବୋଟିଂ କ୍ଲବ୍, ଫୁଡ୍ କୋର୍ଟ ଓ ରେଷ୍ଟୁରାଣ୍ଟ ଭଳି ଆକର୍ଷଣୀୟ ସୁବିଧା ବିକଶିତ ହେବ। ଏହା ସହିତ ଅବଶିଷ୍ଟ ଅଞ୍ଚଳରେ ଅତ୍ୟାଧୁନିକ ୩,୦୦୦ ଲୋକଙ୍କ କ୍ଷମତା ବିଶିଷ୍ଟ କଲ୍ୟାଣ ମଣ୍ଡପ, ପାର୍କିଂ ସ୍ଥାନ ଓ ସୁନ୍ଦର ପାର୍କ ନିର୍ମାଣ କରାଯିବ।

ସହରବାସୀଙ୍କ ମନୋରଞ୍ଜନ, ସାମାଜିକ କାର୍ଯ୍ୟକ୍ରମ ଓ ପର୍ଯ୍ୟଟନ ଦୃଷ୍ଟିରୁ ଏହି ପ୍ରକଳ୍ପ କଟକ ସହରରେ ଏକ ନୂତନ ଆକର୍ଷଣର କେନ୍ଦ୍ର ଭାବେ ଗଢ଼ି ଉଠିବ। ଜଳାଶୟ, ସବୁଜ ପରିବେଶ, ବୋଟିଂ, ଫୁଡ୍ କୋର୍ଟ ଓ ରେଷ୍ଟୁରାଣ୍ଟ ସହିତ ଏହି ସମ୍ପୂର୍ଣ୍ଣ ଅଞ୍ଚଳକୁ ଏକ ଆଧୁନିକ ନଗର ମନୋରଞ୍ଜନ କ୍ଷେତ୍ର ଭାବେ ବିକଶିତ କରାଯିବ। ଏହି ପ୍ରକଳ୍ପ ପାଇଁ ପ୍ରାୟ ୩୫ କୋଟି ଟଙ୍କାର ଆକଳନ କରାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୦ କୋଟି ଟଙ୍କା ବ୍ୟୟ ବରାଦ କରି କାର୍ଯ୍ୟକୁ ଆଗକୁ ବଢ଼ାଯିବ।

ଆସନ୍ତା ଅଗଷ୍ଟ ୩୧ ତାରିଖ ଅପରାହ୍ଣ ୪ଟା ସମୟରେ ମାନ୍ୟବର ନଗର ଉନ୍ନୟନ ମନ୍ତ୍ରୀ ଡଃ. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ରହିଛି। ରବିବାର ଏହି ପ୍ରକଳ୍ପସ୍ଥଳ ପରିଦର୍ଶନ କରି କଟକ ମେୟର ସୁବାସ ସିଂହ ପ୍ରକଳ୍ପର ଭିତ୍ତିଭୂମି, ପ୍ରସ୍ତାବିତ ନିର୍ମାଣ କାର୍ଯ୍ୟ ଓ ପ୍ରସ୍ତୁତି ସମ୍ପର୍କରେ ଅନୁଧ୍ୟାନ କରିଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

# ଲଞ୍ଚକଲା ମହିନ୍ଦ୍ରାର ଏକ୍ସଇଭି ୯ଏସ କାର୍



ନୂଆଦିଲ୍ଲୀ, ୨୩।୮ : ଆପଣ ଯଦି ନୂଆ ଗାଡ଼ି କିଣିବାକୁ ଚାହୁଁଛନ୍ତି ଏବଂ ଭଲ ଗାଡ଼ିର ଅପେକ୍ଷାରେ ଅଛନ୍ତି, ତେବେ ଆପଣଙ୍କ ପାଇଁ ଆସିଛି ଏକ ଭଲ ଖବର। ମହିନ୍ଦ୍ରା ଏହାର ପପୁଲାର୍ ଇଲେକ୍ଟ୍ରିକ୍ କାର୍ ଏକ୍ସଇଭି ୯ଏସର ନୂଆ ଭର୍ସନ୍ ଲଞ୍ଚ କରିଛି। ଏହି ନୂଆ ମଡେଲରେ ମିଳୁଛି ୬ ସିଟ୍‌ର ଅପ୍ସନ୍। ପୂର୍ବରୁ ଏହି କାର୍ କେବଳ ୭ ସିଟ୍‌ରେ ଉପଲବ୍ଧ ଥିଲା। କିନ୍ତୁ ଏବେ କମ୍ପାନୀ ୬ ସିଟ୍‌ର ଅପ୍ସନ୍ ମଧ୍ୟ ଦେଇଛି। ଏଥିରେ ଦ୍ୱିତୀୟ ଧାଡ଼ିରେ ଦୁଇଟି ଅଲଗା କ୍ୟାପଟେନ୍ ସିଟ୍ ରହିଛି। ଏହି ସିଟରେ ଅଲଗା ଆର୍ମରେଷ୍ଟ ମଧ୍ୟ ଦିଆଯାଇଛି।

ଏହାଦ୍ୱାରା ଯାତ୍ରୀଙ୍କୁ ଅଧିକ ଆରାମ ମିଳିବ। ବିଶେଷକରି ଦୀର୍ଘ ଯାତ୍ରା ସମୟରେ ଏହି ସିଟ୍ ଅଧିକ ସୁବିଧାଜନକ ହେବ ବୋଲି କମ୍ପାନୀ କହିଛି। ଅର୍ଥାତ୍, ଯେଉଁମାନେ ଅଧିକ ସ୍ପେସ୍ ଅପେକ୍ଷା ଆରାମ ଓ ପ୍ରିମିୟମ୍ ଫିଲ୍‌କୁ ଗୁରୁତ୍ୱ ଦିଅନ୍ତି, ସେମାନଙ୍କ ପାଇଁ ଏହି ଭର୍ସନ୍ ଭଲ ଅପ୍ସନ ହୋଇପାରେ। ତେବେ ଏହି ୬ ସିଟର୍ ଅପ୍ସନ୍ ସବୁ ଭାରିଆଣ୍ଟରେ ମିଳିବ ନାହିଁ। **Pack Two Above, Pack Three** ଏବଂ **Pack Three Above** ଭାରିଆଣ୍ଟରେ ଏହି ଅପ୍ସନ୍ ଉପଲବ୍ଧ ହେବ। ସବୁଠାରୁ ବେସିକ୍ **Pack One Above** ଭାରିଆଣ୍ଟରେ ୬ ସିଟ୍‌ର ଅପ୍ସନ୍ ମିଳିବ ନାହିଁ। ମହିନ୍ଦ୍ରା ଏକ୍ସଇଭି ୯ଏସ ପ୍ରଥମ ଥର ପାଇଁ ୨୦୨୫ ନଭେମ୍ବରରେ ଲଞ୍ଚ ହୋଇଥିଲା। ଲଞ୍ଚ ପରଠାରୁ ଏହା କମ୍ପାନୀର ପପୁଲାର ଇଲେକ୍ଟ୍ରିକ୍ କାର୍ ମଧ୍ୟରେ ରହିଛି। ଗତ ମାସରେ ଏହାର ୪,୧୩୧ଟି ୟୁନିଟ୍ ବିକ୍ରି ହୋଇଥିଲା।

ଏବେ ଆସନ୍ତୁ ଜାଣିବା ଏହି ଇଲେକ୍ଟ୍ରିକ୍ କାର୍‌ର ଦାମ୍। ମହିନ୍ଦ୍ରା ଏକ୍ସଇଭି ୯ଏସର ପ୍ରାରମ୍ଭିକ ଦାମ୍ ୧୯ ଲକ୍ଷ ୯୫ ହଜାର ଟଙ୍କା, ଯାହା ଏକ୍ସ-ଶୋରୁମ୍ ମୂଲ୍ୟ ରହିଛି। ସେହିପରି ନୂଆ ୬ ସିଟର୍ କ୍ୟାପଟେନ୍ ସିଟ୍ ଭର୍ସନ୍‌ର ଦାମ୍ ୨୫ ଲକ୍ଷ ୨୫ ହଜାର ଟଙ୍କାରୁ ଆରମ୍ଭ ହେଉଛି। ଖାସ୍ କଥା ହେଉଛି, ସମାନ ଭାରିଆଣ୍ଟର ୭ ସିଟର୍ ମଡେଲ୍ ତୁଳନାରେ ୬ ସିଟର୍ ଭର୍ସନ୍ ପାଇଁ ମାତ୍ର ୨୫ ହଜାର ଟଙ୍କା ଅଧିକ ଦେବାକୁ ପଡ଼ିବ। ତେବେ ଏହି ଦାମ୍‌ରେ ୧୧.୨ kW AC ଚାର୍ଜରର ମୂଲ୍ୟ ସାମିଲ ନାହିଁ। ଏଥିପାଇଁ ଗ୍ରାହକଙ୍କୁ ଅଲଗା ଟଙ୍କା ଦେବାକୁ ପଡ଼ିବ। ତେଣୁ ଅଧିକ ଆରାମ ଓ ପ୍ରିମିୟମ୍ ସିଟିଂ ଚାହୁଁଥିବା ଗ୍ରାହକଙ୍କ ପାଇଁ ମହିନ୍ଦ୍ରା ଏକ୍ସଇଭି ୯ଏସର ଏହି ନୂଆ ୬ ସିଟର୍ ଭର୍ସନ୍ ଏକ ଭଲ ଅପ୍ସନ ହୋଇପାରେ।

## ସେପ୍ଟେମ୍ବରରୁ ବଦଳିବ ଇନକମ୍ ଟ୍ୟାକ୍ସ ରିଟର୍ଣ୍ଣ ପ୍ରକ୍ରିୟା

ନୂଆଦିଲ୍ଲୀ,୨୩।୮ :ଅଗଷ୍ଟ ମାସ ଶେଷ ହେବାକୁ ଯାଉଛି। ଏହା ସହ କିଛି ଜରୁରୀ ଆର୍ଥିକ କାମର ସମୟସୀମା ମଧ ଶେଷ ହେଉଛି। ଯଦି ଆପଣ ଏହି କାମଗୁଡ଼ିକ ମଧ୍ୟରୁ କୌଣସିଟି ଏପର୍ଯ୍ୟନ୍ତ କରିନାହାନ୍ତି, ତେବେ ଆଉ ବିଳମ୍ବ କରନ୍ତୁ ନାହିଁ। ଶେଷ ତାରିଖ ପରେ କାମ କଲେ ଅତିରିକ୍ତ ଟଙ୍କା ଦେବାକୁ ପଡ଼ିପାରେ କିମ୍ବା ଅନାବଶ୍ୟକ ସମସ୍ୟା ହୋଇପାରେ। ବିଶେଷକରି ଚାକିରି ସହ ଅନ୍ୟ କାମ କରୁଥିବା ବ୍ୟକ୍ତି, ବ୍ୟବସାୟ କରୁଥିବା କିମ୍ବା ସୋସିଆଲ ମିଡିଆରୁ ରୋଜଗାର କରୁଥିବା ଲୋକଙ୍କ ପାଇଁ ଏହି କଥାଗୁଡ଼ିକ ଜାଣିବା ଜରୁରୀ।

ଯଦି ଆପଣ ଚାକିରି ବ୍ୟତୀତ ବ୍ୟବସାୟ କିମ୍ବା ଅନ୍ୟ କୌଣସି ଉତ୍ସରୁ ରୋଜଗାର କରୁଛନ୍ତି ଏବଂ ଆପଣଙ୍କ ଖାତାର ଅଡିଟ୍ ଆବଶ୍ୟକ ନୁହେଁ, ତେବେ ଆୟକର ରିଟର୍ଣ୍ଣ ଦାଖଲ କରିବାର ଶେଷ ତାରିଖ ୩୧ ଅଗଷ୍ଟ ୨୦୨୬ ରହିଛି। ୟୁଟ୍ୟୁବ୍, ଇନଷ୍ଟାଗ୍ରାମ୍, ଫ୍ରିଲାନ୍ସ କାମ କିମ୍ବା ଅନ୍ୟ କୌଣସି ମାଧମରୁ ରୋଜଗାର କରୁଥିବା ଲୋକ ମଧ ଏହାର ପରିସରରେ ଆସିପାରନ୍ତି। ତେଣୁ ଆପଣଙ୍କ ମୋଟ ଆୟର ସଠିକ୍ ହିସାବ ଦେଖାଇ ସମୟ ମଧରେ ରିଟର୍ଣ୍ଣ ଦାଖଲ କରନ୍ତୁ। ଶେଷ ତାରିଖ ପରେ ରିଟର୍ଣ୍ଣ ଦାଖଲ କଲେ ଅତିରିକ୍ତ ଟଙ୍କା ଦେବାକୁ ପଡ଼ିପାରେ।

ଆପଣଙ୍କ ଆୟ କେବଳ ଚାକିରିରୁ ହେଉନାହିଁ, ତେବେ ଥରେ ନିଜର ସମସ୍ତ ଆୟର ହିସାବ ଯାଞ୍ଚ କରନ୍ତୁ। ବ୍ୟାଙ୍କରୁ ମିଳିଥିବା ସୁଧ, ଶେୟର କିମ୍ବା ଅନ୍ୟ ନିବେଶରୁ ହୋଇଥିବା ଆୟ, ଘରଭଡ଼ାରୁ ମିଳୁଥିବା ଟଙ୍କା, ସୋସିଆଲ ମିଡିଆରୁ ହୋଇଥିବା ରୋଜଗାର ଭଳି ସମସ୍ତ ଆୟକୁ ଯାଞ୍ଚ କରନ୍ତୁ। ଅନେକ ସମୟରେ ଲୋକେ କୌଣସି ଏକ ଆୟକୁ ରିଟର୍ଣ୍ଣରେ ଦେଖାଇବାକୁ ଭୁଲିଯାଆନ୍ତି। ପରେ ଏହି ଛୋଟ ଭୁଲ୍ ସମସ୍ୟାର କାରଣ ହୋଇପାରେ। ତେଣୁ ରିଟର୍ଣ୍ଣ ଦାଖଲ କରିବା ପୂର୍ବରୁ ନିଜ ବ୍ୟାଙ୍କ ଖାତା ଓ ଆବଶ୍ୟକ ଦସ୍ତାବିଜଗୁଡ଼ିକୁ ଥରେ ଭଲ ଭାବରେ ଯାଞ୍ଚ କରନ୍ତୁ।

ଆପଣଙ୍କ ପାଖରେ କ୍ରେଡିଟ୍ କାର୍ଡ ଥିଲେ, ଅଗଷ୍ଟ ମାସରେ ବ୍ୟାଙ୍କ ଏଥିରେ କୌଣସି ନୂଆ ନିୟମ କିମ୍ବା ଚାର୍ଜରେ ପରିବର୍ତ୍ତନ କରିଛି କି ନାହିଁ, ଥରେ ଯାଞ୍ଚ କରନ୍ତୁ। ଅନେକ ସମୟରେ ବ୍ୟାଙ୍କ କିଛି ପେମେଣ୍ଟ ଉପରେ ମିଳୁଥିବା ରିୱାର୍ଡ କିମ୍ବା ସୁବିଧା କମାଇ ଦିଅନ୍ତି କିମ୍ବା କୌଣସି ସେବା ଉପରେ ନୂଆ ଚାର୍ଜ ଲଗାଇଥାନ୍ତି। ନୂଆ ନିୟମଗୁଡ଼ିକ ନିଶ୍ଚିତ ଭାବେ ପଢ଼ନ୍ତୁ। ଏହାଦ୍ୱାରା ପରେ କ୍ରେଡିଟ୍ କାର୍ଡ ବିଲ୍ ଦେଖି ଆଶ୍ଚର୍ଯ୍ୟ ହେବାକୁ ପଡ଼ିବ ନାହିଁ। ନିଜ ବ୍ୟାଙ୍କ ଖାତାରେ ମୋବାଇଲ୍ ନମ୍ବର, ଇ-ମେଲ୍ ଏବଂ ଅନ୍ୟ ଜରୁରୀ ତଥ୍ୟ ଠିକ୍ ଅଛି କି ନାହିଁ, ଥରେ ଯାଞ୍ଚ କରନ୍ତୁ। ଯଦି ବ୍ୟାଙ୍କ କୌଣସି ଦସ୍ତାବିଜ ଅପଡେଟ୍ କରିବାକୁ କହିଛି, ତେବେ ସମୟ ଥାଉଥାଉ ଏହାକୁ ପୂରଣ କରନ୍ତୁ। ଏହା ସହ ନିଜ ଖାତାରୁ କେତେ ଟଙ୍କା ଆସୁଛି ଓ ଯାଉଛି, ତା' ଉପରେ ମଧ ନଜର ରଖନ୍ତୁ। ଯଦି ଆପଣଙ୍କ ଖାତାରେ ଏପରି କୌଣସି ଅଜଣା ଟ୍ରାଞ୍ଜାକ୍ସନ୍ ଦେଖାଯାଏ, ଯାହା ଆପଣ କରିନାହାନ୍ତି, ତେବେ ତୁରନ୍ତ ନିଜ ବ୍ୟାଙ୍କ ସହ ଯୋଗାଯୋଗ କରନ୍ତୁ। ତେଣୁ ଅଗଷ୍ଟ ମାସ ଶେଷ ହେବା ପୂର୍ବରୁ ନିଜର ଟ୍ୟାକ୍ସ, ଆୟ, କ୍ରେଡିଟ୍ କାର୍ଡ ଓ ବ୍ୟାଙ୍କ ଖାତା ସମ୍ବନ୍ଧୀୟ ତଥ୍ୟ ଥରେ ଯାଞ୍ଚ କରିନିଅନ୍ତୁ।




## ଏଆଇ ଚାକିରି ନେଉଛି କମ୍, ଦେଉଛି ଅଧିକ:ନୋମୁରା ରିପୋର୍ଟ

ନୂଆଦିଲ୍ଲୀ,୨୩।୮ : କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଭାରତରେ ବର୍ତ୍ତମାନ କମ୍ ସଂଖ୍ୟକ ଚାକିରି ନେଉଛି ଏବଂ ଅଧିକ ସଂଖ୍ୟକ ଚାକିରି ସୃଷ୍ଟି କରୁଛି। କିନ୍ତୁ ପ୍ରବେଶ ସ୍ତରରେ କମ୍ପାନିଗୁଡ଼ିକ କମ୍ ନିଯୁକ୍ତି ଦେଉଛନ୍ତି ବୋଲି ନୋମୁରା ପକ୍ଷରୁ ପ୍ରସ୍ତୁତ ରିପୋର୍ଟରୁ ଜଣାଯାଇଛି। ଏଆଇ ଯୋଗୁଁ ଏସିଆର ଶ୍ରମ ବଜାରରେ ଯେଉଁ ଅସୁବିଧା ଦେଖାଦେଇଛି ସେଥିରେ ଭାରତ ଏକ ପ୍ରମୁଖ ସ୍ଥାନ ଭାବେ ଉଭା ହୋଇଛି। ଭାରତରେ ଶ୍ରମଶକ୍ତି ବହୁ ଅଧିକ ରହିଛନ୍ତି। ଏଥିସହିତ ବିଶ୍ୱର ବ୍ୟାକ୍ ଅଫିସ୍ ଓ ଆଇଟି ସେବା କେନ୍ଦ୍ର ଭାବେ ଭାରତ କାର୍ଯ୍ୟ କରୁଛି। ନୋମୁରା ପକ୍ଷରୁ ୨୦୨୨ ରୁ ୨୦୨୬ ଅଗଷ୍ଟ ମଧ୍ୟରେ ଏସିଆର ୬୯ଟି କମ୍ପାନିର ତଥ୍ୟ ବିଶ୍ଳେଷଣ କରାଯାଇଛି। ସେଥିରୁ ଜଣାଯାଇଛି ଯେ ୧,୩୧,୦୦୦ ଏଆଇ ସମ୍ପର୍କିତ ନିଯୁକ୍ତି ସୃଷ୍ଟି ହୋଇଥିବାବେଳେ ୬୧ ହଜାର ନିଯୁକ୍ତି ହରାଇବାକୁ ପଡ଼ିଛି। ଏଆଇ ସଂପର୍କିତ ନିଯୁକ୍ତିର ସକାରାତ୍ମକ ପ୍ରଭାବ ଭାରତ ସମେତ ଚୀନ ଓ ଫିଲିପାଇନ୍ସରେ ଦେଖିବାକୁ ମିଳିଛି। ଏଆଇ ପାଇଁ ଯେଉଁ ଚାକିରି ସୃଷ୍ଟି ହୋଇଛି ସେସବୁ ଚାକିରି ଏଆଇ ନେଇନାହିଁ। ତେବେ ଏଆଇ ପାଇଁ ପ୍ରାରମ୍ଭିକ ସ୍ତରର ନିଯୁକ୍ତି ସଙ୍କୁଚିତ ହୋଇଛି। ଏହା ହିଁ ଚାକିରି ଆଶାୟୀ ଯୁବପିଢ଼ୀଙ୍କ ପାଇଁ ଚିନ୍ତାର ବିଷୟ। ଇଣ୍ଡିଆନ୍ କାଉନସିଲ ଫର୍ ରିସର୍ଚ୍ଚ ଅନ୍ ଇଣ୍ଟରନ୍ୟାସନାଲ ଇକୋନୋମିକ ରିଲେସନ୍ସ ପକ୍ଷରୁ ଭାରତରେ ୬୫୧ଟି ଆଇଟି କମ୍ପାନିକୁ ନେଇ ହୋଇଥିବା ସର୍ଭେରୁ ଜଣାଯାଇଛି ଯେ ୫୫ ପ୍ରତିଶତ କମ୍ପାନିରେ ପ୍ରବେଶ ସ୍ତରରେ ନିଯୁକ୍ତି କମିଛି। ବରିଷ୍ଠ କର୍ମଚାରୀ ସ୍ତରରେ କେବଳ ୧୪ ପ୍ରତିଶତ କମ୍ପାନିରେ ନିଯୁକ୍ତି ସଙ୍କୁଚିତ ହୋଇଛି।



ଭାରତରେ ଏଆଇ ପାଇଁ ଛଟେଇ ନିରବରେ ହେଉଛି। କମ୍ପାନିଗୁଡ଼ିକ ବହୁସଂଖ୍ୟାରେ କର୍ମଚାରୀ ଛଟେଇ କରିବା ପରିବର୍ତ୍ତେ ଏଆଇ ବ୍ୟବହାର କରି କମ୍ ସଂଖ୍ୟକ କର୍ମଚାରୀ ନିଯୁକ୍ତି ଦେଉଛନ୍ତି। ଏକ୍ସଫେନୋ ନାମକ ସଂସ୍ଥାର ଆକଳନ ଅନୁଯାୟୀ, ଭାରତରେ ଆଇଟି କ୍ଷେତ୍ରରେ ନେଟ୍ ନିଯୁକ୍ତି ୨୦୨୧-୨୨ରେ ୬ ଲକ୍ଷ ରହିଥିଲା। ୨୦୨୫-୨୬ରେ ଏହା ୧,୪୦,୦୦୦କୁ ହ୍ରାସ ପାଇଛି। କ୍ୟାମ୍ପସ ନିଯୁକ୍ତି ହ୍ରାସ ଏହାର ଏକ କାରଣ ବୋଲି କୁହାଯାଇଛି। ଅଧିକ ସଂଖ୍ୟାରେ ଛଟେଇ ପରିବର୍ତ୍ତେ ନିଯୁକ୍ତି ସଂଖ୍ୟା ହ୍ରାସ କରିଦେବାକୁ ସାଇଲେଣ୍ଟ ଫାୟାରିଂ କୁହାଯାଉଛି। ନୋମୁରାର ହିସାବ ଅନୁଯାୟୀ, ଆର୍ଥିକ ସେବା ଓ ପ୍ରଯୁକ୍ତି କ୍ଷେତ୍ରରେ ଏଆଇ ସମ୍ପର୍କିତ ଛଟେଇ ଅଧିକ ହେଉଛି। ଆର୍ଥିକ ସେବା କ୍ଷେତ୍ରରେ ଏହା ପ୍ରାୟ ୫୮ ପ୍ରତିଶତ ଏବଂ ପ୍ରଯୁକ୍ତି କ୍ଷେତ୍ରରେ ୩୦ ପ୍ରତିଶତ ରହିଛି। ବର୍ତ୍ତମାନ ସୁଦ୍ଧା ଯେଉଁସବୁ ଚାକିରି ବିପଦରେ ରହିଛି ତାହା ହେଲା ନିୟମିତ କିମ୍ବା କମ୍ ଦକ୍ଷତା ଆବଶ୍ୟକ ଥିବା ଚାକିରି। ପ୍ରତ୍ୟକ୍ଷ ଉପସ୍ଥିତି କିମ୍ବା ଅଧିକ ବ୍ୟକ୍ତିଗତ ସମ୍ପର୍କ ଆବଶ୍ୟକ କରୁଥିବା କ୍ଷେତ୍ରଗୁଡ଼ିକ କମ୍ ପ୍ରଭାବିତ ହୋଇଛି। ଏଆଇ ଦ୍ୱାରା ଯେଉଁ ନିଯୁକ୍ତି ସୃଷ୍ଟି ହେଉଛି ସେଥିରୁ ୯୦ ପ୍ରତିଶତରୁ ଅଧିକ ନିଯୁକ୍ତି ପ୍ରଯୁକ୍ତି କ୍ଷେତ୍ରରେ ହେଉଛି। ତେବେ ଭାରତରେ ଆଇଟି ସେବା ଏବଂ ବିଜନେସ୍ ପ୍ରୋସେସ୍ ଆଉଟସୋର୍ସିଂ ଏକ ବଡ଼ ଶିଳ୍ପ। ଏସବୁ ଶିଳ୍ପରେ ହେଉଥିବା କାର୍ଯ୍ୟଗୁଡ଼ିକ ଏଆଇ ଦ୍ୱାରା ପରିଚାଳିତ ହେବା ସହଜ। ଏଥିପାଇଁ କେତେକ ପାରମ୍ପରିକ ପ୍ରାରମ୍ଭିକ ସ୍ତରର ପଦବି ଏବଂ ବ୍ୟାକ୍ ଅଫିସ୍ ଚାକିରି ପ୍ରତି ବିପଦ ରହିଛି। ଅନ୍ୟପକ୍ଷରେ ଏଆଇ ଦ୍ୱାରା ଯେଉଁ ନୂଆ ଆବଶ୍ୟକତା ସୃଷ୍ଟି ହେଉଛି ତାହାର ସୁଯୋଗ ଭାରତର ଇଞ୍ଜିନିୟରିଂ ଓ ପ୍ରଯୁକ୍ତି କ୍ଷେତ୍ରର ପ୍ରତିଭାମାନେ ନେଇପାରିବେ। ବର୍ତ୍ତମାନ ସୁଦ୍ଧା ଏଆଇ ଭାରତରେ ଯେତିକି ଚାକିରି ନେଇଛି ତାଠାରୁ ଅଧିକ ଚାକିରି ଦେଇଛି। କିନ୍ତୁ ପରବର୍ତ୍ତୀ ସମୟରେ କଣ ହେବ ଏହା ଆମକୁ କିଛି କହି ନପାରେ ବୋଲି ନୋମୁରା କହିଛି।

## କେବଳ ଭାରତ ନୁହେଁ, ପୂରା ବିଶ୍ୱରେ ଚିନି ସଙ୍କଟ

ନୂଆଦିଲ୍ଲୀ,୨୩।୮ : ଆଗକୁ ଆସୁଛି ପାର୍ବଣ ଋତୁ। ତେବେ ଏହା ପୂର୍ବରୁ ଦେଶରେ ଚିନିର ଦାମ୍ ବୃଦ୍ଧି ଚିନ୍ତା ସୃଷ୍ଟି କରିଛି। ସରକାର କହୁଛନ୍ତି ଇଥାନଲ୍ କାରଣରୁ ଚିନିର ମୂଲ୍ୟରେ କୌଣସି ବୃଦ୍ଧି ହୋଇନି। ତଥାପି ଚିନିର ଅଭାବ ଦେଖାଦେଇଛି। ଏହି କାରଣରୁ ଯେଉଁ ଦେଶ ଥରେ ବିଶ୍ୱକୁ ଚିନି ରପ୍ତାନି କରୁଥିଲା, ସେ ଏବେ ଆମଦାନି କରିବାକୁ ଯାଉଛି। ତେବେ କେବଳ ଭାରତ ନୁହେଁ ସାରା ବିଶ୍ୱରେ ଚିନିର ସଙ୍କଟ ଦେଖିବାକୁ ମିଳିଛି। ଚିନିର ଦରଦାମ୍ ବୃଦ୍ଧି କାରଣରୁ ବିଶ୍ୱ ବଜାରରେ ଚିନ୍ତା ବଢ଼ୁଛି । ବିଶ୍ୱର ପ୍ରମୁଖ ଚିନି ଉତ୍ପାଦକ ଦେଶ ଭାରତ ଓ ବ୍ରାଜିଲରେ ପାଣିପାଗ ସମସ୍ୟା ଯୋଗୁଁ ଉତ୍ପାଦନ ଓ ଯୋଗାଣ ଉପରେ ଚାପ ସୃଷ୍ଟି ହୋଇଛି। ଭାରତରେ ଚଳିତ ଚିନି ଋତୁର ଉତ୍ପାଦନ ପୂର୍ବ ଆକଳନ ଠାରୁ କମି ପ୍ରାୟ ୩୦୬ ଲକ୍ଷ ମେଟ୍ରିକ୍ ଟନ୍ ହେବ ବୋଲି ଆକଳନ କରାଯାଇଛି। ସରକାରଙ୍କ ଅନୁଯାୟୀ, ବର୍ତ୍ତମାନର ଚିନି ମୂଲ୍ୟ ବୃଦ୍ଧି ଅନେକ କାରଣର ରହିଛି। ଯେପରିକି ଘରୋଇ ଉତ୍ପାଦନ ଆଶାଠାରୁ କମ୍, ପାର୍ବଣ ଋତୁ ପୂର୍ବରୁ ଚାହିଦା ବୃଦ୍ଧି, ପାଗ ସମ୍ବନ୍ଧୀୟ କାରଣ ଯୋଗୁଁ ଆଖୁ ଫସଲର କ୍ଷତି, ବିଶ୍ୱବ୍ୟାପୀ ଚିନି ଯୋଗାଣ ଅଭାବ ଏଥିପାଇଁ ଦାୟୀ। ଚିନି ମୂଲ୍ୟରେ ବୃଦ୍ଧି କେବଳ ଭାରତରେ ନୁହେଁ। ଚିନି ସଙ୍କଟ ଏବେ ସାରା ବିଶ୍ୱରେ ଦେଖାଯାଉଛି। ବିଶ୍ୱର ସର୍ବବୃହତ ଆଖୁ ଉତ୍ପାଦନକାରୀ ଦେଶ ବ୍ରାଜିଲ ମଧ୍ୟ ଏକ ଗଭୀର ଚିନି ସଙ୍କଟର ସମ୍ମୁଖୀନ ହେଉଛି। ଆମେରିକାର ବୈଦେଶିକ କୃଷି ସେବା ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ, ବ୍ରାଜିଲ ବିଶ୍ୱର ୨୪% ଆଖୁ ଉତ୍ପାଦନ କରେ, ତା'ପରେ ଭାରତ ୧୬% ଆଖୁ ଉତ୍ପାଦନ କରେ।



ସାରା ବିଶ୍ୱକୁ ଚିନି ରପ୍ତାନି କରୁଥିବା ବ୍ରାଜିଲର କୃଷକ ଇଥାନଲ୍ ଆଡ଼କୁ ଢଳୁଛନ୍ତି। ବ୍ରାଜିଲ ଇଥାନଲ୍ ଉତ୍ପାଦନ ପାଇଁ ଏହାର ଆଖୁକୁ ବିନିଯୋଗ କରୁଛି, ଯାହା ଫଳରେ ବ୍ରାଜିଲରେ ଚିନି ସଙ୍କଟ ଦେଖାଦେଇଛି। ବ୍ରାଜିଲର ଜାତୀୟ ଯୋଗାଣକାରୀ କମ୍ପାନୀ କୋନାବ୍ ଅନୁଯାୟୀ, ଚିନି ଉତ୍ପାଦନରେ ପ୍ରାୟ ୩% ହ୍ରାସ ହୋଇପାରେ, ଯାହାର ଅର୍ଥ ହେଉଛି ଏହି ବର୍ଷ ବ୍ରାଜିଲରେ ଚିନି ଉତ୍ପାଦନ ପ୍ରାୟ ୪୩ ମିଲିୟନ ଟନ୍ କମ୍ ହେବାର ଆଶା କରାଯାଉଛି। ଭାରତ, ୟୁରୋପୀୟ ସଂଘ (EU) ଏବଂ ଥାଇଲ୍ୟାଣ୍ଡକୁ ପ୍ରତିକୂଳ ପାଗ ପାଇଁ ସବୁଠାରୁ ସମ୍ବେଦନଶୀଳ ଅଞ୍ଚଳ ବୋଲି କୁହାଯାଏ। ଏହି ସମୟରେ, ଉଚ୍ଚ ଅଶୋଧିତ ତୈଳ ମୂଲ୍ୟ ବ୍ରାଜିଲ ଭଳି ପ୍ରମୁଖ ଚିନି ଉତ୍ପାଦନକାରୀ ଦେଶମାନଙ୍କୁ ଚିନି ଉତ୍ପାଦନରୁ ଇଥାନଲ୍ ଉତ୍ପାଦନକୁ ଫେରାଇ ଆଣିବାକୁ ଉତ୍ସାହିତ କରୁଛି। ବ୍ରାଜିଲ ଜୁଲାଇ ଶେଷ ଭାଗରେ ବାଧ୍ୟତାମୂଳକ ଭାବେ ଇଥାନଲ୍ ମିଶ୍ରଣ ହାରକୁ ୩୨% ବୃଦ୍ଧି କରିଛି, ଯାହାକି ଏକ ମାସକ ତଳେ ୩୦% ଏବଂ ବର୍ଷେ ପୂର୍ବେ ୨୭% ଥିଲା। ଏହା ଚିନି ଉପଲବ୍ଧତାକୁ ଆହୁରି ହ୍ରାସ କରିପାରେ, ଯାହା ଫଳରେ ବିଶ୍ୱ ଚିନି ଚାହିଦା ଉପରେ ଆହୁରି ଚାପ ପକାଇପାରେ।

ଭାଲୋର ଇଣ୍ଟରନ୍ୟାସନାଲର ଏକ ରିପୋର୍ଟ ଅନୁଯାୟୀ, ଚଳିତ ବର୍ଷ ସକ୍ରିୟ ଏଲ ନିନୋ ଚିନି ଉତ୍ପାଦନକାରୀ ଅଞ୍ଚଳଗୁଡ଼ିକ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ପାଗ ପରିବର୍ତ୍ତନ ଭାରତ ଏବଂ ଥାଇଲ୍ୟାଣ୍ଡ ଭଳି ଆଖୁ ଉତ୍ପାଦନକାରୀ ଅଞ୍ଚଳଗୁଡ଼ିକୁ ପ୍ରଭାବିତ କରୁଛି। ବିଶ୍ୱର ମୋଟ ଆଖୁର ୬% ଉତ୍ପାଦନ କରୁଥିବା ଥାଇଲ୍ୟାଣ୍ଡ ଆସନ୍ତା ସପ୍ତାହରୁ ପାଗର ନକାରାତ୍ମକ ପ୍ରଭାବ ଅନୁଭବ କରିବ। ଏଲ ନିନୋ ଯୋଗୁଁ ବର୍ଷା ହ୍ରାସ ପାଇବାର ଆଶା କରାଯାଉଛି। ଆମେରିକା କମୋଡିଟି ବଜାର ଅନୁସାରେ, ଆମେରିକୀୟ ଚିନି ଫ୍ୟୁଚର୍ସ ମୂଲ୍ୟ ପାଉଣ୍ଡ ପ୍ରତି ୧୭ ସେଣ୍ଟ ଉପରେ କାରବାର କରୁଛି ଏବଂ ମେ ୨୦୨୫ ପରଠାରୁ ଏହାର ସର୍ବୋଚ୍ଚ ସ୍ତର ନିକଟରେ ରହିଛି। ବିଶ୍ୱ ଚିନି ଯୋଗାଣ ଆହୁରି ସୀମିତ ହେବାର ସମ୍ଭାବନା ଦ୍ୱାରା ବଜାରକୁ ସପୋର୍ଟ ମିଳୁଛି। ଏହା ବ୍ୟତୀତ, ଦଶନ୍ଧି ମଧ୍ୟରେ ସବୁଠାରୁ ଶକ୍ତିଶାଳୀ ଏଲ୍ ନିନୋ ଉତ୍ପାଦନ ବିପଦକୁ ବୃଦ୍ଧି କରିଛି। ବିଶ୍ଳେଷକମାନେ ୨୦୨୬/୨୭ରେ ବିଶ୍ୱରେ ଚିନି ଅଭାବ ନେଇ ଚିନ୍ତା ପ୍ରକାଶ କରିଛନ୍ତି।



## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୬୩,୦୯୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୯,୫୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୬୩,୦୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୯,୫୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୬୩,୦୯୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୯,୫୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୬୩,୨୪୦ ଟଙ୍କା ଓ ୨୨ କ୍ୟାରେଟ ୧,୪୯,୬୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୬୩,୦୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୯,୫୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୬୩,୦୯୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୯,୫୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୬୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦରରେ ସାମାନ୍ୟ ପରିବର୍ତ୍ତନ ହୋଇଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୭୧ ପଇସା ରହିଛି ।

**ବୁଲା ଗୋରୁଙ୍କ ସୁରକ୍ଷାରେ ତୁଳସୀ କ୍ଷେତ୍ର ଯୁବ ସଂଘ**

## ଗୋରୁଙ୍କ ଦେହରେ ରେଡିୟମ ଲଗାଇ ଦୁର୍ଘଟଣା ରୋକିବାକୁ ଅଭିନବ ପଦକ୍ଷେପ



କେନ୍ଦ୍ରାପଡ଼ା,୨୩।୮ (ସଂଚାର ବ୍ୟୁରୋ): ବୁଲା ଗାଈଗୋରୁଙ୍କ ପ୍ରତି ମାନବିକତା ଓ ଦାୟିତ୍ୱବୋଧର ଏକ ନିଆରା ଉଦାହରଣ ସୃଷ୍ଟି କରିଛି ତୁଳସୀ କ୍ଷେତ୍ର ଯୁବ ସଂଘ । ଇଚ୍ଛାପୁରଠାରେ ସଂଘ ପକ୍ଷରୁ ଷଣ୍ଢ ଓ ବୁଲା ଗାଈଗୋରୁଙ୍କ ସୁରକ୍ଷା ପାଇଁ ଆଜି ଏକ ସଚେତନତାମୂଳକ ଓ ସେବାମୂଳକ କାର୍ଯ୍ୟକ୍ରମ କରାଯାଇଛି।

ରାସ୍ତାଘାଟରେ ବୁଲୁଥିବା ଗାଈଗୋରୁଙ୍କୁ ଖାଦ୍ୟ ଯୋଗାଇବା ସହ ଆହତ ପଶୁପକ୍ଷୀଙ୍କୁ ଆବଶ୍ୟକ ଚିକିତ୍ସା ସେବା ଯୋଗାଇବା ଦିଗରେ ସଂଘ ପକ୍ଷରୁ ପଦକ୍ଷେପ ନିଆଯାଇଛି । ବିଶେଷକରି ଖାଦ୍ୟ ଅନ୍ୱେଷଣରେ ରାସ୍ତାକଡ଼ରେ ପଡ଼ିଥିବା ପ୍ଲାଷ୍ଟିକ ଓ ଆବର୍ଜନା ଖାଇବାକୁ ବାଧ୍ୟ ହେଉଥିବା ପଶୁମାନଙ୍କୁ ସହାୟତା କରିବା ପାଇଁ ମଧ୍ୟ ସଂଘ ପକ୍ଷରୁ ନିରନ୍ତର ପ୍ରୟାସ କରାଯିବ ବୋଲି ଜଣାପଡ଼ିଛି ।

ଏହି କାର୍ଯ୍ୟକ୍ରମର ସବୁଠାରୁ ଆକର୍ଷଣୀୟ ଦିଗ ହେଉଛି ରାସ୍ତା ଦୁର୍ଘଟଣାରୁ ଷଣ୍ଢମାନଙ୍କୁ ସୁରକ୍ଷା ଦେବା ପାଇଁ ସେମାନଙ୍କ ଦେହରେ ବିଭିନ୍ନ ପ୍ରକାରର ରେଡିୟମ୍ ପ୍ରତିଫଳକ ଲଗାଯାଇଛି । ରାତି ସମୟରେ ଯାନବାହନର ଆଲୋକ ପଡ଼ିଲେ ଏହି ରେଡିୟମ୍ ଦୃଶ୍ୟମାନ ହେବା ଫଳରେ ଚାଳକମାନେ ରାସ୍ତାରେ ଥିବା ଷଣ୍ଢଙ୍କୁ ଦୂରରୁ ଚିହ୍ନଟ କରିପାରିବେ। ଏହା ଫଳରେ ଦୁର୍ଘଟଣାର ଆଶଙ୍କା କମିବା ସହ ମଣିଷ ଓ ପଶୁ— ଉଭୟଙ୍କ ଜୀବନ ସୁରକ୍ଷିତ ରହିପାରିବ ବୋଲି ଆଶା କରାଯାଉଛି ।

## ପୁନର୍ବାସ ପକ୍ଷରୁ 'ମନନ' କାର୍ଯ୍ୟକ୍ରମ




କେନ୍ଦ୍ରାପଡ଼ା,୨୩।୮ (ସଂଚାର ବ୍ୟୁରୋ): ଭିନ୍ନକ୍ଷମତା କ୍ଷେତ୍ରରେ ଥେରାପି ଚିକିତ୍ସା ସେବା ଓ ସଚେତନତା ପ୍ରଦାନ କରି ଆସୁଥିବା କେନ୍ଦ୍ରାପଡା ଜିଲ୍ଲାର ସର୍ବପୁରାତନ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ଏକ ସ୍ୱତନ୍ତ୍ର ଆଲୋଚନା କାର୍ଯ୍ୟକ୍ରମ 'ମନନ' ଅନୁଷ୍ଠିତ ହୋଇ ଯାଇଛି। ଦିବ୍ୟାଙ୍ଗ ଶିଶୁ ଓ ବ୍ୟକ୍ତି ବିଶେଷଙ୍କ ପ୍ରଘଟ, ଶିକ୍ଷା ଓ ଥେରାପିଗତ ହସ୍ତକ୍ଷେପ ପ୍ରଭୃତିରେ ରହିଥିବା ବିଭିନ୍ନ ଏବଂ ଅବଧାରଣା ସମ୍ପର୍କିତ ଜ୍ଞାନକୁ ପରିପ୍ରସାର କରାଇବା ଏହି ମାସିକ 'ମନନ' କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିରଜା ରାଉରାୟ ପ୍ରକାଶ କରିଛନ୍ତି। ଆଗକୁ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସ୍ୱତନ୍ତ୍ର ବିଦ୍ୟାଳୟ, ଦିବ୍ୟାଙ୍ଗ ଶିଶୁମାନଙ୍କ ଅଭିଭାବକ ଓ କର୍ମଚାରୀମାନଙ୍କୁ ପର୍ଯ୍ୟାୟ କ୍ରମେ ନିମନ୍ତ୍ରିତ କରାଯିବ ବୋଲି ମଧ୍ୟ ସୂଚାଇଛନ୍ତି। ପୁନର୍ବାସ ପରିସରରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ବରିଷ୍ଠ ଅକ୍ୟୁପେସନାଲ ଥେରାପିଷ୍ଟ ଗିରିଜା ଶଙ୍କର ଖୁଣ୍ଟିଆ "ଡିସପ୍ରାକ୍ସିଆ: ଏହାର ଜଟିଳ ସ୍ୱରୂପ ଓ ପରିଚାଳନା" ବିଷୟ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଥେରାପିଷ୍ଟ କିର୍ତ୍ତୀ ଦାଶ, ତପସ୍ୱିନୀ ରଥ, ଆବୃତ୍ତି ବେହେରା, ଏସ୍. କେ. ମୁବାସିର୍, କମଳକାନ୍ତ ବିଶ୍ୱାଳ, ସାଇଶ୍ରୀତା ମେକାପ, ନିତୁରାଣୀ ବାରିକଙ୍କ ସହିଯା ପ୍ରମୁଖ ସି.ବି.ଆର କର୍ମୀ ଅଭିଷେକ ଜେନା, ପ୍ରଭାତ ସାମଲ, ରଞ୍ଜନ ସ୍ୱାଇଁ, ଏବଂ ଷ୍ଟାଫ୍ କେଦାରନାଥ ବାରିକ, ପର୍ଶୁରାମ ତ୍ରିପାଠୀ, ଗାୟତ୍ରୀ ପୃଷ୍ଟି, ପ୍ରମୁଖ ଉପସ୍ଥିତ ଥିଲେ।

## ଖୁଦୁରୁକୁଣୀ ମୂର୍ତ୍ତି ପାଇଁ ମାର୍ଶାଘାଇରେ ଭିଡ଼



ମାର୍ଶାଘାଇ,୨୩।୮ (ସଂଚାର ବ୍ୟୁରୋ): ଖୁଦୁରୁକୁଣୀ ଓଷା ପାଇଁ ମାର୍ଶାଘାଇ ବଜାର ଚଳଚଞ୍ଚଳ ହୋଇପଡ଼ିଛି । ଗହ୍ମାପୂର୍ଣ୍ଣିମା ନିକଟ ରବିବାର ଠାରୁ ଓଡ଼ିଶାର ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ଝିଅମାନେ ପାଞ୍ଚ ରବିବାର ଖୁଦୁରୁକୁଣୀ ଓଷା କରିଥାନ୍ତି । କେତେକ ଗ୍ରାମରେ ଗହ୍ମାପୂର୍ଣ୍ଣିମାର ପୂର୍ବ ରବିବାର ଠାରୁ ଓଷା ଆରମ୍ଭ କରିଥିବା ବେଳେ କେତେକ ସ୍ଥାନରେ ପୂର୍ଣ୍ଣିମାର ପରବର୍ତ୍ତୀ ରବିବାର ଠାରୁ ଓଷା ଆରମ୍ଭ କରିଥାନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାରେ ଏହି ଓଷାର ସ୍ୱତନ୍ତ୍ରତା ରହିଛି । ପ୍ରତି ପରିବାରର ଝିଅମାନେ ଏହି ଓଷା କରୁଥିବାରୁ ଖୁଦୁରୁକୁଣୀଙ୍କ ମାଟିମୂର୍ତ୍ତି ବହୁ ସଂଖ୍ୟାରେ ଶିଳ୍ପୀମାନେ ତିଆରି କରିଥାନ୍ତି । ମାର୍ଶାଘାଇ ବଜାର ମଧ୍ୟରେ ଥିବା କୁମ୍ଭାର ସାହିର ଖୁଦୁରୁକୁଣୀ ମୂର୍ତ୍ତିର ଅଧିକ ଚାହିଦା ରହିଛି । ମୂର୍ତ୍ତି ଗୁଡ଼ିକର ସୁନ୍ଦର ମୁହଁ ଗଢନ ବହୁତ ଆକର୍ଷଣୀୟ ହୋଇଥିବାରୁ କେନ୍ଦ୍ରାପଡା ସହର , ପଟ୍ଟାମୁଣ୍ଡାଇ, ପାରାଦ୍ୱୀପ, କୁଜଙ୍ଗ, ତିର୍ତ୍ତୋଲ,ଜଗତସିଂହପୁର, ବାଲିଚନ୍ଦ୍ରପୁର ଆଦି ଅଞ୍ଚଳରୁ ବ୍ୟବସାୟୀମାନେ ମାର୍ଶାଘାଇରୁ ଖୁଦୁରୁକୁଣୀ ମୂର୍ତ୍ତି ଆଗୁଆ କ୍ରୟ କରି ନେଉଥିବା ଦେଖିବାକୁ ମିଳୁଛି । ତେଣୁ ମାର୍ଶାଘାଇ କୁମ୍ଭାରସାହି ଗ୍ରାମର ୧୦୦ ପରିବାରରୁ ପ୍ରାୟ ୭୦ ପରିବାର ଖୁଦୁରୁକୁଣୀ ମୂର୍ତ୍ତି ତିଆରି କରିଥାନ୍ତି । ଏହି ଗ୍ରାମରେ ପ୍ରାୟ ୪୦ ହଜାର ଛୋଟବଡ଼ ଖୁଦୁରୁକୁଣୀ ମୂର୍ତ୍ତି ତିଆରି ହୋଇଥାଏ ବୋଲି ଆକଳନରୁ ଜଣାପଡିଛି । ବଜାର ମଧ୍ୟରେ ଏହି ଶିଳ୍ପୀ ଗ୍ରାମ ଥିବାରୁ ମୂର୍ତ୍ତି କ୍ରୟ କରିବାକୁ ଦୂର ଦୁରାନ୍ତରୁ ଆସୁଥିବା ବ୍ୟବସାୟୀ ଏବଂ ଗ୍ରାହକଙ୍କ ଭିଡ଼ ଲାଗିରହିଛି ଏବଂ ମାର୍ଶାଘାଇ ବଜାରରେ ଭିଡ଼ ପରିଲକ୍ଷିତ ହେଉଛି ।

### ଘର ବାଡ଼ିରୁ ଚନ୍ଦନ ବୋଡ଼ା ଉଦ୍ଧାର



ନୀଳଗିରି, ୨୩।୮ (ସଂଚାର ବ୍ୟୁରୋ): ନୀଳଗିରି ଥାନା ଅନ୍ତର୍ଗତ କାନପୁର ଗ୍ରାମର କୈଳାଶ ବାରିକଙ୍କ ଘର ବାଡ଼ିରେ ଏକ ବିରାଟକାୟ ଚନ୍ଦନ ବୋଡ଼ା ସାପ ଜାଲରେ ଲାଗିଯାଇଥିଲା। ଫଳରେ ସାପର ଅତ୍ୟନ୍ତ ଭୟାନକ ଗର୍ଜନ ଶୁଣି ଘର ଲୋକେ ଭୟଭୀତ ହୋଇପଡ଼ିଥିଲେ। ଖବର ପାଇ ସାପ ଧରାଳି ଶିବ ଶଙ୍କର ମଜୁଆଳ ପହଞ୍ଚି ସାପଟିକୁ ଜାଲରୁ ଉଦ୍ଧାର କରି ପଞ୍ଚଲିଙ୍ଗେଶ୍ୱର ବନ୍ୟ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି।

**ଯାଜପୁରରେ ବନ୍ୟାର ଭୟାବହ ଚିତ୍ର**

# ୪.୩୪ ଲକ୍ଷ ପ୍ରଭାବିତ, ୯୯ ହଜାରରୁ ଅଧିକ ଜଳବନ୍ଦୀ

ଯାଜପୁର,୨୩।୮ (ସଂଚାର ବ୍ୟୁରୋ): ନଦୀର ଉଗ୍ରରୂପ ଓ ଘାଇ ଯୋଗୁଁ ଯାଜପୁରରେ ବନ୍ୟା ପରିସ୍ଥିତି ଗମ୍ଭୀର ରୂପ ନେଇଛି। ବୈତରଣୀ, କାଣୀ ,ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରେ ସୃଷ୍ଟି ହୋଇଥିବା ଘାଇ ଯୋଗୁଁ ଜିଲ୍ଲାର ବିସ୍ତୀର୍ଣ୍ଣ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। ଦଶରଥପୁରର ପାଟଣା ଓ ବିଞ୍ଝାରପୁରର ନାଉବାଙ୍କ ନିକଟରେ ନଦୀବନ୍ଧ ଭାଙ୍ଗିବା ପରେ ବନ୍ୟାଜଳ ନୂଆ ଅଞ୍ଚଳକୁ ମାଡ଼ିଯାଇଛି।

ସରକାରୀ ଆକଳନ ଅନୁଯାୟୀ, ଜିଲ୍ଲାର ୧୦ଟି ବ୍ଲକ୍‌ର ୧୨୩ ପଞ୍ଚାୟତ ଓ ୪୦୫ ଗାଁର ୪,୩୪,୬୩୨ ଜଣ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ସେଥିମଧ୍ୟରୁ ୯୯,୭୫୭ ଜଣ ଏବେ ବି ଜଳବନ୍ଦୀ। ବନ୍ୟାରେ ୧୯,୧୧୨ ହେକ୍ଟର ଚାଷଜମି ଓ ୧,୫୮,୭୭୭ ପଶୁସମ୍ପଦ ପ୍ରଭାବିତ ହୋଇଛି। ବରୀ ବ୍ଲକ୍ ଚିନ୍ତସାହି ଗ୍ରାମର ୬୫ ବର୍ଷୀୟ ହୃଷୀକେଶ ମଲ୍ଲିକଙ୍କ ମୃତ୍ୟୁ ଘଟଣାରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ ସ୍ପଟ୍ ଇନ୍‌କ୍ୱାରୀ କରିଛନ୍ତି। ମୃତକଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ତଦନ୍ତ କରିବା ସହ ବରୀ ବିଡିଓ ଓ ତହସିଲଦାରଙ୍କ ଉପସ୍ଥିତିରେ



ମୃତକଙ୍କ ପତ୍ନୀଙ୍କୁ ଜିଲ୍ଲା ରେଡକ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ଜିଲ୍ଲାପାଳ ଅମ୍ବର କୁମାର କର ଦଶରଥପୁର ବ୍ଲକ୍ କାର୍ଯ୍ୟାଳୟରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି। ପ୍ରଭାବିତ ଅଞ୍ଚଳରେ ୩ଟି ଓଡ୍ରାଫ୍, ୨ଟି ଏନ୍‌ଡିଆର୍‌ଏଫ୍, ୧୨ଟି ଅଗ୍ନିଶମ ଓ ୧୨ଟି ପୁଲିସ ଟିମ୍ ସହ ୧୪ଟି ଡଙ୍ଗା ନିୟୋଜିତ ଅଛି। ଏପର୍ଯ୍ୟନ୍ତ ୧,୩୧,୪୯୪ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ୩୬୮ଟି ଆଶ୍ରୟସ୍ଥଳୀରେ ରଖାଯାଇଛି। ୩୭୩ଟି ସ୍ଥାନରେ ମାଗଣା ରନ୍ଧାଖାଦ୍ୟ ଯୋଗାଣ ହେଉଥିବା ବେଳେ ୧,୩୧,୩୪୨ ଜଣଙ୍କୁ ଖାଦ୍ୟ ଦିଆଯାଉଛି। ଏହା ସହ ୧,୦୬୬ କ୍ୱିଣ୍ଟାଲ ଚୁଡ଼ା, ୧୦୫.୧ କ୍ୱିଣ୍ଟାଲ ଗୁଡ଼ ଓ ୭୫୪ ରୋଲ୍ ପଲିଥିନ୍ ବଣ୍ଟନ କରାଯାଇଛି। ବନ୍ୟାରେ ପଶୁସମ୍ପଦକୁ ସୁରକ୍ଷା ଦେବା ପାଇଁ ୧୨ଟି ଭେଟେରିନାରୀ ଟିମ୍ ନିୟୋଜିତ ହୋଇଛି। ବଡ଼ଚଣା ବ୍ଲକ୍‌ରେ ୧,୨୩୪ଟି ପଶୁଙ୍କୁ ଟିକାକରଣ କରାଯାଇଛି। ବିପନ୍ନ ପ୍ରାଣୀପାଳକଙ୍କୁ ଗୋ-ଖାଦ୍ୟ ବଣ୍ଟନ ଜାରି ରହିଛି। ଜିଲ୍ଲା ପାଇଁ ମୋଟ ୩୪୪.୪୯ ମେଟ୍ରିକ୍ ଟନ୍ ଗୋ-ଖାଦ୍ୟ ଆବଶ୍ୟକତା ନେଇ ଏସ୍‌ଆର୍‌ସିଙ୍କୁ ଅନୁରୋଧ କରାଯାଇଛି। ବନ୍ୟାଞ୍ଚଳରେ ୧୨ଟି ମେଡିକାଲ ଟିମ୍ ନିୟୋଜିତ ହୋଇ ଏପର୍ଯ୍ୟନ୍ତ ୭,୨୦୦ ଜଣଙ୍କୁ ଚିକିତ୍ସା ଯୋଗାଇଛନ୍ତି। ୧୮ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ଭାବେ ହସ୍ପିଟାଲକୁ ପଠାଯାଇଛି। ପାନୀୟଜଳ ଉତ୍ସ ବିଶୋଧନ ସହ ଜଳବନ୍ଦୀ ଅଞ୍ଚଳରେ ଆବଶ୍ୟକ ସହାୟତା ଜାରି ରହିଛି।

ବନ୍ୟାରେ କ୍ଷତିଗ୍ରସ୍ତ ରାସ୍ତାଘାଟର ମରାମତି ଓ ଗମନାଗମନ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ମଧ୍ୟ ପ୍ରଶାସନ ପଦକ୍ଷେପ ନେଉଛି। ଏବେ ଜିଲ୍ଲା ପ୍ରଶାସନର ମୁଖ୍ୟ ଫୋକସ୍— ଜୀବନ ରକ୍ଷା, ରିଲିଫ୍ ପହଞ୍ଚାଇବା ଓ ବନ୍ୟାପୀଡ଼ିତଙ୍କୁ ନିରାପଦ ରଖିବା।

## ଚନକଣ ଓ ମଙ୍ଗରାଜପୁରକୁ ପିପିଏଲ ବଢ଼ାଇଲା ସହାୟତାର ହାତ



ପାରାଦ୍ୱୀପ, ୨୩।୮ (ସଂଚାର ବ୍ୟୁରୋ): ପାରାଦୀପ ଫସଫେଟ୍ସ ଲିମିଟେଡ୍ ଏହାର ସିଏସଆର ପାଣ୍ଠି ସହାୟତାରେ "ନବରତ୍ନ ପ୍ରୟାସ" ଅନ୍ତର୍ଗତ ଆଜି ଜଗତସିଂପୁର ଜିଲ୍ଲାରେ ଦୁଇଟି ସମ୍ପ୍ରଦାୟ-କେନ୍ଦ୍ରିତ ପ୍ରକଳ୍ପ ଉଦ୍ଘାଟନ କରିଛି । ଶିଳ୍ପ ଏବଂ ଦକ୍ଷତା ବିକାଶ ମନ୍ତ୍ରୀ, ଓଡ଼ିଶା ସରକାରଙ୍କ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଜଗତସିଂପୁର ସାଂସଦ ଡକ୍ଟର ବିଭୁ ପ୍ରସାଦ ତରାଇ, ପିପିଏଲର ସିଏମଓ ଏବଂ ୟୁନିଟ୍ ମୁଖ୍ୟ ଶ୍ରୀଯୁକ୍ତ ଏସ୍. ଗିରିଶ, ପିପିଏଲର ସିଜିଏମ (ମାନବ ସମ୍ବଳ), ଶ୍ରୀଯୁକ୍ତ ସୁମିତ ସେନାପତି ଏବଂ କମ୍ପାନୀର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ଜନ ପ୍ରତିନିଧିଙ୍କ ଉପସ୍ଥିତିରେ ଏହି ପ୍ରକଳ୍ପଗୁଡ଼ିକ ଉଦ୍‌ଘାଟନ କରିଛନ୍ତି । ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ପୂରଣ କରିବା ଏବଂ ଗ୍ରାମଗୁଡ଼ିକରେ ସ୍ଥାୟୀ ସାମାଜିକ ଭିତ୍ତିଭୂମି ସୃଷ୍ଟି କରିବା ଦିଗରେ ପିପିଏଲ ଦ୍ୱାରା ଏହି ଉଦଘାଟନ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଇଛି ।

ନୂତନ ଭାବରେ ଉଦ୍ଘାଟିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଜୀବନର ଗୁଣବତ୍ତା, ଅତ୍ୟାବଶ୍ୟକ ସମ୍ପ୍ରଦାୟ ସୁବିଧା ଉପଲବ୍ଧତା ଏବଂ ସ୍ଥାନୀୟ ଜନସଂଖ୍ୟାର ସାମଗ୍ରିକ ସାମାଜିକ-ଆର୍ଥିକ କଲ୍ୟାଣ ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ହେଉଛି ପାରାଦୀପ ଗଡ଼ ଗ୍ରାମ ପଞ୍ଚାୟତର ଚନକଣ ଗ୍ରାମରେ ଗୋଷ୍ଠୀ ଶିକ୍ଷା କେନ୍ଦ୍ର ଏବଂ ମଙ୍ଗରାଜପୁର ଗ୍ରାମରେ ସ୍ୱାମୀ ବିବେକାନନ୍ଦ ପାଠାଗାର । ଏହି ଅବସରରେ, ସମ୍ମାନିତ ବ୍ୟକ୍ତିମାନେ ଭିତ୍ତିଭୂମି ନିର୍ମାଣ ବ୍ୟତୀତ ଲୋକଙ୍କ ଆବଶ୍ୟକତା ଓ ଶିକ୍ଷାର ବିକାଶ ଉପରେ ଧ୍ୟାନ ଦେବାରେ ପିପିଏଲର ପ୍ରୟାସକୁ ପ୍ରଶଂସା କରିଥିଲେ ।

ଏହି ଅବସରରେ, ପିପିଏଲର ସିଏମଓ ଏବଂ ୟୁନିଟ୍ ମୁଖ୍ୟ ଏସ୍. ଗିରିଶ ସ୍ଥାନୀୟ ସମ୍ପ୍ରଦାୟ ଏବଂ ଅଂଶୀଦାରମାନଙ୍କ ସହିତ ଘନିଷ୍ଠ ଭାବରେ କାମ କରିବା ପାଇଁ ପିପିଏଲ ସଦା ସର୍ବଦା ସଂକଳ୍ପବଦ୍ଧ ବୋଲି ପ୍ରକାଶ କରିଥିଲେ ।

## ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର



ସୁବର୍ଣ୍ଣପୁର,୨୩।୮ (ସଂଚାର ବ୍ୟୁରୋ): ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ ପ୍ରଶାସିକା ସ୍ୱର୍ଗୀୟା ଦାଦି ପ୍ରକାଶ ମଣିଜିଙ୍କର ୧୯ତମ ପୁଣ୍ୟ ତିଥି ସ୍ମୃତି ଦିବସ ପାଳନ ଅବସରରେ ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ସୋନପୁର ଶାଖା ପକ୍ଷରୁ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ସୋନପୁର ଉପ ଜିଲ୍ଲାପାଳ ଡଃ ସୌମ୍ୟ ରୂପା ରଥ, ସମ୍ମାନୀତ ଅତିଥି ଭାବରେ ଡା.ଦୁର୍ଗା ଦତ୍ତ ଦାଶ ଓ ବଡ଼ ଭଉଣୀ ବି .କେ ଜୟଶ୍ରୀ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ୪୦ ଥର ରକ୍ତଦାନ କରିଥିବା ରକ୍ତଦାତା ତ୍ରିଲୋଚନ ପାଣିଗ୍ରାହୀ ଓ ୧୮ ଥର ରକ୍ତଦାନ କରିଥିବା ରକ୍ତଦାତା ଅଞ୍ଜଳୀ ପାଣିଗ୍ରାହୀ, ରକ୍ତଦାତା ମୋତି ଲାଲ୍ ମେହେର, ରାଜଶ୍ରୀ ଦାଶ, ସ୍ମରଣିକା ସ୍ୱାଇଁ, ରାଜୁ ମିଶ୍ର, ରଞ୍ଜିତ୍ ମେହେର, ପ୍ରମୁଖ ରକ୍ତଦାତାଙ୍କୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଡା ସରୋଜ କୁମାର ପଟେଲଙ୍କ ତତ୍ତ୍ୱାବଧାନରେ ରକ୍ତ କେନ୍ଦ୍ରର ଟେକ୍ନିସିଆନ୍ ସୁରଭି ଲେଙ୍କା, ଡେଫୋଡିଲ୍ ପଧାନ, ଜଗତ ନାରାୟଣ ଦରୁଆନ, ଶୁଶାନ୍ତ ନାଏକ୍ ଙ୍କ ଦ୍ୱାରା ରକ୍ତ ସଂଗ୍ରହ କରା ଯାଇଥିଲା। ଏହି ଶିବିର ରେ ୨୧ ଜଣ ପୁରୁଷ ଓ ୫ ଜଣ ମହିଳା ରକ୍ତ ଦାନ କରିଥିଲେ ।

## ଶୌଚ ହେବାକୁ ଯାଇ ଜଣେ ମୃତ, ୩ ଅଳ୍ପକେ ବର୍ତ୍ତିଲେ

ଧାମନଗର, ୨୩।୮ (ସଂଚାର ବ୍ୟୁରୋ): ଭାଲୁକୁଣି ପୂଜା ପାଇଁ ନିକଟସ୍ଥ ନଦୀ ଘାଟ କୁ ଶୌଚ ହେବାକୁ ଯାଇ ଘଟିଲା ଦୁର୍ଘଟଣା।ରବିବାର ସକାଳ ସମୟରେ ୩ ଜଣ ଝିଅ ଉଦ୍ଧାର ହୋଇଥିବା ବେଳେ ଅନ୍ୟ ଏକ ଝିଅ ସ୍ଥାନୀୟ ଲୋକଙ୍କ ଦ୍ୱାରା ଖୋଜାଖୋଜି ପରେ ଉଦ୍ଧାର କରାଯାଇ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସୂଚନା ମୁତାବକ ଧାମନଗର ଥାନା ଅନ୍ତର୍ଗତ ଦଇପୁର ପଞ୍ଚାୟତ ନାରାୟଣପୁର ଗ୍ରାମ ନାଥ ସାହିର ୪ ଜଣ ଝିଅ ରବିବାର ସକାଳ ସମୟରେ ଭାଲୁକୁଣୀ ପୂଜା ପାଇଁ ନିକଟସ୍ଥ ରେବ ନଦୀଘାଟ କୁ ଶୌଚ ହେବାକୁ ଯାଇଥିଲେ। ନଦୀରେ ଶୌଚ ହେବା ସମୟରେ ଉକ୍ତ ଚାରି ଜଣ ଝିଅଙ୍କ ଗୋଡ଼ ପାଣିରେ ଖସି ଯାଇଥିଲା। ସେମାନଙ୍କ ମଧ୍ୟରୁ ଅଙ୍କିତା ନାଥ (୧୪), ରାଧାରାଣୀ ନାଥ(୧୪), ଶୁଭଶ୍ରୀ ନାଥ (୧୫) ଏମାନେ ନିଜ ନିଜ ମଧ୍ୟରେ ହାତ ଓ ଲୁଗାପଟା ରେ ଧରାଧରି ହୋଇ ଅଳ୍ପକେ ରକ୍ଷା ପାଇଥିବା ବେଳେ ଉକ୍ତ ଗ୍ରାମର ଚକ୍ରଧର ନାଥ ଙ୍କ ଝିଅ ଇପ୍ସିତା ନାଥ (୧୮) ନଦୀ ଭିତରେ ବୁଡ଼ି ଯାଇ ନିଖୋଜ ହୋଇ ଯାଇଥିଲେ। ଏହି ଘଟଣା ପ୍ରସାରିତ ହେବା ପରେ ଶତାଧିକ ଗ୍ରାମ ବାସୀ ରୁଣ୍ଡ ହେବା ସହ ଇପ୍ସିତାଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ନଦୀରେ ଖୋଜାଖୋଜି କରିଥିଲେ। ପରେ ସ୍ଥାନୀୟ ଲୋକଙ୍କ ଦ୍ୱାରା ନଦୀରେ କିଛି ଦୂରରେ ଇପ୍ସିତା ଙ୍କୁ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ଡାକ୍ତର ଇପ୍ସିତାଙ୍କୁ ମୃତ ଘୋଷଣା କରିଥିଲେ। ଧାମନଗର ପୁଲିସ କେସ ନଂ ୧୩/୨୬ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଛି। ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ଶବ ସତ୍କାର କରାଯାଇଛି।

## ବଦଳି ଯାଉଛି କାକଟପୁର ଥାନାର ଚେହେରା

### ନିଶା ମୁକ୍ତ ଅଭିଯାନରେ ହିରୋ ସାଜିଲେ ଥାନାଧିକାରୀ

### ହାଇସ୍କୁଲରେ ଛାତ୍ରଛାତ୍ରୀଙ୍କୁ ଶପଥ ପାଠ

### ଲୋକଙ୍କ ମୁହଁରେ ପ୍ରଶଂସା




କାକଟପୁର/ଅସ୍ତରଙ୍ଗ, ୨୩।୮ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା କାକଟପୁର ଥାନା କହିଲେ ଆଗରୁ ଲୋକେ ଭୟ କରୁଥିଲେ, ଏବେ ଭରସା କରୁଛନ୍ତି। ଏହି ବଦଳାଇବାର ମୂଳରେ ଅଛନ୍ତି ନିଷ୍ଠାପର, ମେଳାପୀ ଓ କର୍ତ୍ତବ୍ୟନିଷ୍ଠ ଥାନା ଅଧିକାରୀ ବସନ୍ତ କୁମାର ସାହୁ। ସେ ଯୋଗ ଦେବା ଦିନଠୁ ପୋଲିସ ଓ ଜନତା ଭିତରେ ଦୂରତା କମିଛି। ଆଇନ ଶୃଙ୍ଖଳା ସହ ସାମାଜିକ ସଚେତନତାକୁ ସେ ସମାନ ଗୁରୁତ୍ୱ ଦେଉଛନ୍ତି।

ଏହି କ୍ରମରେ ଭାରତ ସରକାରଙ୍କ ନିଶା ମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ କାକଟପୁର ପୋଲିସ ପକ୍ଷରୁ ଦୁଇ ଦିନିଆ ବିଶେଷ ଅଭିଯାନ କରାଯାଇଛି। ପ୍ରଥମ ଦିନ ଲତାହରଣ ହାଇସ୍କୁଲ ଓ ଦ୍ୱିତୀୟ ଦିନ କନ୍ଦଳପୁର ହାଇସ୍କୁଲରେ ନିଶା ମୁକ୍ତ ସଚେତନତା ଶିବିର ଅନୁଷ୍ଠିତ ହୋଇଛି।

ଦୁଇଟି ସ୍କୁଲରେ ଶହ ଶହ ଛାତ୍ରଛାତ୍ରୀଙ୍କ ଆଗରେ ବସନ୍ତ ସାହୁ ନିଜେ ଠିଆ ହୋଇ ନିଶାର କୁପରିଣାମ ବୁଝାଇଥିଲେ। ସେ କହିଥିଲେ, "ଗୋଟେ ସିଗାରେଟ, ଗୋଟେ ଗୁଟଖା ପୁଅ ପାଇଁ ବାପା-ମା'ଙ୍କ ସ୍ୱପ୍ନ ଭାଙ୍ଗି ଦେଇପାରେ। ନିଶା କେବଳ ଶରୀର ନୁହେଁ, ପରିବାର ଓ ଭବିଷ୍ୟତକୁ ନଷ୍ଟ କରେ।" ତାଙ୍କର ସରଳ ଭାଷାରେ ବୁଝାଇବା ଶୈଳୀ ଛାତ୍ରଙ୍କ ହୃଦୟ ଛୁଇଁ ଯାଇଥିଲା। ପରେ ସମସ୍ତେ ହାତ ଟେକି ନିଶା ସେବନ କରିବେ ନାହିଁ ବୋଲି ଶପଥ ନେଇଥିଲେ।

କେବଳ ନିଶା ସେବନ ନୁହେଁ, ବସନ୍ତ ସାହୁ ସଡକ ସୁରକ୍ଷା ପାଇଁ ହେଲମେଟ ଚେକିଂ ବେଳେ ଜୋରିମାନା ନୁହେଁ, ବୁଝାଇ କହୁଛନ୍ତି। ସାଇବର ଠକେଇରୁ ବଞ୍ଚିବା ପାଇଁ ଗାଁ ଗାଁ ବୁଲି ସଚେତନ କରୁଛନ୍ତି। ଏମିତିକି କାକଟପୁର ବସ ଷ୍ଟାଣ୍ଡ, ମଙ୍ଗଳା ମହାବିଦ୍ୟାଳୟ ମଧ୍ୟ ସଚେତନ କରିଛନ୍ତି। ବିପଦ ବେଳେ ରକ୍ତଦାନ ଶିବିର କରି ନିଜେ ରକ୍ତ ଦେଉଛନ୍ତି। ଏହି ମାନବିକତା ପାଇଁ ଆଜି କାକଟପୁରର ଛୋଟ ପିଲାଠୁ ବୁଢା ଯାଏଁ ତାଙ୍କୁ ପ୍ରଶଂସା କରୁଛନ୍ତି।

## ଜାଲ ଦସ୍ତଖତ କରି ଭୋଟର ତାଲିକାରୁ ବାଦ ଦେବାକୁ ଅପଚେଷ୍ଟା

### ସାମ୍ବାଦିକ ସମ୍ମିଳନୀରେ ବର୍ଷିଲେ ଗ୍ରାମବାସୀ



ବାଲିଆପାଳ, ୨୩।୮ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା କଦରାୟାଁ ପଞ୍ଚାୟତରେ ରାଜନୈତିକ ଆକ୍ରୋଶ ରଖି ଶତାଧିକ ଭୋଟରଙ୍କୁ ଭୋଟର ଲିଷ୍ଟରୁ ବାଦ ଦେବାକୁ ମସୁଧା। ସୂଚନା ଅନୁସାରେ ସରକାର ଦେଶ ରେ ସ୍ୱତନ୍ତ୍ର ସଂଲଗ୍ନ ସଂଶୋଧନ କରି ଦେଶରେ ଲୁଚି ରହିଥିବା ବିଦେଶୀଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା ଜାରି ରଖିଛନ୍ତି। ସ୍କୁଲର ଶିକ୍ଷକ, ଅଙ୍ଗନବାଡି କର୍ମୀ, ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜାରି ରହିଛି। ତେବେ ଏହି କାର୍ଯ୍ୟକ୍ରମର ଶେଷ ଅବସରରେ, ଯେଉଁ ଭୋଟରମାନେ ସେମାନଙ୍କର ସମ୍ପୂର୍ଣ୍ଣ ତଥ୍ୟ ବି ଏଲ ଓ ମାନଙ୍କୁ ଦେଇ ପାରି ନ ଥିଲେ ସେମାନଙ୍କ ପାଇଁ ସରକାରୀ ସ୍ତରରେ ଏକ ନିର୍ଦ୍ଦିଷ୍ଟ ତାରିଖରେ ଅଧିକାରୀମାନଙ୍କ ଉପସ୍ଥିତରେ ସମସ୍ତ ଯାଞ୍ଚ ପ୍ରକ୍ରିୟା କରାଯାଇଛି। ଏହା ସତ୍ତ୍ୱେ ପଞ୍ଚାୟତ ମାନଙ୍କରେ ରାଜନୈତିକ ଆକ୍ରୋଶ ନେଇ ଜାଲ ଦସ୍ତଖତ କରି ଅନେକ ଭୋଟରଙ୍କୁ ତାଲିକାରୁ ବାଦ ଦେବାକୁ ନେଇ ଅପଚେଷ୍ଟା ଚାଲିଥିବା ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ହୋଇଛି।

ସୂଚନା ଅନୁସାରେ କଦରାୟାଁ ପଞ୍ଚାୟତରେ ଗତ ୨୮ତାରିଖରୁ ଏକ ତାରିଖ ମଧ୍ୟରେ, ୱାର୍ଡ ନ -୨୪୬, ୨୪୭, ୨୪୮, ୨୪୯, ୨୫୦, ୨୫୧ ରେ ସ୍ୱତନ୍ତ୍ର ସଂଶୋଧନ କରାଯାଇ ବାକି ଥିବା ବ୍ୟକ୍ତି ବିଶେଷଙ୍କ ତଥ୍ୟର ଯାଞ୍ଚ ସରିଥିବା ବେଳେ, ଛଅଟି ବୁଥରେ ୫୦୦ ଜଣ ଭୋଟରଙ୍କ ନାମରେ ମିଥ୍ୟା ଅଭିଯୋଗ କରାଯାଇଥିବା ବେଳେ ଅଭିଯୋଗକାରୀମାନେ ଉକ୍ତ ୱାର୍ଡର ବାସିନ୍ଦା ବୋଲି ଦର୍ଶାଯାଇଛି।ହେଲେ ପ୍ରକୃତପକ୍ଷେ ଅଭିଯୋଗକାରୀମାନେ ଘଟଣା ବିଷୟରେ କିଛି ଜାଣି ନଥିବା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି।

ପ୍ରକାଶ ଥାଉ କି କାଦରାୟାଁ ପଂଚାୟତ ଏକ ମୁସଲିମ ପଞ୍ଚାୟତ ହୋଇଥିବା ବେଳେ ଏଠାକାର ଭୋଟର ମାନଙ୍କୁ ଭୋଟର ତାଲିକାରୁ ବାଦ ଦେବାକୁ କିଛି ରାଜନୈତିକ ବ୍ୟକ୍ତି ବିଶେଷ ଚକ୍ରାନ୍ତ କରୁଥିବା ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି ଗ୍ରାମବାସୀ। ତେବେ ଘଟଣାକୁ ନେଇ ପ୍ରଶାସନ ପକ୍ଷରୁ ଏକ ନିର୍ଦ୍ଦିଷ୍ଟ ତାରିଖରେ ଅଭିଯୋଗକାରିଙ୍କ ସହ ନିର୍ଦ୍ଦିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଡକାଯିବ। ଏଥିରେ ଅଭିଯୋଗ କାରି ମାନେ ଉପସ୍ଥିତ ନ ହେଲେ ସମସ୍ତ ଦରଖାସ୍ତ ଖରାଜ ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

**ସ୍କୁଲରେ ବର୍ଷା ପାଣି, ସ୍ମାର୍ଟ ସ୍କୁଲ ନାରା ଫେଲ୍**

## ବହି ନୁହେଁ ବାଲଟି ଧରିଲେ ପିଲା

### ବ୍ଲକ ପ୍ରଶାସନର ପାରିବାପଣିଆ ଉପରେ ପ୍ରଶ୍ନ

କାକଟପୁର/ଅସ୍ତରଙ୍ଗ, ୨୩।୮ (ସଂଚାର ବ୍ୟୁରୋ): ଶନିବାର ସକାଳ ୭ଟା। ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରୁଥିବା ପାଚିକା ରୋଷେଇ କରିବା ବଦଳରେ ବାଲଟି ଧରିଛନ୍ତି। ଶ୍ରେଣୀ ଗୃହ ଭିତରେ ଆଣ୍ଠୁଏ ବର୍ଷା ପାଣି। ଶିକ୍ଷକ ବାଲଟିରେ ପାଣି କାଢୁଛନ୍ତି, ପିଲା ମାଟି କାଦୁଅ ବୋହି କବାଟ ଆଗରେ ବନ୍ଧ ଦେଉଛନ୍ତି। ଏ ଦୃଶ୍ୟ କୌଣସି ବନ୍ୟା ଅଞ୍ଚଳର ନୁହେଁ, ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଈଗୁଆଁ ପଞ୍ଚାୟତ ଓସ୍ତପୁର ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର।

ଅଳ୍ପ ବର୍ଷାରେ ସ୍କୁଲ ପରିସର ପୋଖରୀ ପାଲଟିଛି। ସବୁଠୁ ଅଧିକ ପାଣି ବିଦ୍ୟାଳୟ ପରିସରରେ। ସକାଳୁ ସ୍କୁଲ ଖୋଲିବା ବେଳକୁ ଶ୍ରେଣୀ ଭିତରେ ପାଣି। ବାଧ୍ୟ ହୋଇ ପିଲା ଓ ଶିକ୍ଷକ ମିଶି ବର୍ଷା ପାଣି କାଢ଼ିଲେ। ପରେ ପୁଣି ପାଣି ନ ପଶିବାକୁ ମାଟି କାଦୁଅର ଅସ୍ଥାୟୀ ବନ୍ଧ ଦିଆଗଲା। ପିଲା ପାଣି ଭିତରେ ଛିଡା ହୋଇ ପାଠ ପଢିବାକୁ ଚେଷ୍ଟା କରୁଛନ୍ତି।

ଅଭିଭାବକଙ୍କ କହିବା ଅନୁଯାୟୀ, ପ୍ରତି ବର୍ଷ ଏହି ସମସ୍ୟା। ସ୍କୁଲ ତଳିଆ ଅଞ୍ଚଳରେ, ପାଣି ନିଷ୍କାସନ ପାଇଁ ନାଳ ନାହିଁ। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ସ୍କୁଲ ପାଇଁ ଆସୁଛି, ହେଲେ ମୌଳିକ ସମସ୍ୟା ଯେମିତି ଥିଲା ସେମିତି।ବ୍ଲକ ପ୍ରଶାସନ ଏଥି ପ୍ରତି ଗୁରୁତ୍ୱ ଦେଉନାହାନ୍ତି।ପିଲା ଓଦା ଡ୍ରେସରେ ଘରକୁ ଫେରୁଛନ୍ତି, ସର୍ଦ୍ଦି କାଶ ହେଉଛି।

ଏ ନେଇ ଅସ୍ତରଙ୍ଗ ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁଙ୍କୁ ଯୋଗାଯୋଗ ସମ୍ଭବ ହୋଇନାହିଁ।

ଗ୍ରାମବାସୀ ଦାବି କରିଛନ୍ତି - ତୁରନ୍ତ ସ୍କୁଲ ପରିସର ଉଚ୍ଚ କରି ପାଣି ନିଷ୍କାସନ ବ୍ୟବସ୍ଥା ହେଉ, ନଚେତ ଆଗାମୀ ବର୍ଷାରେ ସ୍କୁଲ ବନ୍ଦ କରିବାକୁ ପଡିବ।



## ୯୪ ବର୍ଷୀୟା ବୃଦ୍ଧାଙ୍କୁ ମିଳୁନି ବାର୍ଦ୍ଧକ୍ୟ ଭତ୍ତା




**ମୁଖ୍ୟମନ୍ତ୍ରୀଙ୍କୁ ଗୁହାରି ପରେ ବି ଫଳ ଶୂନ**

ବାଲିଆପାଳ, ୨୩।୮ (ସଂଚାର ବ୍ୟୁରୋ): ଆଧାର କାର୍ଡ ନଥିବା କାରଣରୁ ଜଣେ ୯୪ ବର୍ଷିଆ ଅସହାୟ ବୃଦ୍ଧାଙ୍କ ବାର୍ଦ୍ଧକ୍ୟ ଭତ୍ତା ବନ୍ଦ ହୋଇଥିବା ଅଭିଯୋଗ ହୋଇଛି। ବସ୍ତା ବ୍ଲକ ନାଇକୁଡି ପଞ୍ଚାୟତ ଅନ୍ତର୍ଗତ ବାୟା ଗାଁର ସୁଲୋଚନା ଦାସ ଗତ ଜୁଲାଇ ମାସରୁ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ସୁଲୋଚନାଙ୍କ ସ୍ୱାମୀ କିମ୍ବା ସନ୍ତାନ ନଥିବାରୁ ସେ ଅସହାୟ ଅବସ୍ଥାରେ ଜୀବନ ବିତାଉଛନ୍ତି।

ଆଧାର କାର୍ଡ ନଥିବା ହେତୁ ଗତ ଜୁଲାଇ ମାସରୁ ତାଙ୍କ ବାର୍ଦ୍ଧକ୍ୟ ଭତ୍ତା ବନ୍ଦ ହୋଇଥିବା ଜଣା ପଡିଛି। ଘଟଣା ସମ୍ପର୍କରେ ସାମାଜିକ କର୍ମୀ ରାଜକିଶୋର ପାତ୍ର ଗତ ଅଗଷ୍ଟ ୬ ତାରିଖରେ 'ଏକ୍ସ' ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ବାଲେଶ୍ୱର ଜିଲ୍ଲାପାଳଙ୍କ ସମେତ ସମ୍ପୃକ୍ତ ଅଧିକାରୀଙ୍କୁ ଅବଗତ କରାଇଥିଲେ। ବକେୟା ଭତ୍ତା ସହ ତାଙ୍କର ଭତ୍ତା ପୁନଃ ପ୍ରଦାନ କରିବାକୁ ମଧ୍ୟ ସେ ଅନୁରୋଧ କରିଥିଲେ। ପରେ ବାଲେଶ୍ୱର ଜିଲ୍ଲାପାଳ ଏବଂ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ ବସ୍ତା ବ୍ଲକ ବିଏସଏସଓଙ୍କୁ ଘଟଣାର ଅନୁସନ୍ଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ହେଲେ ଅଭିଯୋଗ ଅନୁଯାୟୀ, ଅଗଷ୍ଟ ମାସରେ ମଧ୍ୟ ସୁଲୋଚନାଙ୍କୁ ଭତ୍ତା ମିଳିନାହିଁ ।

ଅନ୍ୟପକ୍ଷରେ ସୁଲୋଚନାଙ୍କ ଆଧାର କାର୍ଡ କରାଇବା ପାଇଁ ଶ୍ରୀ ପାତ୍ର ତାଙ୍କୁ ବାଲିଆପାଳ ବ୍ଲକ ଆଧାର କେନ୍ଦ୍ରକୁ ନେଇ ପଞ୍ଜିକରଣ କରାଇଥିଲେ। ତେବେ ପଞ୍ଜିକରଣ ପରେ ମଧ୍ୟ ବର୍ତ୍ତମାନ ସୁଦ୍ଧା ତାଙ୍କୁ ଆଧାର କାର୍ଡ ମିଳିନଥିବା କୁହାଯାଇଛି । ଦୁଇ ମାସ ଧରି ଭତ୍ତା ନମିଳିବାରୁ ୯୪ ବର୍ଷିଆ ସୁଲୋଚନା ଅତ୍ୟନ୍ତ ଦୟନୀୟ ପରିସ୍ଥିତିରେ ଅନ୍ୟମାନଙ୍କ ବାରଣ୍ଡାରେ ଜୀବନ ବିତାଉଥିବା ଅଭିଯୋଗ ରହିଛି।

ଏଭଳି ସ୍ଥିତିରେ ବୃଦ୍ଧାଙ୍କ ବୟସ ଓ ଅସହାୟତାକୁ ଦୃଷ୍ଟିରେ ରଖି ତାଙ୍କ ଭୋଟର ପରିଚୟପତ୍ର ଆଧାରରେ ବକେୟା ସହ ବାର୍ଦ୍ଧକ୍ୟ ଭତ୍ତା ତୁରନ୍ତ ପୁନଃ ପ୍ରଦାନ କରିବାକୁ ସାମାଜିକ କର୍ମୀ ରାଜକିଶୋର ପାତ୍ର ସରକାରଙ୍କ ନିକଟରେ ଗଣମାଧ୍ୟମ ଜରିଆରେ ଦାବି ରଖିଛନ୍ତି।

SANCHAR
ସଂଚାର ସୋମବାର ୨୪ ଅଗଷ୍ଟ ୨୦୨୬

# ସ୍ୱାସ୍ଥ୍ୟ




# ଇନ୍‌ହେଲର୍‌ର ବିକଳ୍ପ ହେବ କି ଲୁନ୍‌ସେକିମିଗ୍ ?



ବିଶ୍ୱର ସମୁଦାୟ ଆଜ୍‌ମା ରୋଗୀଙ୍କ ମଧ୍ୟରୁ ପ୍ରାୟ ୧୩ ପ୍ରତିଶତ ହେଉଛନ୍ତି ଭାରତୀୟ। ପୃଥିବୀର ରୋଗୀ ସଂଖ୍ୟା ତୁଳନାରେ ଆମ ଦେଶରେ ଯଥେଷ୍ଟ କମ୍ ରୋଗୀ ଥିଲେ ମଧ୍ୟ ଏହା ଏକ ପ୍ରମୁଖ ସାର୍ବଜନୀନ ସ୍ୱାସ୍ଥ୍ୟ ସମସ୍ୟା ପାଲଟିବାରେ ଲାଗିଛି। ଯେଉଁ ଆଜ୍‌ମା ରୋଗୀମାନେ ଇନ୍‌ହେଲର୍ ଉପରେ ନିର୍ଭର କରୁଛନ୍ତି, ଲୁନ୍‌ସେକିମିଗ୍ ନାମକ ନୂତନ ଔଷଧ ଏହାର ବିକଳ୍ପ ହୋଇପାରିବ ବୋଲି ଚର୍ଚ୍ଚା ହେଉଛି? ଏହା କିପରି ଜଣେ ରୋଗୀଙ୍କ ପାଇଁ ଉପକାରୀ ହୋଇପାରିବ, ଆସନ୍ତୁ ତା' ଉପରେ ଆଲୋକପାତ କରିବା।

ଲୁନ୍‌ସେକିମିଗ୍ ନାମରେ ଜଣାଶୁଣା ଔଷଧ ହେଉଛି ଏକ ନିର୍ଦ୍ଦିଷ୍ଟ ଫର୍ମୁଲେସନ୍, ଯାହାକୁ ଶ୍ୱାସନଳୀ ପ୍ରଦାହର ମୁକାବିଲା ପାଇଁ ପ୍ରସ୍ତୁତ କରାଯାଇଛି। କାରଣ ପ୍ରଦାହ ଯୋଗୁଁ ଟିସୁର କ୍ଷତି ହୋଇଥାଏ। ଲୁନ୍‌ସେକିମିଗ୍ ହେଉଛି ଏକ ନୂତନ ପେଣ୍ଟାଭାଲେଣ୍ଟ୍ ନାନୋବଡି, ଯାହା ଆଜ୍‌ମା ଓ ଶ୍ୱାସକ୍ରିୟାଜନିତ ରୋଗରେ ନଷ୍ଟ ହେଉଥିବା ଟିସୁକୁ ସୁରକ୍ଷା ଦିଏ। ଟିଏସ୍ଏଲ୍‌ପି ଓ ଆଇଏଲ୍-୧୩ ଆଲର୍ଜିକୁ ଲୁନ୍‌ସେକିମିଗ୍ ଏକା ସାଙ୍ଗରେ ବ୍ଲକ୍ କରିଥାଏ। ଲୁନ୍‌ସେକିମିଗ୍‌ର ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷଣ ଚାଲିଛି। ଗମ୍ଭୀର ଆଜ୍‌ମା ପୀଡ଼ିତ ୧୧୪୭ ଜଣ ବୟସ୍କଙ୍କ ଉପରେ ଏହାର ପରୀକ୍ଷଣ କରାଯାଇଥିଲା। ଶ୍ୱାସନଳୀର ପ୍ରଦାହ କମାଇବା ସହ ଫୁସ୍‌ଫୁସ୍‌ର କାର୍ଯ୍ୟକଳାପରେ ଉନ୍ନତି ଆଣିବା ଦିଗରେ ଏହା ସକାରାତ୍ମକ ଫଳ ଦେଇଥିଲା। ଏହି ଔଷଧ ସୁରକ୍ଷିତ ବୋଲି ମଧ୍ୟ ଜଣାପଡ଼ିଛି। ଇଓସିନୋଫିଲିକ୍ ଫେନୋଟାଇପ୍ ଥିବା ସିଓପିଡି ରୋଗୀଙ୍କଠାରେ ଏହାକୁ ପରୀକ୍ଷା କରାଯାଉଛି। ଏହାର ପରିଚାଳନା ପାଇଁ ବିଶ୍ୱର ୨୫୨ଟି ସ୍ଥାନ ଚୟନ କରାଯାଇଥିଲା। ଫ୍ରାକ୍ସନାଲ୍ ଇନ୍‌ହେଲ୍‌ଡ ନାଇଟ୍ରିକ୍ ଅକ୍ସାଇଡ୍ ହ୍ରାସ କରିବା, ଫୁସ୍‌ଫୁସ୍‌ର କାର୍ଯ୍ୟ ଉନ୍ନତ କରିବା ଓ ଫ୍ଲେୟାର୍-ଅପ୍ ସମସ୍ୟା କମାଇବା ଦିଗରେ ଏହା କାମ କରୁଥିବା ଫଳାଫଳରୁ ଜଣାପଡ଼ିଛି।

ଆମ ଦେଶରେ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଥିବାରୁ ଆଜ୍‌ମା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ୁଛି। ଏଭଳି କ୍ଷେତ୍ରରେ ରୋଗର ଚିକିତ୍ସା ପାଇଁ ଲୁନ୍‌ସେକିମିଗ୍ ଔଷଧ କାମରେ ଆସିପାରେ। ଏବେ ଶ୍ୱାସନଳୀର ପ୍ରଦାହର ଚିକିତ୍ସା ପାଇଁ ବ୍ୟବହୃତ ଇନ୍‌ହିଲ୍‌ଡ କୋର୍ଟିକୋଷ୍ଟେରୋଏଡ୍ ବା ବାୟୋଲୋଜିକ୍ସ ଔଷଧକୁ ବର୍ତ୍ତମାନ ଆଜ୍‌ମା ଚିକିତ୍ସାରେ ବ୍ୟବହାର କରାଯାଉଛି। ଏହା ରୋଗୀଙ୍କ ଶରୀରରେ ଆଜ୍‌ମାର ପ୍ରଭାବ ଓ ଗମ୍ଭୀରତା ବିରୋଧରେ ଲଢ଼ିଥାଏ। ଇନ୍‌ହେଲର୍ ବ୍ୟବହାର କମାଇବାରେ ଲୁନ୍‌ସେକିମିଗ୍ ସହାୟକ ହୋଇପାରେ ବୋଲି ଗବେଷକ ଚିନ୍ତା କରୁଛନ୍ତି। କାରଣ ଔଷଧ ଶ୍ୱାସନଳୀରେ ପହଞ୍ଚିବା ନିଶ୍ଚିତ କରିବା ପାଇଁ ଇନ୍‌ହେଲର୍ ଉପକରଣ ପାଖରେ ରଖିବା ଦରକାର ହୋଇଥାଏ। ଇନ୍‌ହେଲର୍ ସ୍ୱଳ୍ପମିଆଦୀ ଆଶ୍ୱସ୍ତି ପ୍ରଦାନ ସହ ଶ୍ୱାସନଳୀର ପ୍ରଦାହ କମ୍ କରିଥାଏ। ଏଥିସହିତ ଶ୍ୱାସରୁଦ୍ଧ ହେଲା ଭଳି ପରିସ୍ଥିତିରେ ତୁରନ୍ତ ଆରାମ ଦେଇଥାଏ। ଲୁନ୍‌ସେକିମିଗ୍ ଭଳି ପ୍ରଭାବଶାଳୀ ଔଷଧ ଏହାର ସ୍ଥାନ ନେଇପାରିବ ବୋଲି କୁହାଯାଉଛି।

ଏହାର ପରୀକ୍ଷଣ ବର୍ତ୍ତମାନ ଦ୍ୱିତୀୟ ପର୍ଯ୍ୟାୟରେ ଅଛି ଓ ଆଜ୍‌ମା ରୋଗୀଙ୍କ ଉପରେ ଏହା କିଭଳି ପ୍ରଭାବ ପକାଉଛି, ତାହା ପ୍ରମାଣ କରି ଜାଣିବାକୁ ଅଧିକ ପରୀକ୍ଷଣର ଆବଶ୍ୟକତା ରହିଛି। ଏହି ଔଷଧ ବ୍ୟବହାର ପାଇଁ ଏ ପର୍ଯ୍ୟନ୍ତ ଅନୁମୋଦିତ ହୋଇନାହିଁ। ଶ୍ୱାସଜନିତ ରୋଗର ପ୍ରଭାବ କମାଇବାକୁ ଏହାର ସୁରକ୍ଷିତ ଆବଣ୍ଟନ ପାଇଁ ତୃତୀୟ ପର୍ଯ୍ୟାୟ ପରୀକ୍ଷଣ ଅବଶ୍ୟକ। ତେବେ ଯେଉଁମାନେ ଇନ୍‌ହେଲର୍ ମାଧ୍ୟମରେ ଶୀଘ୍ର ଆରାମ ପାଇପାରୁ ନାହାନ୍ତି, ସେମାନଙ୍କ କ୍ଷେତ୍ରରେ ଲୁନ୍‌ସେକିମିଗ୍ ଖୁବ୍ ଶୀଘ୍ର କାମ କରିବ ବୋଲି ପରୀକ୍ଷଣରୁ ଜଣାପଡ଼ିଛି। ସମ୍ପୂର୍ଣ୍ଣ ପରୀକ୍ଷଣ ଓ ସରକାରୀ ଘୋଷଣା ପରେ ଏହି ଔଷଧ ବଜାରରେ ଉପଲବ୍ଧ ହେବ।

# ଅଂଶୁଘାତରେ ପୀଡ଼ିତ ବ୍ୟକ୍ତିଙ୍କୁ କ'ଣ ଖୁଆଇବା ଉଚିତ ?

ଚାଲିଛି ଗ୍ରୀଷ୍ମଋତୁ। ବର୍ତ୍ତମାନ ସମୟରେ ଅଂଶୁଘାତ ହେବାର ସମ୍ଭାବନା ଅଧିକ ଥାଏ। ଏପ୍ରିଲ, ମେ ଏବଂ ଜୁନ୍ ମାସରେ ଗ୍ରଷ୍ମ ପ୍ରବାହ ବହୁତ୍ ଅଧିକ ଥାଏ। ଏହି ଋତୁରେ ଲୋକମାନେ ବିଶେଷ ଭାବରେ ଅଂଶୁଘାତରଶିକାର ହୋଇଥାଆନ୍ତି। ଗ୍ରୀଷ୍ମଋତୁର ଅପରାହ୍ନରେ ଅତ୍ୟନ୍ତ ଗରମ ପବନ ବହିଥାଏ। ଯାହାକୁ 'ଲୁ' କୁହାଯାଏ। ଯଦି ଜଣେ ବ୍ୟକ୍ତି ଏହି ଗରମ ପବନର ଶିକାର ହୁଅନ୍ତି, ତେବେ ସେ ନିଶ୍ଚିତ ଭାବରେ ଅସୁସ୍ଥ ହୋଇପଡ଼ନ୍ତି। ଅଂଶୁଘାତ ଜ୍ୱର, ଡାଇରିଆ ଏବଂ ବାନ୍ତି ଭଳି ଲକ୍ଷଣ ସୃଷ୍ଟି କରିପାରେ, ଯାହା ଶରୀରକୁ ସମ୍ପୂର୍ଣ୍ଣ ଦୁର୍ବଳ କରିଦିଏ। ଏହାକୁ ଦୃଷ୍ଟିରେ ରଖି, ଯଦି ଆପଣ ଅଂଶୁଘାତର ଶିକାର ହେଉଛନ୍ତି ତେବେ ଆପଣଙ୍କୁ କ'ଣ କରିବା ଉଚିତ୍, ଏହା ସହିତ ଏହାକୁ ରୋକିବା ପାଇଁ କଣ ଖାଇବା ଉଚିତ୍ ଆସନ୍ତୁ ଜାଣିବା। ଅଂଶୁଘାତ ସମୟରେ ଜଣେ ବ୍ୟକ୍ତିର ମୁଣ୍ଡ ବୁଲେଇବା ଏବଂ ଶରୀରର ତାପମାତ୍ରା ବୃଦ୍ଧି ପାଇପାରେ। ଏପରି ପରିସ୍ଥିତିରେ, ପ୍ରଭାବିତ ବ୍ୟକ୍ତିଙ୍କୁ ଥଣ୍ଡା ପରିବେଶରେ ରହିବା ଏବଂ ହାଲୁକା ପୋଷାକ ପିନ୍ଧିବାକୁ ପରାମର୍ଶ ଦିଆଯିବା ଉଚିତ୍। ଯାହା ଦ୍ୱାରା ଶରୀର ଅଧିକ ଆରାମଦାୟକ ଅନୁଭବ କରିପାରିବ।



**ଲେମ୍ବୁ ପାଣି:** ଲେମ୍ବୁ ପାଣି କିମ୍ବା ଅନ୍ୟାନ୍ୟ ଫଳ ରସ ପିଅନ୍ତୁ। ଏହା ଶରୀରର ତରଳ ସ୍ତରକୁ ପୂରଣ କରିବାରେ ସାହାଯ୍ୟ କରେ ଏବଂ ଶକ୍ତି ପୁନଃସ୍ଥାପିତ କରେ। ଚିନି ଏବଂ ଲୁଣର ମିଶ୍ରଣକୁ ସେବନ କରନ୍ତୁ ଯାହା ଲାଭଦାୟକ ସାବ୍ୟସ୍ତ ହେବ।

**ତରଭୁଜ:** ଅଂଶୁଘାତରେ ପୀଡିତ ହେଲେ, ଆପଣ କ'ଣ ଖାଇବା ଉଚିତ୍ ତାହା ଉପରେ ଧ୍ୟାନ ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ପରିପ୍ରେକ୍ଷୀରେ, ତରଭୁଜ ନିଶ୍ଚିତ ଖାଆନ୍ତୁ। ତରଭୁଜ ଖାଇବା ଦ୍ୱାରା ଶରୀରକୁ ରିଲାକ୍ସ ଲାଗିଥାଏ ଏବଂ ଶୀତଳ ପ୍ରଭାବ ପ୍ରଦାନ କରେ। ଅଂଶୁଘାତରେ ପୀଡିତ ହେବାର ମୁଖ୍ୟ କାରଣଗୁଡ଼ିକ ହେଉଛି ତୀବ୍ର ସୂର୍ଯ୍ୟ କିରଣରେ ଦୀର୍ଘ ସମୟ ଧରି ରହିବା, ପର୍ଯ୍ୟାପ୍ତ ପରିମାଣରେ ପାଣି ନ ପିଇବା, ମୁଣ୍ଡ ନ ଘୋଡ଼ାଇ ପ୍ରଚଣ୍ଡ ଖରାରେ ବାହାରକୁ ବାହାରିବା, ଅତ୍ୟଧିକ ଝାଳ, ଶରୀରରେ ଲୁଣ ସ୍ତର ହ୍ରାସ ହେବା।

**ଲକ୍ଷଣ:** ଜଳବାୟୁରେ ଅଧିକ ଉତ୍ତାପ ହେତୁ ଶରୀରରେ ତାପମାତ୍ରା ବୃଦ୍ଧି ପାଇବା, ଚର୍ମ ଶୁଷ୍କତା, ଶରୀରରୁ ଝାଳ ନିର୍ଗତ ନ ହେବା କିମ୍ବା ଅଳ୍ପ ନିର୍ଗତ ହେବା, ରକ୍ତଚାପ କମ ହେବା, ହୃଦସ୍ପନ୍ଦନ ମାତ୍ରା ବଢ଼ିବା, ନିଃଶ୍ୱାସ ପ୍ରଶ୍ୱାସରେ ପ୍ରଖରତା ଦେଖାଯିବା, ପରିସ୍ରା ହଳଦିଆ ରଙ୍ଗର ହେବା ସହ ପରିସ୍ରାରୁ ଦୁର୍ଗନ୍ଧ ବାହାରିବା। ଶରୀରର ମାଂସପେଶୀ ଦୁର୍ବଳ ହୋଇ ଯନ୍ତ୍ରଣା ଦାୟକ ହେବା, ଆଳସ୍ୟ ତଥା ଦୁର୍ବଳ ଲାଗିବା, ମୁଣ୍ଡବ୍ୟଥା ହେବା, ବାନ୍ତି ଲାଗିବା ଆଦି ଲକ୍ଷଣ ଦେଖାଦେଇଥାଏ। ଯଦି ଆପଣଙ୍କର ମଧ୍ୟ ଏହି ସମସ୍ୟା ଦେଖାଦେଉଛି ତେବେ ନିଶ୍ଚିତ ଭାବରେ ଏହି ଟିପ୍ସକୁ ଫଲୋ କରନ୍ତୁ।

# ପେଟକୁ ଥଣ୍ଡା ରଖେ ତାଳସଜ



ଆପଣମାନେ ଖରା ସମୟରେ ବିଭିନ୍ନ ପ୍ରକାରର ଫଳ ଖାଉଥିବେ। ପ୍ରାୟତଃ ଲୋକମାନେ ଏହି ଗରମ ସମୟରେ ପଇଡ଼ ପାଣି ପିଇବାକୁ ଖୁବ ପସନ୍ଦ କରିଥାନ୍ତି। ପଇଡ଼ ପାଣି ବ୍ୟତୀତ ଏପରି ଏକ ଫଳ ଅଛି ଯାହାକୁ ଖାଇବା ଦ୍ୱାରା ଆପଣଙ୍କ ପେଟ ଥଣ୍ଡା ହେବା ସହ ବିଭିନ୍ନ ସମସ୍ୟାରୁ ମଧ୍ୟ ରକ୍ଷା ମିଳିଥାଏ। ତେବେ ଆସନ୍ତୁ ସେହି ଫଳ ବିଷୟରେ ଜାଣିବା। ଯାହାକୁ ଖାଇବା ଦ୍ୱାରା ଆପଣ ଅନେକ ସମସ୍ୟାରୁ ମୁକ୍ତି ପାଇପାରିବେ। ସେହି ସବୁ ଫଳ ମଧ୍ୟରୁ ତାଳସଜ ହେଉଛି ଅନ୍ୟତମ। ଯାହା ବାହାରୁ ନଡ଼ିଆ ଏବଂ ଭିତରୁ ଲିଚି ପରି ଦେଖାଯାଇଥାଏ। ଏହି ଫଳର ଗଛ ନଡିଆ ଗଛ ପରି ଲମ୍ବା। ତେବେ ଆପଣ ଗାଁରେ ଏହି ଗଛ ଦେଖିଥିବେ ନିଷ୍ଟୟ। ତାହେଲେ ଆମେ ଆଜି  ଏହି ଫଳ ଖାଇବାର ଲାଭ ବିଷୟରେ ଜଣାଇବୁ। ତାଳସଜ ପୋଷକ ତତ୍ତ୍ୱରେ ଭରପୂର ହୋଇ ରହିଥାଏ। ଏହା ବ୍ୟତୀତ ଏଥିରେ ଫାଇବର, ଭିଟାମିନ୍ A, ଭିଟାମିନ୍ K ପରି ପ୍ରଚୁର ପରିମାଣର ପୋଷକ ତତ୍ତ୍ୱ ମିଳିଥାଏ। ଖାସ କରି ଏହି ଫଳ ଖରାଦିନେ ସହଜରେ ମିଳିଯାଇଥାଏ । ଏହି ଫଳ ଖାଇବା ଦ୍ୱାରା ପେଟ ଥଣ୍ଡା ହୋଇଥାଏ ଏବଂ ଶରୀର ହାଇଡ୍ରେଟ୍ ରହିଥାଏ।

ଗ୍ରୀଷ୍ମ ଋତୁରେ ଲୋକଙ୍କ ଶରୀର ବହୁତ ଶୀଘ୍ର ଡିହାଇଡ୍ରେଟ୍ ହୋଇଯାଏ। ଏଭଳି ପରିସ୍ଥିତିରେ ଲୋକମାନେ ଏହି ସିଜିନ୍‌ରେ ନିଜ ଶରୀରକୁ ହାଇଡ୍ରେଟ୍ ରଖିବା ଅତ୍ୟନ୍ତ ଜରୁରୀ। ଡିହାଇଡ୍ରେସନ୍ ଏବଂ ହିଟ୍ ଷ୍ଟ୍ରୋକରୁ ନିଜକୁ ରକ୍ଷା କରିବା ପାଇଁ ତାଳସଜ ଖାଇପାରିବେ। ଏହାକୁ ଖାଇବା ଦ୍ୱାରା ଶରୀର ଥଣ୍ଡା ରହିଥାଏ ଏବଂ ଆପଣ ହେଲଦି ଅନୁଭବ କରନ୍ତି। ଯଦି ଆପଣ ଅନେକ ସମୟରେ ଧରି ବିଭିନ୍ନ ରୋଗର ଶିକାର ହେଉଛନ୍ତି, ଏହାର ଅର୍ଥ ହେଉଛି ଆପଣଙ୍କ ଇମ୍ୟୁନ୍ ସିଷ୍ଟମ୍ ବହୁତ ଦୁର୍ବଳ। ସେଥିପାଇଁ ଯଦି ଆପଣ ନିଜ ଇମ୍ୟୁନ୍ ସିଷ୍ଟମ୍‌କୁ ମଜବୁତ କରିବାକୁ ଚାହୁଁଛନ୍ତି, ତେବେ ଗ୍ରୀଷ୍ମ ଋତୁରେ ଆପଣ ଏହି ଫଳ ଖାଇବା ଉଚିତ୍। ଯେଉଁ ମାନେ ନିଜ ଓଜନ ବଢ଼ିବାକୁ ନେଇ ଚିନ୍ତିତ ସେମାନେ ତାଳସଜ ଖାଇବା ଉଚିତ୍। ତାଳସଜରେ କ୍ୟାଲୋରୀ ପରିମାଣ ବହୁତ କମ୍ ଥାଏ। ଏଥିରେ ଅଧିକ ପରିମାଣର ପାଣି ରହିଥାଏ। ତେଣୁ ଏହାକୁ ଖାଇବା ଦ୍ୱାରା ଆପଣଙ୍କୁ ବହୁତ ସମୟ ପର୍ଯ୍ୟନ୍ତ ଭୋକ ଲାଗିନଥାଏ। ଯାହାଦ୍ୱାରା ଓଜନକୁ କମ୍ କରିଥାଏ। ତାଳସଜ ଆପଣଙ୍କ ପେଟକୁ ଥଣ୍ଡା କରାଇବାରେ ବହୁତ ସାହାଯ୍ୟ କରିଥାଏ। ଏହା ଆପଣଙ୍କୁ ଏସିଡିଟିରୁ ମୁକ୍ତି ଦେଇଥାଏ। ଏହା ବ୍ୟତୀତ ବାନ୍ତି ହେବା ପରେ ମଧ୍ୟ ଏହାକୁ ଖାଇପାରିବେ। ଯାହା ଶରୀର ପାଇଁ ଲାଭଦାୟକ ହୋଇଥାଏ ବୋଲି ବିବେଚନା କରାଯାଏ। ଯଦି ଆପଣ ଏହି ସବୁ ସମସ୍ୟା ଯୋଗୁ ଅସୁବିଧାରେ ପଡୁଛନ୍ତି, ତାହେଲେ ଆପଣ ନିଜ ଡାଏଟ୍‌ରେ ତାଳସଜ ସାମିଲ କରିବା ଉଚିତ। ଯାହା ଫଳରେ ଆପଣ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ।

# ମିଠା ତରଭୁଜ ନେଇପାରେ ଜୀବନ

ଖରାଦିନେ ଶରୀରକୁ ଥଣ୍ଡା ରଖିବା ପାଇଁ ତରଭୁଜ ଏକ ପ୍ରକୃଷ୍ଟ ଫଳ। କିନ୍ତୁ ଏହି ଫଳଟି ଏବେ ମୃତ୍ୟୁର କାରଣ ସାଜିଛି। ନିକଟରେ ମୁମ୍ବାଇରେ ଏକ ଅଭାବନୀୟ ଘଟଣା ଘଟିଛି, ଯେଉଁଠାରେ ତରଭୁଜ ଖାଇବା ପରେ ଗୋଟିଏ ପରିବାରର ୪ ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି। ଡାକ୍ତରଙ୍କ ଅନୁଯାୟୀ, ଫୁଡ୍ ପଏଜନିଂ ହେବା ଯୋଗୁଁ ସେମାନଙ୍କ କିଡନୀ ଫେଲ୍ ହୋଇଯାଇଥିଲା। ତେଣୁ ତରଭୁଜ କିଣିବା ଏବଂ ଖାଇବା ପୂର୍ବରୁ ଆପଣଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ବଜାରରେ ଖରା ଓ ତାତିରେ ଖୋଲା ସ୍ଥାନରେ ରଖାଯାଇଥିବା ତରଭୁଜ କିଣିବା ସବୁଠାରୁ ବଡ଼ ବିପଦ। ଯଦି ଆପଣ ଏକ ତରଭୁଜ କାଟୁଛନ୍ତି ଏବଂ ସେଥିରୁ ଧଳା ଫେଣ ବାହାରୁଛି କିମ୍ବା ଖଟା ଗନ୍ଧ ଆସୁଛି, ତେବେ ତାକୁ ତୁରନ୍ତ ଫିଙ୍ଗି ଦିଅନ୍ତୁ। ତରଭୁଜରେ ପ୍ରାକୃତିକ ଶର୍କରା ଓ ପାଣି ଅଧିକ ଥାଏ। ଯେତେବେଳେ ଏହା ୩୫° ରୁ ୪୫° ଡିଗ୍ରୀ ଖରାରେ ରହେ, ଏହାର ଭିତରର ତାପମାତ୍ରା ବଢ଼ିଯାଏ। ଫଳରେ ଏହାର ଚିନିରେ 'ଫର୍ମେଣ୍ଟେସନ୍' ବା କିଣ୍ୱନ ପ୍ରକ୍ରିୟା ଆରମ୍ଭ ହୁଏ। ଏହାଦ୍ୱାରା ଫଳ ଭିତରେ ଗ୍ୟାସ୍ ସୃଷ୍ଟି ହୁଏ ଏବଂ ଏହା ବିଷାକ୍ତ ହୋଇଯାଏ।

**କାହିଁକି ବିପଦଜନକ ହୋଇଥାଏ ଖରାରେ ରଖାଯାଇଥିବା ତରଭୁଜ?**

**ସୃଷ୍ଟି ହୁଅନ୍ତି ବ୍ୟାକ୍ଟେରିଆ:** ପ୍ରବଳ ଗରମ ଯୋଗୁଁ ତରଭୁଜର ଚୋପା ଦୁର୍ବଳ ହୋଇଯାଏ। ଫଳରେ ସେଥିରେ ସୂକ୍ଷ୍ମ ଫାଟ ସୃଷ୍ଟି ହୁଏ ଏବଂ ବାହାରୁ 'ସାଲମୋନେଲା' କିମ୍ବା 'ଇ-କୋଲାଇ' ଭଳି ଭୟଙ୍କର ବ୍ୟାକ୍ଟେରିଆ ଭିତରକୁ ପଶି ଯାଆନ୍ତି।

**ପୋଷକ ତତ୍ତ୍ୱ ନଷ୍ଟ:** ଖରାରେ ଉତପ୍ତ ତରଭୁଜରୁ ଭିଟାମିନ-ସି ଏବଂ ଲାଇକୋପିନ ନଷ୍ଟ ହୋଇଯାଏ। ଏହା ଶରୀରକୁ ଥଣ୍ଡା ଦେବା ପରିବର୍ତ୍ତେ ତାପମାତ୍ରା ବିଗାଡ଼ି ଦିଏ।

**କେମିକାଲର ଭୟ:** ଅନେକ ସମୟରେ ତରଭୁଜକୁ ଶୀଘ୍ର ବଡ଼ କରିବା ପାଇଁ ନାଇଟ୍ରୋଜେନ ସାର କିମ୍ବା ଲାଲ୍ ଦେଖାଯିବା ପାଇଁ 'ଏରିଥ୍ରୋସିନ୍ ଡାଇ' କେମିକାଲ ବ୍ୟବହାର କରାଯାଏ, ଯାହା ଶରୀର ପାଇଁ ବିଷ ସଦୃଶ। ତରଭୁଜକୁ ଛୁଇଁବା ପରେ ଯଦି ଏହା ବାହାର ପରିବେଶଠାରୁ ଗରମ ଲାଗୁଛି, ତେବେ କିଣନ୍ତୁ ନାହିଁ। ତରଭୁଜକୁ ହାତରେ ବାଡ଼େଇଲେ ଯଦି ଶବ୍ଦ ଭାରି ଲାଗେ, ତେବେ ବୁଝିବେ ଏହା ଭିତରୁ ଗଳିବା ଆରମ୍ଭ ହେଲାଣି। ଡେମ୍ଫ ପାଖରୁ ଯଦି କୌଣସି ପ୍ରକାର ଚିପଚିପା ତରଳ ବାହାରୁଛି କିମ୍ବା ଦୁର୍ଗନ୍ଧ ହେଉଛି, ତେବେ ଏହା ନିଶ୍ଚିତ ଭାବେ ଖରାପ।

ତରଭୁଜ ଖାଇବା ପରେ ତୁରନ୍ତ ପାଣି ପିଅନ୍ତୁ ନାହିଁ, ଏହା ହଜମ ପ୍ରକ୍ରିୟାକୁ ଧୀମା କରିଦିଏ। ଫ୍ରିଜ୍ ରେ ରଖିବା ସମୟରେ ଏହାକୁ କ୍ଷୀର ବା ଦୁଗ୍ଧଜାତ ଦ୍ରବ୍ୟ ପାଖରେ ରଖନ୍ତୁ ନାହିଁ। ତରଭୁଜ ମାଟି ଉପରେ ହେଉଥିବାରୁ ଏହାର ଚୋପାରେ ମାଟିର ବ୍ୟାକ୍ଟେରିଆ ଥାଏ। ତେଣୁ କାଟିବା ପୂର୍ବରୁ ଏହାକୁ ଭଲଭାବେ ଧୋଇବା ନିହାତି ଜରୁରୀ। ବିନା କଟା ତରଭୁଜ ସାଧାରଣ ତାପମାତ୍ରାରେ ୧-୨ ସପ୍ତାହ ଏବଂ କଟା ତରଭୁଜ ଫ୍ରିଜରେ ମାତ୍ର ୨-୩ ଦିନ ସୁରକ୍ଷିତ ରହେ। ସବୁବେଳେ ତାଜା ତରଭୁଜ ଖାଆନ୍ତୁ। ଯଦି କାଟିବା ପରେ ଫଳର ରଙ୍ଗ ଅସ୍ୱାଭାବିକ ଗାଢ଼ ଲାଲ୍ କିମ୍ବା ଛିଦ୍ର ଥିବା ପରି ଜଣାପଡ଼େ, ତେବେ ତାକୁ ନ ଖାଇବା ହିଁ ଭଲ।



# ଅସ୍ତରଙ୍ଗରେ ବିକାଶକୁ ନାଲିଫିତା ବ୍ରେକ୍

- *ଫାଇଲ ତଳେ ଚାପି ହୋଇଛି ଅସ୍ତରଙ୍ଗର ଭାଗ୍ୟ*
- *ପ୍ରକଳ୍ପ ସରିଲା, ବିଲ୍ ଅଟକିଲା - ବିଡିଓ ଟେବୁଲରେ ବନ୍ଧା ପଡିଛି ଫାଇଲ*

**କାକଟପୁର/ଅସ୍ତରଙ୍ଗ,୨୩।୮ (ସଂଚାର ବ୍ୟୁରୋ):** ବିକାଶ ପାଇଁ ବର୍ଷ ବର୍ଷ ଅପେକ୍ଷା। ମାସକର କାମକୁ ବର୍ଷ ଲାଗୁଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଚିତ୍ର ଏମିତି। ୧୫ ପଞ୍ଚାୟତର ଏହି ଉପକୂଳ ବ୍ଲକରେ ନାଲିଫିତା ଗେରୋରେ ଅଟକିଛି ଉନ୍ନୟନ ଗାଡି। ରାଜନୈତିକ ଚକ୍ରବ୍ୟୁହ ଓ ଅପାରଗ ଅଧିକାରୀଙ୍କୁ ସ୍ଥାନୀୟ ଲୋକେ ଦାୟୀ କରିଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାରରୁ ଷ୍ଟେଟ ବ୍ୟାଙ୍କ ଯାଏଁ ପିଇବା ପାଣିର ସୁବିଧା ନାହିଁ। ଖରା ହେଉ କି ବର୍ଷା, ଯାତ୍ରୀ ଦୋକାନରୁ ପାଣି ମାଗି ପିଉଛନ୍ତି। ଗଣମାଧ୍ୟମରେ ବାରମ୍ବାର ଖବର ପରେ ବି ବ୍ଲକ ପ୍ରଶାସନ ନିରବ। ଜିଲ୍ଲାରୁ ଅନୁମୋଦନ ହୋଇ ଆସିଥିବା ଫାଇଲ ବ୍ଲକରେ ମାସ ମାସ ଧରି ପଡିଛି। ବିଡିଓ ବେଆଇନ ଦର୍ଶାଇ ଅଟକାଉଥିବା ଅଭିଯୋଗ। ଲକ୍ଷ ଲକ୍ଷ ଟଙ୍କାର କାମ ସରିବାର ୬ ମାସ ପରେ ବି ବିଲ ମିଳୁନି। ମନରେଗାର ମ୍ୟାଟେରିଆଲ ବିଲରେ ଦସ୍ତଖତ ହେଉନି। ସରପଞ୍ଚଙ୍କ ସଙ୍ଘାତିକ ଅଭିଯୋଗ - ପ୍ରତି ବିଲ ପାଇଁ ମୋଟା ଅଙ୍କର ପିସି କାରବାର ଚାଲିଛି। ରାଜନେତା-ବାବୁ ମଧୁଚନ୍ଦ୍ରିକାରେ କାମ ନିମ୍ନମାନର ହେଉଛି। ୧୪ତମ, ୧୫ତମ ଓ ରାଜ୍ୟ ସିଏଫସି ଫାଇଲ ଜମି କାଗଜ ଅଭାବରୁ ଅଟକିଛି। ତଣ୍ଡାହର, ଉଦୟକଣି, ଶିଶୁଅ, କୋରଣା ଭଳି ଦୂର ଗାଁରୁ ଲୋକେ ମାସ ମାସ ବ୍ଲକ ଦୌଡୁଛନ୍ତି। ଭତ୍ତା ବଣ୍ଟନରେ ବି ଅବ୍ୟବସ୍ଥା। ନିୟମ ୧୫ ତାରିଖ, ବାସ୍ତବରେ ୨୨ରୁ ୨୫ ତାରିଖ। ବୟସ୍କ, ବିଧବା, ଦିବ୍ୟାଙ୍ଗ ହିତାଧିକାରୀ ସପ୍ତାହ ସପ୍ତାହ ପଞ୍ଚାୟତ ଘୁରୁଛନ୍ତି।

ଦୀର୍ଘ ଦିନ ଧରି ଜଣେ ବିଡିଓ ରହିଥିବାରୁ ଅସନ୍ତୋଷ ବଢିଛି। ବଦଳି ଓ ଦକ୍ଷ ବିଡିଓ ନିଯୁକ୍ତି ପାଇଁ ଦାବୀ ହୋଇଛି। ବିଡିଓଙ୍କ ପ୍ରତିକ୍ରିୟା ମିଳିପାରିନି। ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋକେ ଲୋଡିଛନ୍ତି।

# ରିଲିଫକୁ ନେଇ ବିଜେପିର ଦୁଇ ଗୋଷ୍ଠୀ ମୁହାଁମୁହିଁ

## ଥାନାରେ ପୃଥକ ପୃଥକ ମାମଲା





**ବାଲିଆପାଳ,୨୩।୮ (ସଂଚାର ବ୍ୟୁରୋ):** ସୁବର୍ଣ୍ଣରେଖା ବନ୍ୟାରେ ବାଲିଆପାଳ ତଥା ଭୋଗରାଇ ବ୍ଲକର ପ୍ରଭୁତ କ୍ଷତି ହୋଇଛି।ବର୍ତ୍ତମାନ ବନ୍ୟା ପାଣି ସମ୍ପୂର୍ଣ୍ଣ ଛାଡି ନଥିବା ବେଳେ ଏବେ ବି ଲୋକେ ବନ୍ୟା ର ତାଡାନାରେ ଛଟପଟ ହେଉଛନ୍ତି। ଅନ୍ୟ ପଟରେ ବାଲିଆପାଳରେ ଏକ ରିଲିଫ ସାମଗ୍ରୀକୁ କେନ୍ଦ୍ର କରି ଶାସକ ବିଜେପି ଦଳର ଦୁଇ ଗୋଷ୍ଠି ନେତା ମୁହାଁ ମୁହାଁ ଏବଂ ହାତା ହାତି ପରିସ୍ଥିତି ହେବା ପରେ ଉଭୟ ପକ୍ଷରୁ ଥାନାରେ ପୃଥକ ପରଥକ ମାମଲା ରୁଜୁ କରିବା ଏବଂ ନିଜର ପକ୍ଷ ରଖିବା ପାଇଁ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟିକରଣ ରଖିବା ଘଟଣା ଏବେ ସାମାଜିକ ଗଣମାଧ୍ୟମରେ ଉଠୁଛି ପଡୁଛି।

ଘଟଣା ଘଟିଛି ବସ୍ତା ନିର୍ବାଚନ ମଣ୍ଡଳୀର ବିଜେପିର ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ନାଥ ଅଣ୍ଡିଆ ଏବଂ ଏକଦା ତାଙ୍କର ଅତ୍ୟନ୍ତ ଅନ୍ତରଙ୍ଗ ଥିବା ବାଲିଆପାଳ ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀ ତଥା ବିଜେପି ନେତା ହେମନ୍ତ ଦାସ ଙ୍କ ଗୋଷ୍ଠି ମଧ୍ୟରେ। ଯାହା ଏବେ ସାଧାରଣ ଲୋକଙ୍କ ରାଜନୈତିକ ଚର୍ଚ୍ଚାର ଖୋରାକ ପାଲଟିଛି ।

ମିଳିଥିବା ସୂଚନା ମୁତାବକ ଶନିବାର ରାତିରେ ଏକ ଟ୍ରକ ସାହାଯ୍ୟରେ ରିଲିଫ ସାମଗ୍ରୀ ଆସି ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ନାଥ ଅଣ୍ଡିଆଙ୍କ ପାରୁଳିଆ ଛକ ନିକଟସ୍ଥ ବାସଭବନରେ ଅନଲୋଡ଼ କରାଯାଉଥିଲା। ଏହି ସମୟରେ ହେମନ୍ତ ଦାସ ତାଙ୍କ ଅନ୍ୟ ସମର୍ଥକ ମାନଙ୍କ ସହିତ ଘଟଣା ସ୍ଥଳରେ ପହଞ୍ଚି ରିଲିଫ ସାମଗ୍ରୀ ଆସିଥିବା ଟ୍ରକଟିକୁ ଚୋରି ସାମଗ୍ରୀ ଥିବା କହି ଅଟକାଇବା ସହିତ ହୋହାଲ୍ଲା କରିଥିଲେ। ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇ ଉଭୟ ପକ୍ଷଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣା ସମ୍ପର୍କରେ ବାଲିଆପାଳ ପୁଲିସ ଖବର ପାଇ ପହଞ୍ଚି ରିଲିଫ ସାମଗ୍ରୀ ଆସିଥିବା ଟ୍ରକଟିକୁ ବାଲିଆପାଳ ଥାନାକୁ ନେଇଥିଲା। ଆଜି ଏ ସମ୍ପର୍କରେ ବିଜେପି ନେତା ରବିନ୍ଦ୍ର ନାଥ ଅଣ୍ଡିଆ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଗତକାଲିର ଘଟଣାକୁ ତୀବ୍ର ନିନ୍ଦା କରିବା ସହିତ ଏହି ରିଲିଫ ସାମଗ୍ରୀ ବାଲେଶ୍ୱର ସାଂସଦଙ୍କ ପ୍ରଚେଷ୍ଟାରେ ଭୁବନେଶ୍ୱର ରାମକୃଷ୍ଣ ମିଶନରୁ ବନ୍ୟା ପ୍ରଭାବିତ ଦୁଇ ବ୍ଲକ ପାଇଁ ରିଲିଫ ସାମଗ୍ରୀ ଆସିଥିଲା। ବାଲିଆପାଳ ବ୍ଲକ ପାଇଁ ଆସିଥିବା ଏକ ହଜାର ପେକେଟ ରିଲିଫ ସାମଗ୍ରୀ ଗଚ୍ଛିତ ରଖାଯାଇ ଟ୍ରକଟି ଭୋଗରାଇ ଯିବାର ଥିଲା। ମାତ୍ର ବାଲିଆପାଳ ସରପଞ୍ଚଙ୍କ ସ୍ୱାମୀ ଶ୍ରୀ ଦାସ ତାଙ୍କ ସମର୍ଥକ ମାନଙ୍କ ସାହାଯ୍ୟରେ ରିଲିଫ ସାମଗ୍ରୀ ଯୋର ଯବରଦସ୍ତ ଛଡ଼ାଇ ନେବାକୁ ଉଦ୍ୟମ କରିଥିଲେ ବୋଲି ଶ୍ରୀ ଅଣ୍ଡିଆ କହିଛନ୍ତି।

ଅନ୍ୟ ପକ୍ଷରେ ବାଲିଆପାଳ ସରପଞ୍ଚ ବନଲତା ଦାସ, ତାଙ୍କ ସ୍ୱାମୀ ହେମନ୍ତ ଦାସ ଏବଂ ତାଙ୍କ ସମର୍ଥକ ମାନେ ପଞ୍ଚାୟତ କାର୍ଯ୍ୟାଳୟରେ ଆଉ ଏକ ସାମ୍ବାଦିକ ସମ୍ମିଳନୀରେ ତାଙ୍କର ସ୍ପଷ୍ଟୀକରଣ ରଖି ବନ୍ୟାରେ ବାଲିଆପାଳ ପଞ୍ଚାୟତ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଲୋକେ ରିଲିଫ ସାମଗ୍ରୀ ଦେଖି ତାଙ୍କ ପଞ୍ଚାୟତ କୁ କଣ ପାଇଁ ରିଲିଫ ଦିଆଯିବ ନାହିଁ ବୋଲି କହି ପ୍ରଶ୍ନ କରୁଥିବା ବେଳେ ଶ୍ରୀ ଅଣ୍ଡିଆ ଏବଂ ତାଙ୍କର ସମର୍ତକ ମାନେ ଉତ୍ୟକ୍ତ ହୋଇ ଲୋକଙ୍କୁ ମାଡମାରିଥିବା କହିଛନ୍ତି । ଯାହାକୁ ନେଇ ବାଲିଆପାଳରେ ବିଜେପି ରାଜନୀତି ଏକ ପ୍ରକାର ରୋଚକ ସ୍ଥିତିରେ ପହଞ୍ଚିଛି।

## ଶୁଣିଲାନି ପ୍ରଶାସନ

# ଶ୍ରମଦାନ କରି ଅସ୍ଥାୟୀ ପୋଲ ନିର୍ମାଣ କଲେ ପଡ଼ାବାସୀ



**ବାଲିଶଙ୍କରା,୨୩।୮ (ସଂଚାର ବ୍ୟୁରୋ):** ବାଲିଶଙ୍କରା ବ୍ଲକର କୁରେଇ ପଞ୍ଚାୟତ ଯାମୁଦରହ ଗ୍ରାମ ବାଗଲତା ପଡ଼ାର ଦୁର୍ଦ୍ଦଶା କହିଲେ ନସରେ। ମାଷ୍ଟର ପଡା ଓ ବାଗଲତା ପଡା ବଣ ପାହାଡ ଭିତରେ ଆବାହମାନ କାଳରୁ ଏହି ଦୁଇ ପଡାବାସୀ ବସବାସ କରୁଛନ୍ତି। ଏହି ଦ୍ୱୟ ପାଦରେ ବସବାସ କରନ୍ତି ୨୫ ପରିବାର, ଜନସଂଖ୍ୟା ୧୫୦୦ରୁ ଅଧିକ | ଏମାନେ ଯିବା ଆସିବା ପାଇଁ ୧୫ ବର୍ଷ ପୂର୍ବରୁ ରାସ୍ତା ଉପରେ ନିର୍ମାଣ ହୋଇଥିଲା ପୋଲ ଉପରେ ଯିବା ଆସିବା କରିଥାନ୍ତି | ଲଘୁଚାପ ଜନିତ ବର୍ଷା ପୂର୍ବରୁ ପୋଲଟି ଭାଙ୍ଗିଯାଇଥିଲା | ଯାହାଦ୍ୱାରା ପରିବାର ଲୋକେ ବିଲକୁ ଓ ଛାତ୍ରଛାତ୍ରୀମାଙ୍କୁ ମୁଣ୍ଡରେ ବୋହି ଭଗ୍ନ ପୋଲକୁ ପାର କରି ନେବା ଆଣିବା କରୁଥିଲେ | ଚାଷ କାମ ଲାଗିରହିଥିବାରୁ ପ୍ରତିଦିନ ଛାତ୍ରଛାତ୍ରୀଙ୍କୁ ନେବା ଆଣିବାରେ ବ୍ୟାଘାତ ହେବା ଯୋଗୁଁ ଦ୍ୱୟ ପଡାର ମହିଳା ପୁରୁଷ ଏକତ୍ରିତ ହୋଇ ଶ୍ରମଦାନ କରି ନିଜ ଉଦ୍ୟମରେ ପଥର ଓ କାଠ ରେ ମାଟି ପକାଇ ଅସ୍ଥାୟୀ ପୋଲ ନିର୍ମାଣ କରି ଯିବା ଆସିବା କରୁଛନ୍ତି |

ଦୁଃଖର ବିଷୟ କି, ପୋଲଟି ଭାଙ୍ଗିଯିବା ହେତୁ ଚାଷ କାର୍ଯ୍ୟରେ ନିୟୋଜିତ ପାଇଁ ଟ୍ରାକ୍ଟର ଓ ପାୱାରଟିଲର ଗାଡି ଏହି ପୋଲ ଦେଇ ଯିବା ଆସିବା କରିପାରୁନାହିଁ। ଯାହାଫଳରେ ଏଠାରେ ବସବାସ କରୁଥିବା ଚାଷୀ ଚାଷକାର୍ଯ୍ୟ କରିବାରେ ଅକ୍ଷମ ହେଉଛନ୍ତି | ଅସ୍ଥାୟୀ ପୋଲ ଉପରେ ଛୋଟ ଛୋଟ ଛାତ୍ରଛାତ୍ରୀମାନେ ସଙ୍କଟାପନ୍ନ ପୋଲ ଉପରେ ଯିବା ଆସିବା କରୁଥିବାବେଳେ ପଡାକୁ ଆମ୍ବୁଲାନ୍ସ ଗାଡି ଯାଇପାରୁ ନଥିବାରୁ ଖଟିଆରେ ରୋଗୀ, ଗର୍ଭବତୀ ମହିଳାଙ୍କୁ ପୋଲ ପାର କରି ଆଣିବାକୁ ପଡୁଛି ବୋଲି ପଡାବାସୀ ମତ ଦେଇଛନ୍ତି।

ଯଦି ବର୍ଷା ସରିଲେ ପୋଲ ନିର୍ମାଣ ନହୁଏ ତାହେଲେ ଚାଷ ଅମଳରେ ବାଧାପ୍ରାପ୍ତ ହେବ ବୋଲି ପଡାବାସୀ ଅଭିଯୋଗ କରିଛନ୍ତି | ଯଦି ପୋଲର ସ୍ଥାୟୀ କାର୍ଯ୍ୟ କରା ନ ଯାଏ ତାହେଲେ ତ୍ରିସ୍ତରୀୟ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ପଡାବାସୀ କହିଛନ୍ତି |

## ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ଜାତୀୟ ବୈଠକରେ ଯୋଗଦେଲେ କଂଗ୍ରେସ ଯୁବନେତା ଆଶିଷ



**ନୀଳଗିରି,୨୩।୮ (ସଂଚାର ବ୍ୟୁରୋ):** ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ପକ୍ଷରୁ ନୂଆଦିଲ୍ଲୀ ସ୍ଥିତ ସର୍ବଭାରତୀୟ କଂଗ୍ରେସ କମିଟ ମୁଖ୍ୟ କାର୍ଯ୍ୟଳୟ ଇନ୍ଦିରା ଭବନପରିସରରେ ଜାତୀୟ ରାଷ୍ଟ୍ରୀୟ ସଂକଳ୍ପ ସମାଗମ( କାମ ମାଙ୍ଗ ଅଭିଯାନ) ଅନୁଷ୍ଠିତ ହୋଇଯାଇଛି।ଉକ୍ତ ବୈଠକ ଭାରତର ପୂର୍ବତନ ପ୍ରଧାନ ମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ ଙ୍କର ୮୨ତମ ଜନ୍ମ ଦିବସ ଅବସରରେ ଅଗଷ୍ଟ୨୦ତାରିଖ ଦିନ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମ ରେ ଓଡିଶା ରାଜ୍ୟରୁ ଅନ୍ୟନେତା ମାନେ ଯୋଗ ଦେଇଥିଲା ବେଳେ ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ର ସାଧାରଣ ସମ୍ପାଦକ ଆଶିଷ ପଟ୍ଟନାୟକ ସଂଯୋଜକ ଭାବେ ବୈଠକରେଯୋଗ ଦେଇଛନ୍ତି।

## ସମୀର ଟିଭିଏସ ପକ୍ଷରୁ ଆଜି ବନ୍ୟାଞ୍ଚଳରେ ରିଲିଫ ବଣ୍ଟନ



**କେନ୍ଦ୍ରାପଡ଼ା,୨୩।୮ (ସଂଚାର ବ୍ୟୁରୋ):** ସମୀର ଟିଭିଏସ ପକ୍ଷରୁ ଆଜି ବ୍ଲକର ବନ୍ୟାପ୍ଲାବିତ ଅଞ୍ଚଳରେ ଶୁଖିଲା ଖାଦ୍ୟ, ମହମବତୀ. ଦିଆସିଲି, ଫିନାଇଲ, ବ୍ଲିଚିଂ ପାଉଡର ପ୍ରଭୃତି ବଣ୍ଟନ କରାଯାଇଛି। ସମୀର ଟିଭିଏସର ନିର୍ଦ୍ଦେଶକ ସମାଜସେବୀ ସମୀର କୁମାର ଚାନ୍ଦଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ କେନ୍ଦ୍ରାପଡାରୁ ଯାଇ ଆଳି ବ୍ଲକ ଅଧିନ ନରେନ୍ଦ୍ରପୁର ପଞ୍ଚାୟତ ବିଭିନ୍ନ ସ୍ଥାନରେ ବନ୍ୟାଘେରରେ ଥିବା ବନ୍ୟା ପ୍ରପିଡିତମାନଙ୍କୁ ଚୁଡା, ମୁଢି, ବିସ୍କୁଟ, ଅମୁଲ ପ୍ୟାକେଟ,ଆଳୁ, ଓଆରଏସ ପ୍ରଭୃତି ଥିବା ପ୍ୟାକେଟ ସହିତ ଅମୃତାଞ୍ଜନ, ମଶାଧୂପ, ମହମବତୀ, ଦିଆସିଲି, ଫିନାଇଲ, ବ୍ଲିଚିଂ ପାଉଡର ଓ ପିଲାମାନଙ୍କୁ କୁରକୁରେ ପ୍ୟାକେଟ ପ୍ରଭୃତି ବନ କରିଥିଲା । ଏଥିରେ ସ୍ଥାନୀୟ ସରପଙ୍କ ପ୍ରତିନିଧି ବଂଶୀଧର ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଚିରଞ୍ଜନ ଦାସ, କୁଳମଣୀ ଲେଙ୍କା ଉପସ୍ଥୀତ ଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଆଳି ଟିଭିଏସ ଶୋରୁମର ସୌଭାଗ୍ୟରଞ୍ଜନ ନାୟକ, ସମୀର ଟିଭିଏସ, କେନ୍ଦ୍ରାପଡାର ଦୀପକ ସାମଲ, ଅନିଜା ଜେନା, କ୍ଷିତିଶ ପରିଡା, ସେକ ଅମୃତ, ଲକ୍ଷ୍ମୀପ୍ରିୟା ମହାପାତ୍ର, ବଳରାମ ସେଠୀ ପ୍ରମୁଖ ସହାୟତା କରିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ଏହି ଅନୁଷ୍ଠାନ ବିଭିନ୍ନ ସମୟରେ ଗରିବଲୋକମାନଙ୍କୁ ସହାୟତା ପ୍ରଦାନ କରିବା ସହ ଜନସଚେତନତା ପାଇଁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ମାନ ଆୟୋଜନ କରିଥାଏ ।

## ଆକ୍ସନ ମୋଡ଼ରେ ପଟ୍ଟାମୁଣ୍ଡାଇ ପୁଲିସ

# ଡକାୟତି ଯୋଜନା କରୁଥିବା ୪ ଡକାୟତଙ୍କୁ ଗିରଫ କଲା ପୁଲିସ

**ପଟ୍ଟାମୁଣ୍ଡାଇ,୨୩।୮ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ନୂତନ ଥାନା ଅଧିକାରୀ ଭାବେ ମାନସ ମଲ୍ଲିକ କାର୍ଯ୍ୟରେ ଯୋଗ ଦେବା ପରେ ଆକ୍ସନ ମୋଡ଼କୁ ଆସି ଯାଇଛି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ । ନୂତନ ଆଇ ଆଇ ସିଙ୍କ ନିର୍ଦ୍ଦେଶରେ ରାତ୍ରିକାଳୀନ ପୁଲିସ ପେଟ୍ରୋଲିଙ୍ଗ ବ୍ୟବସ୍ଥାକୁ କଡା କଡ଼ି କରାଯାଇଛି। ଗତକାଲି ରାତିରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ଟିମ ସହିତ ଥାନା ଅଞ୍ଚଳରେ ରାତ୍ରି ପାଟ୍ରୋଲିଂ କରୁଥିବା ସମୟରେ ରାତି ପ୍ରାୟ ୨.୦୦ ଟା ସମୟରେ ତାତନା ପାର୍କ ସମ୍ମୁଖ ଏକ ନିର୍ଜନ ସ୍ଥାନରେ ୫ ଜଣ ଅଜଣା ବ୍ୟକ୍ତି ଏକାଠି ହୋଇ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବିଚ୍ଛିନ୍ନ ସ୍ଥାନ ରେ ଥିବା ବିଚ୍ଛିନ୍ନ ସପିଂ ମଲ୍, ମାର୍କେଟ କମ୍ପ୍ଲେକ୍ସ, ଘର ସରକାରୀ କ୍ୱାର୍ଟର୍ସରୁ ଡକାୟତି କରିବାକୁ ଯୋଜନା କରୁଥିବା ଦେଖିବାକୁ ପାଇଥିଲେ । ଏହା ପରେ ପୋଲିସ ଟିମ ଗୁପ୍ତ ଭାବରେ ଘଟଣାସ୍ଥଳକୁ ଯାଇ ସେମାନଙ୍କୁ ଘେରି ଯାଇଥିଲେ। ପୋଲିସ ଦଳକୁ ଦେଖି ସେମାନେ ଘଟଣାସ୍ଥଳରୁ ଖସି ପଳାଇବାକୁ ଉଦ୍ୟମ କରିଥିଲେ । ମାତ୍ର ପୋଲିସ ଟିମ ନିଜର ସମସ୍ତ ଶକ୍ତି ଖଟାଇ ବହୁ କଷ୍ଟରେ ଡକାୟତି ପାଇଁ ଯୋଜନା କରୁଥିବା ଅଜଣା ବ୍ୟକ୍ତି ମାନଙ୍କ ମଧ୍ୟରୁ ୪ଜଣଙ୍କୁ ଧରିବାରେ ସଫଳ ହୋଇଥିଲା ।

ସେମାନଙ୍କୁ ଥାନାକୁ ଧରି ଆଣି ଜେରା କରାଯିବା ପରେ ସେମାନେ ଚାଲି ଚାଲି ତାତନା ପାର୍କ ନିକଟକୁ ଆସିଥିଲେ। ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବିଭିନ୍ନ ଅଞ୍ଚଳରେ ଥିବା ବିଚ୍ଛିନ୍ନ ସପିଂ ମଲ୍, ମାର୍କେଟ୍ କମ୍ପ୍ଲେକ୍ସ,ଘର, ସରକାରୀ କ୍ୱାର୍ଟର୍ସରୁ ଖଣ୍ଡା ଏବଂ ଛୁରୀ ଦେଖାଇ ଡକାୟତି କରିବା ପାଇଁ ଯୋଜନା କରୁଥିବା ସ୍ୱୀକାର କରିଥିଲେ। ତେବେରାତିର ସୁଯୋଗ ନେଇ ସେମାନଙ୍କର ଜଣେ ସହଯୋଗୀ ଫେରାର୍ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ସାକ୍ଷୀଙ୍କ ଉପସ୍ଥିତିରେ ଉପରୋକ୍ତ ବ୍ୟକ୍ତିମାନଙ୍କର ବ୍ୟକ୍ତିଗତ ତଲାସୀ ନେଇ ଅପରାଧିକ ସାମଗ୍ରୀ ଜବତ କରିଥିଲା । ଏହି ଅପରାଧୀମାନଙ୍କ ଠାରୁ ୪ନମ୍ବର ଲୁହା ଖଣ୍ଡା ଗୋଟିଏ ବଡ଼ ଲୁହା ତେଲଙ୍ଗୀ କଟୁରୀ ଗୋଟିଏ ଲୁହା ଭୁଜାଲି ଗୋଟିଏ ଲୁହା ଖଣ୍ଡା, ଉଭୟ ପାର୍ଶ୍ୱ ଧାର ଥିବା ଗୋଟିଏ ଲୁହା ବୁଶ କଟର ୩ ଟି ଖୋଲା ଲଙ୍କା ପାଉଡର ପ୍ୟାକେଟ, ଗୋଟିଏ ଟର୍ଚ୍ଚ ଲାଇଟ୍ ସିଗାରେଟ୍ ଏବଂ ଦିଆସିଲି ବାକ୍ସ ୨ ନମ୍ବର ବିୟର ବୋତଲ ଜବତ କରିବା ସହିତ ଗିରଫ କରି କୋର୍ଟ ଚାଲାଣ କରିଛି ।

## ମାନସ ମଲ୍ଲିକ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି



**ପଟ୍ଟାମୁଣ୍ଡାଇ,୨୩।୮ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ନୂତନ ଆଇ ଆଇ ସି ଭାବେ ଯୁବ ଇନିସପେକ୍ଟର ମାନସ ରଞ୍ଜନ ମଲ୍ଲିକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଇତିପୂର୍ବରୁ ଶ୍ରୀ ମଲ୍ଲିକ ଭୁବନେଶ୍ୱର ଖଣ୍ଡଗିରି, ଚନ୍ଦ୍ରଶେଖରପୁର, ବାଲିଅନ୍ତା ଥାନାରେ କାର୍ଯ୍ୟ କରିଥିଲେ । କେନ୍ଦ୍ରାପଡ଼ା ଜିଲ୍ଲାରେ ଯୋଗ ଦେବା ପରେ ମହାକାଳପଡ଼ା ଥାନା ଆଇଆଇସି ଭାବେ କାର୍ଯ୍ୟ କରିବା ପରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ଭାବେ ଯୋଗ ଦେଇଛନ୍ତି । ତାଙ୍କର ଯୋଗଦାନକୁ ପଟ୍ଟାମୁଣ୍ଡାଇର ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଂଚଳରେ କଡାକଡ଼ି ଆଇନଶୃଙ୍ଖଳା ବଜାୟ ରଖିବା ସହିତ ଜନସାଧାରଣ ତ୍ୱରିତ ନ୍ୟାୟ ଦେବା କ୍ଷେତ୍ରରେ ନୂତନ ଆଇ ଆଇ ସି ପଦକ୍ଷେପ ନେବେ ବୋଲି ଅଂଚଳବାସୀ ଆଶା ପ୍ରକାଶ କରିଛନ୍ତି ।

## ଏମ୍ଏମ୍ଡିଆର୍ ଆଇନ୍ ରଦ୍ଦ ଦାବିରେ ଇଣ୍ଡି ବ୍ଲକ୍ ମୟୂରଭଞ୍ଜ ପକ୍ଷରୁ ୨୫ରେ ପ୍ରତିରୋଧ ଦିବସ



**ବାରିପଦା,୨୩।୮ (ସଂଚାର ବ୍ୟୁରୋ):** ଓଡ଼ିଶାର ସ୍ୱାର୍ଥ ବିରୋଧୀ ଖଣି ଓ ଖଣିଜ ଜାତ ଦ୍ରବ୍ୟ ବିକାଶ ଏବଂ ନିୟନ୍ତ୍ରଣ ଆଇନ୍ ( ଏମ୍ ଏମ୍ ଡି ଆର୍)-୨୦୨୬ ରଦ୍ଦ ଦାବିରେ ସମଗ୍ର ଓଡ଼ିଶାରେ ୨୫ ତାରିଖ ମଙ୍ଗଳବାର ପ୍ରତିରୋଧ ଦିବସ ପାଳନ କରିବାକୁ ରାଜ୍ୟ ଇଣ୍ଡି ବ୍ଲକ୍ର ନିଷ୍ପତ୍ତି କ୍ରମେ, ଆଜି ଜିଲ୍ଲା କଂଗ୍ରେସ (ପୂର୍ବ) କାର୍ଯ୍ୟାଳୟ, ବାରିପଦା ଠାରେ ଇଣ୍ଡି ବ୍ଲକ୍, ମୟୂରଭଞ୍ଜର ସହଯୋଗୀ ଦଳ କଂଗ୍ରେସ, ସିପିଆଇ ଓ ସିପିଏମ ପକ୍ଷରୁ ଏକ ମିଳିତ ବୈଠକ କଂଗ୍ରେସ ସଭାପତି ପୂର୍ଣଚନ୍ଦ୍ର ବିଶ୍ୱାଳଂକ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି।

ପୁଞ୍ଜିପତି ମାନଂକ ଲାଭକୁ ବହୁଗୁଣିତ କରିବା ଉଦ୍ଦେଶ୍ୟରେ ଏହି ଆଇନ୍ କୁ କାର୍ଯ୍ୟକାରୀ କରିବାକୁ କେନ୍ଦ୍ରର ବିଜେପି ସରକାର ସଂଶୋଧନ ଆଣିଛନ୍ତି। ଏହା କାର୍ଯ୍ୟକାରୀ ହେଲେ ରାଜ୍ୟର ଖଣି ସମ୍ପଦ, ରାଜସ୍ୱ ଅଧିକାର ଓ ସଂଘୀୟ ବ୍ୟବସ୍ଥାର ଅଧିକାର ଉପରେ ଭୟଙ୍କର ପ୍ରଭାବ ପକାଇବା ସହ ଓଡ଼ିଶାର ଆର୍ଥିକ ସ୍ଥିତି ଗଭୀର ସମୁଦ୍ରକୁ ଚାଲିଯିବ। ଅଧିକନ୍ତୁ, କର୍ପୋରେଟ୍ ଲୁଣ୍ଠନ ଏବଂ ଆଦିବାସୀ ଶୋଷଣ ତୀବ୍ର ଭାବେ ବୃଦ୍ଧି ପାଇବ ବୋଲି ଆଲୋଚନାରେ ଅଂଶଗ୍ରହଣ କରି ସିପିଆଇ ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, ସିପିଏମ ଜିଲ୍ଲା ସମ୍ପାଦକ ସାଥୀ ମୃତ୍ୟୁଞ୍ଜୟ ବେହେରା,ରବି ଗୋସ୍ୱାମୀ,ଅମଲ ଦେ, କଂଗ୍ରେସର ଜ୍ୟୋତି ପ୍ରକାଶ ରଥ, ଶାନ୍ତନୁ କୁମାର ପାଲ୍, ବନମାଳୀ ବାରିକ ପ୍ରମୁଖ କହିଛନ୍ତି।

ଅନୁଷ୍ଠିତ ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସର ସୁସ୍ମିତା ଘୋଷାଲ,ଭାରତୀ ପାତ୍ର, ଉତ୍ତମ ବେହେରା, ଭୁବନେଶ୍ୱରୀ ଜେନା,ଏସ୍ କେ ଜାଦବ, ଚୈତନ୍ୟ ହାଁସଦା, ସୁନାରାମ ସୋରେନ୍, ସିପିଆଇର ଶ୍ରୀକାନ୍ତ ସାମଲ, କାହ୍ନୁଚରଣ ବେହେରା, ମୁକେଶ ମହାନ୍ତ, ମହେଶ୍ୱର ବେହେରା,ତରୁଣ କୁମାର ମହାନ୍ତ, ସିପିଏମର ହରିଶ୍ଚନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜାମ ବାଳିକା ଉଚ୍ଚବିଦ୍ୟାଳୟର ଶିକ୍ଷୟିତ୍ରୀଙ୍କ ପରଲୋକ



**ଛତ୍ରପୁର,୨୩।୮ (ସଂଚାର ବ୍ୟୁରୋ):** ଗଞ୍ଜାମ ସହର ବାଳିକା ଉଚ୍ଚବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ସୁଜାତା ପଣ୍ଡା (୫୭) ଙ୍କ ଆଜି ଭୋରୁ ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ସ୍ନାୟୁଜନିତ ରୋଗରେ ପୀଡ଼ିତ ଥିଲେ। ବିଶାଖାପାଟଣାରେ ତାଙ୍କ ନିୟମିତ ଚିକିତ୍ସା ଚାଲିଥିଲା। ଗତ ଗୁରୁବାର ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ସୁଜାତା ଜଣେ ମେଳାପୀ, ମିଷ୍ଟଭାଷୀ ଓ ଛାତ୍ରୀପ୍ରିୟ ଶିକ୍ଷୟିତ୍ରୀ ଭାବେ ସୁନାମ ଅର୍ଜନ କରିଥିଲେ। ତାଙ୍କ ବିୟୋଗ ଖବର ପାଇ ବିଦ୍ୟାଳୟର ଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ସ୍ଥାନୀୟ ଲୋକେ ଶୋକ ପ୍ରକାଶ କରିଛନ୍ତି।

ସେ ଗଞ୍ଜାମ ସହର ପଣ୍ଡାସାହିର ବାସିନ୍ଦା ତଥା ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଝିଅ ଥିଲେ। ତାଙ୍କ ବିୟୋଗରେ ଗଞ୍ଜାମ ସହରରେ ଶୋକର ଛାୟା ଖେଳିଯାଇଛି।ସୂଚନାନୁଶାରେ ସେ ଦୀର୍ଘ ୩୨ ବର୍ଷ ଧରି ଏହି ଉଚ୍ଚ ବିଦ୍ୟାଳୟ ରେ ଶିକ୍ଷା ଦାନ କରି ଆସୁଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନିଲ କୁମାର ପାଣିଗ୍ରାହୀ ଶୋକ ପ୍ରକାଶ କରିବା ସହ ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ଶ୍ରୀ ସିଦ୍ଧବଳଦେବଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ପ୍ରତିଯୋଗିତା



**କେନ୍ଦ୍ରାପଡ଼ା,୨୩।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଆରାଧ୍ୟ ପ୍ରଭୁ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଜନ୍ମୋତ୍ସବ ଓ ରସାବଳୀ ଦିବସ ପାଳନ ଉପଲକ୍ଷେ ଶ୍ରୀ ସିଦ୍ଧ ବଳଦେବଜୀଉ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ବିଭିନ୍ନ ସାଂସ୍କୃତିକ ତଥା ଅଧ୍ୟାତ୍ମିକ ପ୍ରତିଯୋଗିତା ଯଥା ନୃତ୍ୟ, ସଂଗୀତ, ଚିତ୍ରାଙ୍କନ ଓ ବକ୍ତୃତା ପ୍ରଭୃତି ପ୍ରତିଯୋଗିତା ବଳଦେବ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି ।

ଏହି ପ୍ରତିଯୋଗିତାରେ ନିମ୍ନମାଧ୍ୟମିକ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀମାନଙ୍କୁ ଆସନ୍ତା ୨୭ତାରିଖ ରେ ଶ୍ରୀବଳଦେବଜୀଉଙ୍କ ଜନ୍ମଦିବସ ଓ ରସାବଳୀ ଦିବସ ପାଳନ ଉତ୍ସବରେ ଇଚ୍ଛାପୁରସ୍ଥିତ ଯାତ୍ରୀନିବାସରେ ପୁରସ୍କୃତ କରାଯିବ ।

ସେହି ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ଜିଲ୍ଲାପାଳ ରଘୁରାମ ଆର. ଆୟର, ପ୍ରାକ୍ତନ ପାଣିପାଗ ନିର୍ଦ୍ଦେଶକ ଡ. ଶରତ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଆଇ.ଏ.ଏସ. ଅଲେଖ ଚନ୍ଦ୍ର ପଢ଼ିଆରୀ, ଡ. ହରିହର କାନୁନଗୋ, ପ୍ରାକ୍ତନ ଅଧ୍ୟକ୍ଷ ଡ. ବଳରାମ ଲେଙ୍କା ପ୍ରମୁଖ ଅତିଥି ଭାବେ ଯୋଗଦେବେ।

ଏହି କାର୍ଯ୍ୟକ୍ରମରେ ପରିଷଦର ସଭାପତି ରାଜେଶ ମହାନ୍ତି, ଉପସଭାପତି ଆଶିଷ ମେକାପ ଓ ଜାନକୀବଲ୍ଲଭ ସାମନ୍ତରାୟ, ସମ୍ପାଦକ ଉମାଶଙ୍କର ଜେନା, କାର୍ଯ୍ୟକାରୀ ସଭାପତି ପ୍ରମୋଦ ନାୟକ, କୋଷାଧ୍ୟକ୍ଷ ଗୋଲଖ ଚନ୍ଦ୍ର ପଢ଼ିଆରୀଙ୍କ ସମେତ ସଭ୍ୟସଭ୍ୟାମାନେ ଉପସ୍ଥିତ ରହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ ।

# ସେପ୍ଟେମ୍ବର ୬ରେ କଳା ଦିବସ ପାଳିବ କୁଡୁମୀ ସେନା



**ବାରିପଦା,୨୩।୮ (ସଂଚାର ବ୍ୟୁରୋ):** କୁଡୁମୀ ଜାତିକୁ ଆଦିବାସୀ ବର୍ଗରେ ସାମିଲ କରିବା ପାଇଁ କୁଡୁମୀ ସେନା ପ୍ରତିଷ୍ଠାତା ତଥା ସଭାପତି ଜୈମୁନି କୁମାର ମହାନ୍ତ ଙ୍କ ନେତୃତ୍ୱରେ ବିଗତ ଅନେକ ଦିନରୁ କୁଡୁମୀ ସେନା ପକ୍ଷରୁ ଆନ୍ଦୋଳନ ଜାରି ରହିଛି।ଏହି କ୍ରମରେ ଜୈମୁନି କୁମାର ମହାନ୍ତ ଙ୍କ ଆହ୍ୱାନ କ୍ରମେ ଆସନ୍ତା ସେପ୍ଟେମ୍ବର ୬ ତାରିଖ କୁ ସବୁ ବର୍ଷ ପରି ଏ ବର୍ଷ ମଧ୍ୟ କୁଡ଼ମୀ ସେନା ପକ୍ଷରୁ କଳା ଦିବସ ଭାବେ ପାଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

ଏଠାରେ ସ୍ମରଣଯୋଗ୍ୟ ଯେ ଗତ ୧୯୫୦ ମସିହା ସେପ୍ଟେମ୍ବର ୬ ତାରିଖ ରେ କୁଡୁମୀ ଜାତିକୁ ଆଦିବାସୀ (ଏସ୍ ଟି) ବର୍ଗରୁ ବାଦ୍ ଦିଆଯାଇଥିଲା।କୁଡୁମୀ ଜାତି ପ୍ରତି ହେଇଥିବା ଉକ୍ତ ଐତିହାସିକ ଅନ୍ୟାୟ ପ୍ରତିବାଦ ରେ ସେପ୍ଟେମ୍ବର ୬ ତାରିଖ କୁ ପ୍ରତ୍ୟେକ ବର୍ଷ ଭଳି ଏ ବର୍ଷ ମଧ୍ୟ ପଲ୍ଲୀ ରୁ ଦିଲ୍ଲୀ ର ଜନ୍ତର ମନ୍ତର ଠାରେ କଳା ଦିବସ ରୂପେ ପାଳନ କରିବା ପାଇଁ କୁଡୁମୀ ସେନାର ପ୍ରତିଷ୍ଠାତା ସଭାପତି ଜୈମୁନି କୁମାର ମହାନ୍ତ ଆହ୍ୱାନ ଦେଇଛନ୍ତି ଏବଂ ୫ ତାରିଖ ଦିନ ବାରିପଦା ରେ ମଶାଲ ଶୋଭାଯାତ୍ରା ହେବାର ସ୍ଥିରୀକୃତ କରାଯାଇଛି ।

ଜୈମୁନୀ କୁମାର ମହାନ୍ତଙ୍କ ଅଧ୍ୟକ୍ଷତା ରେ ଏହି ବୈଠକରେ ବେଙ୍ଗଲ କୁଡୁମୀ ସମାଜର କୌଶିକ ବଂଶୀୟାର ଓ କୁଡୁମୀ ସେନାର ଡମ୍ବରୁ ମହାନ୍ତ, ବିବେକା ମହାନ୍ତ, ମାନଗୋବିନ୍ଦ, ବିରେନ୍ଦ୍ର, ଲୋକନାଥ, ଚନ୍ଦ୍ର ଭାନୁ ମହାନ୍ତ କୁଡୁମୀ ଛାତ୍ର ସେନା ମୋନଜ, ଲିପୁନ, ଦେବବ୍ରତ, ଯଶବନ୍ତ, ତପନ, ସମୀର, ଶିବଶଙ୍କର ମହାନ୍ତ, କୁଡୁମୀ ମହିଳା ସେନାର ସୁଜାତା ମହାନ୍ତ, ସୌଭାଗ୍ୟ ମହାନ୍ତ,ଗୀତାଞ୍ଜଳି ମହାନ୍ତ, ଶାନ୍ତି ମହାନ୍ତ, ଅହଲ୍ୟା ମହାନ୍ତ ଓ କୁଡୁମୀ ସେନା ର ପରାମର୍ଶଦାତା ଭାବେ ସୁବାସ ସାର, ପ୍ରେମଚାନ୍ଦ ସାର, ଲକ୍ଷ୍ମୀଧର ମହାନ୍ତ, ତୁଳସୀ ମହାନ୍ତ,ରାଜାରାମ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

# ଲଗାଣ ବର୍ଷାରେ ବେହାଲ ନବରଙ୍ଗପୁର

## ଗାଁଠୁ ସହର ସବୁଠି ଜଳବନ୍ଦୀ ସ୍ଥିତି, ଲୋକେ ହନ୍ତସନ୍ତ



**ନବରଙ୍ଗପୁର,୨୩।୮ (ସଂଚାର ବ୍ୟୁରୋ):** ଲଗାଣ ବର୍ଷାରେ ବେହାଲ ନବରଙ୍ଗପୁର ଜିଲ୍ଲା। ଦୁଇ ଦିନ ଧରି ଲଗାତାର ବର୍ଷା ଯୋଗୁଁ ଗାଁଠୁ ସହର ସବୁଠି ଜଳବନ୍ଦୀ ସ୍ଥିତି। ନବରଙ୍ଗପୁର ସହରର ବିଭିନ୍ନ ତଳିଆ ଅଞ୍ଚଳରେ ଘରେ ପାଣି ପଶିଥିବା ବେଳେ ମୁଖ୍ୟ ରାସ୍ତାରେ ପ୍ରାୟ ଦୁଇ ଫୁଟ ପାଣି ପ୍ରବାହିତ ହେଉଛି।

ନନ୍ଦାହାଣ୍ଡି ବ୍ଲକର ବାଙ୍ଗିରି ପୋଲ ଉପରେ ପ୍ରାୟ ତିନି ଫୁଟ ପାଣି ଚାଲୁଥିବାରୁ ତିନୋଟି ପଞ୍ଚାୟତର ଯୋଗାଯୋଗ ପ୍ରଭାବିତ ହୋଇଛି। ତେନ୍ତୁଲିଖୁଣ୍ଟିର ଇନ୍ଦ୍ରାବତୀ କଲୋନୀର ଅନେକ ଘରେ ପାଣି ପଶି ଆସବାବପତ୍ର ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଡ୍ରେନେଜ୍ ବ୍ୟବସ୍ଥା ଠିକ୍ ନଥିବାରୁ ଜଳ ନିଷ୍କାସନ ହୋଇପାରୁନଥିବା ନେଇ ଲୋକେ ଅଭିଯୋଗ କରିଛନ୍ତି।

ସେହିପରି ପାପଡାହାଣ୍ଡିର ବିଭିନ୍ନ ସାହି, ବସଷ୍ଟାଣ୍ଡ ଅଞ୍ଚଳର ଘର ଓ ଦୋକାନରେ ପାଣି ପଶିଛି। ଜଟାବାଲର ଅସ୍ଥାୟୀ ପୋଲ ଉପରେ ପାଣି ପ୍ରବାହିତ ହେବାରୁ ଉମରକୋଟ, ରାଇଘର, ଝରିଗାଁ ଓ ଚନ୍ଦାହାଣ୍ଡି ସହ ଯୋଗାଯୋଗ ବ୍ୟାହତ ହୋଇଛି।

ବର୍ଷା ଜାରି ରହିଲେ ସ୍ଥିତି ଆହୁରି ଗମ୍ଭୀର ହେବା ଆଶଙ୍କା ରହିଛି। ତେଣୁ ଜଳବନ୍ଦୀ ଅଞ୍ଚଳରୁ ତୁରନ୍ତ ପାଣି ନିଷ୍କାସନ କରିବା ସହ ପାନୀୟ ଜଳ ଯୋଗାଣ ଓ ଆବଶ୍ୟକ ସହାୟତା ଯୋଗାଇବାକୁ ପ୍ରଶାସନ ନିକଟରେ ଦାବି ହୋଇଛି।

## ନୀଳଗିରିରେ ଆର୍ଟ ଅଫ ଲିଭିଙ୍ଗର ରୁଦ୍ର ପୂଜା ସମାହିତ

**ନୀଳଗିରି,୨୩।୮ (ସଂଚାର ବ୍ୟୁରୋ):** ଶନିବାର ପୂର୍ବାହ୍ନ ୧୧ ଘଟିକାରେ ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବି ଶଙ୍କରଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଟ ଅଫ ଲିଭିଙ୍ଗର ନୀଳଗିରି ଶାଖା ତରଫରୁ ସତ୍ୟସାଇ ମନ୍ଦିରର ଭବ୍ୟଦିବ୍ୟ ପରିବେଶରେ ରୁଦ୍ର ପୂଜା ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ସ୍ୱାମୀ ନିଖିଳାନନ୍ଦଜୀ ଏବଂ ଦୁଇ ବେଦଜ୍ଞ ପଣ୍ଡିତ ରୁଦ୍ରଙ୍କ ପ୍ରୀତି ବିଧାନାର୍ଥେ ଦିବ୍ୟ ମନ୍ତ୍ର ଓ ସ୍ତୁତିପାଠ ଦ୍ୱାରା ଉପସ୍ଥିତ ଅନେକ ଭକ୍ତଙ୍କୁ ଦିବ୍ୟ ଅନୁଭୂତି ପ୍ରଦାନ କରିଥିଲେ। ସ୍ୱାମିଜୀଙ୍କର ଗଭୀର ଧ୍ୟାନ ମୁଦ୍ରା ଓ ଅମିୟ ବାଣୀ ସମସ୍ତଙ୍କୁ ଦିବ୍ୟ ପ୍ରେମରେ ନିମଗ୍ନ କରିଥିଲା ।

